# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୧/୨୦୧୮ (୨୦ ପୃଷ୍ଠା) Sambalpur, Friday, December 21/ 2018 ★★

୧୫୩ ଭାଗ ୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ରମଣ ଭାରତୀୟ ମହିଳା କ୍ରିକେଟ କୋଚ୍**

ଟିମ୍ ଇଣ୍ଡିଆର ପୂର୍ବତନ ଓପନର ଡବ୍ଲ୍ୟୁ.ଭି.ରମଣ ଭାରତୀୟ ମହିଳା କ୍ରିକେଟ କୋଚ୍ ନିଯୁକ୍ତ ହୋଇଛନ୍ତି।

୧୪

୧୨

**'ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି ସୋନା'**

ଗାୟିକା ସୋନା ମହାପାତ୍ର ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି ବୋଲି ବିଶିଷ୍ଟ ଗାୟକ ସୋନୁ ନିଗମ ପ୍ରକାଶ କରିଛନ୍ତି।



**ଆଜିର ସମ୍ପାଦକୀୟ**

ସତର୍କ ଘଣ୍ଟି

**ଆଜିର ମନ୍ତବ୍ୟ**

"ଆମ ସମ୍ବିଧାନ ସେମାନଙ୍କୁ ମଧ୍ୟ ରକ୍ଷାକରେ ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି ନାହିଁ।

-ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି

**କିଛି ତଥ୍ୟ**

୨୦୧୮ ଅକ୍ଟୋବରରେ ଦେଶରୁ ୨୬.୯୮ ବିଲିୟନ ଡଲାରର ମର୍ଚ୍ଚାଣ୍ଡାଇଜ ରପ୍ତାନି ହୋଇଥିବା ବେଳେ ଏହା ଏଥିରେ ୧୭.୮୮% ବୃଦ୍ଧି ଘଟିଛି। – **ବାଣିଜ୍ୟ ମନ୍ତ୍ରଣାଳୟ**

**CBSE Exam Mate**

ପୃଷ୍ଠା -୧୫

## ■ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ: ସେସୁକୁ ଏନ୍‌ଜିଟି ଛାଟ୍

# ଜରିମାନା ୪କୋଟିକୁ ବୃଦ୍ଧି

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗରେ ବିଦ୍ୟୁତ୍ ଆଘାତରେ ଏକକାଳୀନ ୭ ହାତୀଙ୍କ ମୃତ୍ୟୁ ଘଟଣାରେ କଡ଼ା ଅଭିମୁଖ୍ୟ ପୋଷଣ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। ହାତୀ ମୃତ୍ୟୁ ପାଇଁ ଗୁରୁବାର ଏନ୍‌ଜିଟି ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଉପରେ ଜରିମାନା ରାଶିକୁ ୪ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗରେ ଜମା ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜରିମାନା ଅର୍ଥ ହାତୀ ସୁରକ୍ଷା ଦିଗରେ ଖର୍ଚ୍ଚ କରିବାକୁ ଟ୍ରିବ୍ୟୁନାଲ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।



■ ଜଙ୍ଗଲ ଓ ପରିବେଶ ବିଭାଗରେ ଜମା କରିବାକୁ ନିର୍ଦ୍ଦେଶ

■ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ଲାଗି ପରାମର୍ଶ

ହାତୀମୃତ୍ୟୁରେ ଓଡ଼ିଶା ଜାତୀୟସ୍ତରରେ ବଦନାମ ମୁଣ୍ଡାଇଛି। ରାଜ୍ୟରେ ଥିବା ବିଭିନ୍ନ ହସ୍ତୀ ପ୍ରକଳ୍ପଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି ଏନ୍‌ଜିଟି। ଆକ୍ସନ ପ୍ଲାନ୍ କାର୍ଯ୍ୟକାରିତା ସମ୍ପର୍କରେ ପ୍ରତି ୩ ମାସରେ ପରିବେଶ ମନ୍ତ୍ରଣାଳୟକୁ ସବିଶେଷ ତଥ୍ୟ ଦେବାକୁ ଟ୍ରିବ୍ୟୁନାଲ ପକ୍ଷରୁ ଜଙ୍ଗଲ ଓ ପରିବେଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ଘଟଣା ପରେ ଏନ୍‌ଜିଟି ଗତ ଅକ୍ଟୋବର ☞ପୃଷ୍ଠା–୪

## ■ବୋର୍ଡ ଅଫିସ ପୋଡ଼ିଦେବା ଘଟଣା

# ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ

ସମ୍ବଲପୁର,୨୦।୧୨(ବ୍ୟୁରୋ)

■ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

■ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ

ସମ୍ବଲପୁର ଜିଲା ଧନୁପାଲି ଥାନା ଜେଲଛକରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ(ବୋର୍ଡ କାର୍ଯ୍ୟାଳୟ)କୁ ବୁଧବାର କେତେକ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିଲେ। ଏହି ଘଟଣାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇଛି। ଜିଲାପାଳ ସମର୍ଥ ବର୍ମା ଘଟଣାକୁ ନିନ୍ଦା କରିଥିବା ସହ ତୁରନ୍ତ ଏହି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ବୋର୍ଡ କାର୍ଯ୍ୟାଳୟ ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ଭର କରୁଥିବା ବେଳେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ଏସ୍‌ପି ସଞ୍ଜୀବ ଆରୋରାଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସଦର ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିରେ ଓକିଲମାନଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି। ଏପରିକି ପୋଲିସ ଆଖପାଖ ଦୋକାନ ଏବଂ ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। ପୋଲିସ ଯାଞ୍ଚ ବେଳେ କିଛି ସୁରାକ ମିଳିଛି। ଅନ୍ୟପକ୍ଷେ ବୁଧବାର ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ପୋଲିସ ପଚରାଉଚୁରା କରିଛି। ସେମାନଙ୍କୁ ପୋଲିସ ସିସିଟିଭି ଫୁଟେଜ ଦେଖାଇ ପରିଚୟ ଖୋଜିବାରେ ଲାଗିଛି। ଖୁବଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଅରୋରା କହିଛନ୍ତି। ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟମଣି ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ଅଫିସରେ କ'ଣ ଓ କେତେ ପରିମାଣ କ୍ଷୟକ୍ଷତି ହୋଇଛି ଆକଳନ ହୋଇନାହିଁ। ଶୁକ୍ରବାର ଅଫିସ ଖୋଲାଯାଇ ସବୁ କାଗଜପତ୍ର ଓ ଅନ୍ୟ ସମାଗ୍ରୀର ହିସାବ କରାଯିବ ବୋଲି କହିଥିଲେ ।

ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ୮ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେମାନେ ଅଫିସ ଭିତରକୁ ପଶି ☞ପୃଷ୍ଠା–୪


20.12.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers


## ବି.ଟେକ୍‌ରେ ନାମଲେଖା ପାଇଁ ଜେଇଇ ର୍‍ୟାଙ୍କ୍ ବାଧ୍ୟତାମୂଳକ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଓଡ଼ିଶାରେ ଥିବା ସରକାରୀ ଏବଂ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ଓ ବି.ଆର୍କ ପାଠ୍ୟକ୍ରମରେ ନାମଲେଖା ପାଇଁ ଜେଇଇ ମେନ୍ ର୍‍ୟାଙ୍କ୍ ବାଧ୍ୟତାମୂଳକ କରାଯାଇଛି। ବିଗତ ବର୍ଷଗୁଡ଼ିକ ପରି ଏଥର ବି ଜେଇଇ ର୍‍ୟାଙ୍କ୍ ବିନା କୌଣସି ଛାତ୍ରୀଛାତ୍ରଙ୍କୁ ଉକ୍ତ ଦୁଇ ପାଠ୍ୟକ୍ରମରେ ନାମଲେଖା ଲାଗି ସୁଯୋଗ ଦିଆଯିବ ନାହିଁ। ☞ପୃଷ୍ଠା–୪

# ୧୪ହଜାର କୋଟି ଟଙ୍କା ପ୍ରକଳ୍ପର ହେବ ଲୋକାର୍ପଣ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ସେ ୧୪ ହଜାର ୫୨୩ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଏବଂ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଖୋର୍ଦ୍ଧାଠାରେ ଆୟୋଜିତ ଏକ ଜନସଭାରେ ଉଦ୍‌ବୋଧନ ଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



**୨୪ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**

■ ଉପକୂଳରେ ପଡ଼ିବନି ପ୍ରଭାବ: ବିଜେଡି, କଂଗ୍ରେସ

ସୂଚନା ଦେଇଛନ୍ତି। ନୂଆଦିଲ୍ଲୀ ସ୍ଥିତ ଶାସ୍ତ୍ରୀଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଫୋକସରେ ଓଡ଼ିଶା ରହିଛି। ☞ପୃଷ୍ଠା–୪

## ■୫ ଦିନ ବନ୍ଦ ରହିବ ବ୍ୟାଙ୍କ

# ଆଜି ବ୍ୟାଙ୍କ ୟୁନିୟନ ଧର୍ମଘଟ

ନୂଆଦିଲ୍ଲୀ,୨୦।୧୨

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫିସର୍ସ ୟୁନିୟନ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ୩ଟି ବ୍ୟାଙ୍କ ମିଶ୍ରଣକୁ ବିରୋଧ ତଥା ଦରମା ବୃଦ୍ଧି ଦାବିରେ ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପକ୍ଷରେ ସୋମବାରକୁ ଛାଡ଼ିଦେଲେ ଶୁକ୍ରବାରଠାରୁ ଆସନ୍ତା ☞ପୃଷ୍ଠା–୪






ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନୋପୋଲିୟନ ବୋନାପାର୍ଟ

## ସଂକ୍ଷେପରେ

### ଶ୍ରମିକ ଚାଲାଣ ବେଳେ ୮ ନାବାଳିକା ଉଦ୍ଧାର

ଡାବୁଗାଁ,୨୦।୧୨ (ଡି.ଏନ.ଏ.): ଆନ୍ଧ୍ରପ୍ରଦେଶର ତ୍ରିପୁରାରେ ଶ୍ରମିକ ଭାବେ କାମ କରିବାକୁ ୮ ଜଣ ନାବାଳିକା ଯାଉଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସେମାନଙ୍କୁ ନବରଙ୍ଗପୁର ଜିଲା ଡାବୁଗାଁ ବସଷ୍ଟାଣ୍ଡରୁ ଉଦ୍ଧାର କରାଯାଇଛି। ଡାବୁଗାଁ ବସଷ୍ଟାଣ୍ଡରେ ୮ ଜଣ ନାବାଳିକା ତ୍ରିପୁରା ଯିବା ପାଇଁ ବସକୁ ଅପେକ୍ଷା କରିଥିଲେ। ସ୍ଥାନୀୟ ଯୁବକ ସେମାନଙ୍କୁ ଦେଖି କେଉଁଆଡେ ଯାଉଛ ପଚାରିଥିଲେ । ସେମାନେ ଶ୍ରମିକଭାବେ କାମ କରିବାକୁ ଯାଉଥିବା ଜାଣିବାକୁ ପାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଡାବୁଗାଁ ପୋଲିସ ଜିମା ଦେଇଥିଲେ । ନାବାଳିକାମାନେ ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମର ବୋଲି ଜଣାପଡିଛି। ପାପଡାହାଣ୍ଡି ଥାନା ଅଧୀନ ନୂଆକୋଟ ଗ୍ରାମର ସୁବାସ ହରିଜନ ଶ୍ରମିକ ଭାବେ କାମ କରିବାକୁ ତ୍ରିପୁରା ନେଉଥିଲା ବୋଲି ନାବାଳିକାମାନେ କହିଛନ୍ତି।

# ଦାଦନଶୂନ୍ୟ କଲା କୋବିଚାଷ

## ଯୁବଚାଷୀଙ୍କ ଉଦ୍ୟମ ଆଣିଛି ସଫଳତା

ଘନଶ୍ୟାମ ଭୋଇ
ନୂଆପଡା ଅଫିସ,୨୦।୧୨

ନୂଆପଡା ଜିଲାରେ କାମଧନ୍ଦା ନାହିଁ । ବେକାରି ସଂଖ୍ୟା ବଢ଼ି ଚାଲିଛି । ଏଥିପାଇଁ ହଜାର ହଜାର ସଂଖ୍ୟାରେ ଯୁବତୀଯୁବକ ରୋଜଗାର ଆଶାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି । ଏହି ଜିଲାକୁ ଦାଦନଶୂନ୍ୟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଏକାଧିକ ସରକାରୀ ଯୋଜନା ଦାଦନ ରୋକିବାରେ ସଫଳତା ଆଣିପାରିନାହିଁ । ଏଭଳି ସ୍ଥିତିରେ ଗ୍ରାମବାସୀ ବିନା ସରକାରୀ ସହାୟତାରେ ଆରମ୍ଭ କରିଛନ୍ତି କୋବିଚାଷ । ଏହି କୋବି ଚାଷ ସାରା ଗାଁକୁ ଦାଦନଶୂନ୍ୟ ଗାଁରେ ପରିଣତ କରିଛି। ଗ୍ରାମବାସୀ ବି ଏହି ଚାଷରୁ ବେଶ୍ ଲାଭବାନ୍ ହୋଇପାରିଛନ୍ତି ।

ନୂଆପଡ଼ା ଜିଲା ସଦର ମହକୁମାଠାରୁ ୪୦ କି.ମି. ଦୂର କୋମନା ବ୍ଲକ । ଏହି ବ୍ଲକର କାଣ୍ଡେତରା ପଞ୍ଚାୟତ ଅଧୀନ ମାଲପଡ଼ା ଗାଁ। ପରିବାର ସଂଖ୍ୟା ୧୨୦ । ସେଥିମଧ୍ୟରୁ ଅର୍ଦ୍ଧାଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ପୂର୍ବରୁ ଏହି ଗାଁର ୫୦ ଭାଗ ପରିବାର ସଦସ୍ୟ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିଲେ । ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଗାଁର ଯୁବକମାନେ ନାନା ନିର୍ଯାତନା ସହି ଅଧିକାଂଶ ସମୟ ଖାଲି ହାତରେ ବି ଫେରୁଥିଲେ । ହେଲେ ଗାଁର କେତେଜଣ ଯୁବକ ଏପରି ପରିସ୍ଥିତିରେ ନିଜର ଆର୍ଥିକ ସ୍ଥିତିକୁ ସଜାଡିବାକୁ ଅଣ୍ଟା ଭିଡିଥିଲେ । ଗାଁର ପ୍ରତି ପରିବାର ସଦସ୍ୟଙ୍କ ନାଁରେ ମାତ୍ର ୩ରୁ ୪ ଏକର ଲେଖାଏଁ ଜମି ଥିଲା । ସେହି ଜମିରେ କେବଳ ଧାନଚାଷ କରାଯାଉଥିଲା । ହେଲେ ଆଜିକୁ କିଛିବର୍ଷ ତଳେ ସେହି ଯୁବକମାନେ କୋବିଚାଷ ଆରମ୍ଭ କରିଥିଲେ। ଦିନକୁ ଦିନ କୋବିଚାଷରୁ ସେମାନେ ଭଲ ଲାଭ ପାଇଥିଲେ। ଏବେ ଗାଁର ଶହେ ପରିବାର ଅନ୍ୟୂନ ଶହେ ଏକର ଜମିରେ ଏହି ଚାଷ କରୁଛନ୍ତି। ଏହି ଚାଷରୁ ପ୍ରତିବର୍ଷ ପ୍ରତି ପରିବାର ପ୍ରାୟ ୧ ଲକ୍ଷ ଟଙ୍କା ଲେଖାଏଁ ଉପାର୍ଜନ କରୁଥିବା କହିଛନ୍ତି । ଏହି କୋବିଚାଷ ଯୋଗୁ ଆମ୍ଭେମାନେ ଆଉ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉନାହୁଁ ବୋଲି ଗ୍ରାମବାସୀ କହିଛନ୍ତି ।



ଯୁବଚାଷୀ ଲାଲୁ ଶବର ନିଜ କୋବି ଖେତରେ କାମ କରୁଛନ୍ତି ।

ଏଠାରେ ଗାଁର ଶିକ୍ଷିତ ଯୁବକ ଲାଲୁ ଶବର (୩୨)ଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ସେ ଯୁକ୍ତ ୨ ପର୍ଯ୍ୟନ୍ତ ପାଠପଢି ବେକାର ବସିଥିଲେ। କାମଧନ୍ଦା ନ ମିଳିବାରୁ ଦାଦନ ଖଟିବାକୁ ଚିନ୍ତା କରିଥିଲେ । ହେଲେ କୋବିଚାଷ ତାଙ୍କୁ ସ୍ୱାବଲମ୍ବୀ କରିଛି । ତାଙ୍କ ପରିବାରର ୭ ଏକର ଜମିରୁ ସେ ୫ ଏକର ଜମିରେ ଧାନ ଚାଷ କରିଥାନ୍ତି । ସେଥିରୁ ବାର୍ଷିକ ମାତ୍ର ୫୦ ହଜାର ଟଙ୍କା ଲାଭ ପାଇଥାନ୍ତି । ହେଲେ ବାକି ୨ ଏକର ଜମିରେ ସେ କୋବି ଚାଷ କରି ବାର୍ଷିକ ୨ ଲକ୍ଷ ଟଙ୍କା ଲାଭ ପାଉଥିବା କହିଛନ୍ତି । ସେହି ଅର୍ଥରେ ତାଙ୍କର ୫ ପ୍ରାଣୀ ପରିବାର ସୁଖରେ ଚାଲିଛି ବୋଲି ଲାଲୁ କହିଛନ୍ତି । ନିଜ ଜମିରେ ସେ ଏକ କୂଅ ଖୋଳିଛନ୍ତି। ସରକାରୀ ସହାୟତା ପାଇଁ ସେ ବାରମ୍ବାର କୃଷି କାର୍ଯ୍ୟାଳୟକୁ ଦୌଡୁଛନ୍ତି । ହେଲେ ତାଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ସହାୟତା ମିଳି ନ ଥିବା ନେଇ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଗାଁରୁ ହଜାର ହଜାର କୁଇଣ୍ଟାଲ କୋବିକୁ ଚାଷୀମାନେ ବିଭିନ୍ନ ବଜାରକୁ ବୋହି ନେଇଥାନ୍ତି । ଗାଁ ପାଖରେ କୌଣସି ବଜାର ସୁବିଧା ନ ଥିବାରୁ ଚାଷୀମାନେ କଷ୍ଟ ସ୍ୱୀକାର କରୁଥିବା ସେ କହନ୍ତି । ଏହାସତ୍ତ୍ୱେ ଗାଁର ଶତାଧିକ ଯୁବକ ଏବେ କୋବି ସହ ଅନ୍ୟାନ୍ୟ ପନିପରିବା ଚାଷ କରି ଲାଭବାନ ନେଉଛନ୍ତି ବୋଲି ଲାଲୁ କହିଛନ୍ତି । ରାଜ୍ୟ ସରକାର ଚାଷୀଙ୍କ ଉପରୋକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଲେ ଆମେ ଅଧିକ ଲାଭବାନ ହୋଇପାରିବୁ ବୋଲି ଗ୍ରାମବାସୀ କହିଛନ୍ତି।

# ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ନୂଆପଡା ଅଫିସ,୨୦।୧୨

ନୂଆପଡ଼ା ଜିଲା ଖଇରାନୀ ଗାଁର ତୁଳାରାମ ମାଝି (୬୫) ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା କରି ଡ୍ୟାମ ପାଣିରେ ଫିଙ୍ଗି ଦେବା ଘଟଣାର ପର୍ଦ୍ଦାଫାଶ ହୋଇଛି । ଉକ୍ତ ହତ୍ୟା ଘଟଣାର ଦୁଇ ମାସ ୧୦ ଦିନ ପରେ ପୋଲିସ ତୁଳାରାମଙ୍କ ଗଳିତ ମୃତଦେହ ଉଦ୍ଧାର କରି ଏହି ହତ୍ୟା ରହସ୍ୟ ସାମ୍ନାକୁ ଆଣିଛି । ଏହି ଘଟଣାରେ ଖଇରାନୀ ଗାଁର ଭୋକସିଂ ମାଝି (୪୦) ଏବଂ ରାମ ଦାସ ମାଝି (୪୫) ଙ୍କୁ ପୋଲିସ ଗିରଫ କରିଛି । ଏ ନେଇ ଦଫା ୩୦୨, ୩୦୧, ୧୨୦(ଖ), ୩୪ରେ ଏକ ମାମଲା (ନଂ. ୯୯/୧୮) ରୁଜୁ ହୋଇଛି । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୩ ଅଭିଯୁକ୍ତ ସେହି ଗାଁର ନିରଞ୍ଜନ ମାଝି, ଭାଗୀରଥି ମାଝି, ଦିନମଣି ମାଝି ଫେରାର ଥିବା ପୋଲିସ କହିଛି।

ପୋଲିସର ସୂଚନା ଅନୁଯାୟୀ, ଖଇରାନୀ ଗାଁର ତୁଳାରାମ ମାଝି ଆଖପାଖ ଗାଁରେ ଝଡ଼ାଫୁଙ୍କା କାମ କରୁଥିଲେ। ଗତ ସେପ୍ଟେମ୍ବରରେ ସେ ଭୋକସିଂଙ୍କ ଝିଅଙ୍କୁ ଝଡାଫୁଙ୍କା କରିଥିଲେ। ତା'ପରଦିନ ଝିଅଟିର ଦେହ ଗୁରୁତର ହୋଇପଡିବାରୁ ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେଦିନଠାରୁ ଭୋକସିଂଙ୍କ ପରିବାର ଲୋକେ ତୁଳାରାମଙ୍କୁ ଗାଁରୁ ହଟାଇବା ପାଇଁ ଚିନ୍ତା କରିଥିଲେ । ସେପ୍ଟେମ୍ବର ୨୬ ତାରିଖ ରାତି ପ୍ରାୟ ୮ଟାରେ ତୁଳାରାମ ଘରେ ଶୋଇଥିବା ବେଳେ ଭୋକସିଂ ନିଜ ସହଯୋଗୀମାନଙ୍କ ସହ ମିଶି ତାଙ୍କୁ ଘରୁ ଡାକି ସ୍ଥାନୀୟ କଲରାଭୂଡି ଜଙ୍ଗଲକୁ ନେଇଥିଲେ। ଭୋକସିଂଙ୍କ ସହଯୋଗୀ ନିରଞ୍ଜନ, ଭାଗୀରଥି, ଦିନମଣି ପଛପଟୁ ତୁଳାରାମଙ୍କୁ ଭିଡି ଧରି ତାଙ୍କ ପାଟିକୁ ବନ୍ଦ କରିଦେଇ ଥିଲେ । ଶ୍ୱାସରୁଦ୍ଧ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେଠାରୁ ମୃତଦେହକୁ ଏକ ପଲିଥିନରେ ଭର୍ତ୍ତି କରି ଚନାମୁଣ୍ଡା ଡ୍ୟାମ ନିକଟକୁ ନେଇ ପାଣିରେ ଫିଙ୍ଗି ଦେଇଥିଲେ ।

ଏହାକୁ ନେଇ ତୁଳାରାମଙ୍କ ପରିବାର ତରଫରୁ ନୂଆପଡା ଥାନାରେ ଅକ୍ଟୋବର ୨୫ ତାରିଖରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା । ପୋଲିସ ଗତ ୭ ତାରିଖରେ ପାଣିରୁ ଗଳିତ ମୃତଦେହ ଉଦ୍ଧାର କରି ଛାନଭିନ ଆରମ୍ଭ କରିଥିଲା। ଶେଷରେ ସମସ୍ତ ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲାରେ ଭୋକସିଂ ମାଝି ଏବଂ ରାମଦାସଙ୍କୁ ପୋଲିସ ଗୁରୁବାର କୋର୍ଟ ଚାଲାଣ କରିଛି। ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ଥିବା ଥାନାଧିକାରୀ ସରୋଜ କୁମାର ମଲ୍ଲିକ କହିଛନ୍ତି ।



ଥାନାରେ ଗିରଫ ହୋଇଥିବା ୨ ଅଭିଯୁକ୍ତ ।

- କଲରାଭୁଡି ଜଙ୍ଗଲରେ ଶ୍ୱାସରୁଦ୍ଧ କରି ମାରିଥିଲେ
- ମୃତଦେହକୁ ଚନାମୁଣ୍ଡା ଡ୍ୟାମରେ ପକାଇ ଦେଇଥିଲେ

# ବୌଦ୍ଧ ସ୍ୱତନ୍ତ୍ର ସବ୍‌ଜେଲରେ କଏଦୀ ମୃତ

- ୨ ପୁତୁରାଙ୍କ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ

ବୌଦ୍ଧ,୨୦।୧୨(ସ୍ୱ.ପ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଗୋଧନେଶ୍ୱର ଗ୍ରାମରେ ଘଟିଥିବା ଡବଲ ମର୍ଡର ଘଟଣାର ଆଜୀବନ କଏଦୀ କାମପାଳ ଖମାରୀ(୮୪)ଙ୍କ ବୌଦ୍ଧ ସ୍ୱତନ୍ତ୍ର ସବ୍‌ଜେଲରେ ଗୁରୁବାର ମୃତ୍ୟୁ ଘଟିଛି । ବ୍ୟବଚ୍ଛେଦ ପରେ ପୋଲିସ କାମପାଳଙ୍କ ମୃତଦେହକୁ ତାଙ୍କ ପୁଅ ଭବାନୀ ଖମାରୀଙ୍କୁ ହସ୍ତାନ୍ତର କରିଥିଲା । ହେଲେ ତାଙ୍କୁ ଚାରିକାନ୍ଧ ଦେବାକୁ କେହି ସମ୍ପର୍କୀୟ ନ ଥିବାରୁ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତିର ଇନ୍ଦ୍ରମଣି ମେହେରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବୌଦ୍ଧ ରାଜଘାଟରେ ଦାହ କରିଛନ୍ତି ।

୨୦୦୦ ମସିହାରେ ଗୋଧନେଶ୍ୱର ଗ୍ରାମର କାମପାଳ ଖମାରୀ ଓ ତାଙ୍କ ପୁଅ ଭଗବାନ ଘରୋଇ ଶତ୍ରୁତାକୁ କେନ୍ଦ୍ର କରି ନିଜ ପୁତୁରା ପ୍ରମୋଦ ଖମାରୀ ଓ ପ୍ରଫୁଲ୍ଲ ଖମାରୀଙ୍କୁ ହତ୍ୟା କରିଥିଲେ । ହତ୍ୟାକାରୀମାନେ ପ୍ରମୋଦ ଓ ପ୍ରଫୁଲ୍ଲଙ୍କ କଟାମୁଣ୍ଡକୁ ନେଇ ଫୁଟବଲ ଖେଳିବା ପରି ଖେଳିଥିଲେ । ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ମାମଲାରେ ତା୨୫।୧।୨୦୦୨ରିଖରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ କାମପାଳଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା । ଫାଶୀ ଦଣ୍ଡାଦେଶ ବିରୋଧରେ କାମପାଳଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଅପିଲ କରାଯାଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ ୨୦୦୨ ମସିହାରେ ତାଙ୍କ ଫାଶୀଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। କାମପାଳ ୨୦୦୨ ମସିହାରୁ ବୌଦ୍ଧ ସ୍ୱତନ୍ତ୍ର ସବ୍‌ଜେଲରେ ଆଜୀବନ ବନ୍ଦୀ ଭାବେ ରହିଆସୁଥିଲେ । ଅନ୍ୟପକ୍ଷେ କାମପାଳଙ୍କ ପୁଅ ଭଗବାନ ଜାମିନରେ ଜେଲରୁ ବାହାରିବା ପରେ ଆତ୍ମହତ୍ୟା କରିଥିଲେ ।

ଗତ ତା୨୨।୯।୨୦୧୦ ରିଖରେ ବୌଦ୍ଧ ସବ୍‌ଜେଲରେ ଜଣେ ବନ୍ଦୀଙ୍କ ଦ୍ୱାରା ପଥରରେ ଛେଚି ଅନ୍ୟ ଦୁଇଜଣ ବନ୍ଦୀକୁ ହତ୍ୟା କରାଯାଇଥିବା ମାମଲାରେ ସେହି ସେଲ୍‌ରେ ଥିବା କାମପାଳ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ସେ ଗୁରୁତର ଆହତ ହୋଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ଗତ ତା୧୪।୧୨।୨୦୧୩ରେ ତାଙ୍କୁ ଝାରପଡା ଜାମୁଝରୀ ମୁକ୍ତାକାଶ ଜେଲକୁ ପଠାଇ ଦିଆଯାଇଥିଲା । ସେଠାରୁ ପୁଣି ତା୨୩।୬।୨୦୧୬ରିଖରେ କାମପାଳଙ୍କୁ ବୌଦ୍ଧ ସବ୍‌ଜେଲକୁ ଫେରାଇ ଅଣାଯାଇଥିଲା। ଦୀର୍ଘଦିନ ହେଲା କାମପାଳ ଅସୁସ୍ଥ ଥିବାବେଳେ ତାଙ୍କୁ ଗତ ୫ ତାରିଖରେ ଚିକିତ୍ସା ପାଇଁ ବୁର୍ଲା ନିଆଯାଇଥିଲା। ବାର୍ଦ୍ଧକ୍ୟ ଯୋଗୁ ତାଙ୍କ ଦେହ ଅସୁସ୍ଥ ରହୁଥିବା କହି ବୁର୍ଲାରୁ ଡାକ୍ତରମାନେ ଫେରାଇ ଦେଇଥିବା ବୌଦ୍ଧ ସହକାରୀ ଜେଲ୍‌ର ତରଣୀସେନ ଦେହୁରି କହିଛନ୍ତି। ଗୁରୁବାର ସକାଳୁ କାମପାଳଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ବୌଦ୍ଧ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୮) ରୁଜୁ ହୋଇଛି।








ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - ସନ୍ଥ କବୀର ଦାସ

ଓଏଏସ୍ ପରୀକ୍ଷା ଫଳ

## ୩୦ତମ ସ୍ଥାନରେ ଅଭିଳାଷ

ଟିଟିଲାଗଡ, ୨୦।୧୨ (ଡି.ଏନ.ଏ.)- ଓଡ଼ିଶା ପ୍ରଶାସନିକ ସେବା ୨୦୧୭-୧୮ର ପରୀକ୍ଷା ଫଳ ପାଇସାରିଛି । ସମଗ୍ର ରାଜ୍ୟରେ ୧୦୬ଜଣ ପରୀକ୍ଷାର୍ଥୀ କୃତିତ୍ୱ ହାସଲ କରିଥିବାବେଳେ ଟିଟିଲାଗଡ ହାଟପଦାପଡା ଶିକ୍ଷକ ଚିନ୍ତାମଣି ମହାପାତ୍ର ଓ ପୁଷ୍ପାଞ୍ଜଳି ମହାପାତ୍ରଙ୍କ ବଡ ପୁଅ ଅଭିଳାଷ ସ୍ୱରୂପ ୩୦ତମ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି । ଅଭିଳାଷ ତାଙ୍କ ପ୍ରାଥମିକ ଶିକ୍ଷା ସମୟରୁ ହିଁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବାବେଳେ ସପ୍ତମ ଶ୍ରେଣୀ ପରୀକ୍ଷାରେ ବଲାଙ୍ଗୀର ଜିଲାରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲେ । ହାଇସ୍କୁଲସ୍ତରରେ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ଜିଲା ପାଇଁ ଗୌରବ ଆଣିଥିଲେ । ମହେଶ୍ୱର ହିନ୍ଦୀ ହାଇସ୍କୁଲ ତଥା ଡିଏଭି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ଓୟୁଏଟି ଭୁବନେଶ୍ୱର ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଉଦ୍ୟାନ କୃଷିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସମ୍ପ୍ରତି ୟୁନିୟନ ବ୍ୟାଙ୍କ ପୁରୀ ଶାଖାରେ କାର୍ଯ୍ୟ କରୁଛନ୍ତି । ଅଭିଳାଷଙ୍କ ସଫଳତାର ଖବର ପ୍ରଚାରିତ ହେବା ପରେ ସମଗ୍ର ଟିଟିଲାଗଡ ସହର ତଥା ଜନ୍ମମାଟି ଫଟାବାହାଲ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

**URGENTLY REQUIRE !**
Require 20 smart sales persons (male/female) for door to door sales for one of the largest multi-national company's FMCG product. Good Salary & Incentive.
Contact:
9903388241/9903169661 or email your resume to: soumig13@gmail.com












ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଖୁସୀ
ପରିବାରବର୍ଗ



ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଭିଲ୍ ସର୍ଭିସ୍ ପାଇଁ ବୟସ ସୀମା ୨୭କୁ ଖସିବ

ନୂଆଦିଲ୍ଲୀ, ୨୦।୧୨ (ପି.ଟି.)- ସାଧାରଣବର୍ଗଙ୍କ ପାଇଁ ସିଭିଲ୍ ସର୍ଭିସ୍ ଏଣ୍ଟ୍ରି ସର୍ବାଧିକ ବୟସ ସୀମା ବର୍ତ୍ତମାନ ୩୦ ରହିଥିବାବେଳେ ଏହାକୁ ୨୭ କରାଯିବାକୁ ନୀତି ଆୟୋଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ୨୦୨୨-୨୩ ସୁଦ୍ଧା ପର୍ଯ୍ୟାୟ କ୍ରମେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ଯୋଜନା କରାଯାଇଛି। ଏପରି କି ନୂଆ ଭାରତର ରୂପରେଖ ଅନୁଯାୟୀ, ସମସ୍ତ ସିଭିଲ୍ ସର୍ଭିସ୍ ପରୀକ୍ଷା ସମନ୍ୱିତ ଭାବେ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏ ସମ୍ପର୍କିତ ବୁଧବାର ପ୍ରକାଶ ପାଇଥିବା ଦଲିଲରେ ରାଜ୍ୟ ଏବଂ କେନ୍ଦ୍ରସ୍ତରରେ ରହିଥିବା ୬୦ ପୃଥକ ସିଭିଲ୍ ସର୍ଭିସ୍‌କୁ ଶୃଙ୍ଖଳିତ ବ୍ୟବସ୍ଥା କ୍ରମେ ହ୍ରାସ କରାଯିବାକୁ ପ୍ରସ୍ତାବ ରହିଛି। ଯୋଗ୍ୟ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରସ୍ତାବିତ କେନ୍ଦ୍ର ଟାଲେଣ୍ଟ ପୁଲ୍‌ରେ ରଖାଯିବାକୁ ସ୍ଥିର କରାଯାଇଛି। ପରେ ସେମାନଙ୍କୁ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତ କରାଯିବ ବୋଲି ଦଲିଲ୍‌ରେ ଦର୍ଶାଯାଇଛି।

## classified

### real estate

**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877.D-64397

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9040307584, 9778832554. D-10114

Plot for sale 5km. from Khordha town (Sai Sanatan Nagar), price-199/- p.sqft including registration, electricity. 9861793775, 9078013099. D-65258

ସୁନ୍ଦରପଦା Hitech ପାଖରେ 50ft. revenue ରାସ୍ତାଥାଇ 2500 sqft.ର ୩ଟି ଘରବାରି ପାଚେରି ପ୍ଲଟ ବିକ୍ରିହେବ sqft. 600/-. 9777236619. D-65309

Now Matrimonial ads. only on Wednesday & Sunday Book 1 Get 1 FREE

### to-let

Three storied 7000 sqft. building with lift for office/ commercial purposes near Bhubaneswar Airport. 9958003695.D-58023

### healthcare

Herbal body massage, relaxed back joint pain treatment. Contact: 9437453813. D-64554

### ପଞ୍ଚମ ଜନ୍ମବାର୍ଷିକୀ ଶୁଭେଚ୍ଛା



(ଖୁସୀ)

**ଜ୍ୟୋତ୍ସ୍ନାରାଣୀ ପଣ୍ଡା**

ରିଆ, ସିମୁଳିଆ, ବାଲେଶ୍ୱର

ଆଜି ତୋର ପବିତ୍ର ୫ମ ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଭବିଷ୍ୟତ ଜୀବନ ସୁଖମୟ ଓ ସମୃଦ୍ଧିମୟ ହେଉ ବୋଲି ପ୍ରାର୍ଥନା କରିରହିଲୁ। ଶୁଭେଚ୍ଛା ସହ: ବାପା-ଅଣାକାର ପଣ୍ଡା, ମା-କଳ୍ପନା ପଣ୍ଡା, ଜେଜେ, ଜେଜେମା, ସାନଜେଜେ, ସାନଜେଜେମା, କକା, ପିଉସା, ପିଉସୀ, ମାମୁ, ମାଉସୀ, ଅଜା, ଆଈ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।

ଧ-୧୦୧୨୬

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ଅପରାହ୍ନ ୪.୩୦ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡିଛି। ଚାଷୀମାନଙ୍କ ସମସ୍ୟା ମୁଖ୍ୟତଃ ରାଜ୍ୟ ସରକାରଙ୍କ ପାଇଁ ଅସୁବିଧା ସୃଷ୍ଟି କରିଛି। ସେଥିପାଇଁ ଚାଷୀମାନଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏକ ବଡ ଧରଣର ନିଷ୍ପତ୍ତି ନିଆଯାଇଛି। ଏହା କ୍ୟାବିନେଟରେ ମଞ୍ଜୁରି ମିଳିବ ବୋଲି ସୂତ୍ରରୁ ଜଣାପଡିଛି।

■ ମହିଳା ସଂରକ୍ଷଣ ପ୍ରସଙ୍ଗ

# ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ଏମ୍‌ପି

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବିଜୁ ଜନତା ଦଳର ରାଜ୍ୟ ସଭା ଓ ଲୋକ ସଭା ସଦସ୍ୟମାନେ ଗୁରୁବାର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କୁ ଭେଟିଛନ୍ତି। ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ ଲାଗି ଉପରାଷ୍ଟ୍ରପତିଙ୍କ ସମର୍ଥନ ଦଳ ପକ୍ଷରୁ ଲୋଡ଼ାଯାଇଛି। ବିଜେଡିର ସଂସଦୀୟ ଦଳର ନେତା (ଲୋକ ସଭା)ଭର୍ତ୍ତୃହରି ମହତାବ ଏବଂ ପ୍ରସନ୍ନ ଆଚାର୍ଯ୍ୟ(ରାଜ୍ୟ ସଭା)ଙ୍କ ନେତୃତ୍ୱରେ ଏ ସମ୍ପର୍କିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପତ୍ର ଉପରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

ଉପରାଷ୍ଟ୍ରପତି ବିଜେଡି ଏମ୍‌ପିଙ୍କୁ ଭେଟିବା ପରେ ମହିଳା ସଂରକ୍ଷଣ ପ୍ରସ୍ତାବ ପ୍ରତି ସମର୍ଥନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏପରି ପଦକ୍ଷେପ ନେଇଥିବାରୁ ସେ ତାଙ୍କର ଭୂୟସୀ ପ୍ରଶଂସା କରିଛନ୍ତି। ଠିକ୍ ସମୟରେ ବିଲ୍‌ଟିକୁ ନିଶ୍ଚିତ ସମର୍ଥନ ଜଣାଇବେ ବୋଲି ଉପରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଛନ୍ତି। ଉପରାଷ୍ଟ୍ରପତିଙ୍କୁ ବିଜେଡି ଏମ୍‌ପି ପ୍ରତାପ କେଶରୀ ଦେବ, ତଥାଗତ ସତପଥୀ, ଅର୍ଜୁନ ଚରଣ ସେଠୀ, ପ୍ରଭାସ କୁମାର ସିଂହ, କଳିକେଶ ନାରାୟଣ ସିଂହଦେଓ, ରବୀନ୍ଦ୍ର କୁମାର ଜେନା ଏବଂ ନରେନ୍ଦ୍ର କୁମାର ସ୍ୱାଇଁ ଭେଟିଥିଲେ। ସେହିପରି ଅଚ୍ୟୁତାନନ୍ଦ ସାମନ୍ତ, ଏନ୍. ଭାସ୍କର ରାଓ, ବଳଭଦ୍ର ମାଝି, ସିଦ୍ଧାନ୍ତ ମହାପାତ୍ର, ଡ. କୁଳମଣି ସାମଲ, ଅନୁଭବ ମହାନ୍ତି, ଝିନ୍ନ ହିକ୍କା, ପ୍ରସନ୍ନ ପାଟଶାଣୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ରୀତା ତରାଇ, ଶକୁନ୍ତଳା ଲାଗୁରୀ ଏବଂ ସରୋଜିନୀ ହେମ୍ବ୍ରମ୍ ମଧ୍ୟ ଏହି ସମୟରେ ଉପସ୍ଥିତ ଥିଲେ।



ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ (ଲୋକ ସଭା) ଏବଂ ପ୍ରସନ୍ନ ଆଚାର୍ଯ୍ୟ (ରାଜ୍ୟ ସଭା)ଙ୍କ ନେତୃତ୍ୱରେ ବିଜେଡି ଏମ୍‌ପି ମାନେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କୁ ସାକ୍ଷାତ କରି ମହିଳା ସଂରକ୍ଷଣ ପ୍ରସଙ୍ଗରେ ସମର୍ଥନ ଲୋଡ଼ିଛନ୍ତି।

ପ୍ରକାଶ ଯେ, ପାର୍ଲାମେଣ୍ଟ ଏବଂ ବିଧାନସଭା ଗୁଡ଼ିକରେ ୩୩% ସ୍ଥାନ ସଂରକ୍ଷଣ ନେଇ ଓଡ଼ିଶା ବିଧାନସଭାରେ ଏକ ସଂକଳ୍ପ ପ୍ରସ୍ତାବ ଗୃହୀତ ହୋଇଯାଇଛି। ବିଜେଡି ପକ୍ଷରୁ ଭାରତ ବର୍ଷର ସମସ୍ତ ପ୍ରମୁଖ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ସହଯୋଗ ଲୋଡା ଯାଉଛି।

## ପ୍ରଥମ ପୃଷ୍ଠାରୁ...

### ୧୪ହଜାର କୋଟି ଟଙ୍କା ....

ସାଢେ ୪ବର୍ଷ ଶାସନ କାଳରେ ବହୁ କେନ୍ଦ୍ରୀୟ ପ୍ରକଳ୍ପ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଛି। ଆସନ୍ତା ୨୪ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହାସହ ମୋଦି ସରକାରଙ୍କ ସମୟରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ ଆଇଜରର ଶିଳାନ୍ୟାସ କରିବେ। ପେଟ୍ରୋଲିୟମ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ମାଧ୍ୟମରେ ପାରାଦୀପ-ହାଇଦ୍ରାବାଦ ମଧ୍ୟରେ ପାଇପ୍‌ଲାଇନ କାମର ମଧ୍ୟ ଶୁଭାରମ୍ଭ ହେବ। ୭୫.୩ କୋଟି ଟଙ୍କା ଖର୍ଚ୍ଚରେ ଭୁବନେଶ୍ୱରସ୍ଥିତ ଇଏସ୍‌ଆଇ ହସପିଟାଲକୁ ୧୦୦ଶଯ୍ୟା ବିଶିଷ୍ଟ କରାଯିବା ସହ ପୁରୁଣା ଏନଏଚ-୫ ତଥା ବର୍ତ୍ତମାନ ଏନଏଚ-୧୬ର ୬ଲେନ୍ ଓ କଟକ-ଅନୁଗୋଳ ରାସ୍ତାର ୪ ଲେନ୍ କାର୍ଯ୍ୟ ଆରମ୍ଭ କରାଯିବ। ଭୁବନେଶ୍ୱର ସ୍ଥିତ ଆଇଆଇଟି କ୍ୟାମ୍ପସରେ ଏହି ସମସ୍ତ କାର୍ଯ୍ୟର ଲୋକାର୍ପଣ ଓ ଶୁଭାରମ୍ଭ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ପାଇଁ ଆସନ୍ତା ୨୪ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି। ୨୦୧୭ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ହାତରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବ। ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ପାଇଁ ପାଇକ ବିଦ୍ରୋହ ସ୍ମାରକୀ ମୁଦ୍ରା, ଡାକଟିକଟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ପାଇକ ବିଦ୍ରୋହ ଗବେଷଣା ଚେୟାର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୫କୋଟି ଟଙ୍କାର କର୍ପସ ଫଣ୍ଡ ଯୋଗାଇ ଦିଆଯିବ। ଆଗାମୀ ପିଢି ପାଇଁ ୨ଶହ ବର୍ଷ ଇତିହାସର ଗବେଷଣା ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ। ଲଳିତଗିରି ଭଳି ପ୍ରାଚୀନ କୀର୍ତ୍ତିରାଜିକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀ ଭାବେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରିବେ। କେନ୍ଦ୍ର ସରକାରଙ୍କ ଏପରି କାମ ଓଡିଶାର ପର୍ଯ୍ୟଟନ, ମର୍ଯ୍ୟାଦା, ସ୍ୱାଭିମାନ ଓ ଅର୍ଥନୀତିରେ ନୂଆ ପରିଚୟ ସୃଷ୍ଟି କରିବ। ସେଥିପାଇଁ ଓଡିଶା ତରଫରୁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେ କୃତଜ୍ଞତା ପ୍ରକାଶ କରିବା ସହ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶିକ୍ଷା, ରାସ୍ତା, ପେଟ୍ରୋଲିୟମ, ଶ୍ରମ ଓ ସଂସ୍କୃତି ବିଭାଗର ବିଭିନ୍ନ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦଘାଟନ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଦେଶର ଅର୍ଥନୀତି, ସଂସ୍କୃତି, ରୋଜଗାର, ପର୍ଯ୍ୟଟନ, ରାଜସ୍ୱ ଓ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ରଙ୍କ ସହ ମହେଶ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶା ପରେ ଖୋର୍ଦ୍ଧାରେ ହେବାକୁ ଥିବା ସାଧାରଣସଭାରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ ଉପକୂଳ ଭୋଟ ଅକ୍ତିଆର କରିବାକୁ ପ୍ରୟାସ କରିବେ। ହେଲେ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା ସଫଳ ହେବନାହିଁ। ରାଜ୍ୟବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଉଭୟ ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି। ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ବିଗତ ଦିନରେ ପ୍ରଧାନମନ୍ତ୍ରୀ ପଶ୍ଚିମ ଓଡ଼ିଶା ଆସିଥିଲେ। ହେଲେ ବିଜେପୁର ଉପନିର୍ବାଚନରେ ଭାଜପା ସେପରି ସଫଳତା ପାଇଲା ନାହିଁ। ସୋହେଲା ଗସ୍ତ ସମୟରେ ଚାଷୀଙ୍କ ଆୟ ଦୁଇଗୁଣା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ରଖିପାରିଲେ ନାହିଁ। ଏଥର ସେ ଉପକୂଳ ଭୋଟ ନେବାକୁ ଯେଉଁ ଚେଷ୍ଟା କରିବେ ବିଗତ ଦିନଗୁଡିକ ଭଳି ସେମିତି ବିଫଳ ହେବେ ଏବଂ ବିଜେଡି ଉପରେ ତା'ର କୌଣସି ପ୍ରଭାବ ପଡିବନାହିଁ ବୋଲି ସମୀର କହିଛନ୍ତି। କଂଗ୍ରେସ ନେତା ଶରତ ରାଉତ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଯାହା ପ୍ରତିଶ୍ରୁତି ଦେଇଥିଲେ ତାକୁ ପାଳନ କରିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ତାଙ୍କ ଓଡିଶା ଗସ୍ତ କାଳରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରନ୍ତୁ। କଳାଧନ ଜବତ କରି ପ୍ରତି ଗରିବଙ୍କ ଆକାଉଣ୍ଟକୁ ଯେଉଁ ୧୫ଲକ୍ଷ ଟଙ୍କା ପଠାଇବେ ବୋଲି ଯାହା କହିଥିଲେ ତାହା କରିକି ଦେଖାନ୍ତୁ। ନଚେତ୍ ରାଜ୍ୟବାସୀଙ୍କୁ ହାତ ଯୋଡି କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ କହିଛନ୍ତି। ତାଙ୍କର ଏହି ଗସ୍ତ କଂଗ୍ରେସ ଓ ଉପକୂଳରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଶରତ କହିଛନ୍ତି।

### ଆଇଆଇଟିର ଲୋକାର୍ପଣ କରିବେ ମୋଦି

ଜଟଣୀ,୨୦।୧୨(ଡି.ଏନ୍.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ଆଇଆଇଟିକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ। ଏହା ସହିତ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ଆଇଜରର ଶିଳାନ୍ୟାସ କରିବେ। ଏ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ଓ ଆଇଜରର ନିର୍ଦ୍ଦେଶକ ପ୍ରଫେସର କେଭିଆର୍ ଚାରୀ ସୂଚନା ଦେଇଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନେକ କେନ୍ଦ୍ରମନ୍ତ୍ରୀ ଓ ସ୍ଥାନୀୟ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଜରିମାନା ୪କୋଟିକୁ ବୃଦ୍ଧି

୩୦ରେ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଉକ୍ତ ସମୟରେ ସେସୁ ଉପରେ ୧ କୋଟି ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିଲା। ହେଲେ ଏହା ପର୍ଯ୍ୟାପ୍ତ ନ ଥିବା ଅନୁଭବ କରି ଏହି ରାଶିକୁ ୪ ଗୁଣା ବୃଦ୍ଧି କରିଛନ୍ତି ଏନ୍‌ଜିଟି। ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ ସଦର ବନଖଣ୍ଡ ଅଧୀନରେ କମଳାଙ୍ଗ ଗ୍ରାମ ନିକଟରେ ଅକ୍ଟୋବର ୨୬ରେ କମ୍ ଉଚ୍ଚତାରେ ଝୁଲି ରହିଥିବା ଉଚ୍ଚଶକ୍ତସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ଶାବକ ସହ ୫ ମାଈ, ଗୋଟିଏ ଅଣ୍ଡିରା ହାତୀ ପ୍ରାଣ ହରାଇଥିଲେ। ଏକକାଳୀନ ୭ହାତୀଙ୍କ ମୃତ୍ୟୁ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣାରେ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଥିଲେ ପ୍ରାଣୀପ୍ରେମୀ। ଏଥିଲାଗି ସେମାନେ ବିଦ୍ୟୁତ୍ ଓ ଜଙ୍ଗଲ ବିଭାଗର ଅବହେଳାକୁ ଦାୟୀ କରିବାସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଚାଇଁପାଳ ଡିଭିଜନ୍ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁ ଲାଇନ ମ୍ୟାନ୍ ଫିରୋଜ ପଣ୍ଡା, ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରିଶ ଚନ୍ଦ୍ର ଦେହୁରୀଙ୍କୁ ନିଲମ୍ବିତ କରାଯାଇଥିଲା। ନଭେମ୍ବର ୩ରେ ସଞ୍ଜୟ, ପ୍ରଭାକର, ଗିରୀଶଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା। ପରେ ସେମାନଙ୍କୁ ମିଳିଥିଲା ସର୍ତ୍ତମୂଳକ ଜାମିନ।

### ବି.ଟେକ୍‌ରେ ନାମଲେଖା ...

ଏଥିସହ ଚଳିତବର୍ଷ ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଇଟି)ରେ ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ଜେଇଇ ମେନ୍ ର୍ୟାଙ୍କ୍‌ର ଆବଶ୍ୟକତା ରହିଛି। ଯେଉଁ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଅଛନ୍ତି, ସେମାନେ ଏବେଠାରୁ ନିଜକୁ ପ୍ରସ୍ତୁତ କରିବାକୁ ଓଜେଇଇ ପକ୍ଷରୁ କୁହାଯାଇଛି। ଓଜେଇଇ ଅଧକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଏଥର ପରୀକ୍ଷା ପରିଚାଳନା କରିବ। ୨୦୧୯ରେ ଦୁଇଥର ଜେଇଇ ମେନ୍ ଅନୁଷ୍ଠିତ ହେବ। ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ଏହି ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଆସନ୍ତା ଜାନୁୟାରୀ ୬ରୁ ୨୦ ମଧ୍ୟରେ ହେବ। ଏଥିପାଇଁ ନାମ ପଞ୍ଜୀକରଣ ଶେଷ ହୋଇଛି। ଗତ ସେପ୍ଟେମ୍ବର ୧ରୁ ୩୦ ତାରିଖ ମଧ୍ୟରେ ଓଡ଼ିଶାରୁ ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ସେହିପରି ଏପ୍ରିଲ ୬ରୁ ୨୦ ତାରିଖ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଲାଗି ଫେବୃୟାରୀ ୮ରୁ ମାର୍ଚ୍ଚ ୭ ମଧ୍ୟରେ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିପାରିବେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ନାମ ପଞ୍ଜୀକରଣ କରିପାରିନାହାନ୍ତି, ସେମାନେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ରହିପାରିବେ।

### ଆଜି ବ୍ୟାଙ୍କ...

୫ ଦିନ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ(ଏଆଇବିଓସି) ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ତେବେ ସମସ୍ତ ଘରୋଇ ବ୍ୟାଙ୍କ ଶୁକ୍ରବାର ଖୋଲାରହିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ବ୍ୟାଙ୍କ କର୍ମଚାରୀ ସଂଗଠନ ୟୁନାଇଟେଡ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଆସନ୍ତା ୨୬ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଶୁକ୍ରବାର ଧର୍ମଘଟ ପରେ ମାସର ଚତୁର୍ଥ ଶନିବାର ଓ ରବିବାର କାରଣରୁ ବ୍ୟାଙ୍କ ବନ୍ଦ ରହିବ। ତେବେ ୨୪ରେ ବ୍ୟାଙ୍କ ଗୋଟିଏ ଦିନ ଖୋଲିବା ପରେ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନ ବା କ୍ରିସମାସ ଡେ ପାଇଁ ବନ୍ଦ ରହିବ। ପରେ ୨୬ରେ ପୁନର୍ବାର ବ୍ୟାଙ୍କ ବନ୍ଦ ରହିବ। ଏଭଳି ଭାବେ ଦେଖିଲେ ୫ ଦିନ ବ୍ୟାଙ୍କ ଖୋଲିବ ନାହିଁ। ଏ କ୍ଷେତ୍ରରେ ସପ୍ତାହ ମଧ୍ୟରେ ୨୪ ତାରିଖ ପରେ ୨୭ରେ ବ୍ୟାଙ୍କ ସେବା ଉପଲବ୍ଧ ହେବ।

### ସିସିଟିଭି ଫୁଟେଜ୍‌ରୁ...

ଓକିଲମାନେ ବନ୍ଦ ଡାକରା ଦେଇଛନ୍ତି। ତୁମେ ଅଫିସ କାହିକି ଖୋଲା ରଖିଛ କହି ଉପସ୍ଥିତ କର୍ମଚାରୀଙ୍କୁ ଗାଲିଗୁଲଜ କରିବା ସହ ମାରପିଟ କରିଥିଲେ। ଏପରି କି କର୍ମଚାରୀମାନଙ୍କୁ ବାହରକୁ ଯିବାକୁ କହି ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ମଧ୍ୟାହ୍ନରେ ଘର ଅପେକ୍ଷା ବାହାର ଲୋମାନଙ୍କ ସକାଶେ ବିଶେଷ ସମୟ ଦେଇପାରନ୍ତି। କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବାର ଆଶଙ୍କା ରହିଛି। ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ କିଣି ପାରନ୍ତି।

**ବୃଷ** ଉଚ୍ଚମନ ନେଇ କାମ କରିବେ ଏବଂ ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହଯୋଗ ମଧ୍ୟ ପାଇବେ। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତିରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ ସଫଳତା ହାସଲ କରିବେ। ପ୍ରତ୍ୟେକ କଥାକୁ ଭଲରୂପେ ବୁଝି, ବିଚାରି କାମରେ ହାତ ଦିଅନ୍ତୁ।

**ମିଥୁନ** କର୍ମକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ପାରିବାରିକ ସମସ୍ୟାର ସମାଧାନ ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମ୍ଭବ ହେବ।

**କର୍କଟ** ବନ୍ଧୁମେଳରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେଇ ପାରିବେ। ଟଙ୍କା ପଇସା ଦେଣ ନେଣ କ୍ଷେତ୍ରରେ ସତର୍କ ନ ରହିଲେ ପରେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ। ସହକର୍ମୀଙ୍କ ନିକଟରେ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରିବା ଠିକ୍ ହେବନାହିଁ।

**ସିଂହ** ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ସାମୟିକ ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି। ଅପରାହ୍ନେ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କଳା, ସାହିତ୍ୟ, ପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶା ଅନୁଯାୟୀ ଫଳ ପାଇବେ।

**କନ୍ୟା** ଆଜିର ସବୁ କାମ ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନଟା ଭଲ ରହିବ ନାହିଁ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ପୂର୍ବ ପରି ବଳବତ୍ତର ରହିବ। ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଶାରୀରିକ ଓ ମାନସିକ ସ୍ଥିତି ବହୁତ ଭଲ ରହିଲେ ମଧ୍ୟ ଧନହାନି ମନସ୍ତାପର କାରଣ ହୋଇପାରେ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା, ପ୍ରଭୃତିରେ ସଫଳତା ପାଇପାରିବେ। ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଂଶସିତ ହେବେ। ପ୍ରଶାସନ, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** ଟିକିଏ ଟିକିଏ କଥାରେ ଅଯଥା ଭାବପ୍ରବଣ ହେଲେ ନିଜ ପାଇଁ ତାହା କ୍ଷତିର କାରଣ ପାଲଟି ଯିବ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ। ପାରିବାରିକ ଜୀବନରେ ଉତ୍ତମ ବୁଝାମଣାଜନିତ ସୁଖସନ୍ତୋଷ ପାଇପାରିବେ।

**ଧନୁ** ଗତକାଲି ଠାରୁ ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମକର** ପରିସ୍ଥିତିକୁ ଦେଖି କାମ କରିଚାଲିଲେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** କର୍ମକ୍ଷେତ୍ରର ବିଦ୍ୟମାନ ସ୍ଥିତି ବନ୍ଧୁଙ୍କ ସହାୟତାରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ ସକାଶେ ଖିଆପିଆ ଛାଡ଼ି ବୁଲିବେ। ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ** ଯାତ୍ରା କାଳରେ କିମ୍ବା କର୍ମକ୍ଷେତ୍ରରେ ଅସାବଧାନତାବଶତଃ ଧନ ହାନି କିମ୍ବା ଆଘାତପ୍ରାପ୍ତ ହୋଇପାରନ୍ତି। ପରିବାର, ପରିବହନ, ଗୃହ ନିର୍ମାଣ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ନିଜ ବଂଶର ଲୋକଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ଶୁକ୍ରବାର, ଡିସେମ୍ବର ୨୧ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଚତୁର୍ଦ୍ଦଶୀର ଉପବାସ ଓ ବେଢା ପରିକ୍ରମା, ବିଛା ରାଶିର ଘାତ ଚନ୍ଦ୍ର, ଦିବା ଘ୭।୪୦ମି. ମଧ୍ୟେ. ଘ୩।୪୬ମି. ଗତେ, ଘ୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୪୦ମି. ଗତେ ଘ୯।୦୧ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୩ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁ କାଳ।

## ମନେ ପଡ଼ନ୍ତି

**ଓଁ ସାଇରାମ୍**



**ସ୍ୱର୍ଗତ ହୃଦାନନ୍ଦ ମହାପାତ୍ର**

ଆବିର୍ଭାବ: ୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦
(ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦପଦ୍ମରେ ରହି ଆମମାନଙ୍କୁ ସଦା ଆଶୀର୍ବାଦ କରୁଥାଅ।
ବୁଲୀ, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲୀଟୁ, ବାବାଲୀ ଓ ରୁଶାଲୀ।
୧୭, ଗୌତମନଗର, ଭୁବନେଶ୍ୱର

ଧ-୧୦୦୮୬

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ସୁରେନ୍ଦ୍ରନାଥ ମିଶ୍ର**

ସ୍ୱର୍ଗାରୋହଣ: ତା୧୨।୧୨।୨୦୧୮
ଦଶାହ: ତା ୨୧।୧୨।୨୦୧୮
ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରାନ୍ତୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।

ଧ-୧୦୧୨୯

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର**

ଆବିର୍ଭାବ: ୨୩।୦୯।୧୯୫୩
ତିରୋଧାନ: ୧୨।୧୨।୨୦୧୬
ରୂପଦେଇପୁର, ପୁରୀ
ତୁମର ଅମର ଆତ୍ମାର ସଦ୍‌ଗତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏହା ଆତ୍ମମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ-ବିନୋଦିନୀ, ପୁଅ-ଗତିକୃଷ୍ଣ, ଦ୍ୱୀତିକୃଷ୍ଣ, ବୋହୂ-ଅଞ୍ଜନା, ନାତୁଣୀ-ଆଭା।

ଧ-୬୫୪୦୮

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ । ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଳଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ ।
–ଶ୍ରୀମା



# ସତର୍କ ଘଣ୍ଟି

ଦେଶରେ ଚାଷୀମାନଙ୍କ ଦୁର୍ଦ୍ଦଶା ଓ ଚାଷୀ ଅସନ୍ତୋଷ ବଢ଼ିବା ଯୋଗୁ କୃଷି ଋଣ ଛାଡ଼ ଓ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ପରି ପ୍ରସଙ୍ଗ ସବୁଆଡ଼େ ଚର୍ଚ୍ଚାରେ ଅଛି । ଚାଷୀମାନଙ୍କର ବିପଦବେଳେ ତାଙ୍କୁ ଉପେକ୍ଷା କରିବା ରାଜନୈତିକ ଦଳଗୁଡ଼ିକ ପାଇଁ ଆତ୍ମଘାତୀ ହୋଇପାରେ ବୋଲି ସେମାନେ ଏବେ ବୁଝିପାରିଛନ୍ତି । ଭାଜପା ହେଉଛି ଏହାର ଏକ ଉଦାହରଣ, ଯିଏ ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟରେ ସଦ୍ୟ ବିଧାନସଭା ନିର୍ବାଚନରେ ହାରିଯାଇଛି । ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ମାତ୍ର ଦୁଇଘଣ୍ଟା ପରେ କମଲନାଥ କୃଷିଋଣ ଛାଡ଼ କରିବାକୁ ଘୋଷଣା କରିଛନ୍ତି । ପରେ ପରେ ଛତିଶଗଡ଼ ଓ ରାଜସ୍ଥାନ ମଧ୍ୟ ତାହା କରିଛନ୍ତି । ଏପରି କି ଭାଜପା-ଶାସିତ ଆସାମ ମଧ୍ୟ ପଛରେ ପଡ଼ିନାହିଁ । ଏହା ମଧ୍ୟ ରାଜ୍ୟରେ କୃଷିଋଣ ଛାଡ଼ କରିଛି । ଛତିଶଗଡ଼ ସରକାର ଆଉ ପାଦେ ଆଗେଇଯାଇ ଧାନର ସହାୟକ ମୂଲ୍ୟ ୫୦୦ ଟଙ୍କାରୁ ଅଧିକ ବୃଦ୍ଧି କରି କୁଇଣ୍ଟାଲ ପିଛା ୨୫୦୦ ଟଙ୍କା କରିଛି । ତେବେ ଏହା ସତ୍ୟ ଯେ, ଏହି କୃଷି ଋଣ ଛାଡ଼ ଓ ସହାୟକ ମୂଲ୍ୟ ବୃଦ୍ଧି ଦ୍ୱାରା କୃଷକମାନଙ୍କ ଦୁଃଖ ଦୂର ହୋଇପାରିବ ନାହିଁ । ଅବଶ୍ୟ ଏହା ଭୋଟ ପାଇବାରେ ସହାୟକ ହେବ । ଭଲ ହେଉ ବା ଖରାପ ଏହି ଲୋକପ୍ରିୟ ପଦକ୍ଷେପ ୨୦୧୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଜାରି ରହିବ ।

ତେବେ ଏହିସବୁ ପଦକ୍ଷେପ ଦେଶର ଅର୍ଥନୀତି ଉପରେ ନିଶ୍ଚୟ ପ୍ରଭାବ ପକାଇବ । ଋଣ ଛାଡ଼ ଏକ ରାଜନୈତିକ ନିଷ୍ପତ୍ତି ଯାହା ଦେଶର ଅର୍ଥନୀତିରେ ଘୋର ଅସନ୍ତୁଳନ ସୃଷ୍ଟି କରିବ । କିନ୍ତୁ ସହାୟକ ମୂଲ୍ୟ ବୃଦ୍ଧି ଅନେକ ଜଟିଳତା ସୃଷ୍ଟି କରିବ । ପଡ଼ୋଶୀ ରାଜ୍ୟରୁ ଧାନ ସଂଗ୍ରହର ଢାଞ୍ଚା ଓ ଧରଣକୁ ଏହା ପ୍ରଭାବିତ କରିବ । ଛତିଶଗଡ଼ ଆଶା ରଖିଛି ଏବର୍ଷ ଧାର୍ଯ୍ୟ ଲକ୍ଷ୍ୟ ୫୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ସଂଗ୍ରହ କରିବ । ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ପରି ପଡ଼ୋଶୀ ରାଜ୍ୟର କୃଷକମାନେ ସେମାନଙ୍କର ଉତ୍ପାଦିତ ଧାନକୁ ଛତିଶଗଡ଼ରେ ବିକି ସେମାନଙ୍କ ଅଧିକ ସହାୟକ ମୂଲ୍ୟର ଫାଇଦା ନେବାକୁ ଆଗ୍ରହ ପ୍ରକାଶ କରିବେ । ଏହା ଓଡ଼ିଶାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣକୁ ବ୍ୟାହତ କରିବ । ପାରମ୍ପରିକ ଭାବେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବେପାରୀମାନେ ଆମ ରାଜ୍ୟର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାର ଫାଇଦା ନେଇ ସମାନ୍ତରାଳ ଧାନ ସଂଗ୍ରହ ଅଭିଯାନ ଚଳାଇଥାନ୍ତି । ମଣ୍ଡି ଖୋଲିବାରେ ବିଳମ୍ବ ଓ ମଣ୍ଡିଗୁଡ଼ିକୁ ସଅଳ ବନ୍ଦ କରିଦେବା ଯୋଗୁ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ବେପାରୀମାନେ ଆମ ରାଜ୍ୟର କୃଷକଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣିବାକୁ ଉତ୍ସାହିତ ହୋଇଥାନ୍ତି । ଧାନ ସଂଗ୍ରହରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ଏଠାରେ ଗୋଟିଏ ବି ବର୍ଷ ନାହିଁ, ଯେଉଁ ବର୍ଷ ବିନା ସମସ୍ୟାରେ ସ୍ୱଚ୍ଛନ୍ଦରେ ଧାନ ସଂଗ୍ରହ ହୋଇଛି । ମାତ୍ରାଧିକ କାଗଜପତ୍ର କାମ, ମଣ୍ଡି ଖୋଲିବାରେ ବିଳମ୍ବ, ନିୟନ୍ତ୍ରିତ ବଜାର କମିଟିରେ ଅବ୍ୟବସ୍ଥା ଏବଂ ମିଲରମାନଙ୍କ ଉପର ମହଲରେ ଥିବା ଲମ୍ବା ହାତ ତଥା ପ୍ରଶାସନର ଉଦାସୀନତା ଏହି କାର୍ଯ୍ୟକ୍ରମକୁ କ୍ଷତି ପହଞ୍ଚାଇଥାଏ । ଇତିମଧ୍ୟରେ ଧାନ ସଂଗ୍ରହରେ ଥିବା ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଚେଷ୍ଟା କରାଯାଇଛି, ଯଥା କାଗଜପତ୍ର କାମକୁ ସରଳ କରାଯାଇଛି ଏବଂ ଠକ ମିଲରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତଥାପି ଏପରି ଅନେକ ସମସ୍ୟା ରହିଯାଇଛି, ଯାହାର ନିରାକରଣ ହେବା ନିହାତି ଦରକାର ।

## ଆଜିର ଅର୍ଥନୀତି

ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରାଯିବା ଯୋଗୁ ସେ ରାଜ୍ୟର ବେପାରୀ ଓ ମଧ୍ୟସ୍ଥମାନେ ଓଡ଼ିଶାର ଧାନକୁ ଟାର୍ଗେଟ୍ କରିବେ, ଯେଉଁଠି କୁଇଣ୍ଟାଲ ପିଛା ୧୫୫୦ ଟଙ୍କାରେ ଧାନ ମିଳୁଛି । ଯଦି ଓଡ଼ିଶା ସରକାର ଆବଶ୍ୟକ ତ୍ୱରିତ ପଦକ୍ଷେପ ନ ନିଅନ୍ତି, ତେବେ ରାଜ୍ୟ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ କରିବାରେ ସଫଳ ନ ହୋଇପାରେ । ଏଠାରୁ ବେପାରୀମାନେ କମ୍ ଦରରେ ଧାନ କିଣି ଛତିଶଗଡ଼ରେ ଅଧିକ ମୂଲ୍ୟରେ ବିକ୍ରି କରିବେ । ପଶ୍ଚିମ ଓଡ଼ିଶାର ଚାଷୀମାନେ ଦଲାଲ ଓ ମଧ୍ୟସ୍ଥମାନଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହୀ ହେବେ । ତେବେ ସେମାନଙ୍କୁ ପୂରା ସହାୟକ ମୂଲ୍ୟ ମିଳିବାର କୌଣସି ନିଶ୍ଚୟତା ନାହିଁ । ବିଶେଷତଃ କଳାହାଣ୍ଡି, ନୂଆପଡ଼ା ଓ ନବରଙ୍ଗପୁର ପରି ସୀମାନ୍ତ ଜିଲାର କୃଷକମାନେ ସବୁଠାରୁ ବେଶି ପ୍ରଭାବିତ ହେବେ । ଏପରି କି ଓଡ଼ିଶାର ମିଲରମାନେ ମଧ୍ୟ ରାଜ୍ୟରୁ ଧାନ କିଣି ଛତିଶଗଡ଼ର ବେପାରୀଙ୍କୁ ବିକିବା କିଛି ଅସମ୍ଭବ ନୁହେଁ । ତେବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ଓଡ଼ିଶାର ଚାଷୀ ଯାହାକୁ ଇଚ୍ଛା ତାକୁ ଧାନ ବିକ୍ରି କରିବାରେ କୌଣସି ବାଧା ନାହିଁ ବୋଲି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ବେପାରୀମାନଙ୍କୁ ଉତ୍ସାହିତ କରିବ । ଏପରି ଦାୟିତ୍ୱହୀନ ମନ୍ତବ୍ୟ ଧୂସର ବଜାର (ଅଭାବୀ ବିକ୍ରି)କୁ ଉତ୍ସାହିତ କରିବା ସହ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ଦୁର୍ବଳ କରିବ ଏବଂ କୃଷକମାନଙ୍କ ପାଇଁ କ୍ଷତିକାରକ ହେବ । ସୁତରାଂ ରାଜ୍ୟ ସରକାର ପାଇଁ ଏହା ଏକ ସତର୍କ ଘଣ୍ଟି । ଏ ପରିସ୍ଥିତିରେ ସମ୍ଭାବ୍ୟ ଦୁଃସ୍ଥିତି ସମ୍ପର୍କରେ ଅନୁମାନ କରି ସରକାର ବିହିତ ପଦକ୍ଷେପ ନେବା ଆବଶ୍ୟକ ।

## ଚିରନ୍ତନୀ

ଯେତେ କୋଟି ଯାତ୍ରୀ-ପଦ ପଡିଛି ଏ ମନ୍ଦିର ଦୁଆରେ
ଭବିଷ୍ୟତେ ଯେତେ ପୁଣି ଲାଗିବ ଏ ପାଷାଣ ହିୟାରେ
ନ ରହିବ ଇତିହାସ ନ ରହିବ ଚିହ୍ନ,
ଏ ପାଷାଣ ଗାତ୍ର କାହିଁ ନୋହିବ ବିଦୀର୍ଣ୍ଣ,
କିନ୍ତୁ ସେ ଯେ ବିଶ୍ୱାସ ଭକତି
ତା' ଉଦ୍ଦେଶ୍ୟେ ଜଣାଏଁ ମୁଁ ନତି !
ମାନବ-ଜୀବନେ
ଅମୂଲ୍ୟ ସେ ଧନ
ନମସ୍କାର
ବାରମ୍ବାର ।

(ପୁରୀ-ମନ୍ଦିର)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | 0 | | | B | | | | | | 7 | | 9 |
| 9 | | | | | | | | 4 | | | 0 | | 6 | |
| | | C | | | | | 2 | | 5 | 6 | | | 1 | |
| 3 | | | | | 8 | | | | | E | | | D | |
| 7 | A | D | | E | 9 | | | | | | | | | |
| | | | 5 | | | 0 | 9 | | | A | | | | |
| | | | | 6 | 7 | 2 | | | | | | | 5 | |
| D | | | A | | B | | | 3 | | | 6 | 0 | E | 8 |
| | | 4 | | | 1 | | 8 | | 7 | 3 | | | A | |
| B | 7 | | | | D | | | | | | | | 4 | |
| | B | | | 4 | | 8 | 6 | | | C | D | | 0 | |
| | | | | | | 7 | | | 0 | | B | | C | D |
| 8 | | 0 | | 5 | 3 | | | | | | | | | |
| | 9 | 6 | 1 | | | | B | C | | | A | | | 7 |
| E | | | | | | | 1 | | 6 | 4 | 7 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 8 | C | 1 | 0 | 3 | 7 | E | 2 | 6 | 9 | A | 5 | B |
| 6 | A | 5 | 3 | 9 | 8 | 1 | C | B | D | 4 | 0 | 7 | 2 | E |
| 3 | 1 | E | 5 | B | 2 | 9 | 4 | 0 | 7 | C | A | D | 8 | 6 |
| 2 | 0 | 9 | 6 | E | 7 | 8 | D | A | 3 | B | 5 | C | 1 | 4 |
| B | C | 7 | A | D | 4 | 5 | 2 | 6 | 1 | 8 | E | 9 | 0 | 3 |
| 5 | 3 | 6 | E | C | A | 2 | B | 1 | 8 | 0 | D | 4 | 7 | 9 |
| 9 | D | 0 | 4 | 2 | 5 | A | 6 | 8 | E | 7 | B | 1 | 3 | C |
| C | 2 | B | 0 | 3 | 1 | 7 | 9 | 4 | 5 | A | 6 | 8 | E | D |
| 8 | E | A | B | 7 | 9 | D | 3 | C | 4 | 1 | 2 | 0 | 6 | 5 |
| 4 | 7 | 1 | D | 8 | 6 | E | 0 | 5 | 9 | 3 | C | 2 | B | A |
| A | 8 | 3 | 9 | 4 | E | B | 5 | 7 | 0 | D | 1 | 6 | C | 2 |
| 0 | 9 | 2 | 7 | 5 | C | 6 | 8 | 3 | A | E | 4 | B | D | 1 |
| E | B | 4 | 8 | 6 | D | 0 | 1 | 2 | C | 9 | 3 | 5 | A | 7 |
| 7 | 5 | C | 1 | A | B | 4 | E | D | 6 | 2 | 8 | 3 | 9 | 0 |
| 1 | 6 | D | 2 | 0 | 3 | C | A | 9 | B | 5 | 7 | E | 4 | 8 |

ଗତକାଲିର ଉତ୍ତର

# ଦଦରା ହେଲାଣି ଶାସନ-ନାବ



ବିପିନ ବିହାରୀ ମିଶ୍ର

ତିରିଶ ଚାଳିଶ ବର୍ଷ ତଳେ ଅନେକ ବୟସ୍କ ବ୍ୟକ୍ତି କହୁଥିଲେ, ''ଯାହା କୁହ ବ୍ରିଟିଶ ଶାସନ ଭଲ ଥିଲା । ବାଘ, ଛେଳି ଏକା ଘାଟରେ ପାଣି ପିଉଥିଲେ ।'' ଏ ମନ୍ତବ୍ୟ କେତେକାଂଶରେ ସତ । ଆମେମାନେ ଚାକିରିରେ ପ୍ରବେଶ କଲାବେଳେ (୧୯୬୭) ଥାନାବାବୁ ଜଣେ କନ୍‌ଷ୍ଟେବଳ ହାତରେ ୨୦ଟା ୱାରେଣ୍ଟ ଧରେଇ ଆଦେଶ ଦିଅନ୍ତି ସେମାନଙ୍କୁ ନେଇଆସ । କନ୍‌ଷ୍ଟେବଳ ଗୋଟିଏ ଗାଁରେ ବସି ଗାଁ ଚୌକିଦାରମାନଙ୍କୁ ଡକାନ୍ତି ଏବଂ ସେମାନେ ୱାରେଣ୍ଟ ଜାରି ହୋଇଥିବା ଲୋକମାନଙ୍କୁ ଡାକିଆଣନ୍ତି । କନ୍‌ଷ୍ଟେବଳ ସେମାନଙ୍କୁ ଚଲେଇ ଚଲେଇ ନେଇଆସନ୍ତି ରାସ୍ତା ପର୍ଯ୍ୟନ୍ତ ଓ ସେଠାରେ କୌଣସି ଘରୋଇ ବସ୍ କିମ୍ବା ଖାଲି ଟ୍ରକ୍‌ରେ ବସେଇ ଥାନା ପର୍ଯ୍ୟନ୍ତ ନେଇଆସନ୍ତି । ବିନା ଖର୍ଚ୍ଚରେ ଆଣିବା ପାଇଁ ବାଧ ହେଉଥିଲେ, କାରଣ ସରକାର ସେମାନଙ୍କୁ ଆଣିବା ପାଇଁ ପଇସା ଦିଅନ୍ତି ନାହିଁ । ପୁଣି ଥାନାରେ ରହିଲେ ସାରାଦିନ ପାଇଁ ତାଙ୍କ ଖାଇବା ଖର୍ଚ୍ଚ ଦିଆଯାଏ ଷାଠିଏ ପଇସା । ସେ ପଇସା ପୁଣି ହାତରୁ ଦିଆଯାଇଥାଏ ଓ ପରେ ଏସ୍‌ଡିଓଙ୍କ ଅଫିସକୁ ଦୁଇ ଚାରିଥର ଧାଇଁଲେ ମିଳେ । କନ୍‌ଷ୍ଟେବଳ ଡକେଇଲେ ମନାକରିବା କିମ୍ବା ଡାକୁଥିବା ବେଳେ ପଳେଇବା ଏଭଳି ଘଟଣା ଥିଲା ବିରଳ । କାରଣ ଲୋକଙ୍କ ଧାରଣା ଥିଲା, ଯମ କବଳରୁ ରକ୍ଷା ମିଳିପାରେ ପୋଲିସ କବଳରୁ ନୁହେଁ ।

ସେ କାଳ ପଖାଳ ନାହିଁ । ଦୁଇଜଣ ଲୋକଙ୍କୁ ଆଣିବାକୁ ହେଲେ ୪ ଜଣ ପୋଲିସ ଯିବାକୁ ପଡୁଛି, କାରଣ ହାତକଡି ପକାଇବା ମନା । ତେଣୁ ହାତ ଧରି ଆଣିବାକୁ ପଡ଼ିବ । ଲୋକମାନେ ମଧ୍ୟ କହୁନାହାନ୍ତି ବିଦେଶୀ ଶାସନ ଭଲ ଥିଲା କି ନାହିଁ, ଏବେ କୁହାଯାଉଛି ଅମୁକ ପାର୍ଟିର ଶାସନ ଭଲ ଥିଲା । କିନ୍ତୁ ଏକା ସାଙ୍ଗେ ବାଘ ଛେଳି ପାଣି ପିଇବା କଥା ନ କହି କୁହାଯାଉଛି କିଏ ରାସ୍ତା କଲା, ନଳକୂପ ବସାଇଲା, ଆମ ପିଲାଙ୍କୁ ଚାକିରି ଦେଲା ଇତ୍ୟାଦି । କେବଳ ଆଇନଶୃଙ୍ଖଳା ରକ୍ଷାକରିବା ସର୍ବସାଧାରଣଙ୍କ ପାଇଁ ବଡ଼ କଥା ନୁହେଁ, ବଡ଼ କଥା ଆର୍ଥିକ ଉନ୍ନତି, ସାମାଜିକ ନ୍ୟାୟ ଓ ରାଜନୈତିକ ସଶକ୍ତୀକରଣ । ଲୋକେ ଚାହୁଁଛନ୍ତି ପ୍ରତ୍ୟେକ ସ୍ତରରେ କ୍ଷମତାରେ ଭାଗ ନେବା ପାଇଁ । ସେଥିପାଇଁ ହୋଇଛି ପଲ୍ଲିସଭା, ଗ୍ରାମସଭା, ପଞ୍ଚାୟତ ଅନୁଷ୍ଠାନ ଇତ୍ୟାଦି । ଦେଶ ଓ ରାଜ୍ୟର ଉନ୍ନତି ମାନେ ନୁହେଁ ଯେ କେବଳ ବଡ଼ ବଡ଼ ଶିଳ୍ପ ବସେଇଦେବା, ପଛୁଆ ବର୍ଗଙ୍କ ଉନ୍ନତିକୁ ଉପେକ୍ଷା କରି । ଆର୍ଥିକ, ରାଜନୈତିକ, ସାମାଜିକ କ୍ଷେତ୍ରରେ ସବୁ ବର୍ଗଙ୍କର ଉନ୍ନତି କରିବା ଏକ ସାମାଜିକ ଆହ୍ୱାନ । ସେଥିପାଇଁ ସବୁ ସରକାର ଚେଷ୍ଟିତ ।

ଦେଶ ସ୍ୱାଧୀନ ହେବାବେଳେ ଆମ ଜନସଂଖ୍ୟା ଥିଲା ପ୍ରାୟ ୩୫ କୋଟି । ବର୍ତ୍ତମାନ ପ୍ରାୟ ୧୩୫ କୋଟିରେ ପହଞ୍ଚିଲାଣି । ସମାଜ ଥିଲା କୃଷିଭିତ୍ତିକ ଏବଂ କୃଷକମାନେ ନିର୍ଭର କରୁଥିଲେ ଇନ୍ଦ୍ର ଦେବତାଙ୍କ ଦୟା ଉପରେ । ଫସଲ ଭଲ ହେଲେ ମଧ୍ୟ ତାହା ହାଟରେ ପହଞ୍ଚିବା ଏକ ସମସ୍ୟା ଥିଲା । ବିନା ଜଳ ଓ ସାରରେ ଫସଲ ଅମଳ ମଧ୍ୟ କମ୍ ହେଉଥିଲା । ଜମିଦାରମାନେ ଅଧିକାଂଶ ଜମିକୁ ହାତମୁଠାରେ ରଖିଥିଲେ । ସରକାର ଦେଖିଲେ ଜମିଦାରି ବ୍ୟବସ୍ଥାକୁ ଉଚ୍ଛେଦ ନ କଲେ କୃଷିର ଉନ୍ନତି ହେବ ନାହିଁ । କାରଣ କୃଷକର କଷ୍ଟୋପାର୍ଜିତ ଫସଲର ଅଧାରୁ ଅଧିକ ଭାଗ ନେଉଥିଲେ ଜମିଦାର । ହାତମୁଠାରେ ଥିବା କୃଷକ ଜମିଦାରଙ୍କର ରାଜନୈତିକ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ ହେଉଥିଲା । ଆମ ଦେଶରେ ଭୂସଂସ୍କାର କରି ଜମିଦାରି ପ୍ରଥାକୁ ଉଚ୍ଛେଦ କରାଗଲା । ପରେ ଭାଗଚାଷୀ ଉଚ୍ଛେଦ ଆଇନ ପ୍ରଣୟନ ହେଲା । ପାକିସ୍ତାନ ତାହା ନ କରିବାରୁ ତାଙ୍କ ଦେଶକୁ ଶାସନ କରୁଛନ୍ତି ସୈନ୍ୟବାହିନୀ, ମୁଲ୍ଲା, ମୌଲବୀ ଓ ପୃଷ୍ଠଭୂମିରେ ଅଛନ୍ତି ଦଶବାର ଜଣ ବଡ଼ ବଡ଼ ଜମିଦାର । ପଣ୍ଡିତ ନେହେରୁ କେତୋଟି ବୃହତ୍ ଶିଳ୍ପ ସ୍ଥାପନ କଲେ, ନଦୀବନ୍ଧ ବାନ୍ଧିଲେ ଏବଂ ରାସ୍ତା ତିଆରି କଲେ । ସେତେବେଳର ଗରିବ ଭାରତ ପାଇଁ ଏସବୁର ଆବଶ୍ୟକତା ଥିଲା । ସରକାରଙ୍କ ଅର୍ଥନୀତି ଓ କୌଶଳ ବିଭିନ୍ନ ନେତାଙ୍କର ଆଭିମୁଖ୍ୟ ଓ ବିଭିନ୍ନ ଦଳର ଦର୍ଶନଙ୍କୁ ନେଇ ବଦଳିଲା ।

ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଲେ ନରସିଂହ ରାଓ, ଯାହାକୁ କହିହେବ ଆର୍ଥନୀତିକ ସ୍ୱାଧୀନତା । ଆଧୁନିକୀକରଣ ଓ ବୈଷୟିକ କୌଶଳର ମୂଳଦୁଆ ପକାଇଲେ ରାଜୀବ ଗାନ୍ଧୀ । ଏ ସମସ୍ତ ପ୍ରକ୍ରିୟା ପ୍ରଶାସନିକ କଳର ଦାୟିତ୍ୱ ବହୁ ପରିମାଣରେ ବଢ଼େଇଦେଲା । ଇଂରେଜ ଅମଳରେ ଓ ସ୍ୱାଧୀନତା ପରେ ଅଳ୍ପ କେତେବର୍ଷ ପର୍ଯ୍ୟନ୍ତ ପ୍ରଶାସନିକ ଦାୟିତ୍ୱ ଥିଲା ଆଇନଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା ଓ ରାଜସ୍ୱ ଆଦାୟ କରିବା । ଏବେ ଦାୟିତ୍ୱ ବଢ଼ିଲା, ଦରମା କମିଲା ।

ଅନେକ ଆଇଏଏସ୍, ଆଇପିଏସ୍, ଆଲାଏଡ ଅଫିସର ଆଇଆଇଟି, ଆଇଆଇଏମ୍ କରି ଆସୁଛନ୍ତି । ତାଙ୍କ ସହପାଠୀମାନେ ୨୫ରୁ ୩୦ ଲକ୍ଷ ଟଙ୍କା (ବର୍ଷକୁ) ଦରମାରେ ଚାକିରି ଆରମ୍ଭ କରୁଛନ୍ତି । ଏମାନଙ୍କ ଦରମା ବାର୍ଷିକ ଚାରି ପାଞ୍ଚ ଲକ୍ଷରୁ କମ୍ । ପୁଣି ପ୍ରବେଶ ବର୍ଷକୁ ବଢ଼େଇ ଦେବାରୁ ୩୫ରୁ ୩୬ ବର୍ଷରେ ମଧ୍ୟ ଚାକିରି ଆରମ୍ଭ କରୁଛନ୍ତି । ଯିଏ ଏତେ ପରିଣତ ବୟସରେ ଚାକିରି କଲା ସେ ନିଶ୍ଚୟ ଚାରି ପାଞ୍ଚ ଜାଗାରେ ଚାକିରି କରି ଆସିଥିବ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ କଳୁଷିତ । ପ୍ରଶାସନରେ ଥିବା ସବୁ ଗୋଷ୍ଠୀର ଅଫିସରଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ଛାଡିଦେଲେ ବାକି ସମସ୍ତଙ୍କ ନୈତିକ ମାନ କମ୍ । ଏମାନେ ନେତା, ମନ୍ତ୍ରୀଙ୍କ ସହିତ ମିଶି ଲୁଟ୍‌ତରାଜ କରନ୍ତି କିମ୍ବା ଏଥିରେ ସାହାଯ୍ୟ କରନ୍ତି । ଯେଉଁମାନେ ନିରପେକ୍ଷ ଓ ସଚ୍ଚୋଟ ସେମାନଙ୍କ ପାଇଁ ଶ୍ରଦ୍ଧା ଥାଏ କିନ୍ତୁ ସେମାନେ ଉପେକ୍ଷିତ ହୁଅନ୍ତି । ମୋର ଜଣେ ଘନିଷ୍ଠ ବନ୍ଧୁ ଏକଦା ମନ୍ତ୍ରୀ ହୋଇଥିଲେ ଓ ସେ ଜଣେ ସଚ୍ଚୋଟ ଅଫିସରଙ୍କୁ ବଦଳି କରିବାରୁ ମୁଁ ପଚାରିଲି ଓ ସେ କହିଲେ ଭାଇ ତୁମ ସଚ୍ଚୋଟପଣିଆକୁ ନେଇ ଆମେ କ'ଣ କରିବୁ, ଆମର କାମ ଦରକାର ।

ଠିକ୍ କଥା ତାଙ୍କର କାମ ଦରକାର । କାମ କଲେ ମିଳିବ ଭୋଟ । ତୁଳନା କରନ୍ତୁ ୧୯୩୦ ମସିହାର ଏକ ଘଟଣା ସହିତ । ଗଙ୍ଗାରାମ କଉଲା ବୋଲି ଜଣେ ଏ.ଜି. ଥିଲେ । ସେତେବେଳର ଭାରତ ସରକାରଙ୍କର ଅର୍ଥ ବିଭାଗ ସଦସ୍ୟ (ଅର୍ଥାତ୍ ମନ୍ତ୍ରୀ), ନିୟମ ଅନୁସାରେ ଯେତିକି କିଣିବା କଥା, ତାଠୁ ବେଶି ଦରରେ ଗୋଟିଏ ଗାଲିଚା କିଣି ପକେଇଲେ । ଗଙ୍ଗାରାମ କଉଲା ଆଦେଶ ଦେଲେ ଯେ ଅଧିକା ପଇସା ତାଙ୍କ ଦରମାରୁ କଟାଯାଉ । ଭୀଷଣ ରାଗିଯାଇ ମନ୍ତ୍ରୀ କଉଲାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଲେଖିଲେ ଯେ ସେ ଏ.ଜି. ପଦବୀ ପାଇଁ ଅଯୋଗ୍ୟ । ଉପରିସ୍ଥ କର୍ମଚାରୀ ଯଦିବା ଇଂରେଜ, ସେ କଉଲାଙ୍କୁ ସମର୍ଥନ କଲେ, ତେଣୁ ତାଙ୍କର କିଛି କ୍ଷତି ହେଲାନାହିଁ ।

ମନ୍ତ୍ରୀ ବିଧାନସଭା କିମ୍ବା ସଂସଦ ମାଧ୍ୟମରେ ଆଇନ କରନ୍ତି କିନ୍ତୁ ଆଇନକୁ କାର୍ଯ୍ୟକାରୀ କରନ୍ତି ସରକାରୀ କର୍ମଚାରୀ । ସେହି ସ୍ତରରେ ମତଭେଦ, ମନୋମାଳିନ୍ୟ, ସଂଘର୍ଷ ଏବଂ ବଦଳିର ସମ୍ଭାବନା ଥାଏ । କିନ୍ତୁ ଏବେ ଅନେକ ଅଧିକାରୀ (ବିଭିନ୍ନ ବିଭାଗରେ) ସ୍ରୋତ ସାଙ୍ଗେ ଭାସୁଛନ୍ତି । ଗୋଟିଏ ଦଳ ମନ ଜାଣି କାମ କରନ୍ତି, ତାଙ୍କୁ କିଛି କହିବା ଦରକାର ନାହିଁ । ଏମାନଙ୍କୁ ନେବା ପାଇଁ ସମସ୍ତେ ଇଚ୍ଛୁକ । ୨ୟ ଦଳ ଯିଏ କହିଲେ ଇଚ୍ଛା ଅନୁସାରେ କାମ କରିଦେବେ । ଏମାନଙ୍କର ମଧ୍ୟ ଆବଶ୍ୟକତା ଅଛି । ୩ୟ ଦଳ ପ୍ରତିବାଦ କରିବେ କିନ୍ତୁ ଧମକ, ପ୍ରଲୋଭନ ଦେଖେଇଲେ ନଇଁଯିବେ । ୪ର୍ଥ ହେଲେ ଅଟଳ ଗୋଷ୍ଠୀ । ଏମାନେ ଫୁଟ୍‌ବଲ ଭଳି କିକ୍ ଖାଉଥିବେ ଓ ଅନାବଶ୍ୟକ ହୋଇ ରହିଯିବେ, ଯଦିବା ମୁଣ୍ଡଟେକି ସେମାନେ ଚାଲିପାରନ୍ତି । ଆମ୍ଭେମାନେ ଯେତେବେଳେ ଚାକିରିରେ ଯୋଗ ଦେଲୁ (୧୯୬୭) ସେତେବେଳେ ଉଚ୍ଚ ସ୍ତରରେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ସଂଖ୍ୟା ଗଣି ହେଉଥିଲା । ଏବେ ସଚ୍ଚୋଟ କର୍ମଚାରୀଙ୍କ ସଂଖ୍ୟା ଗଣି ହେଉଛି । ୧୯୬୭ ପରେ ବାରମ୍ବାର ତଦନ୍ତ କମିଶନ ବସିଲା । ଜରୁରିକାଳୀନ ପରିସ୍ଥିତି ସମୟରେ କର୍ମଚାରୀଙ୍କ ନାକରେ ରଶି ଲଗେଇ ଘୋଷାଡିବା ପୁଣି ୭୭ ମସିହାରେ ସେମାନଙ୍କୁ ତଦନ୍ତ କମିଶନ ଆଗରେ ଠିଆ କରେଇ ଅପ୍ରସ୍ତୁତ ଓ ଲଙ୍ଗଳା କରିବା ସେମାନଙ୍କ ମନୋବଳ ଭାଙ୍ଗିଦେଇଛି । ଏବେ ବାରମ୍ବାର ରାଜନୈତିକ ହସ୍ତକ୍ଷେପ ଦ୍ୱାରା ଇଂରେଜ ସମୟରେ ହୋଇଥିବା ଶକ୍ତ ନୌକାଟି ଦଦରା ନାବରେ ପରିଣତ ହେଲାଣି । ଅନେକ କମିଶନ ବସିଲାଣି କିନ୍ତୁ ସେମାନଙ୍କ ପ୍ରସ୍ତାବଗୁଡ଼ିକ କେବଳ ଉଇ ପଡୁଛନ୍ତି । ଯଦି ଦୁର୍ନୀତି ଓ କାର୍ଯ୍ୟଭାର କମିଯିବ ଏବଂ ଯୁବ ବୟସରୁ ପିଲାଙ୍କୁ ଚାକିରିରେ ନିଆଯିବ ତେବେ ଅବସ୍ଥା ସୁଧୁରିପାରେ ।

ପୂର୍ବତନ ଡିଜି, ମୋ-୯୦୪୦୪୧୨୩୭୮

# କିଛି ନ ଜାଣି ବାହୁସ୍ଫୋଟ



ପ୍ରେମାନନ୍ଦ ନାୟକ

ନିକଟ ଅତୀତରେ ନିଜକୁ ପ୍ରଥମେ ସାମ୍ବାଦିକ ଓ ପରେ ଗବେଷକ କହୁଥିବା ଜଣେ ଅନାମଧେୟ ବ୍ୟକ୍ତି ଅଭିଜିତ ଆୟାର ମିତ୍ର ଓଡ଼ିଆ ଭାଷା, ଜାତି, ସଂସ୍କୃତି, ଐତିହ୍ୟ ଓ ବିଧାୟକମାନଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇ ୪୩ ଦିନ ହାଜତରେ ରହିବା ପରେ କୋର୍ଟରୁ ଜାମିନ ପାଇ ଚେନ୍ନାଇ ଫେରିଯାଇଛନ୍ତି । ନିଜର ସେହି ଭୁଲ ପାଇଁ ସେ କ୍ଷମା ମାଗିବା ପରେ ଓଡ଼ିଶା ସରକାର ମଧ୍ୟ ନିଜର ମହାନୁଭବତା ପ୍ରଦର୍ଶନ କରି ତାଙ୍କୁ କ୍ଷମା କରିଦେଇଛନ୍ତି । ଅଭିଜିତ ପିଲାଦିନେ ଗୁରୁମା'ଙ୍କ ଚେତାବନୀକୁ ସ୍ମରଣକରି ଅନୁତାପ ମଧ୍ୟ କରିଛନ୍ତି ।

ଅନ୍ୟ ଜଣେ ପ୍ରଗଲ୍‌ଭ ବ୍ୟକ୍ତି ମାର୍କଣ୍ଡେୟ କାଟ୍‌ଜୁ ପ୍ରାୟ ଦୁଇବର୍ଷ ତଳେ ଓଡ଼ିଆ ଭାଷା, ଜାତି, ସଂସ୍କୃତିକୁ ନିନ୍ଦାକରି ମନ୍ତବ୍ୟ ଦେବା ପରେ ନିଜର ଭୁଲ ପାଇଁ ଦୁଃଖ ପ୍ରକାଶ କରିଥିଲେ । ଏବେ ଅଭିଜିତ ଆୟାର ମିତ୍ର ୪୩ ଦିନ ଓଡ଼ିଶା ଜେଲରେ ରହି ମୁକୁଳିବା ପରେ କାଟ୍‌ଜୁଙ୍କର ସେହି ତୁଣ୍ଡ ପୁଣି ଖଲଖଲ ହେଲାଣି । ସେ ଖୋଲାଖୋଲି ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କୁ ଚାଲେଞ୍ଜ କରି ସାହସ ଥିଲେ ତାଙ୍କୁ ବି ଗିରଫକରି ୪୩ ଦିନ ଜେଲରେ ରଖିବାକୁ ଟୁଇଟରରେ ଉଲ୍ଲେଖ କରିଛନ୍ତି । ସେ ବୋଧହୁଏ ଅତୀତରେ ନିଜର ଦୁଃଖ ପ୍ରକାଶ ବିଷୟ ଭୁଲି ଯାଇଛନ୍ତି ।

ଦେଶରେ କାଟ୍‌ଜୁଙ୍କ ଭଳି କେତେକ ତଥାକଥିତ ବୁଦ୍ଧିଜୀବୀ ଅଛନ୍ତି, ଯେଉଁମାନେ ବାକ୍ ସ୍ୱାଧୀନତାର ଦ୍ୱାହିଦେଇ ବହୁତ ବକ୍‌ବକ୍ କରନ୍ତି ଏବଂ ପରେ ସମାଲୋଚନା ହେଲେ ନିଃସର୍ତ୍ତ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରନ୍ତି । ଅତୀତରେ ସେହି କାଟ୍‌ଜୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସମାଲୋଚନା କରି ଯେଉଁ ହଟହଟା ହୋଇଥିଲେ ତାହା ଜଣାଶୁଣା । ଏହା ତାଙ୍କର ଅଭ୍ୟାସଗତ କହିଲେ ଚଳେ । ଏସବୁର ଏକମାତ୍ର କାରଣ ହେଉଛି ଏହି ଶ୍ରେଣୀର ବ୍ୟକ୍ତିମାନେ ନିଜକୁ ସବ୍‌ଜାନ୍ତା ବା ସର୍ବଜ୍ଞ ମନେ କରନ୍ତି । ବିଦେଶୀ (ଇଂଲିଶ) ଭାଷା ପଢ଼ି ଆଇନ ବିଦ୍ୟା ଅଧ୍ୟୟନ କରିଦେଲେ ଯେ ଜଣେ ସବୁ ବିଷୟରେ ପଣ୍ଡିତ ହୋଇଯିବ ତାହା ଏକ ଭ୍ରମ ଧାରଣା । ପ୍ରକୃତରେ ଜ୍ଞାନର ପରିସୀମା ଦିଗନ୍ତବିସ୍ତାରୀ । ଯିଏ ନିଜର ସ୍ୱଳ୍ପ ଜ୍ଞାନର ଗଣ୍ଡି ଭିତରେ ରହି ନିଜକୁ ପଣ୍ଡିତ ବୋଲି ଗର୍ବ କରେ ତାକୁ କୂପମଣ୍ଡୁକ ଆଖ୍ୟା ଦିଆଯାଏ । ତା'ଠାରୁ ବଳି ବଡ଼ ମୂର୍ଖ ବା ନିର୍ବୋଧ ବୋଧହୁଏ ପୃଥିବୀରେ ଅନ୍ୟ କେହି ନାହିଁ । ସମ୍ଭବତଃ କାଟ୍‌ଜୁ ସେହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଆମର ପ୍ରଶ୍ନ ହେଉଛି, ପୁରାଣ ଇତିହାସ ଯୁଗରୁ କଳିଙ୍ଗ ନାମରେ ପରିଚିତ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଓଡ଼ିଆ ଭାଷା, ଜାତି ସମ୍ପର୍କରେ କାଟ୍‌ଜୁ କେତେ ଜାଣିଛନ୍ତି ? ଆମର ତାଙ୍କୁ ପରାମର୍ଶ ଯେ ସେ ପ୍ରଥମେ ଓଡ଼ିଶାର ଇତିହାସ ପଢ଼ନ୍ତୁ, ତା'ପରେ ନିଜର ମନ୍ତବ୍ୟ ଦିଅନ୍ତୁ । କାଟ୍‌ଜୁ ଓଡ଼ିଶାକୁ ଚାଲେଞ୍ଜ କରିଛନ୍ତି ଯେ, ସାହସ ଥିଲେ ତାଙ୍କୁ ଗିରଫ କରି ୪୩ ଦିନ ହାଜତରେ ରଖି ଦେଖାଅ । ଯେହେତୁ ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ବିଚାରପତି, ତେଣୁ ସେ ନିଜକୁ ଜଣେ ଆଇନ ବିଶାରଦ ଓ ଆଇନର ହାତ ତାଙ୍କ ପର୍ଯ୍ୟନ୍ତ ଅପହଞ୍ଚ ବୋଲି ମନେକରନ୍ତି । ସେହି ଅହଙ୍କାରର ବଶବର୍ତ୍ତୀ ହୋଇ ସେ ଏଭଳି ବିଷ ଉଦ୍‌ଗିରଣ କରିଛନ୍ତି ।

ଦିଲ୍ଲୀରେ ବସି ଫେସ୍‌ବୁକ ବା ଟୁଇଟରରେ କୌଣସି ଜାତି ବିରୋଧରେ ମନ୍ତବ୍ୟ ଦେଇ ମନେମନେ ଉଲ୍ଲସିତ ହେବା ସୁବିଧାଜନକ । ଗରମପାଣିରେ ଘର ପୋଡ଼ି ନ ଯିବା ଭଳି ଏପ୍ରକାର ଉପହାସପୂର୍ଣ୍ଣ ମନ୍ତବ୍ୟରେ କାହାର ତିଳେମାତ୍ର କ୍ଷତି ହୁଏ ନାହିଁ । ଅଭିଜିତ ଆୟାର ଓଡ଼ିଶାକୁ ଆସି ଏଠାରେ ଓଡ଼ିଶା ବିରୋଧରେ ଅରୁଚିକର ମନ୍ତବ୍ୟ ଦେଇଥିବାରୁ ତାଙ୍କୁ ୪୩ ଦିନ ଜେଲଦଣ୍ଡ ଭୋଗିବାକୁ ହେଲା । ତେବେ ଯାହାହେଉ ଶେଷରେ ତାଙ୍କର ସଦ୍‌ବୁଦ୍ଧି ଉଦୟ ହେଲା । କାଟ୍‌ଜୁଙ୍କୁ ଆମେ ମଧ୍ୟ ଆହ୍ୱାନ କରୁଛୁ, ତାଙ୍କର ସାହସ ଅଛି ତ ଓଡ଼ିଶା ଆସି ଓଡ଼ିଶା ମାଟିରେ ଓଡ଼ିଆଙ୍କ ବିରୋଧରେ କଟୁ ମନ୍ତବ୍ୟର ପୁନରାବୃତ୍ତି କରନ୍ତୁ । ଏଠାରେ ତାଙ୍କୁ କିଭଳି ତତ୍କାଳ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ମିଳିବ ତାହା ସେ ସଙ୍ଗେ ସଙ୍ଗେ ଅଙ୍ଗେ ନିଭାଇବେ ।

ଶହୀଦନଗର, ଭୁବନେଶ୍ୱର,
ମୋ- ୯୪୩୭୦୩୮୨୧୦୦

## ଏଇ ଭାରତରେ

ଦୁନିଆରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପରୋପକାର କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟନ୍ତି । ଟଙ୍କା ପଇସା ପ୍ରତି ସମସ୍ତଙ୍କର ଲୋଭ ଥାଏ । ରାସ୍ତାରୁ ଟଙ୍କା ପାଇଲେ କାହାର ମନ ଖୁସିରେ ପୂରି ନ ଯାଏ ? ଏହାକୁ ଚୁପ୍‌ଚାପ୍ ରଖିଦେବାକୁ ମନହୁଏ । କିନ୍ତୁ ଲୋଭରୁ ଜଣେ ବ୍ୟକ୍ତି ନିବୃତ୍ତ ରହି ପାଇଥିବା ଟଙ୍କା ହରାଇଥିବା ଲୋକଙ୍କୁ ଫେରାଇଦେବା ଘଟଣା ନିଆରା ନିଶ୍ଚୟ । ଏପରି ଏକ ଘଟଣା ଘଟିଛି ସୁରତରେ । ଏଠିକାର ଜଣେ ଅଟୋ ଗ୍ୟାରେଜ ମାଲିକ ରାସ୍ତାରେ ପଡ଼ିଥିବା ୨ଲକ୍ଷ ଟଙ୍କା ଭର୍ତ୍ତି ଏକ ବ୍ୟାଗ୍‌କୁ ପୋଲିସ ଥାନା ଜିମା ଦେଇଥିଲେ । ପରେ ପୋଲିସ ଏହାକୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେଇଛନ୍ତି । ସ୍ଥାନୀୟ କଟାରଗାମ୍‌ର ବାସିନ୍ଦା ରାଜକୁମାର ଲଡ୍ଡୁଲାଲ୍ ଖାଟିକ୍ ଅଟୋ ଗ୍ୟାରେଜ ଚଳାନ୍ତି । ସେ ବୁଧବାର ସ୍କୁଲ୍ ନିକଟସ୍ଥ ରାସ୍ତାରୁ ୨ଲକ୍ଷ ଟଙ୍କା ପାଇଥିଲେ । ଏହାକୁ ଧରି ସେ ଥାନାକୁ ଯାଇଥିଲେ । ସେଠାରେ ରାଜକୁମାର ପୋଲିସ ଇନ୍ସପେକ୍ଟର ସମୀର ଜୋଷୀଙ୍କୁ ଏହି ଟଙ୍କା ହସ୍ତାନ୍ତର କରିଥିଲେ । ପରେ ସିସିଟିଭି କ୍ୟାମେରା ଫୁଟେଜରୁ ଟଙ୍କାର ପ୍ରକୃତ ମାଲିକ ଆନନ୍ଦ ଜୋଷୀଙ୍କୁ ଥାନାକୁ ଡକାଯାଇ ତାଙ୍କୁ ଟଙ୍କା ଫେରାଇ ଦିଆଯାଇଛି । ରାଜକୁମାରଙ୍କ ଏଭଳି ପ୍ରଶଂସନୀୟ କାର୍ଯ୍ୟ ପାଇଁ ତାଙ୍କୁ ପୋଲିସ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୩

- ବାଣିଜ୍ୟ, କୃଷି, ପର୍ଯ୍ୟଟନ ଓ ଦୂରସଞ୍ଚାର କ୍ଷେତ୍ରରେ ଥିବା ଦ୍ୱିପାକ୍ଷିକ ସହଯୋଗ ସମ୍ପ୍ରସାରଣ ଓ ଉନ୍ନତି ପାଇଁ ଭାରତ ଓ ୟୁରୋପୀୟ ସମୁଦାୟ (ଇ.ସି.) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ।
- ଅଯୋଧ୍ୟା ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଥିବା ଭାଜପା ନେତା ଏଲ.କେ. ଆଡଭାନୀ ମୁକ୍ତ ।

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ର ସଂସଦ ନିର୍ବାଚନ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ଅଚ୍ୟୁତ ସାମନ୍ତଙ୍କ ଛାତ୍ରସଂସଦ ନିର୍ବାଚନ ଏକ ଅନୁଶୀଳନ ଲେଖାଟି ପାଠ କରି ଖୁସି ହେଲି । ପ୍ରତିବର୍ଷ ଛାତ୍ର ସଂସଦ ନିର୍ବାଚନରେ ଅଶାନ୍ତି ଓ ବିଶୃଙ୍ଖଳା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବାତାବରଣକୁ କଳୁଷିତ କରିଦେଉଛି । ତେଣୁ ଲେଖକଙ୍କ ମତ ଅନୁଯାୟୀ ସଭାପତି, ଉପସଭାପତି ଓ ଅନ୍ୟାନ୍ୟ ପଦପଦବୀ ପାଇଁ ଭଲ ଛାତ୍ରମାନଙ୍କୁ ବଛାଯାଉ । ଏଥିପାଇଁ ପିଲାର ମେଧା, ଉତ୍ତମ ବ୍ୟବହାର ଓ ନିୟମିତ ଉପସ୍ଥାନକୁ ବିଚାରକୁ ନିଆଯାଉ । ଏହାଫଳରେ ପିଲାମାନେ ପାଠପଢା ପ୍ରତି ଅଧିକ ଧ୍ୟାନ ଦେବେ ।

ଡ. ବାବାଜୀ ଚରଣ ସେଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ଅଧ୍ୟକ୍ଷ,
ଶ୍ରୀରାମନଗର, ଭୁବନେଶ୍ୱର

### ବଡ଼ ଲୋକଙ୍କ ଛୋଟ କାମ

ଧରିତ୍ରୀ (୨୫।୧୧)ରେ ପ୍ରକାଶିତ ପ୍ରକାଶବାବୁଙ୍କ ପ୍ରବନ୍ଧ ବଡ଼ ଲୋକଙ୍କ ଛୋଟ କାମ ପଢିଲା ପରେ ମନେପଡିଲା ଗଳ୍ପଟିଏ । ରାଜ୍ୟର ରାଜା ଚୋରକୁ ଶୂଳୀ ଦେଉଥାନ୍ତି । ଏହି ସମୟରେ ଚୋରଟି କହିଲା- ହଜୁର ବୁଢାବାପାଙ୍କଠାରୁ ଗୋଟେ ବିଦ୍ୟା ଶିଖିଥିଲି । ମୁଁ ମଲାପରେ ତାହା ଗୋପନ ରହିଯିବ । ରାଜା ଅନୁମତି ଦେବାରୁ ଚୋର କହିଲା: ତାହା ହେଉଛି ସୁନା ଚାଷ । ରାଜାଙ୍କ ଆଗ୍ରହ ବଢ଼ିଲା । ତିଥିଲଗ୍ନ ଧରା ହୋଇ ପଣ୍ଡିତମାନେ ରାଜପ୍ରାସାଦ ଅଭ୍ୟନ୍ତରରେ ସ୍ଥାନ ପ୍ରସ୍ତୁତି କଲେ । ଅନୁକୂଳ ହେଲା । ସୁନା ଲଙ୍ଗଳ ଓ ତୋଫା ଧଳା ବଳଦ ଯୋଚି ଚାଷ କରାଗଲା । ସୁନା ମଞ୍ଜି ଟୋକେଇରେ ଆସିଲା । ରାଜା ଚୋରକୁ କହିଲେ ଏଥର ମଞ୍ଜି ବୁଣା ହେଉ । ହାତ ଯୋଡି ଚୋର କହିଲା- ହଜୁର ମୁଁ ସେ କାମ କରିପାରିଥିଲେ ଚୋରି କାହିଁକି କରିଥାନ୍ତି ? କାରଣ ଏଥିଲାଗି ଏକ ସର୍ତ୍ତ ଅଛି । ତାହା ହେଲା ଯିଏ ଜୀବନରେ ଥରେ ମାତ୍ର ବି ଚୋରି କରି ନ ଥିବ, ସିଏ ବୁଣିଲେ ସୁନା ଫଳିବ ନଚେତ୍ କିଛି ହେବ ନାହିଁ । ରାଜା ଅନେଇଲେ ମନ୍ତ୍ରୀଙ୍କୁ, ମନ୍ତ୍ରୀ ଚାହିଁଲେ ସେନାପତିଙ୍କୁ, ସେନାପତି ଚାହିଁଲେ ରାଜ ପୁରୋହିତଙ୍କୁ । ପୁରୋହିତ କହିଲେ ଆଜ୍ଞା ପେଟ ପୋଷ ନାହିଁ ଦୋଷ । କର୍ମକାଣ୍ଡ ବେଳେ ବଳା ଉଗୁଳା ଧନକୁ ନେବା ମୋର ଅଭ୍ୟାସ । ତେଣୁ ଏ କାମ ପାଇଁ ମୁଁ ଉପଯୁକ୍ତ ନୁହେଁ । ସେନାପତି କହିଲେ- ରାଜ୍ୟ ଜୟ ପରେ ପଡୋଶୀ ରାଜ୍ୟର କୋଷାଗାର ଲୁଣ୍ଠନ ବେଳେ ନିଜ ପାଣ୍ଠି ବଢାଇବା କାମ ବେନିୟମ ଭାବରେ କରିଛି । ମନ୍ତ୍ରୀ କହିଲେ- ଏସବୁ ତ ଆମର ନିୟମିତ କାର୍ଯ୍ୟ । ଶେଷରେ ରାଜା କହିଲେ ରାଜକୁମାର ଥିଲାବେଳେ ଖର୍ଚ୍ଚବାର୍ଚ୍ଚ କରିବାକୁ ସେ ମଧ୍ୟ କେତେଥର କୋଷାଗାରରୁ ହାତ ସଫେଇ କରିଛନ୍ତି । ଚୋର ଜଣକ କହୁଥାଏ ହଜୁର ଯେତେ ଜଲଦି ଫାଶୀ ଦିଅନ୍ତୁ । ସତରେ ବଡ଼ଲୋକ ଯଦି ନିର୍ଲୋଭ ହୋଇଥାନ୍ତେ ତେବେ ବିଜୟ ମାଲ୍ୟା, ନୀରବ ମୋଦିଙ୍କ ପରି ବ୍ୟକ୍ତିତ୍ୱ ବଞ୍ଚିବା ପାଇଁ ଦେଶତ୍ୟାଗ କରନ୍ତେନି କି ସ୍ୱାଭିମାନୀ କୃଷକ ଋଣ ପରିଶୋଧ କରି ନ ପାରି ଦେହତ୍ୟାଗ କରନ୍ତେନି ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁର୍ଲା

### ସଫେଇ ଓ ସିକ୍ୟୁରିଟି ସଂସ୍ଥା

ଦେଶର ବିଭିନ୍ନ ସ୍ଥାନରେ ଅନେକ ସଫେଇ ଏବଂ ସିକ୍ୟୁରିଟି ସଂସ୍ଥା ଗଢ଼ି ଉଠିଲାଣି । ସେମାନେ ଅନେକ ବେକାର ଯୁବତୀଯୁବକଙ୍କୁ ଚାକିରି ଯୋଗାଇ ଦେଉଛନ୍ତି । ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଏହି ସିକ୍ୟୁରିଟି ସଂସ୍ଥାରୁ ଯୁବତୀଯୁବକଙ୍କୁ ନେଇ ନିଜ ସଂସ୍ଥାରେ କାର୍ଯ୍ୟ କରାଇଥାନ୍ତି । ଏହି ସଂସ୍ଥାଗୁଡ଼ିକ ଶ୍ରମିକ ଆଇନ ଅନୁସାରେ ଶ୍ରମ ବିଭାଗରେ ପଞ୍ଜୀକୃତ ହୋଇଥାନ୍ତି । ଯେଉଁ ଯୁବତୀଯୁବକମାନେ ଏହି ସଂସ୍ଥାରେ ପଞ୍ଜୀକୃତ ହୁଅନ୍ତି, ସେମାନଙ୍କୁ ବୀମା, ସ୍ୱାସ୍ଥ୍ୟସେବା ଏବଂ ଇପିଏଫ୍ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା ଥାଏ । କିନ୍ତୁ ଦେଖାଯାଉଛି, ଯେଉଁ ଲୋକମାନଙ୍କୁ ବିଭିନ୍ନ ସଂସ୍ଥାରେ ନିୟୋଜିତ କରାଯାଉଛି ସେ ସଂସ୍ଥା ସହିତ ମୂଲଚାଲ କରି ଏହି ସଂସ୍ଥାମାନେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଆଣନ୍ତି, କିନ୍ତୁ ସେ ଲୋକଙ୍କୁ ସରକାରୀ ନିୟମ ଅନୁସାରେ ପାରିଶ୍ରମିକ ଦିଅନ୍ତି ନାହିଁ କିମ୍ବା ସେ ଲୋକ ନା ଇନସ୍ୟୁରାନ୍ସ ନା ସ୍ୱାସ୍ଥ୍ୟସେବା ନା ଇପିଏଫ୍ ପାଏ । ଏଭଳି କାରବାର ଶ୍ରମ ବିଭାଗର ଅଫିସର, କର୍ମଚାରୀ ଏବଂ ସିକ୍ୟୁରିଟି ଓ ସଫେଇ ସଂସ୍ଥାର ସଲାସୁତୁରାରେ ରୀତିମତ ଚାଲିଛି । ଏହାର ବିଧିବଦ୍ଧ ତଦନ୍ତ ହେବା ଜରୁରୀ ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

କ୍ରୋଧ ଏ ସଂସାରରେ ସୁଖରୂପୀ ବୃକ୍ଷର ମୂଳକୁ ସମୟେ ସମୟେ ଦୋହଲାଇ ଦୁର୍ବଳ କରିଦିଏ।
- ପ୍ରଜାପିତା ବ୍ରହ୍ମାକୁମାରୀ

# ତେଜୁଛି ରଣଛାଡ଼ ରାଜନୀତି

■ପ୍ରତିଯୋଗିତାରେ ଓଡ଼ିଶା ନାହିଁ: ଅର୍ଥମନ୍ତ୍ରୀ

■ଆମେ କ୍ଷମତାକୁ ଆସିଲେ ଋଣ ଛାଡ଼ କରିଦେବୁ: ନୀରଞ୍ଜନ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଆସାମ ସରକାର ଚାଷୀମାନଙ୍କ ଉପରେ ଥିବା ଋଣ ଛାଡ଼ କରିବାକୁ ଘୋଷଣା କରି ସାରିଛନ୍ତି। ଦେଶରେ ଋଣଛାଡ଼ ହାୱା ବହୁଛି। କଂଗ୍ରେସ କ୍ଷମତାକୁ ଫେରିବା ପରେ ୩ଟି ରାଜ୍ୟରେ ଋଣ ଛାଡ଼ କରିବାକୁ ଘୋଷଣା କରିସାରିବା ପରେ ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଫେରିବା ପାଇଁ ଚାଷୀଙ୍କୁ ଋଣଛାଡ଼ ଲଲିପପ୍ ଦେଖାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ନିଜ ଟୁଇଟ ମାଧ୍ୟମରେ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ୫ ଘଣ୍ଟା ମଧ୍ୟରେ ଚାଷୀଙ୍କ ଉପରେ ଥିବା ସମସ୍ତ ଋଣ ଛାଡ଼ କରିଦେବ। ଏହା ହେଉଛି ଚାଷୀମାନଙ୍କ ପ୍ରତି ଆମର ପ୍ରତିଜ୍ଞା ବୋଲି ସେ କହିଛନ୍ତି।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ମଣ୍ଡଳ ନଂ ୩ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ଶାସନ ସଚିବ

**ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ**
ଧାରା ୧୧(୧)ର ଲ୍ୟାଣ୍ଡ ସିଡ୍ୟୁଲ — ଭୂଅର୍ଜନ ମାମଲା ନଂ-
ମୌଜା - କରନ୍ଦା, ତହସିଲ - ଗଁଦିଆ, ନମ୍ବର - ୪୯୨, ଥାନା- ଗଁଦିଆ, ନମ୍ବର -୧୭୦, ଜିଲ୍ଲା - ଢେଙ୍କାନାଳ, କେନାଲର ନାମ - ଦର୍ପଣି ଶାଖା କେନାଲର କ୍ରମିକ ଦୂରତା ୯୧୫୬୩ମି. ଠାରୁ ୯୨୪୯୨ ମି. ପର୍ଯ୍ୟନ୍ତ।

| ୧ ଖତିୟାନ କ୍ରମିକ ନମ୍ବର | ୨ ପ୍ଲଟ ନମ୍ବର | ୩ ମୋଟ ରକବା | ୪ ଅର୍ଜିତ ରକବା | ୫ ରୟତଙ୍କ ନାମ ଏବଂ ପିତା/ ସ୍ୱାମୀଙ୍କ ନାମ |
|---|---|---|---|---|
| **ରୟତି ଜମି** | | | | |
| ୧୭ | ୩୫୨୦ | ୦.୧୫୦ | ୦.୦୧୦ | ଅନିରୁଦ୍ଧ ବିନ୍ଧାଣି, ପି : କୁଞ୍ଜ ବିନ୍ଧାଣି, ଓଗେର |
| | ୩୫୧୭/୩୭୧୭ | ୦.୬୬୦ | ୦.୦୫୦ | |
| ୫୦ | ୩୫୧୧ | ୦.୬୦୦ | ୦.୫୪୦ | ଏକାଦଶୀ ବାରିକ, ପି: ବାଂଛା ବାରିକ |
| ୧୯୧ | ୩୫୩୧ | ୦.୨୭୦ | ୦.୧୨୦ | ଦେବାଧି ବେହେରା, ପି: ଆର୍ତ୍ତ ବେହେରା ଓଗେର |
| ୨୪୬ | ୩୫୪୫ | ୦.୩୧୦ | ୦.୧୦୦ | ନରି ଖଟୁଆ, ପି: ଚୈତନ ଖଟୁଆ |
| ୨୪୭ | ୩୫୪୦ | ୦.୧୦୦ | ୦.୦୬୦ | ନରୀ ଖଟୁଆ, ପି: ଚୈତନ ଖଟୁଆ, ଓଗେର |
| | ୩୫୪୮ | ୦.୩୯୦ | ୦.୦୪୦ | |
| ୨୬୧ | ୩୩୬୨ | ୦.୦୪୦ | ୦.୦୨୦ | ନୃସିଂହ ରଣା, ପି: ଭୀମ ରଣା, ଓଗେର |
| | ୩୪୦୨ | ୦.୬୨୦ | ୦.୨୦୦ | |
| ୨୭୨ | ୩୫୧୭ | ୦.୩୮୦ | ୦.୩୩୦ | ପ୍ରଫୁଲ୍ଲ ମହାନ୍ତି, ପି: ବିପ୍ର ଚରଣ ମହାନ୍ତି ଓଗେର |
| ୨୮୧ | ୩୩୫୬ | ୦.୧୧୦ | ୦.୧୧୦ | ପ୍ରାଣକୃଷ୍ଣ ବାରିକ, ପି: ବଂଶୀ ବାରିକ ଓଗେର |
| | ୩୩୫୭ | ୦.୦୪୦ | ୦.୦୪୦ | |
| | ୩୩୮୭ | ୦.୩୧୦ | ୦.୨୪୦ | |
| | ୩୩୯୦ | ୦.୨୫୦ | ୦.୨୫୦ | |
| | ୩୩୯୦/୩୭୧୬ | ୦.୦୪୦ | ୦.୦୪୦ | |
| ୪୦୦ | ୩୨୨୮ | ୦.୧୧୦ | ୦.୧୧୦ | ବିଷ୍ଣୁ ଚରଣ ଧଳ, ପି: ଭୋବନି ଧଳ, ଓଗେର |
| | ୩୨୯୬ | ୦.୪୮୦ | ୦.୦୨୦ | |
| | ୩୨୯୭ | ୦.୬୪୦ | ୦.୬୪୦ | |
| | ୩୨୯୭/୩୮୧୭ | ୦.୩୬୦ | ୦.୩୬୦ | |
| | ୩୨୯୭/୩୯୬୦ | ୧.୦୦ | ୧.୦୦୦ | |
| | ୩୨୯୭/୩୯୬୧ | ୦.୬୬୦ | ୦.୫୨୦ | |
| ୪୩୬ | ୩୨୨୯ | ୦.୬୩୦ | ୦.୦୨୦ | ଭାସ୍କର ଘଡ଼େଇ, ପି: ବୃନ୍ଦାବନ ଘଡ଼େଇ ଓଗେର |
| | ୩୨୨୭/୩୯୫୧ | ୩.୧୪୦ | ୦.୫୫୦ | |
| ୪୩୭ | ୩୫୧୩ | ୦.୧୬୦ | ୦.୧୬୦ | ଭାସ୍କର ସେନାପତି, ପି: ପବନ ସେନାପତି ଓଗେର |
| | ୩୫୧୪ | ୦.୧୦୦ | ୦.୧୦୦ | |
| | ୩୫୧୫ | ୦.୦୯୦ | ୦.୦୯୦ | |
| | ୩୫୧୬ | ୦.୩୯୦ | ୦.୩୯୦ | |
| | ୩୫୨୬ | ୦.୦୮୦ | ୦.୦୧୦ | |
| | ୩୫୫୪ | ୦.୩୮୦ | ୦.୦୧୦ | |
| ୪୩୯ | ୩୩୫୫ | ୦.୧୬୦ | ୦.୧୬୦ | ଭାସ୍କର ସେନାପତି, ପି: ପବନ ସେନାପତି ଓଗେର |
| | ୩୩୫୮ | ୦.୧୭୦ | ୦.୧୩୦ | |
| | ୩୩୫୯ | ୦.୨୦୦ | ୦.୨୦୦ | |
| | ୩୩୬୦ | ୦.୩୮୦ | ୦.୧୦୦ | |
| | ୩୩୬୩ | ୦.୦୭୦ | ୦.୦୭୦ | |
| | ୩୩୬୫ | ୦.୧୯୦ | ୦.୦୧୦ | |
| | ୩୩୭୭ | ୦.୨୮୦ | ୦.୧୬୦ | |
| | ୩୩୭୮ | ୦.୩୫୦ | ୦.୨୫୦ | |
| | ୩୩୭୯ | ୦.୪୨୦ | ୦.୪୨୦ | |
| | ୩୩୮୦ | ୦.୩୩୦ | ୦.୩୩୦ | |
| | ୩୩୮୧ | ୦.୪୧୦ | ୦.୩୦୦ | |
| | ୩୩୮୨ | ୦.୧୫୦ | ୦.୦୫୦ | |
| | ୩୩୮୫ | ୦.୧୯୦ | ୦.୧୯୦ | |
| | ୩୩୮୯ | ୦.୪୫୦ | ୦.୧୬୦ | |
| | ୩୩୯୧ | ୦.୦୭୦ | ୦.୦୭୦ | |
| | ୩୩୯୩ | ୦.୪୩୦ | ୦.୦୭୦ | |
| | ୩୩୯୪ | ୦.୨୧୦ | ୦.୨୧୦ | |
| | ୩୩୯୫ | ୦.୦୯୦ | ୦.୦୯୦ | |
| | ୩୩୯୬ | ୦.୭୭୦ | ୦.୩୨୦ | |
| | ୩୩୯୯ | ୦.୮୫୦ | ୦.୨୨୦ | |
| | ୩୪୦୦ | ୦.୮୭୦ | ୦.୧୫୦ | |
| | ୩୫୦୬ | ୦.୨୬୦ | ୦.୦୩୦ | |
| | ୩୫୦୭ | ୦.୪୦୦ | ୦.୧୯୦ | |
| | ୩୫୨୮ | ୦.୧୪୦ | ୦.୧୪୦ | |
| | ୩୫୨୯ | ୦.୦୪୦ | ୦.୦୪୦ | |
| | ୩୫୩୦ | ୦.୧୦୦ | ୦.୧୦୦ | |
| | ୩୫୩୮ | ୦.୦୪୦ | ୦.୦୪୦ | |
| | ୩୫୩୯ | ୦.୦୬୦ | ୦.୦୬୦ | |
| | ୩୫୪୬ | ୦.୧୩୦ | ୦.୧୩୦ | |
| | ୩୫୪୭ | ୦.୧୩୦ | ୦.୧୩୦ | |
| | ୩୫୫୫ | ୦.୧୫୦ | ୦.୧୫୦ | |
| | ୩୫୫୬ | ୦.୧୭୦ | ୦.୧୩୦ | |
| | ୩୫୬୩ | ୦.୧୯୦ | ୦.୦୭୦ | |
| | ୩୫୬୪ | ୦.୦୭୦ | ୦.୦୧୦ | |
| | ୩୫୬୦ | ୦.୦୬୦ | ୦.୦୧୦ | |
| ୪୬୬ | ୩୩୮୪ | ୦.୨୬୦ | ୦.୧୩୦ | ମାଧବ ସେନାପତି, ପି: ବନ୍ଧୁ ସେନାପତି |
| | ୩୩୮୬ | ୦.୦୬୦ | ୦.୦୧୦ | |
| ୪୮୯ | ୩୩୦୨ | ୧.୦୫୦ | ୦.୧୦୦ | ରଘୁନାଥ ସେନାପତି, ପି: ଗାଣ୍ଟୁ ସେନାପତି ଓଗେର |
| | ୩୩୫୨ | ୦.୧୧୦ | ୦.୧୧୦ | |
| | ୩୩୫୩ | ୦.୦୪୦ | ୦.୦୪୦ | |
| ୫୧୨ | ୩୫୧୦ | ୦.୭୯୦ | ୦.୦୧୦ | ଲକ୍ଷବନ୍ଧ ପଧାନ, ପି: କୁଶ ପଧାନ, ଓଗେର |
| | ୩୫୧୧/୩୬୯୪ | ୦.୪୦୦ | ୦.୪୦୦ | |
| ୫୧୪ | ୩୫୩୭ | ୦.୨୩୦ | ୦.୦୮୦ | ଲକ୍ଷ୍ମଣ ପ୍ରଧାନ, ପି: କପିଳ ପ୍ରଧାନ, ଓଗେର |
| | ୩୫୪୦/୩୮୪୧ | ୦.୦୭୦ | ୦.୦୩୦ | |
| ୫୧୫ | ୩୫୨୭ | ୦.୩୮୦ | ୦.୩୦୦ | ଲକ୍ଷ୍ମଣ ପଧାନ, ପି: କପିଳ ପଧାନ, ଓଗେର |
| | ୩୫୩୨/୩୮୨୧ | ୦.୧୨୦ | ୦.୦୯୦ | |
| | ୩୫୦୭/୩୮୩୯ | ୦.୫୦ | ୦.୦୫୦ | |
| ୫୬୫ | ୩୫୧୨ | ୦.୫୫୦ | ୦.୪୫୦ | ଶୁକଦେବ ରାଉତ, ପି: ନିଶାକର ରାଉତ |
| ୫୮୮ | ୩୨୯୫ | ୦.୦୪୦ | ୦.୦୪୦ | ହାଡ଼ିବନ୍ଧୁ ରାଜ, ପି: ପ୍ରାଣବନ୍ଧୁ ରାଜ ଓଗେର |
| ୬୦୨/ ୬୮ | ୩୨୯୭/୪୦୪୨ | ୦.୧୬୦ | ୦.୧୬୦ | ନଟବର ନନ୍ଦି, ପି: କୃପାସିନ୍ଧୁ ନନ୍ଦି |
| | ୩୨୯୮/୪୦୨୩ | ୦.୬୪୦ | ୦.୧୧୦ | |
| | ୩୯୬୧/୪୦୨୪ | ୦.୬୮୦ | ୦.୬୮୦ | |
| ୬୦୨/ ୬୯ | ୩୩୫୧ | ୦.୨୪୦ | ୦.୦୪୦ | ଦିଗାମ୍ବର ନନ୍ଦି, ପି: କୃପାସିନ୍ଧୁ ନନ୍ଦି |
| ୬୦୨/ ୭୦ | ୩୯୬୧/୪୦୨୫ | ୦.୦୮୦ | ୦.୦୮୦ | ପୀତାମ୍ବର ନନ୍ଦି, ପି: କୃପାସିନ୍ଧୁ ନନ୍ଦି |
| ୬୦୨/ ୭୨ | ୩୫୩୨ | ୦.୧୫୦ | ୦.୦୯୦ | ତନୁ ପଧାନ, ପି: କିଶା ପଧାନ |
| ୬୨୦/ ୧୧୬ | ୩୩୫୫/୪୦୬୬ | ୦.୦୮୦ | ୦.୦୮୦ | ସନାତନ ସିନ୍ଧୁ, ପି: ସଂବାରିଆ ସିନ୍ଧୁ |
| ୬୨୦/ ୧୧୮ | ୩୩୯୭ | ୦.୪୨୦ | ୦.୧୫୦ | ମାନସ କୁମାର ନନ୍ଦି, ପି: ପୀତାମ୍ବର ନନ୍ଦି |
| | ୩୩୯୮ | ୦.୪୯୦ | ୦.୧୮୦ | |
| ୬୨୦/ ୧୨୦ | ୩୫୧୦/୪୦୫୪ | ୦.୪୦୦ | ୦.୦୯୦ | ନଟବର ନନ୍ଦି, ପି: କୃପାସିନ୍ଧୁ ନନ୍ଦି |
| ୬୨୦/ ୧୨୧ | ୩୨୯୫/୪୦୭୧ | ୧.୫୬୦ | ୦.୦୬୦ | ସଂଗ୍ରାମ କେଶରୀ ମହାନ୍ତ, ପି: ମଦନ ମୋହନ ମହାନ୍ତ |
| ୬୨୦/ ୧୪୩ | ୩୩୮୨/୪୧୦୧ | ୦.୨୦୦ | ୦.୦୮୦ | ପୀତବାସ ସେନାପତି, ପି: ରଘୁନାଥ ସେନାପତି |
| ୬୦୨/ ୨୧୮ | ୩୩୭୬/୪୧୭୭ | ୦.୧୮୦ | ୦.୦୧୦ | ମାନସ କୁମାର ନନ୍ଦି, ପି: ପୀତାମ୍ବର ନନ୍ଦି |
| ୬୦୨/ ୨୩୪ | ୩୩୭୬ | ୦.୨୩୦ | ୦.୦୯୦ | ମାନସ କୁମାର ନନ୍ଦି, ପି: ପୀତାମ୍ବର ନନ୍ଦି |
| | ୩୩୯୧/୪୧୯୪ | ୦.୬୫୦ | ୦.୩୩୦ | |
| ୬୦୨/ ୨୫୩ | ୩୩୫୪ | ୦.୨୧୦ | ୦.୨୧୦ | ଶରତ ଚନ୍ଦ୍ର ସେନାପତି, ପି : ବିଦ୍ୟାଧର ସେନାପତି |
| ୬୦୨/ ୩୦୦ | ୩୨୯୬/୪୨୪୮ | ୦.୪୮୦ | ୦.୪୦୦ | ଗୟାଧର ସାହୁ, ପି: ବଂଶୀଧର ସାହୁ |
| ୬୦୨/ ୩୦୪ | ୩୫୧୯ | ୦.୨୧୦ | ୦.୦୧୦ | ଅର୍ଜୁନ ବିନ୍ଧାଣୀ, ପି: ବାବାଜୀ ବିନ୍ଧାଣୀ ଓଗେର |
| ୬୦୨/ ୩୦୫ | ୩୩୬୪ | ୦.୧୮୦ | ୦.୦୮୦ | ଶତୃଘନ ସେନାପତି, ପି: ଶୁକଦେବ ସେନାପତି ଓଗେର |
| ୬୦୨/ ୩୬୪ | ୩୪୦୧ | ୦.୮୭୦ | ୦.୧୨୦ | ଭରତ ସେନାପତି, ପି: ବିଦ୍ୟାଧର ସେନାପତି |
| ୬୦୨/ ୩୯୭ | ୩୫୧୦/୪୩୨୨ | ୦.୪୦୦ | ୦.୧୪୦ | ବସନ୍ତ ଦାସ, ପି: ରଘୁନାଥ ଦାସ |
| | ମୋଟ | ୩୧.୧୪୦ | ୧୬.୦୫୦ | |

24034/14/0021/1819



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ବିକାଶ ସ୍କୁଲରେ ଅର୍ଥନୀତି ଆଲୋଚନାଚକ୍ର

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)–** ବିକାଶ ସ୍କୁଲ ବାଣିଜ୍ୟ ବିଭାଗ ପକ୍ଷରୁ ଏ ଗୋସିପ୍ ଅନ୍ ଇକୋନୋମିକ୍ସ ଶୀର୍ଷକ ଆଲୋଚନା ଚକ୍ର ଶାସନସ୍ଥିତ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ହାୟର ସେକେଣ୍ଡାରୀ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥିଲେ । ଏହାପରେ ଗଙ୍ଗାଧର ମେହେର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅର୍ଥନୀତି ବିଭାଗ ପ୍ରଫେସର ଡ. ଦିଲୀପ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେ ଭାରତୀୟ ଅର୍ଥନୀତି ଓ ବିଶ୍ୱ ଅର୍ଥନୀତିର ଅତୀତ ଏବଂ ବର୍ତ୍ତମାନକୁ ନେଇ ତୁଳନାତ୍ମକ ଆଲୋଚନା କରିଥିଲେ । ବିକାଶ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।



### ଓଏଏସ୍ ପାଇଲେ ଲୋପାମୁଦ୍ରା

**ଦେବଗଡ, ୨୦।୧୨(ସ୍ୱ.ପ୍ର.)-** ଦେବଗଡ଼ ପୌରାଞ୍ଚଳ ଅଧୀନ ପୁରୁଣାଗଡ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଲୋପାମୁଦ୍ରା ସାମଲ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରେ ୩୨ତମ ସ୍ଥାନ ଅଧିକାର କରି ଦେବଗଡ ଜିଲା ପାଇଁ ସଫଳତା ସାଉଁଟିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପିତା ପୋଲିସରେ କାର୍ଯ୍ୟରତ ଭବାନୀଶଙ୍କର ସାମଲ ଏବଂ ମାତା ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନଙ୍କ ବଡ ଝିଅ ଲୋପାମୁଦ୍ରା କଠିନ ପରିଶ୍ରମ, ଶିକ୍ଷକ ତଥା ମାତା ପିତା, ଭଉଣୀ, ଭାଇ, ଗୁରୁଜନଙ୍କ ଆର୍ଶୀବାଦ ଯୋଗୁ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ବିଶେଷ କରି ତାଙ୍କ ମା'ଙ୍କୁ ଆଦର୍ଶ ବୋଲି ମାନି ତାଙ୍କର ପ୍ରେରଣାରେ ସଫଳତାର ଶୀର୍ଷରେ ପହଞ୍ଚି ପାରିଛି ବୋଲି ସେ କହନ୍ତି। ସ୍ଥାନୀୟ ପୁରୁଣାଗଡ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ କରି ଶିକ୍ଷା ଆରମ୍ଭ କରି ପରେ ସରସ୍ୱତୀ ବିଦ୍ୟା ମନ୍ଦିରରେ ଦଶମ, ଭୁବନେଶ୍ୱର ଆଟିଆର କଲେଜରେ ଯୁକ୍ତ ୨ ରାଉରକେଲା ସରକାରୀ କଲେଜରେ ଯୁକ୍ତ ୩ ପାଠପଢି ସାରିଲା ପରେ ଉଚ୍ଚ ଶିକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ରେଭେନ୍ସା କଲେଜରେ ପ୍ରଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ପରେ ଭୁବନେଶ୍ୱରରେ ରହି କୋଚିଂ କରୁଥିଲେ। ପ୍ରଥମ ଥର ପାଇଁ ଓଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୩୨ନଂ ରେଙ୍କ ପାଇଛନ୍ତି। ଆଗକୁ ଆଇଏଏସ ହେବା ପାଇଁ ତାଙ୍କର ଲକ୍ଷ ରହିଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

### ଜିଏମ୍‌ୟୁରେ ଏନ୍‌ସିସି ଦିବସ

**ସମ୍ବଲପୁର,୨୦।୧୨(ବ୍ୟୁରୋ)-** ପଞ୍ଚମ ଓଡ଼ିଶା ବ୍ୟାଟାଲିୟନ୍ ଏନ୍‌ସିସିର ବାର୍ଷିକ ଉତ୍ସବ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପରିସରରେ ଗୁରୁବାର ପାଳିତ ହୋଇଯାଇଛି । ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି, କୁଳସଚିବ ଗିରିଶ ସିଂ, ଉପକୁଳସଚିବ ଉମାଚରଣ ପତି, କର୍ଣ୍ଣେଲ କୀର୍ତ୍ତି ସିଂ ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସିଟିଓ ଡ. ରାକେଶ ମିଶ୍ରା ଓ ଏଏନ୍‌ଓ ନବୀନ କୁମାର ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚନ୍ଦ୍ରକାନ୍ତି ମହାନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅର୍ଫିଲ୍ ଛୁରିଆଙ୍କୁ ଶ୍ରେଷ୍ଠ ଏନସିସି କ୍ୟାଡେଟ୍ ଭାବେ ସମ୍ମାନିତ କରାଯାଇଥିଲା । ସେହିପରି ଡିସେମ୍ବର ୧୬ ତାରିଖ ଏନ୍‌ସିସି ପକ୍ଷରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଚିନ, ଚିଙ୍କୁ, ମାନସ, ପିଙ୍କି, ଖୁସି, ମନୀଷା ଓ ଜିଜ୍ଞାସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ମ୍ୟାଚ

# ଫୋରସି ଦଳ ଫାଇନାଲରେ ପ୍ରବେଶ

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ଚତୁର୍ଥ ବଦ୍ରିନାରାୟଣ ହୋତା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ବିଜୟୀ ହୋଇ ଫୋରସି ଦଳ ଫାଇନାଲରେ ପ୍ରବେଶ କରିଛି । ହାୱା ମଇଦାନଠାରେ ଫୋରସି ବନାମ ମେହେତାଫ୍ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ହୋଇଥିଲା । ମେହେତାଫ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୩ ରନ୍ ସଂଗ୍ରହ କରିଥିଲା। ଦଳର ସୟଦ ଜ୍ୟାକି ୧୬ ବଲରେ ୨୪ ରନ୍ କରିଥିଲେ ।

ଫୋରସି ଦଳର ବୋଲର୍ ସସ୍ମିତ ମହାପାତ୍ର ୪ ଓଭରରେ ୪ ଉଇକେଟ ଅକ୍ତିଆର କରିଥିଲେ । ୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଫୋରସି ଖେଳାଳି ପଡ଼ିଆକୁ ଓହ୍ଲାଇଥିଲା । ଦଳ ୧୪.୫ ଓଭରରେ ଗୋଟିଏ ଉଇକେଟ ହରାଇ ୯୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ରୋଶନ ମହାପାତ୍ର ଅପରାଜିତ ୫୪ ରନ୍ ସଂଗ୍ରହ କରିଥିଲେ । ହରେଶ ରଞ୍ଜନ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଫୋରସି ଖେଳାଳି ରୋଶନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରିଥିଲେ। ଅପରପକ୍ଷେ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚେତନା କ୍ଲବ ବିଜୟୀ ହୋଇ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ହାୱା ମଇଦାନଠାରେ ଚେତନା କ୍ଲବ ବନାମ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ମ୍ୟାଚ ହୋଇଥିଲା । ସ୍ପୋର୍ଟିଂ ୟୁନିୟନ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ ସଂଗ୍ରହ କରିଥିଲା। ଦଳର ବି. ନନ୍ଦ ୩୦ ବଲରେ ୨୯ ରନ କରିଥିଲେ। ଚେତନା କ୍ଲବ ବୋଲର୍ ଶଶାଙ୍କ ମହାରଣା ୪ ଓଭରରେ ୨୮ ରନ ଦେଇ ୩ ଉଇକେଟ ନେଇଥିଲେ। ୧୨୯ ରନର ବିଜୟ ଲକ୍ଷ୍ୟ ନେଇ ଚେତନା କ୍ଲବ ପଡ଼ିଆକୁ ଓହ୍ଲାଇଥିଲା। ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୩୧ ରନ୍ କରି ବିଜୟୀ ହୋଇଥିଲା । ଦଳର ମହମ୍ମଦ ଏସ୍ ଅରମାନ୍ ୧୬ ବଲରେ ୨୩ ରନ ସଂଗ୍ରହ କରିଥିଲେ । ସ୍ମୃତି ରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶଶାଙ୍କ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରିଥିଲେ ।







ହାୱା ମଇଦାନଠାରେ ମୁଖ୍ୟଅତିଥି ହରେଶ ରଞ୍ଜନ ହୋତା ଗୁରୁବାର ଫୋରସି ଖେଳାଳି ରୋଶନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରୁଛନ୍ତି (ବାମ)। ହାୱା ମଇଦାନଠାରେ ମୁଖ୍ୟଅତିଥି ସ୍ମୃତିରଞ୍ଜନ ମହାପାତ୍ର ଗୁରୁବାର ଶଶାଙ୍କ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ଦୁର୍ଘଟଣାରେ ୧ମୃତ, ୨ ଗୁରୁତର

**ଦେବଗଡ,୨୦।୧୨ (ସ୍ୱ.ପ୍ର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକର ଚଟିବରଘାଟରୁ ଗୋହିରା ଡ୍ୟାମ ଯାଇଥିବା ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ଏବଂ ଦୁଇଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ଉକ୍ତ ବ୍ଲକ୍ କଂସର ଗ୍ରାମର ଗୌତମ ନାଏକ (ସାନ)। ଦେବଗଡ଼ ସହରସ୍ଥିତ ମହୁଲଡିପା ସାହିରେ ଠାରେ ରହୁଥିଲେ। ଆହତମାନେ ଦେବଗଡ ସହରର ଶାଶ୍ୱତ ପରିଡା, ଭବାନୀ ସାହୁ । ଖବର ମୁତାବକ ବୁଧବାର ରାତିରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକର ଚଟିବରଘାଟରୁ ଗୋହିରା ଡ୍ୟାମ ଯାଇଥିବା ରାସ୍ତାରେ ଫେରୁଥିବା ସମୟରେ ଭାରସ୍ୟାମ ହରାଇ ଏକ ଗଛରେ ପିଟିହୋଇଥିଲେ। ଫଳରେ ଘଟଣାସ୍ଥଳରେ ଗୌତମଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଦୁଇ ଜଣ ଆହତ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଜେଡିର ୱାର୍ଡ଼ କମିଟି କର୍ମଶାଳା

**ରିଆମାଳ, ୨୦।୧୨ (ଡି.ଏନ.ଏ.)**

ରିଆମାଳ ହାଟପଦାଠାରେ ଗୁରୁବାର ବିଜେଡ଼ିର ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲା ବିଜୁ ଜନତା ଦଳର ସଭାପତି ସୁଧିର କପରଦାର ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ରିଆମାଳ ବିଜେଡି ସଭାପତି ଜ୍ଞାନେନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିବାବେଳେ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ଜିଲା ଯୁବ ସଭାପତି ଭୂପେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ଉପସଭାପତି ଦେବେନ୍ଦ୍ର ବେହେରା, ଜିଲା ଉପସଭାପତି ଲିଙ୍ଗରାଜ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ ଓ ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ ପ୍ରମୁଖ ଯୋଗଦେଇ ଦଳକୁ ସଂଗଠନ ପାଇଁ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ମହିଳା ବ୍ଲକ ସଭାପତି ସୁଲୋଚନା ପ୍ରଧାନ ମଧ୍ୟ ଯୋଗ ଦେଇଥିଲେ।

# ମହିଳାମାନେ ବ୍ଲକ ଅଫିସ୍ ଘେରିଲେ

**ରିଆମାଳ, ୨୦।୧୨ (ଡି.ଏନ.ଏ.)**

କୋଲବସା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତେଙ୍ଗସର୍ଗୀ, ବରତଇଲା, ବାଇଁଶିତଲଲା, ଗଦଗଦା ଓ ଜୁଆଁଳିଭଙ୍ଗା ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଟଙ୍କବୀର ଗ୍ରାମପଞ୍ଚାୟତରେ ଉକ୍ତ ପାଞ୍ଚଟି ଗ୍ରାମ ମିଶିବା ପାଇଁ ବ୍ଲକ ଘେରାଉ କରିବା ସହିତ ବିଡିଓ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମନୋରଞ୍ଜନ ବଘାରଙ୍କ ଦାବିପତ୍ର ପ୍ରଦାନ ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସିରହିଥିଲେ। ପ୍ରକାଶଥାଉ

**ପଞ୍ଚାୟତ ଦାବି**

କି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରକାରଙ୍କ ତରଫରୁ କୋଲବସାକୁ ନୂତନ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରାଯାଇ ନିର୍ବାଚନ ହୋଇଥିଲା। କିନ୍ତୁ ଏହି ୫ଟି ଗ୍ରାମବାସୀ ନିର୍ବାଚନକୁ ବିରୋଧ କରି ହାଇକୋର୍ଟର ଆଶ୍ରୟ ନେଇଥିଲେ। ପୁନର୍ବାର ମହିଳାମାନେ ବ୍ଲକ ଘେରାଉ କରି ଦାବି ପୂରଣ ନ ହେଲେ ବିଧାନସଭା ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି।

## ପିଠା କାର୍ଯ୍ୟକ୍ରମ: ଅଧିକାରୀଙ୍କୁ ଅଟକ ରଖିଲେ ମହିଳା

**ରିଆମାଳ,୨୦।୧୨(ଡି.ଏନ.ଏ.)**

ଗୁରୁବାର ଦେବଗଡ଼ ଜିଲା ରିଆମାଳ ବ୍ଲକର ନୂତନ ପଞ୍ଚାୟତ ନୂଆପଡ଼ାକୁ ପିଠା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଲାବେଳେ ୭ଜଣ ଅଧିକାରୀଙ୍କୁ ମହିଳାମାନେ ଅଟକାଇଥିଲେ। ରିଆମାଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବା ଜୟନ୍ତ କୁଣ୍ଡୁ ସମ୍ପ୍ରସାରଣ ଅଧିକାରୀ ଏ. ନାୟକ ଓ ବ୍ଲକର ଅନ୍ୟ ୫ଜଣ ଅଧିକାରୀ ଯାଇଥିଲେ। ଚଢେଇମରା ନିକଟସ୍ଥ ପ୍ରଶାପଶିଛକଠାରେ ପୂର୍ବରୁ ସଜବାଜ ହୋଇ ଯୋଜନାବଦ୍ଧ ଭାବେ ନୂଆପଡ଼ା ଗ୍ରାମର ମହିଳାମାନେ ଥିଲେ। ଏହି ୭ଜଣ ଅଧିକାରୀ ଗାଡ଼ିରେ ପହଞ୍ଚିବା ପରେ ଗାଡ଼ି ଅଟକାଇ ସେମାନଙ୍କୁ ଗାଁକୁ ନେଇ ଅଟକ ରଖିଥିଲେ। ଖବରପାଇ ଦେବଗଡ଼ ଉପଜିଲାପାଳ ବିମଳେନ୍ଦୁ ମିଶ୍ର, କୁଣ୍ଡେଇଗୋଲା ଥାନା ଅଧିକାରୀ ରତ୍ନାକର ମଲିକ ସଦଳବଳ ମହିଳା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଅଧିକାରୀମାନଙ୍କୁ ଉଦ୍ଧାର କରିଥିଲେ। ପଞ୍ଚାୟତ ଗୃହ ବିବାଦକୁ ନେଇ ପିଠାକାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ମହିଳାମାନେ ଅଧିକାରୀଙ୍କୁ ୬ଘଣ୍ଟା ଅଟକ ରଖିଥିଲେ।

# ପ୍ରଥମ ରୋଟାରୀ ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ପ୍ରଥମ ରୋଟାରୀ ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍- ୨୦୧୮ ଚଳିତ ମାସ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବ । ଏଥିରେ ଢ଼େଙ୍କାନାଳ, ଦେବଗଡ, ବରଗଡ, ସୁନ୍ଦରଗଡ, ଅନୁଗୁଳ ସମେତ ସମ୍ବଲପୁର ଜିଲାର ଅମଲିଖମନ, ମଝାପଡ଼ା, ରୋଟାରୀ ଏକାଡେମୀ ଓ ଯୁଯୁମୁରା ମହିଳା ହକି ଦଳ ଭାଗ ନେବେ । ଫାଇନାଲ, ସେମିଫାଇନାଲ ସହ ୧୫ଟି ନକ୍‌ଆଉଟ୍ ମ୍ୟାଚ ହେବ। ଏହାକୁ ୫୦ଜଣ ଅଫିସିଆଲ୍ ପରିଚାଳନା କରିବେ । ମ୍ୟାଚ ସକାଶେ କ୍ଷେତରାଜପୁର ଇଣ୍ଡିଆନ୍ ପବ୍ଲିକ ସ୍କୁଲ ପରିସରସ୍ଥ ଖେଳପଡ଼ିଆ ପ୍ରସ୍ତୁତ କରାଯାଇଛି । ଗୁରୁବାର ସମ୍ବଲପୁର ଭିଏସ୍‌ଏସ୍ ମାର୍ଗ ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ଇଣ୍ଡିଆନ୍ ପବ୍ଲିକ ସ୍କୁଲ ଓ ରୋଟାରୀ ହକି ଏକାଡେମୀ କର୍ମକର୍ତ୍ତା ସୂଚନା ଦେଇଥିଲେ । ସେମାନେ ଆହୁରି




ରୋଟାରୀ ଓମେନ୍ସ ହକି ଚାମ୍ପିୟନଶିପ୍ ବିଷୟରେ କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

**ଭାଗନେବେ ୧୦ଟି ଦଳ**

କହିଥିଲେ ଯେ, ଐତିହାସିକ ସମ୍ବଲପୁର ସହର ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ ସମେତ କବାଡି ଓ ଫୁଟବଲ ଖେଳରେ ଦେଶରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲା ଦେଶରେ ମହିଳା ହକି ଖେଳରେ କିପରି ସୁନାମ ଅର୍ଜନ କରିବ ସେ ନେଇ ଲକ୍ଷ୍ୟ ରହିଛି । ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ଆୟୋଜନ କମିଟି ସଭାପତି ରାଜେନ୍ଦ୍ର କୁମାର କୁଜୁର, ସାଂଗଠାନିକ ସମ୍ପାଦକ ଜିତେନ୍ଦ୍ର କୁମାର, ଉପଦେଷ୍ଟା ତଥା ଶହୀଦ ମାଧୋ ସିଂ ହକି ଏକାଡେମୀ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ, ଫାଦର୍ ଅନୀଲ କୁମାର କୁଜୁର, ଆଇପିଏସ ନିର୍ଦ୍ଦେଶକ କେଶବ ଡାଲମିଆଁ ଟୁର୍ନାମେଣ୍ଟ ବିଷୟରେ ସୂଚନା ଦେଇଥିଲେ ।

# ପୀରବାବାଙ୍କ ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୦।୧୨ (ବ୍ୟୁରୋ)**

ପୀରବାବାଙ୍କ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏହି ଅବସରରେ କୁମ୍ଭାରପଡାଠାରୁ ଭବ୍ୟ ଶୋଭାଯାତ୍ରା ବାହାରିଥିଲା । ଜିଲା ସ୍କୁଲ ଛକ, ଭିଏସ୍‌ଏସ୍ ମାର୍ଗ, ଲକ୍ଷ୍ମୀ ଟକିଜ ଛକ, ଗୋଲବଜାର ଛକ ପରିକ୍ରମା କରି ପୀରବାବା ଛକସ୍ଥିତ ଦରଘାଠାରେ ପହଞ୍ଚିଥିଲା । ସେଠାରେ ବଡେପୀରଙ୍କ ପତାକା ସ୍ଥାପନ କରାଯାଇଥିଲା। ମହମ୍ମଦ ଜୁବେର, ମହମ୍ମଦ ସକିଲ୍, ସୟଦ୍ ଅସରଫ୍, ସୟଦ ୟୁସୁଫ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଗୁରୁବାର ସମ୍ବଲପୁର ପୀରବାବାଙ୍କ ବାର୍ଷିକ ଉତ୍ସବ ଶୋଭାଯାତ୍ରା ।

## ଭୋଇପାଲି-ଘେନୁପାଲି ରାସ୍ତା କାମ ନିମ୍ନମାନର ଅଭିଯୋଗ

# ତଦନ୍ତ କଲେ ନିର୍ବାହୀ ଯନ୍ତ୍ରୀ

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଭୋଇପାଲି-ଘେନୁପାଲି ରାସ୍ତାକାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏ ସମ୍ପର୍କିତ ଏକ ଖବର ୧୩ ତାରିଖ ସମ୍ବଲପୁର ଧରିତ୍ରୀ ସଂସ୍କରଣରେ ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ ରାସ୍ତା କାମର ତଦାରଖ କରିଛନ୍ତି। ଏପରି କି ପୁଣି ଥରେ ପିଚୁ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠିକାଦାର ମଧ୍ୟ ଏଥିରେ ରାଜି ହୋଇଥିବା ଜଣାପଡିଛି।

# ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

**ଦେବଗଡ,୨୦।୧୨(ସ୍ୱ.ପ୍ର.)**

ଇନ୍ଦିରାଗାନ୍ଧି ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୧୪, ୧୬, ୧୮, ୨୦ ବର୍ଷ ବୟସରୁ କମ୍ ବୟସର ମହିଳା ଓ ପୁରୁଷ ତଥା ବାଳିକାବାଳକ ବିଭାଗରେ ବିଭିନ୍ନ ପ୍ରକାର ଖେଳ ଦୁଇଦିନଧରି ଆୟୋଜିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଖେଳାଳିମାନେ ଭାଗ ନେଇଥିଲେ। ହେବାକୁ ଥିବା ଆସନ୍ତା ଡିସେମ୍ବର ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମଠାରେ ୬୬ତମ ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ ଚୟନ ହୋଇଥିବା ଖେଳାଳିମାନେ ଭାଗ ନେବେ ବୋଲି କ୍ରୀଡା ଅଧିକାରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂଘ ସମ୍ପାଦକ ଧିରେନ୍ଦ୍ର ନାଏକ, ଜିଲା ଶିକ୍ଷା କ୍ରୀଡା ନିରିକ୍ଷକ ବାତ୍ସଲ୍ୟ ବିଶ୍ୱାଳଙ୍କ ସମେତ ବିଭିନ୍ନ ସ୍କୁଲର ପିଇଟିମାନେ ସହଯୋଗ କରିଥିଲେ।



ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍।

## ଫଟୋରେ ଖବର





ଗୁରୁବାର ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଆୟୋଜିତ ସାମ୍ପ୍ରତିକ ସ୍ଥିତିରେ ଯୁବ ଛାତ୍ରଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇଥିବା ପ୍ରତିନିଧିମାନେ (ବାମ)। ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଆୟୋଜିତ ସାମ୍ପ୍ରତିକ ସ୍ଥିତିରେ ଯୁବ ଛାତ୍ରଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ପ୍ରତିନିଧି ଓ ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ସଭ୍ୟାସଭ୍ୟ ଅପେକ୍ଷା କରିଛନ୍ତି।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ। ତାଙ୍କୁ ହିଁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ପୁସ୍ତକମେଳା ଅବଧି ୨ ଦିନ ବଢ଼ିଲା

ସମ୍ବଲପୁର,୨୦।୧୨(ବ୍ୟୁରୋ) ସେତୁ ଆୟୋଜିତ ଏକବିଂଶତମ ସମ୍ବଲପୁର ପୁସ୍ତକମେଳାର ଅବଧି ଦୁଇ ଦିନ ବୃଦ୍ଧି କରାଯାଇଛି। ଗତ ୧୪ରୁ ଆରମ୍ଭ ହୋଇଥିବା ପୁସ୍ତକମେଳା ୨୩ ତାରିଖରେ ଉଦ୍ଯାପିତ ହେବାକୁ ଥିଲା । କିନ୍ତୁ ବାତ୍ୟା ପାଥେଇ ଯୋଗୁ ଅଦିନିଆ ବର୍ଷା ଫଳରେ ସାରସ୍ୱତ ମେଳା ଡିସେମ୍ବର ୧୭ ଓ ୧୮ ତାରିଖରେ ବିକ୍ରୟରେ ବାଧାପ୍ରାପ୍ତ ହୋଇଥିଲା । ତେଣୁ ଚଳିତ ମାସ ୨୩ରେ ସମ୍ମାନ ସମାରୋହ ଓ ୨୫ରେ ଉଦ୍ଯାପନୀ ଉତ୍ସବ ହେବ । ଏନେଇ ଗୁରୁବାର ଅପରାହ୍ନରେ ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକାରିଣି ବୈଠକ ହୋଇଥିଲା। ଏଥିରେ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତାଙ୍କ ସହ ଆଲୋଚନା କରାଯାଇଥିଲା । ପରେ ପୁସ୍ତକମେଳା ଅବଧିକୁ ଦୁଇଦିନ ବୃଦ୍ଧି କରାଯାଇଥିବା ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକଙ୍କୁ ସେତୁ ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କୁ ଶିକ୍ଷାବିତ ବାଳକୃଷ୍ଣ କର ସ୍ମୃତି ସମ୍ମାନ ଓ ସଦର ହସ୍ପିଟାଲ ସଂକ୍ରାମକ ୱାର୍ଡ଼ ସେବିକା ରେବତୀ ରାଉତଙ୍କୁ କର୍ମଯୋଗୀ ମହିଳା ସମ୍ମାନରେ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଛି। ଏଥିସହ ଡିସେମ୍ବର ୨୪ ତାରିଖରେ ସମ୍ବଲପୁରୀ ଲେଖକ ପରିଷଦ ପକ୍ଷରୁ ସମ୍ବଲପୁରୀ କଥା ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ହେବ ।

## ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ

# ହାତୀ ଚଳାପଥ ନିର୍ମାଣରେ ବ୍ୟତିକ୍ରମ

ସମ୍ବଲପୁର,୨୦।୧୨(ବ୍ୟୁରୋ)- ଜାତୀୟ ରାଜପଥ କିମ୍ବା ରାଜ୍ୟ ରାଜପଥ ନିର୍ମାଣ ବେଳେ ବିଭିନ୍ନ ନିୟମ ପାଳନ କରାଯାଇଥାଏ। ସେଥି ମଧ୍ୟରୁ ବନ୍ୟ ପ୍ରାଣୀ ସୁରକ୍ଷା ନିୟମ ମଧ୍ୟ ଅନ୍ୟତମ। ଉକ୍ତ ରାସ୍ତାରେ ବନ୍ୟପ୍ରାଣୀ ଯିବା ଆସିବା କରୁଥିବା ବେଳେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ। ବନ ବିଭାଗ ବନ୍ୟ ପ୍ରାଣୀ ଚଳାଚଳ କରୁଥିବା ସମ୍ପୃକ୍ତ ସ୍ଥାନ ଚିହ୍ନଟ କରି ସୁପାରିସ କ୍ରମେ ଚଲାପଥ ନିର୍ମାଣ ହୋଇଥାଏ। ହେଲେ ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ ନିର୍ମାଣ କରୁଥିବା କମ୍ପାନୀ ହାତୀ ଚଲାପଥ ନିର୍ମାଣରେ ବ୍ୟତିକ୍ରମ ଦେଖାଦେଇଛି। ଉକ୍ତ ରାସ୍ତା ହାତୀ ଚଲାପଥ ନୁହେଁ ମୃତ୍ୟୁପଥ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ବନ ବିଭାଗ ଅଧିକାରୀ ଏବଂ ଜାତୀୟ ରାଜପଥ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ ପରେ ନିୟମ ଅନୁଯାୟୀ କାମ ଆରମ୍ଭ କରିବା କଥା। ହେଲେ କମ୍ପାନୀ ନିୟମ ଅନୁଯାୟୀ କାମ କରୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବନ ବିଭାଗ ନିର୍ମାଣ କାମ ବନ୍ଦ କରି ଦେଇଛି। ଏପରି କି ବନ ବିଭାଗ ନିୟମ ଅନୁଯାୟୀ କାମ କରିବାକୁ କମ୍ପାନୀକୁ ତାଗିଦ କରିଛି। ଅନ୍ୟପକ୍ଷେ ଘଟଣା ସଂକ୍ରାନ୍ତ ବନ ବିଭାଗ ଓ ଜାତୀୟ ରାଜପଥ ବିଭାଗର ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିବା ଜଣାପଡିଛି।



ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ନିର୍ମାଣ ନେଇ ଖୋଳାଯାଇଛି ।

### ନିର୍ମାଣ କାମ ବନ୍ଦ କଲା ବନ ବିଭାଗ

ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ହାତୀ ଚଲାପଥ ନିର୍ମାଣ ସ୍ଥାନରେ ପାରିପାର୍ଶ୍ୱିକ ସ୍ଥିତି ଯାହା ଥିବ ତାହାକୁ ନଷ୍ଟ ନ କରି ନିର୍ମାଣ ହେବା କଥା। ହେଲେ କମ୍ପାନୀ ଏହି ସବୁକୁ ଭାଙ୍ଗିଦେଇଛି । ଫଳରେ ହାତୀ ସହ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ଯିବା ଆସିବାରେ ଏହା ସମସ୍ୟା ସୃଷ୍ଟି କରିବ। ସେମାନେ ପୂର୍ବରୁ ଥିବା ରାସ୍ତା ଖୋଜି ପାରିବେ ନାହିଁ। ଚଲାପଥର ଚଉଡା ୫୦ ମିଟର ଓ ଉଚ୍ଚତା ସର୍ବନିମ୍ନ ୧୫ ଫୁଟ ରହିବାର ନିୟମ ରହିଛି। ପୂର୍ବରୁ ଥିବା ରାସ୍ତା ଖୋଲା ଯିବା ନିୟମ ନ ଥିଲେ ମଧ କମ୍ପାନୀ ପ୍ରାୟ ରାସ୍ତା ଉପରେ ୧୨ ଫୁଟର ଗାତ ଖୋଳିଛି । ଫଳରେ ରାସ୍ତା ନିର୍ମାଣ ଅସ୍ୱାଭିକ ହେବ। ଏହା ହାତୀଙ୍କ ଜୀବନ ପ୍ରତି ବିପଦ ରହିବାର ଆଶଙ୍କା ଉପଜୁଛି। ଅନ୍ୟପକ୍ଷେ କମ୍ପାନୀ ମନମୁଖି କାମ କରୁଥିବା ବେଳେ ନିମ୍ନମାନର କାମ ସହ ବେଆଇନ ମାଟି ଚୋରି କରୁଥିବା ଅଭିଯୋଗ ହେଉଛି। ସମ୍ବଲପୁର ଜିଲାରେ ମୋଟ ୭ଟି ହାତୀ ଚଲାପଥ ନିର୍ମାଣ କରିବା ପାଇଁ ଯୋଜନା ରହିଛି । ହେଲେ ବନ ବିଭାଗ ପକ୍ଷରୁ ୧୩ଟି ସ୍ଥାନ ଚିହ୍ନଟ କରି ରାସ୍ତା ନିର୍ମାଣ କରିବାକୁ ଜାତୀୟ ରାଜପଥ ବିଭାଗକୁ କହିଛି। ସଦର ରେଞ୍ଜ ଅଧୀନରେ ଖଇରାପଡ଼ା, ଭବାନିପାଲି, ଆମ୍ବଟୁଙ୍ଗୁରୁ ନାଳା, ଭୀମଖୋଜ ଢାବା, ଚନ୍ଦନୀମାଳ ସମେତ ରେଢାଖୋଳ ବନଖଣ୍ଡ ଅଧୀନରେ ୮ଟି ଚଲାପଥ ନିର୍ମାଣ କରିବା ପାଇଁ ବନ ବିଭାଗ ପ୍ରସ୍ତାବ ଦେଇଛି । ଏହି ସମ୍ପର୍କରେ ରାସ୍ତା ନିର୍ମାଣ କରୁଥିବା ଗାୟତ୍ରୀ କମ୍ପାନୀ ପ୍ରକଳ୍ପ ନିର୍ଦ୍ଦେଶକ ଭେଙ୍କେଟେଶ୍ୱର ରେଡ୍ଡୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ନିର୍ମାଣ କାମରେ ତ୍ରୁଟି ଦର୍ଶାଇ ବନ ବିଭାଗ କାମକୁ ବନ୍ଦ କରିଛି । ଏ ନେଇ ଜାତୀୟ ରାଜପଥ ବିଭାଗ ସହିତ ଆଲୋଚନା କରାଯାଉଛି।

### ନାବାଳକ ଉଦ୍ଧାର, ଅପହର୍ତ୍ତା ଗିରଫ

ସମ୍ବଲପୁର,୨୦।୧୨(ବ୍ୟୁରୋ) ସମ୍ବଲପୁର ଜିଲା ଧନୁପାଲି ଥାନା ନକ୍ସାପାଲି ଗ୍ରାମର ଜଣେ ନାବାଳକଙ୍କୁ ଅପହରଣ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ପରେ ନାବାଳକଙ୍କୁ ବୁର୍ଲାରୁ ଉଦ୍ଧାର କରିଛି। ପୋଲିସ ଅପହରଣ ଅଭିଯୋଗରେ ବୁର୍ଲାର ଗଣେଶ ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ଏକ ମାମଲା(ନଂ.୪୬୮/୧୮) ରୁଜୁ ହୋଇଛି।

### କ୍ଷୟକ୍ଷତି ଆକଳନ ଦାବି

ସମ୍ବଲପୁର,୨୦।୧୨ (ବ୍ୟୁରୋ) ପେଥାଇ ପ୍ରଭାବରେ ସମ୍ବଲପୁର ଜିଲାରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏନେଇ ପ୍ରଶାସନ କ୍ଷୟକ୍ଷତିର ଆକଳନ କରିବାକୁ କଂଗ୍ରେସ କୃଷକ ସେଲ ସଭାପତି ଗୋବିନ୍ଦ ମିଶ୍ର ଦାବୀ କରିଛନ୍ତି।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ
  ସ୍ଥାନ- ସିଏସବି ଜିଲା ସ୍କୁଲ
  ସମୟ- ପୂର୍ବାହ୍ନ ସାଢ଼େ ୧୦ଟା
- ଭିମସାର ବୁର୍ଲା ବଞ୍ଚାଅ ଗଣଧାରଣା
  ସ୍ଥାନ- ଜେଲ ଛକ
  ସମୟ- ପୂର୍ବାହ୍ନ ୧୧ଟା
- ଶ୍ରୀମଦ୍ ଭାଗବତ କଥାଜ୍ଞାନ ଯଜ୍ଞ
  ସ୍ଥାନ- ଧନୁପାଲି ଗୋପାଳଜୀ ମଠ
  ସମୟ- ଅପରାହ୍ନ ସାଢ଼େ ୩ଟା

## ପେଥାଇ ଉଜାଡ଼ିଦେଲା ଧାନ ଫସଲ

ରେଢ଼ାଖୋଲ,୨୦।୧୨(ଡି.ଏନ୍.ଏ.)

ପେଥାଇ ପ୍ରଭାବରେ ଗତ ସୋମବାର ଓ ମଙ୍ଗଳବାର ୨ଦିନ ଧରି ଲଗାଣ ବର୍ଷା ଯୋଗୁ ବ୍ୟାପକ ଅମଲକ୍ଷମ ଧାନ ନଷ୍ଟ ହୋଇଛି। ରେଢ଼ାଖୋଲ କୃଷି ଜିଲାରେ ୯୩୩ ଏକର ଧାନ ଫସଲ ନଷ୍ଟ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିମଧ୍ୟରୁ ରେଢ଼ାଖୋଲ ବ୍ଲକରେ ୭୩୫ ଏକର ଓ ନାକଟିଦେଉଳ ବ୍ଲକରେ ୧୯୮ ଏକର ଜମିରେ ଧାନ ଫସଲ ନଷ୍ଟ ହୋଇଛି। ଏନେଇ ଚାଷୀ ହତାଶ ହୋଇ ପଡିଛନ୍ତି। ଚଳିତ ବର୍ଷ ଧାନ ଫସଲ ଆଶାଜନକ ହେବା ନେଇ ଚାଷୀମାନେ ଆଶା ବାନ୍ଧି ଥିବା ବେଳେ ବର୍ଷାର ଅନିୟମିତତା ଯୋଗୁ କୃଷିଜିଲାର ଅନେକ ପଞ୍ଚାୟତରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ମରୁଡି ଘୋଷଣା କରାଯିବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ତଳି ଅଞ୍ଚଳରେ ହୋଇଥିବା ଧାନ ଚାଷରୁ ଯାହାକିଛି ଅମଳ ହେବାର ଆଶା କରାଯାଉଥିଲା ତାହା ମଧ୍ୟ ହାତୀ ଉପଦ୍ରବ ଓ ୨ ଦିନର ଲଗାଣ ବର୍ଷା ଯୋଗୁ ଧୂଳିସାତ ହୋଇଛି। ଚାଷୀ ବହୁ କଷ୍ଟରେ ଋଣ କରି ଚାଷ କରିଥିବା ବେଳେ ଚାଷୀମାନେ ସରକାରୀ ସହାୟତାକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି।



ପେଥାଇ ପ୍ରଭାବରେ ନଷ୍ଟ ହୋଇଯାଇଥିବା ଧାନକୁ ଚାଷୀମାନେଦ ଦେଖାଉଛନ୍ତି।

### ଜମନକିରା ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ଜମନକିରା,୨୦।୧୨(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଇ ଡେସ୍‌ପାଚ ମାଧ୍ୟମରେ ଆବେଦନ କାରୀଙ୍କୁ ଜମି ପଟ୍ଟା ବଣ୍ଟନ ବ୍ୟବସ୍ଥା ଜମନକିରାଠାରେ ଶୁଭାରମ୍ଭ ହୋଇଯାଇଛି। ତହସିଲଦାର ଡା.ସୌମ୍ୟରୂପା ରଥ ଏହାର ଶୁଭାରମ୍ଭ କରିଥିଲେ। ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ ଅନୁସାରେ ଗୁରୁବାର ୫ ଜଣ ଆବେଦନକାରୀଙ୍କୁ ଡାକ ବିଭାଗର ସ୍ପିଡ଼ପୋଷ୍ଟ ମାଧ୍ୟମରେ ଜମିପଟ୍ଟା ପ୍ରେରଣ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁ, ମୁଖ୍ୟ କିରାଣି ସୁବାସ ଚନ୍ଦ୍ର ନାଏକ, ରାଜସ୍ୱ ପରିଦର୍ଶକ ଅଶୋକ ନାଏକ, ବରିଷ୍ଠ କିରାଣି ବସନ୍ତ ନାଏକ, କନିଷ୍ଠ କିରାଣି ତରୁଣ ପଧାନ, ଆଦର୍ଶ ମୋହନ ଦୋରା, ମହେଶ୍ୱର ମୁଣ୍ଡା, ଲୋକନାଥ ପଣ୍ଡା, ତୁଳସା ପଧାନ, ରୁଦ୍ରନାରାୟଣ ସାହୁ ଓ ଅନୁପମା ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ନେଲେ ଛାତ୍ରୀ

ରେଢ଼ାଖୋଲ,୨୦।୧୨(ଡି.ଏନ୍.ଏ.)- ରେଢ଼ାଖୋଲ ମହିଳା କଲେଜର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପାଇଁ ତାଲିମ ପ୍ରଦାନ କରାଯାଇଛି। ପ୍ରଶିକ୍ଷିକା ଏଲ୍ ବିଷ୍ଣୁପ୍ରିୟା ସାଗର, ଦୀପାଞ୍ଜଳି ବାର୍ଲା, ପ୍ରତିଭା ଡାଙ୍ଗ୍ ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଗତ ୧୩ତାରିଖଠାରୁ କଲେଜ ପରିସରରେ ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁନିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସମାରୋହରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏସ୍‌ଆଇ ବୈଭବୀ ମାଳା ସ୍ୱାଇଁ ,ବିଜୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲ। ଅଧ୍ୟାପିକା ମମତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସମାରୋହରେ କଲେଜର ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ।



ଅତିଥିମାନେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

### ବ୍ୟାଙ୍କ ପରିସରରୁ ୩ ଲକ୍ଷ ଟଙ୍କା ଚୋରି

ସମ୍ବଲପୁର,୨୦।୧୨(ବ୍ୟୁରୋ)- ସମ୍ବଲପୁର ମୁଦିପଡ଼ା ପାଣିଟାଙ୍କି ଛକରେ ଥିବା କୋ-ଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ ପରିସରରୁ ଗୁରୁବାର ୩ ଲକ୍ଷ ଟଙ୍କା ଚୋରି ହୋଇଛି । ଏନେଇ ଆଶିଷ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଟାଉନ ଥାନାରେ ଏକ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୫୦୫/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଆଶିଷ ଘରୁ ଏକ ବ୍ୟାଗରେ ୩ଲକ୍ଷ ଟଙ୍କା ଧରି ସ୍କୁଟି (ନଂ ଓଡି-୧୫ ଜି ୩୩୦୧)ଯୋଗେ କୋ-ଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ ନିକଟରେ ପହଞ୍ଚି ଥିଲେ। ସେ ସେଠାରେ ସ୍କୁଟି ରଖି ଫୋନରେ କଥା ହେଉଥିଲେ। ସେତିକିବେଳେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଥିଲେ। ଜଣେ ଯୁବକ ବାଇକ୍ ଷ୍ଟାଟ କରି ରହିଥିବା ବେଳେ ଅନ୍ୟଜଣେ ଯୁବକ ବାଇକ୍‌ରୁ ଓହ୍ଲାଇ ସ୍କୁଟିରେ ଥିବା ବ୍ୟାଗ ଧରି ଫେରାର ହୋଇଯାଇଥିଲେ।

## ଭୋଜପୁର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ଜମନକିରା,୨୦।୧୨(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ବିଛାଲାଲ ରାମଚନ୍ଦ୍ର ଗୁପ୍ତା ମହାବିଦ୍ୟାଳରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୬୦ଜଣ ଛାତ୍ରୀ ତାଲିମ ନେଇଥିଲେ। ପ୍ରୀତି ଭାଙ୍ଗରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ କୁମରମଣି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅନ୍ତର୍ଜାତିକ ସ୍ୱର୍ଣ୍ଣ ପଦକ ବିଜେତା ଅମିତ କୁମାର ମହାକଳ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ଅଧାପକ ପ୍ରତାପ କୁମାର ମହାକୁଳ ସଂଯୋଜନା କରିଥିବା ବେଳେ ପିଇଟି ଦେବେନ୍ଦ୍ର ନାଏକ ସହଯୋଗ କରିଥିଲେ।



ଆତ୍ମସୁରକ୍ଷା ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ ।

## କନ୍ୟାଶ୍ରମରେ ବାର୍ଷିକ ଉତ୍ସବ ଉଦ୍ଯାପିତ

ଜମନକିରା,୨୦।୧୨(ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଫାଶିମାଲ ସରକାରୀ ଏସ୍‌ଏସ୍‌ଡ଼ି ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଡ.ଗୀତାଂଶୁମୋହନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପବିତ୍ର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଏସ୍‌ଏସ୍‌ଡ଼ି ନିରୀକ୍ଷକ ଗୌରୀରାଣୀ ଦେଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଫାଶିମାଲ ଗୋଷ୍ଠୀ ଉନ୍ନୀତ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶରତଚନ୍ଦ୍ର ଦେହୁରୀ, ଫାଶିମାଲ ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆଇରୀନା ମିଞ୍ଜ ବିବରଣୀ ପାଠ ସହ ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ତେଜରାମ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ପେଥାଇର ପ୍ରଭାବ : କ୍ଷୟକ୍ଷତି ଆକଳନ, ଚାଷୀଙ୍କ ଉଜୁଡ଼ା ଫସଲ ସଂଗ୍ରହ

ସମ୍ବଲପୁର,୨୦।୧୨(ବ୍ୟୁରୋ)

ପେଥାଇ ପ୍ରଭାବରେ ୨ ଦିନ ଧରି ଜିଲାର ବିଭିନ୍ନ ବ୍ଲକରେ ପ୍ରାୟ ୭୫ ମି.ଲି. ମିଟରରୁ ଅଧିକ ବର୍ଷା ହୋଇଥିଲା। ଏଥିରେ ଧାନ ଫସଲ ଓ ପନିପରିବା ଓ ତୈଳବୀଜ ଚାଷ କ୍ଷତିଗ୍ରସ୍ତ ହୋଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ କ୍ଷୟକ୍ଷତି ଆକଳନ କରାଯାଇଛି । କୃଷି ବିଭାଗ ପକ୍ଷରୁ ୨୬୬୬ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ହେଲେ ରାଜସ୍ୱ ବିଭାଗ ଓ କୃଷି ବିଭାଗର ମିଳିତ ଆକଳନ ପରେ ଚୂଡାନ୍ତ ରିପୋର୍ଟ ପ୍ରକାଶ ପାଇବ। ବର୍ଷା ଛାଡି ଦୁଇ ଦିନ ହେଲା ଖରାପାଗ ରହିଛି । ତେଣୁ ଚାଷୀ ମନରେ କାଳେ କିଛି ଫସଲ ବଞ୍ଚିଥିବ ସେ ନେଇ ଆଶା ବାନ୍ଧିଛି। ବିଲରେ ଭିଜି ଯାଇଥିବା ଧାନକୁ ଚାଷୀ ସଂଗ୍ରହ କରିବାରେ ଲାଗିଛି। ଅନ୍ୟପକ୍ଷେ ଚାଷୀ ଖଳାରେ ଧାନକୁ ଶୁଖାଇବା ବ୍ୟବସ୍ଥା କରୁଛି । ହେଲେ ଧାନ ଗଜା ହୋଇ ଯାଇଥିବା ଚାଷୀମାନେ ଅଭିଯୋଗ କରିଚନ୍ତି। ଏନେଇ ଚାଷୀ ଚିନ୍ତାରେ ପଡିଛି। ଗୁରୁବାର ଧାନ ମାର୍କେଟଗୁଡିକ ଖୋଲା ଯାଇଛି । ହେଲେ କମ୍ ପରିମାଣ ଧାନ ବିକ୍ରି ପାଇଁ ଆସିଥିବା ଜଣାପଡିଛି।



ସମ୍ବଲପୁର ଜିଲା ମାନେଶ୍ୱର ଅଞ୍ଚଳରେ ଜଣେ ଚାଷୀ ଫସଲକୁ ସଂଗ୍ରହ କରୁଛି ।

## ବିଜେଡିର ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

ରେଙ୍ଗାଲି,୨୦।୧୨(ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବିଜେଡି ପକ୍ଷରୁ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ବିଜେଡିର ପ୍ରତିଷ୍ଠା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ହରିହର ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରେଙ୍ଗାଲି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୁନାବିହାରୀ ଦାସ, ବ୍ଲକ ସଂଯୋଜିକା ସ୍ୱାଗତିକା ମହାନ୍ତି, ପୂର୍ବତନ ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ତଥା ଯୁବନେତା କିରଣ ବେହେରା, ସରପଞ୍ଚ ଇଂ. ଗାନ୍ଧୀ ବେହେରା, ହରିଶଙ୍କର ବେହେରା, ଶେଷଦେବ ପ୍ରଧାନ, ମୁରାରି ବିଶ୍ୱାଳ, ଅଶୋକ ବରଗଡ଼ି, କାହ୍ନୁ ମିଶ୍ର, ଆଦିତ୍ୟ ପଟ୍ଟନାୟକ, ନନ୍ଦକିଶୋର ଅଗ୍ରୱାଲ, ହେମସାଗର ସାହୁଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଜେଡି କର୍ମୀ ତଥା ବିଜେଡି କୃଷକ ସେଲର ସଭାପତି ଉତ୍ତର ବିଶ୍ୱାଳ, ବରିଷ୍ଠ ବିଜେଡି କର୍ମୀ କେଦାର ପୂଜାରୀ ଏବଂ ବିଜେଡି କର୍ମୀ ହରିଶଙ୍କର ବେହେରାଙ୍କ ମା'ଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ରେଙ୍ଗାଲି ନିର୍ବାଚନମଣ୍ଡଳୀର ରେଙ୍ଗାଲି, ମାନେଶ୍ୱର, ଧନକଉଡା ୩ଟି ବ୍ଲକର ଶତାଧିକ କର୍ମୀ ଯୋଗଦାନ କରିଥିଲେ । ପ୍ରତିଷ୍ଠା ଦିବସ ୩ଟି ବ୍ଲକରେ ଅଲଗା ଅଲଗା ଭାବେ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



ବୈଠକରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



ସମସ୍ତ ରାଜନୈତିକ ଦଳ ଜନ ପ୍ରତିନିଧିଙ୍କ ପାଇଁ ମିଳିତ ଭାବେ ଏକ ଆଚରଣ ବିଧି ପ୍ରସ୍ତୁତ କରିବା ଉଚିତ ।
- ଏମ୍.ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଶ୍ରିଙ୍ଗଲା ଆମେରିକାରେ ଭାରତର ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**-ବରିଷ୍ଠ କୂଟନୀତିଜ୍ଞ ହର୍ଷବର୍ଦ୍ଧନ ଶ୍ରିଙ୍ଗଲାଙ୍କୁ ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି।



୧୯୮୪ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା ଅଧିକାରୀ ଶ୍ରିଙ୍ଗଲା ନଭତେଜ୍ ସର୍‌ନାଙ୍କ ସ୍ଥାନ ନେବାକୁ ଯାଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଶ୍ରିଙ୍ଗଲା ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ଅଛନ୍ତି। ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦର ମହାନିର୍ଦ୍ଦେଶକ ଥିବା କୂଟନୀତିଜ୍ଞ ରିଭା ଗାଙ୍ଗୁଲୀଙ୍କୁ ବାଂଲାଦେଶରେ ଭାରତର ନୂଆ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି।

### ଲାଲୁଙ୍କୁ ଅନ୍ତରୀଣ ଜାମିନ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**-ଭାରତୀୟ ରେଳପଥ କ୍ୟାଟରିଂ ଏବଂ ଟ୍ୟୁରିଜମ୍ କର୍ପୋରେଶନ୍ (ଆଇଆର୍‌ସିଟିସି)ର ଦୁଇଟି ଦୁର୍ନୀତି ମାମଲାରେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କୁ ଦିଲ୍ଲୀର ଏକ କୋର୍ଟ ଜାନୁୟାରୀ ୧୯ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ



ମଞ୍ଜୁର କରିଛନ୍ତି। ସିବିଆଇ ଏବଂ ଇଡି ପକ୍ଷରୁ ଏହି ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ରାଞ୍ଚି ଜେଲ୍‌ରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଲାଲୁ ହାଜର ହୋଇ ବୟାନ ରଖିବା ପରେ ସ୍ୱତନ୍ତ୍ର ଜଜ୍ ଅରୁଣ ଭରଦ୍ୱାଜ ତାଙ୍କୁ ଜାମିନ ଦେଇଛନ୍ତି। ତେବେ ତାଙ୍କୁ ନିୟମିତ ଜାମିନ ପ୍ରଦାନ ଲାଗି କୋର୍ଟ ସିବିଆଇ ଏବଂ ଇଡିଠାରୁ ଦୁଇଟି ମାମଲାରେ ରିପୋର୍ଟ ମାଗିଛନ୍ତି। ଆଇଆର୍‌ସିଟିସିର ଦୁଇଟି ହୋଟେଲର ପରିଚାଳନା ଦାୟିତ୍ୱ ଘରୋଇ କମ୍ପାନୀକୁ ଦେବାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏହି ମାମଲାରେ କୋର୍ଟ ପୂର୍ବରୁ ଲାଲୁଙ୍କ ସ୍ତ୍ରୀ ରାବ୍ରୀ ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କୁ ଜାମିନ ପ୍ରଦାନ କରିଥିଲେ।

# ଚାଇନାକୁ ଦୋହରା ଝଟକା

**ୱାଶିଂଟନ,୨୦।୧୨**

## ତିବ୍ବତ ସମ୍ପର୍କିତ ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ୍




ଆମେରିକା ପକ୍ଷରୁ ବୁଧବାର ଚାଇନାକୁ ଶକ୍ତ ଝଟକା ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତିବ୍ବତ ସମ୍ପର୍କିତ ଏକ ବିଲ୍‌ରେ ସ୍ୱାକ୍ଷର କରିବା ପରେ ତାହା ଆଇନରେ ପରିଣତ ହୋଇଛି। ଉକ୍ତ ଆଇନ ବଳରେ ଆମେରିକାର ଯେକୌଣସି ନାଗରିକ ତିବ୍ବତକୁ ଯାଇପାରିବେ। ହିମାଳୟ ପାଦଦେଶରେ ଥିବା ଧର୍ମଗୁରୁ ଦଲାଇ ଲାମାଙ୍କ ଏହି ଭୂଖଣ୍ଡକୁ ଆମେରିକୀୟ ନାଗରିକ, ସରକାରୀ ଅଧିକାରୀ ଓ ଖବରଦାତା ଯିବା ପାଇଁ ଚାଇନାର ଯେଉଁ ଅଧିକାରୀ ମନାକରିବେ ତାଙ୍କ ବିରୋଧରେ ଭିଜା କଟକଣା ଜାରି କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି।

ଆମେରିକା ନାଗରିକ, ସରକାରୀ ଅଧିକାରୀ, ଖବରଦାତା, କୂଟନୈତିଜ୍ଞ ଓ ପର୍ଯ୍ୟଟକମାନେ ବିଭିନ୍ନ କାର୍ଯ୍ୟ ପାଇଁ ତିବ୍ବତ ଯିବା ଲାଗି ଆଗ୍ରହ ପ୍ରକାଶ କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଚାଇନା ସେଠାକୁ ଯିବାକୁ ଦେଇ ନ ଥାଏ। ଯେଉଁ ଅଳ୍ପ କେତେଜଣଙ୍କୁ ଯିବାକୁ ଦିଆଯାଏ, ସେମାନଙ୍କୁ ଚାଇନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖିଥାନ୍ତି। ଏପରି କି ତିବ୍ବତୀୟ ଅଧିବାସୀଙ୍କ ପ୍ରକୃତ ଅବସ୍ଥା ସେମାନଙ୍କୁ ଜାଣିବାକୁ ସୁଯୋଗ ଦିଆଯାଇ ନ ଥାଏ। ତିବ୍ବତୀୟ-ଆମେରିକୀୟମାନଙ୍କୁ ସେମାନଙ୍କ ପୈତୃକ ଭୂମିକୁ ଯାଇ ନିଜ ପରିବାର ଓ ସମ୍ପ୍ରଦାୟର ସଦସ୍ୟଙ୍କ ସହ ଭେଟିବା ଅଧିକାର ମିଳି ନ ଥାଏ। ଏହାକୁ ନେଇ ଆମେରିକା ପୂର୍ବରୁ ଏକାଧିକ ଥର ଆପତ୍ତି ଉଠାଇଥିଲେ ହେଁ ବେଜିଂ କର୍ଣ୍ଣପାତ କରୁ ନ ଥିଲା। ଫଳରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ବୁଧବାର 'ରେସିପ୍ରୋକାଲ ଆକ୍‌ସେସ୍ ଟୁ ତିବ୍ବତ ଆକ୍ଟ ଅଫ୍ ୨୦୧୮'ରେ ସ୍ୱାକ୍ଷର କରି ନିଜ ଦେଶର ଲୋକଙ୍କ ପାଇଁ ତିବ୍ବତକୁ ପଥ ପରିଷ୍କାର କରିଛନ୍ତି। ଏହା ପୂର୍ବରୁ ଉକ୍ତ ବିଲ୍ ସିନେଟ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଗୃହୀତ ହୋଇଥିଲା। ଟ୍ରମ୍ପ୍‌ଙ୍କ ସଦ୍ୟ ପଦକ୍ଷେପକୁ ତିବ୍ବତୀୟ ସମୁଦାୟ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ପ୍ରକାଶ ଯେ, ଚାଇନା ଶତାଧିକ ବର୍ଷ ହେବ ତିବ୍ବତକୁ ନିଜ ଭୂଖଣ୍ଡ ଭାବେ ଅଭିହିତ କରିଆସୁଛି। ତିବ୍ବତରେ ଚାଇନା ବିରୋଧରେ ବିଫଳ ସଂଗ୍ରାମ ପରେ ୧୯୫୯ରେ ଦଲାଇ ଲାମା ଭାରତକୁ ଚାଲିଆସିଥିଲେ।

# ଉପାରେ କୁଶ୍‌ୱାହା

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**



ଏନ୍‌ଡିଏ ଛାଡ଼ିଥିବା ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍‌ଏସ୍‌ପି) ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶ୍‌ୱାହା ଗୁରୁବାର କଂଗ୍ରେସ ନେତୃତ୍ୱାଧୀନ ଉପାରେ ସାମିଲ ହୋଇଛନ୍ତି। ବିହାରରେ ବିରୋଧୀ ଦଳର ମହାମେଣ୍ଟରେ ସାମିଲ ହୋଇଥିବା କୁଶ୍‌ୱାହା ଏଆଇସିସି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ, ଏଆଇସିସି ରାଜ୍ୟ ପ୍ରଭାରୀ ଶକ୍ତିସିଂ ଗୋହିଲ, ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ ବିରୋଧୀ ଦଳ ନେତା ଶରଦ ଯାଦବ ଉପସ୍ଥିତ ଥିଲେ। କୁଶ୍‌ୱାହାଙ୍କ ଯୋଗଦାନ ଫଳରେ ବିହାରରେ ଏନ୍‌ଡିଏକୁ ମୁକାବିଲା କରିବାରେ ବିରୋଧୀ ମହାମେଣ୍ଟ ଅଧିକ ମଜଭୁତ ହୋଇପାରିବ। ସେଠାରେ କଂଗ୍ରେସ ସହ ଆରଜେଡି, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ଉପାରେ ରହିଛନ୍ତି। ତେଣୁ ଆଗାମୀ ୨୦୧୯ ଲୋକ ସଭା ନିର୍ବାଚନରେ ଏନଡିଏ ସହିତ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି। ୨୦୧୪ ନିର୍ବାଚନରେ ଏନ୍‌ଡିଏ ବିହାରର ୪୦ ଆସନରୁ ୩୧ଟିରେ ବିଜୟୀ ହୋଇଥିଲା। ନିକଟରେ କୁଶ୍‌ୱାହା ଏନ୍‌ଡିଏରୁ ଓହରିଯାଇଥିବାବେଳେ ତାଙ୍କୁ ଦଳ ଭିତରୁ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡିଥିଲା। ତାଙ୍କ ଦଳର ତିନିଜଣ ବିଧାୟକ ଏନ୍‌ଡିଏ ସହ ରହିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

# ୬୦ ବିଶେଷଜ୍ଞଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

**ମୁମ୍ବାଇ,୨୦।୧୨**

କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଅଧୀନରେ କାମ କରୁଥିବା ଏକ ମୋବାଇଲ୍ ନିର୍ମାଣକାରୀ କମ୍ପାନୀର ଡାମନ ଓ ସିଲଭାସା ପ୍ଲାଣ୍ଟକୁ ୬୦ ଚାଇନା ବିଶେଷଜ୍ଞ ପରିଦର୍ଶନରେ ଆସିଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିବା ପରେ ସେମାନଙ୍କୁ ତୁରନ୍ତ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଦେଶୀଙ୍କ କ୍ଷେତ୍ରୀୟ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍‌ଆର୍‌ଆର୍‌ଓ) ଚାଇନା ବିଶେଷଜ୍ଞମାନଙ୍କୁ ପରିଦର୍ଶନ ନେଇ ପଚରାଉଚରା କରିଛି। ଏଥିସହ ବ୍ୟବସାୟିକ ଭିଜା ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି। ଏଫ୍‌ଆର୍‌ଆର୍‌ଓର କଠୋର ନୋଟିସ ବିରୋଧରେ କମ୍ପାନୀ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କମ୍ପାନୀର ଅଧିକାରୀ ନୌଶେର କୋହିଲ ବୁଧବାର ଜଷ୍ଟିସ୍ ବି.ପି. ଧର୍ମାଧିକାରୀ ଏବଂ ସାରଙ୍ଗ କେଟୱାଲଙ୍କ ଖଣ୍ଡପୀଠରେ ହାଜର ହୋଇ ଏହାର ତ୍ୱରିତ ଶୁଣାଣି ପାଇଁ ଅନୁରୋଧ କରିଛନ୍ତି। ଏଫ୍‌ଆର୍‌ଆର୍‌ଓର ନିର୍ଦ୍ଦେଶ ପରେ ଭିଜାର ବୈଧତା ଥିବା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେତେଜଣ ଭାରତ ଛାଡ଼ି ସାରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଭିଜା ବୈଧତା ଡିସେମ୍ବର ୨୭ ଏବଂ ଆଉ କେତେକଙ୍କ ବୈଧତା ୨୦୧୯ ମେ ପର୍ଯ୍ୟନ୍ତ ରହିଛି। ଏହାସତ୍ତ୍ୱେ ଚାଇନା ନାଗରିକଙ୍କୁ କୌଣସି ପ୍ରକାରେ ଡିସେମ୍ବର ୧୫ ସୁଦ୍ଧା ଦେଶ ଛାଡ଼ି ଚାଲିଯିବାକୁ କୁହାଯାଇଥିଲା। ତୁରନ୍ତ ଭାରତ ଛାଡ଼ି ନ ଗଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାଦର ଓ ନଗର ହାବେଲି ଏଫ୍‌ଆର୍‌ଆର୍‌ଓ ଅଧିକାରୀ ଚେତାବନୀ ଦେଇଛନ୍ତି। ହାଇକୋର୍ଟ ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେଇ ଶୁକ୍ରବାର ଉକ୍ତ ଆବେଦନର ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ କୋହିଲ କୋର୍ଟରେ ଯୁକ୍ତି ବାଢ଼ିଛନ୍ତି ଯେ, ଏହି ୬୦ ଜଣ ବ୍ୟବସାୟିକ ଭିଜା ନେଇ ପ୍ଲାଣ୍ଟକୁ ପାସିଫିକ୍ ସାଇବର ଟେକ୍ନୋଲୋଜି ପାଇଁ ଆସିଥିଲେ। ଏମାନଙ୍କୁ କମ୍ପାନୀର ଅନ୍ୟ ଏକ ଭେଞ୍ଚର ପକ୍ଷରୁ ପରିଦର୍ଶନ ପାଇଁ ପଠାଯାଇଥିଲା। ପ୍ରକାଶ ଯେ, ଏହି ପ୍ଲାଣ୍ଟରେ ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଯୋଜନା ଅନୁଯାୟୀ ମୋବାଇଲ୍ ଫୋନ୍ ତିଆରି କରାଯାଉଛି। ଫୋନ୍‌ର ଡିଜାଇନ୍ ମଧ୍ୟ ସେଠାରେ ପ୍ରସ୍ତୁତ କରାଯାଉଛି। ଉକ୍ତ କମ୍ପାନୀ ଗତ ୭ ମାସରେ ୫୫ ଲକ୍ଷ ଫୋନ୍ ତିଆରି କରିଛି। ଏଠାକୁ ବିଭିନ୍ନ ଦେଶର ବିଶେଷଜ୍ଞ ତାଲିମ ପ୍ରଦାନ ପାଇଁ ଆସିଥାନ୍ତି। ତେବେ ଅଦ୍ୟାବଧି ଏହି ପ୍ଲାଣ୍ଟର ନାମ ପ୍ରଘଟ ହୋଇନାହିଁ।

## ବ୍ୟଙ୍ଗରେ କୂଟନୀତି



ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ଚାଲିଥିବା ବ୍ୟଙ୍ଗାତ୍ମକ କଳା ପ୍ରଦର୍ଶନୀରେ ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଟୁନ ସ୍ଥାନ ପାଇଛି। ଅର୍ଥ ପାଇଁ ଦୁଇବନ୍ଧୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ପରେ ଟ୍ରମ୍ପ୍‌ଙ୍କୁ କିମ୍ ଗୁଳିକରି ହତ୍ୟା କରିଛନ୍ତି। ଫଳରେ ଟ୍ରମ୍ପ୍‌ଙ୍କ ଗୁଳିବିଦ୍ଧ ଶରୀର ଏକ ରେଡ୍ କାର୍ପେଟରେ ଗଡ଼ିପଡ଼ିଛି। କିମ୍‌ଙ୍କ ପଛପଟୁ ଏକ କୋଟେଶନ୍ ଆସୁଛି, ଯହିଁରେ ଲେଖାଅଛି 'ଏହି ଶୋ' ଜାରି ରହିବା ଜରୁରୀ।' ଆର୍ଟ ଗ୍ୟାଲେରୀର ଏହି ଫିଲ୍ମ ସେଟ୍ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଛି।

### ଭାଜପା ରଥଯାତ୍ରାକୁ ମିଳିଲା ଅନୁମତି

**କୋଲକାତା,୨୦।୧୨(ପି.ଟି.)**

ପଶ୍ଚିମବଙ୍ଗରେ ଭାଜପାର ରଥଯାତ୍ରା ଆୟୋଜନକୁ ନେଇ ଦେଖା ଦେଇଥିବା ଅନିଶ୍ଚିତତା ଦୂର ହୋଇଛି। ଏହା ଧର୍ମୀୟ ଭାବନାକୁ ପ୍ରଭାବିତ କରିବା ସହ ଦଙ୍ଗା ସୃଷ୍ଟିକରିବ ବୋଲି ପଶ୍ଚିମବଙ୍ଗ ସରକାର ଦର୍ଶାଇଥିବା ଯୁକ୍ତିକୁ କୋଲକାତା ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ଏଥିସହ ରଥଯାତ୍ରା ରାଲିକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଜଷ୍ଟିସ ତପବ୍ରତ ଚକ୍ରବର୍ତ୍ତୀ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ୧୨ ଘଣ୍ଟା ପୂର୍ବରୁ ରାଲି ସମ୍ପର୍କିତ ସୂଚନା ଏସ୍‌ପିଙ୍କୁ ଜଣାଇବାକୁ ରାଜ୍ୟ ଭାଜପାକୁ କହିଛନ୍ତି। ରାୟକୁ ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ ସ୍ୱାଗତ କରିଛନ୍ତି। ରଥଯାତ୍ରାର ରୂପରେଖ କ'ଣ ହେବ ତାହା ଭାଜପା ନେତୃବୃନ୍ଦଙ୍କ ସହ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଫେରିଲା ଅସହିଷ୍ଣୁତା ବିବାଦ

## ପୋଲିସଠାରୁ ଗାଈ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି: ନାସିରୁଦ୍ଦିନ

**ମୁମ୍ବାଇ,୨୦।୧୨(ପି.ଟି.)**



ଭାରତରେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗାଈଙ୍କ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଖ୍ୟାତନାମା ଅଭିନେତା ନାସିରୁଦ୍ଦିନ ଶାହ କହିଛନ୍ତି। ଏହାସହ ସେ ନିଜ ପୁଅମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଛନ୍ତି। ନାସିରୁଦ୍ଦିନଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି।

କାରୱାଁ-ଇ-ମୋହବ୍ବତ ଇଣ୍ଡିଆକୁ ନାସିରୁଦ୍ଦିନ ଦେଇଥିବା ଏକ ସାକ୍ଷାତ୍‌କାରକୁ ଉକ୍ତ ସଙ୍ଗଠନ ସୋମବାର ୟୁଟ୍ୟୁବ୍‌ରେ ଶେୟାର କରିଛି। ଏଥିରେ ନାସିରୁଦ୍ଦିନ କହିଛନ୍ତି, ବିଷ ବ୍ୟାପିସାରିଛି ଏବଂ ଏବେ ଏହାକୁ ଧାରଣ କରିବା କଠିନ ହୋଇପଡ଼ିବ। ଯେଉଁମାନେ ଆଇନ ହାତକୁ ନେଉଛନ୍ତି ସେମାନଙ୍କ ପାଇଁ ସବୁକିଛି ଛାଡ଼। ଅନେକ ସମୟରେ ଆମେ ଦେଖିବାକୁ ପାଉଛୁ ଯେ, ଜଣେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗୋରୁ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଅଭିନେତ୍ରୀ ରତ୍ନା ପାଠକ ଶାହଙ୍କୁ ବିବାହ କରିଥିବା ଏହି ବର୍ଷୀୟାନ ଅଭିନେତା ଆହୁରି କହିଛନ୍ତି, ସେମାନେ ନିଜ ଦୁଇପୁଅ ଇମାଦ୍ ଓ ଭିଭାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମଭିତ୍ତିକ ଶିକ୍ଷା ଦେଇନାହାନ୍ତି। କାରଣ ଭଲ ବା ମନ୍ଦ ହେବା ସହିତ ଧର୍ମର କୌଣସି ସମ୍ପର୍କ ନାହିଁ ବୋଲି ସେ ବିଶ୍ୱାସ କରନ୍ତି। ୨୦୧୫ରେ ଅସହିଷ୍ଣୁତାକୁ ନେଇ ଅଭିନେତା ଆମିର ଖାନ୍ ଦେଇଥିବା ବିବାଦୀୟ ମନ୍ତବ୍ୟ ସହ ଏବେ ନାସିରୁଦ୍ଦିନଙ୍କ ସଦ୍ୟ ମନ୍ତବ୍ୟକୁ ତୁଳନା କରାଯାଉଛି।

# ଇଭିଏମ୍‌କୁ ଫୁଟ୍‌ବଲ୍ ଭଳି ବ୍ୟବହାର କରୁଛନ୍ତି ରାଜନୈତିକ ଦଳ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

### ସିଇସି କ୍ଷୁବ୍ଧ



ସୁନୀଲ୍ ଆରୋରା

ଇଲେକ୍‌ଟ୍ରୋନିକ ଭୋଟିଂ ମେଶିନ (ଇଭିଏମ୍) ଜାଲିଆତି ନିରୋଧୀ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ୍ ଆରୋରା କହିଛନ୍ତି। ତେବେ ରାଜନୈତିକ ଭାଷଣରେ ଏହାକୁ ଫୁଟବଲ୍ ଭଳି ଫିଙ୍ଗାଯାଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଇଭିଏମ୍‌ରେ ତ୍ରୁଟି ନଗଣ୍ୟ କରିବା ଲାଗି ନିର୍ବାଚନ କମିଶନ କାର୍ଯ୍ୟ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଇଭିଏମ୍‌ରେ ବେଳେବେଳେ ତ୍ରୁଟି ଦେଖାଦେଉଛି। ଏହାକୁ ସମ୍ପୂର୍ଣ୍ଣ ତ୍ରୁଟିରହିତ କରିବା ଲାଗି ଉଦ୍ୟମ ହେଉଛି ବୋଲି ଆରୋରା କହିଛନ୍ତି। ଜାଲିଆତି ଏବଂ ତ୍ରୁଟି ଦୁଇଟି ଅଲଗା କଥା। ଜାଲିଆତି ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥାଏ। ତ୍ରୁଟି ସ୍ୱତଃ ହୋଇଥାଏ । ନିକଟରେ ନିର୍ବାଚନ ଶେଷ ହୋଇଥିବା ୫ଟି ରାଜ୍ୟର ୧.୭୬ ଲକ୍ଷ ଭୋଟଗ୍ରହଣ କେନ୍ଦ୍ର ମଧ୍ୟରୁ ୧ ପ୍ରତିଶତରୁ କମ୍ ଇଭିଏମ୍‌ରେ ଏଭଳି ତ୍ରୁଟି ଦେଖାଦେଇଥିଲା। ଇଭିଏମ୍ ଏକ ଭୋଟ ରେକର୍ଡିଂ ମେଶିନ୍ । ଏହାକୁ ପ୍ରୋଗ୍ରାମିଂ କରାଯାଇପାରିବ ନାହିଁ ବୋଲି ସିଇସି କହିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହୋଇଥିଲା ଏବଂ ଦୁଇ ନିର୍ବାଚନର ଫଳାଫଳ ସମ୍ପୂର୍ଣ୍ଣ ଓଲଟା ହୋଇଥିଲା ବୋଲି ଅରୋରା କହିଛନ୍ତି। ତେବେ ଫଳାଫଳ ବିରୋଧୀ ଦଳ ବିରୋଧରେ ଗଲେ ସେମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ଯାହା ଦୁଃଖଦାୟକ ବୋଲି ସିଇସି କହିଛନ୍ତି।

### ବ୍ରିଟିଶ୍ ମହିଳାଙ୍କୁ ଗଣବଳାତ୍କାର

**ପଣଜୀ,୨୦।୧୨(ପି.ଟି.)**-ଗୋଆ ବେଳାଭୂମିରେ ବ୍ରିଟିଶ୍ ମହିଳା ପର୍ଯ୍ୟଟକ (୪୨)ଙ୍କୁ ଗଣବଳାତ୍କାର କରାଯାଇଥିବା ସାଉଥ୍ ଗୋଆ ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ସକାଳ ସାଢ଼େ ୪ଟାରେ ସେ କଙ୍କୋଣା ରେଳଷ୍ଟେଶନରୁ ଚାଲି ପାଲୋଲେମସ୍ଥିତ ଘରକୁ ଯାଉଥିବାବେଳେ ବଳାତ୍କାରର ଶିକାର ହୋଇଛନ୍ତି। ଅଭିଯୁକ୍ତ ରାମଚନ୍ଦ୍ରନ୍‌ଙ୍କୁ ଗିରଫ କରି ପୋଲିସ ପଚରାଉଚରା ଚଳାଇଛି।

### ୪ ମାଓବାଦୀ ଗିରଫ

**ରାୟପୁର,୨୦।୧୨(ପି.ଟି.)**-ଛତିଶଗଡ଼ର ନାରାୟଣପୁର ଜିଲା ଓର୍ଚ୍ଛା ଗ୍ରାମରୁ ବୁଧବାର ୪ ମାଓବାଦୀ ଗିରଫ ହୋଇଛନ୍ତି। ପୋଲିସର ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଲାସି ଅଭିଯାନ ଚଳାଇଥିବାବେଳେ ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ଯବାନଙ୍କ ହାତରେ ଧରାପଡ଼ିଥିଲେ।

### [ଇତିହାସର ଆଇନାରେ]

### ଡିସେମ୍ବର ୨୧ର ପ୍ରମୁଖ ଘଟଣା

୧୯୭୩ ଡିସେମ୍ବର ୨୧ରେ ଜେନେଭା ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହା ମୁଖ୍ୟତଃ ଆରବ-ଇସ୍ରାଏଲ୍ ବିବାଦ ଉପରେ ପର୍ଯ୍ୟବସିତ ଥିଲା। ଦୁଇଦେଶ ମଧ୍ୟରେ ରାଜନୈତିକ ଉତ୍ତେଜନା, ସାମରିକ ବିବାଦ ଓ କେତେକ ଆରବ ରାଷ୍ଟ୍ର ଏବଂ ଇସ୍ରାଏଲ୍ ମଧ୍ୟରେ ମତଭେଦକୁ ନେଇ ସୃଷ୍ଟି ହୋଇଥିଲା।

୨୦୦୪ ଡିସେମ୍ବର ୨୧ରେ ଇରାକରେ ଆତ୍ମଘାତୀ ବିସ୍ଫୋରଣରେ ୧୧ ନିହତ ହୋଇଥିଲେ। ଆମେରିକାର ସାମରିକ ଏୟାରଫିଲ୍‌ଡ ସମ୍ମୁଖରେ ଏହା ଥିଲା ସବୁଠୁ ମରଣାନ୍ତକ ଆତ୍ମଘାତୀ ଆକ୍ରମଣ।

## ଫୁର୍‌ସତ

### ଆଇଏସ୍‌ଏସ୍‌ରୁ ଫେରିଲେ ୩ ମହାକାଶଚାରୀ



**ମସ୍କୋ:** ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଦୀର୍ଘ ୬ମାସ ରହଣି ପରେ ୩ ଜଣ ମହାକାଶଚାରୀ ଗୁରୁବାର ପୃଥିବୀକୁ ଫେରିଛନ୍ତି। 'ନାସା'ର ସେରେନା ଔନନ୍-ଚାନ୍‌ସେଲର, ରୁଷିଆର ସେର୍ଗେଇ ପ୍ରୋକୋପିଭ୍ ଏବଂ ୟୁରୋପୀୟ ମହାକାଶ ଗବେଷଣା ସଂସ୍ଥା ବୈଜ୍ଞାନିକ ଜର୍ମାନ ମହାକାଶଚାରୀ ଆଲେକ୍‌ଜାଣ୍ଡର ଗର୍ଷ୍ଟ ରୁଷୀୟ ସୋୟୁଜ୍ କ୍ୟାପସୁଲ ଯୋଗେ କାଜାଖସ୍ତାନର ବରଫ ଆଚ୍ଛାଦିତ ଅନୁର୍ବର ଅଞ୍ଚଳରେ ଅବତରଣ କରିଥିଲେ। ଧାର୍ଯ୍ୟ ସମୟର ୧ମିନିଟ୍ ଆଗରୁ ସ୍ଥାନୀୟ ସମୟ ୧୧ଟା ୨ ମିନିଟ୍‌ରେ ସେମାନେ ଅବତରଣ କରିଥିଲେ।

### 'ସବୁଠୁ ପ୍ରଭାବଶାଳୀ' ତାଲିକାରେ ୩ ଭାରତୀୟ



**ହ୍ୟୁଷ୍ଟନ:** ଟାଇମ୍ ମାଗାଜିନ୍ ଦ୍ୱାରା ୨୦୧୮ର 'ସବୁଠୁ ପ୍ରଭାବଶାଳୀ' ତାଲିକାରେ ବିଶ୍ୱର ୨୫ଜଣଙ୍କ ମଧ୍ୟରେ ୩ ଭାରତୀୟ ଛାତ୍ରୀଛାତ୍ର ସ୍ଥାନ ପାଇଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଭାରତୀୟ-ଆମେରିକୀୟ କାବ୍ୟା କୋପାରାପୁ ଓ ରିଷଭ ଜୈନ ଏବଂ ବ୍ରିଟିଶ୍-ଭାରତୀୟ ଅମିକା ଜର୍ଜ ଉକ୍ତ ୨୫ଜଣିଆ ଗୋଷ୍ଠୀରେ ସାମିଲ ହୋଇପାରିଛନ୍ତି; ଯେଉଁମାନେ କି ବିଶ୍ୱର ତରୁଣପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

ଅଷ୍ଟମ ଶ୍ରେଣୀର ଛାତ୍ର ରିଷଭ ଜୈନ(୧୪) ଓରେଗନ୍‌ରେ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ସେ ଏକ ଆଲଗରିଦମ୍ ବିକାଶ କରିଛନ୍ତି ଯାହା ପାନ୍‌କ୍ରିୟାଟିକ୍ କ୍ୟାନ୍‌ସର ଆରୋଗ୍ୟ କରିପାରିବ। ହାର୍ଭାର୍ଡ ୟୁନିଭର୍ସିଟି ଛାତ୍ରୀ କାବ୍ୟା କୋପାରାପୁ(୧୮) ଏକ ଡିପ୍-ଲର୍ନିଂ କମ୍ପ୍ୟୁଟର ସିଷ୍ଟମ ବିକାଶ କରିଛନ୍ତି। ଏହା ବ୍ରେନ୍ କ୍ୟାନ୍‌ସର ରୋଗୀଙ୍କ ଟିସ୍ୟୁ ସ୍କାନ୍ କରି ଆରୋଗ୍ୟରେ ସହାୟକ ହୋଇପାରିବ। ଅମିକା ଜର୍ଜ (୧୯) ଋତୁସ୍ରାବ ସମସ୍ୟା ଦୂରକରିବାରେ ସହାୟକ ହୋଇପାରିଛନ୍ତି। ପିରିୟଡ ସମୟରେ ପ୍ୟାଡ୍ କିଣିବାକୁ ଅସମର୍ଥ ଝିଅ ଓ ମହିଳାଙ୍କୁ ଏହି ଉତ୍ପାଦ ଯୋଗାଇ ଦେବାକୁ ସେ ସରକାରଙ୍କୁ ପ୍ରବର୍ତ୍ତାଇବାରେ ସମର୍ଥ ହୋଇପାରିଛନ୍ତି। ଟାଇମ୍ ମାଗାଜିନ୍‌କୁ ଏକ ସାକ୍ଷାତ୍‌କାରରେ ସେ କହନ୍ତି, ବ୍ରିଟେନ୍‌ର ଅନେକ ବାଳିକା ମାସିକ ଧର୍ମ ସମୟରେ ସ୍କୁଲ୍ ବନ୍ଦ କରିଦିଅନ୍ତି। ଏ ସମ୍ପର୍କରେ ଅମିକା ସରକାରଙ୍କୁ ସେ ଯଥାର୍ଥ ପ୍ରସ୍ତାବ ଦେଇଥିବା ଟାଇମ ମାଗାଜିନ୍ ପକ୍ଷରୁ କୁହାଯାଇଛି।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୨ | ୧୧.୪ |
| ଚାନ୍ଦବାଲି | ୨୫.୩ | ୧୩.୭ |
| କଟକ | ୨୫.୬ | ୧୨.୮ |
| ପାରାଦ୍ୱୀପ | ୨୬.୧ | ୧୫.୦ |
| ଭୁବନେଶ୍ୱର | ୨୭.୪ | ୧୩.୯ |
| ଗୋପାଳପୁର | ୨୬.୦ | ୧୬.୩ |
| ପୁରୀ | ୨୬.୬ | ୧୫.୮ |
| ଅନୁଗୋଳ | ୨୫.୧ | ୧୦.୬ |
| ବାରିପଦା | ୨୩.୪ | ୧୨.୨ |
| ଝାରସୁଗୁଡ଼ା | ୨୬.୦ | ୧୧.୫ |
| କେନ୍ଦୁଝର | ୨୨.୯ | ୧୦.୦ |
| ସମ୍ବଲପୁର | ୨୬.୦ | ୧୧.୦ |
| ସୁନ୍ଦରଗଡ଼ | ୨୩.୦ | ୯.୦ |
| ହୀରାକୁଦ | ୨୫.୯ | ୧୧.୬ |
| ତାଳଚେର | ୩୦.୧ | ୧୨.୭ |
| ଭବାନୀପାଟଣା | ୨୫.୫ | ୧୧.୦ |
| ବଲାଙ୍ଗୀର | ୨୬.୦ | ୧୧.୫ |
| କୋରାପୁଟ | ୨୪.୦ | ୧୨.୦ |
| ଫୁଲବାଣୀ | --- | ୯.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୨ | ୧୫.୨ |
| ସୋନପୁର | ୨୬.୨ | ୧୦.୪ |
| ଦାରିଙ୍ଗିବାଡ଼ି | ୨୨.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ଟୁଇଟରରେ ବାନ୍ତି କରୁଛନ୍ତି ସୋନା'



**ମୁମ୍ବାଇ:** ଗାୟିକା ସୋନା ମହାପାତ୍ର ଟୁଇଟର ମାଧ୍ୟମରେ ବାନ୍ତି କରୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ସେ ଶିଷ୍ଟତା ବଜାୟ ରଖିଛନ୍ତି ବୋଲି ବିଶିଷ୍ଟ ଗାୟକ ସୋନୁ ନିଗମ ପ୍ରକାଶ କରିଛନ୍ତି। #ମିଟୁ ଅଭିଯୋଗର ଶିକାର ହୋଇଥିବା ଅନୁ ମଲିକଙ୍କୁ ସମର୍ଥନ କରି ନିଗମ ବାରମ୍ବାର ମତାମତ ଦେବା ପରେ ଏହାକୁ ସୋନା ସହ୍ୟ କରିପାରି ନ ଥିଲେ। ସଂଗୀତ ନିର୍ଦ୍ଦେଶକ ସୋନୁ ନିଗମ ମଧ୍ୟ ଜଣେ 'ରୀତିମତ ଉତ୍ପୀଡ଼କ' ବୋଲି ପୂର୍ବରୁ ସୋନା କହିଥିଲେ। ନିଗମଙ୍କ କହିବାନୁଯାୟୀ, ତାଙ୍କର ଦୀର୍ଘଦିନର ବନ୍ଧୁ ଅନୁଙ୍କ ବିରୋଧରେ #ମିଟୁ ଅଭିଯୋଗ କରାଯାଇ ଆସୁଥିଲେ ହେଁ ଏହାର କୌଣସି ପ୍ରମାଣ ନାହିଁ। ସେ ମର୍ଯ୍ୟାଦାକୁ ଜଗି ନୀରବତା ଅବଲମ୍ବନ କରିଛନ୍ତି। ଗୁରୁବାର ନିଜ ପ୍ରତିକ୍ରିୟାରେ ନିଗମ କହିଛନ୍ତି, 'ଟୁଇଟର ମାଧ୍ୟମରେ ବାନ୍ତି କରୁଥିବା ଏହି ମହିଳାଙ୍କ ସ୍ୱାମୀଙ୍କୁ ମୁଁ ଖୁବ୍ ଘନିଷ୍ଠ ଭାବେ। ଏ କ୍ଷେତ୍ରରେ ଶିଷ୍ଟାଚାର ଅବଲମ୍ବନ କରିବା ଶ୍ରେୟସ୍କର ହେବ ବୋଲି ମୁଁ ଭାବୁଛି।'

ଅନୁ ମଲିକ୍ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ଚରିତ୍ର ସଂହାର କରିବା ପାଇଁ #ମିଟୁକୁ ବ୍ୟବହାର କରାଯାଉଥିବା ତାଙ୍କ ଓକିଲ ଅଭିଯୋଗ କରିଛନ୍ତି। ସୋନାଙ୍କ ଅଭିଯୋଗ ପରେ ଅନୁଙ୍କୁ 'ଇଣ୍ଡିଆନ୍ ଆଇଡଲ'ର ବିଚାରକ ପଦରୁ ହଟାଇ ଦିଆଯାଇଛି।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



# ରାଧାକୃଷ୍ଣଙ୍କୁ ଲାଗି ହେଲା ୬୭୧ ପ୍ରକାର ବ୍ୟଞ୍ଜନ

## ଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ

ପୁରୀ ଅଫିସ,୨୦।୧୨

ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ତିଥିରେ ଗୁରୁବାର ଶ୍ରୀଗୌରବିହାର ଆଶ୍ରମ (ମାତାମଠ)ରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ଶ୍ରୀରାଧାକୃଷ୍ଣଙ୍କ ନିକଟରେ ୬୭୧ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଛି। ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଓଡ଼ିଶା ବାହାରୁ ବିଶେଷକରି ପଶ୍ଚିମବଙ୍ଗରୁ ବହୁସଂଖ୍ୟାରେ ଭକ୍ତ ବ୍ୟଞ୍ଜନ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରକାର ସାମଗ୍ରୀ ଧରି ଆସିଥିଲେ। ଭୋରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧାହ୍ନରେ ଶ୍ରୀଚୈତନ୍ୟ ଏବଂ ଶ୍ରୀକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏ ସମ୍ପର୍କରେ ମହନ୍ତ ସୁବଳ ଚରଣ ଦାସ ମହାରାଜ କହିଛନ୍ତି, ଆଶ୍ରମର ଆରାଧ ଶ୍ରୀରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ନିକଟରେ ୬୭୧ ପ୍ରକାର ବ୍ୟଞ୍ଜନ ସମର୍ପଣ କରାଯାଇଛି। ଏହି ବହୁବିଧ ବ୍ୟଞ୍ଜନ ପ୍ରସ୍ତୁତି ବୁଧବାର ଆରମ୍ଭ ହୋଇ ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ସରିଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସେବିକାସେବକ ବ୍ୟଞ୍ଜନ ପ୍ରସ୍ତୁତିରେ ନିୟୋଜିତ ଥିଲେ। ସେମାନଙ୍କୁ ୨୦ ଜଣ ସହଯୋଗ କରିଥିଲେ।

ଏହି ବ୍ୟଞ୍ଜନ ଦ୍ୱାଦଶୀକୁ ନେଇ ଏକ ଜନଶ୍ରୁତି ରହିଛି। ମା' ଯଶୋଦା ହଠାତ୍ ଦିନେ ଦେଖିଲେ ପୁଅ କାହ୍ନାର ଦେହ ଝଡ଼ିଯାଇଛି। ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡିଯାଇଥିବା ଦେଖାଗଲେ। ଏତିକିରେ ମା' ଯଶୋଦା ଉଚ୍ଛନ୍ନ ହୋଇଗଲେ। ଭାବିଲେ ନ ଖାଇ ନ ପିଇ ସେ ଏମିତି ହୋଇଗଲାଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ କୃଷ୍ଣଙ୍କୁ ପରଷି ଦେଇଥିଲେ।


# ODISHA JOINT ENTRANCE EXAMINATION

No:- OJEE19/001 Date:-20/12/2018

**ATTENTION : CANDIDATES INTERESTED TO STUDY ENGINEERING IN STATE GOVERNMENT AND PRIVATE INSTITUTES / COLLEGES OF ODISHA**

Candidates interested to study engineering in State Government and Private(Self-funded Institutes) of Odisha have to appear JEE (Main) - 2019. As per the decision of the Govt. of Odisha, admission to 1st year B. Tech. and B. Arch. courses in the academic year 2019-20 will be as per rank of JEE (Main) - 2019.

This year, JEE (Main) – 2019 is being conducted by NTA (National Testing Agency) twice in a year. The details, as per JEE (Main) - 2019 information bulletin, are given below. For further details, candidates are advised to visit **www.jeemain.nic.in** or under Engineering stream in **www.nta.ac.in** website.

| EVENTS | DATE | |
|---|---|---|
| | First Attempt | Second Attempt |
| On-line submission of Application Form upto 11.50 p.m. (including uploading of photograph and signature) | 01.09.2018 to 30.09.2018 | 08.02.2019 to 07.03.2019 |
| Date for successful final transaction of fee (through Credit / Debit Card / Net Banking up to 11.50 p.m. and through e-challan upto bank hours) | 01.09.2018 to 01.10.2018 | 08.02.2019 to 08.03.2019 |
| Dates of Examination | Between 06.01.2019 (Sunday) to 20.01.2019 (Sunday) | Between 06.04.2019 (Sunday), to 20.04.2019 (Saturday) |

Candidates interested to take admission in Integrated M.Sc. course offered by C.E.T, Bhubaneswar, are also advised to appear in JEE (Main)-2019.

Candidates, who have not registered for 1st examination, are advised to register for the 2nd examination as per the schedule given.

Sd/-
CHAIRMAN, OJEE



## 1st Corrigendum to Invitation for Bids
**'e' Procurement Notice No. 08(KHD) of 2018-19**

No.986-A: The Class of contractor mentioned in Sl. No. 2& 6 of the table may be read as "B & A". Instead of "C & B" at Column "6". The cost of bid document mentioned in Sl. No. 2 of the table may be read as "10000" instead of "6000" at column "5" All other terms and conditions remain unchanged.

Sd./- Executive Engineer
32078/11/0010/1819 Khurda Irrigation Division, Khurda



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
**MEDICAL WING**
Dist. Head Quarters Hospital, Koraput - 764020
ISO 9001:2008 Certified, Cert. No. 9624
E-mail : dhhkpt@gmail.com Phone : 06852-251440
Letter No: 3544 Date : 19.12.2018

**TENDER CANCELLATION NOTICE**

No. 678-E: Tender for Engagement of Agency for "Providing Man-power, Security & Cleaning Services on outsourcing basis" at District Headquarter Hospital, Koraput invited by CDM & PHO, Koraput vide Tender reference No. 778, Dated : 20.03.2018 is hereby cancelled.

10077/11/0026/1819 Sd./- CDM & PHO, Koraput



## DISTRICT OFFICE, ANGUL
**(Social Welfare Section)**

No. / SW, Date:

**TENDER CALL NOTICE**

**(ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

Sealed tenders are invited for engagement of Transporting Contractor for taking transportation of food stuff under Supplementary Nutrition Programme in Angul District. The detailed terms and conditions can be obtained from the Office of the DSWO, Angul or can be downloaded from the District Website www.angul.nic.in till 15.01.2019 by 1.00PM. The tender paper is to be submitted to the DSWO, Angul on or before 16.01.2019, 1.00PM by Registered / Speed Post only. The tender will be opened on the same day at 3.00PM in presence of the members of the Tender Committee and the Tenderers or their authorized representatives. The authority reserves the right to reject / cancel any or all tenders without assigning any reason thereof and shall bear no liability what so ever consequent upon such decision.

*Sd./- COLLECTOR, ANGUL*



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE SENIOR GENERAL MANAGER (CONSTRUCTION),ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL . 0674 –2546353 , Email:-sgm.con1.bbs@optcl.co.in
Lifeline of Odisha

### NOTIFICATION

No:Sr.GM(TP&C)\Publication\Gaz\08\(Vol.IV) 2955 Date: 18.12.2018

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 132KV DC line from 220/ 132/33KV Grid S/S, Aska to 132/33KV Grid S/S, Digapahandi. (REVISED ROUTE) | **Revised route from gantry of Aska Grid S/S to AP. No. 5** **Tahasil : ASKA** **R.I. Circle: Bhetanai** **Revenue Village:** Bhetanai, Sidhanai, Ataranga **Revised route from AP. No. 18 to gantry of Digapahandi Grid S/S.** **Tahasil : SANAKHEMUNDI** **R.I. Circle: Satapenthagopalpur** **Revenue Village:** Satapenthagopalpur **R.I. Circle: Shree Chandanpur** **Revenue Village:** Padmanavpur, Paikajagannathpur, Biswonathpur, Bhaliajhola, Samapada Raghunathpur, Gangapur. **R.I. Circle: Patapur** **Revenue Village:** Palaspur, Luninathi, Chintakhalli. **R.I. Circle: Malabhanja** **Revenue Village:** Ambagaon, Sunkarapalli **Tahasil: DIGAPAHANDI** **R.I. Circle: Digapahandi** **Revenue Village:** Chanchadapalli, Nabarangapur. | ₹.19.79 Cr. | D.G.M (Elec.), EHT (C) Division, Berhampur. | This will facilitate the un-interrupted power supply to the villages' covers under the Tahasil of **Aska, Sanakhemundi, Digapahandi** & overall development of Odisha State in general. |

(Amarnath Mohanty)
**Chief General Manager (C), Zone-I**

Please connect us: optcl.odisha optcl_odisha energyodisha



# ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ଓ ନିମାପଡ଼ା, ପୁରୀ ଜିଲ୍ଲା

## ୨୦୧୮-୧୯ ଖରିଫ / ରବି ବର୍ଷର ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

**ବିଜ୍ଞାପନ ସଂଖ୍ୟା- ୬୯୦** **ତା: ୨୦।୧୨।୨୦୧୮**

ପୁରୀ ଜିଲ୍ଲାର ସମସ୍ତ କୃଷକବନ୍ଧୁମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସମବାୟ ବିଭାଗ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଓ ପୁରୀ ଜିଲ୍ଲା ପ୍ରଶାସନ ନିଷ୍ପତ୍ତିକ୍ରମେ ଉପରୋକ୍ତ ସମସ୍ତ ବ୍ଲକ୍‌ର ବିବେଚିତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ମାନଙ୍କରେ ଚଳିତ ଖରିଫ୍/ରବି ୨୦୧୮–୧୯ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା୨୧।୧୨।୨୦୧୮ରିଖ ଶୁକ୍ରବାରଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ / ବଳକା ଧାନ ସବୁକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫା କରି ବା ଏଫ୍.ଏ.କ୍ୟୁ. ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

**ଧାନର ଗୁଣାତ୍ମକ ମାନ**

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ. ମାନର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପ୍ରତି) |
|---|---|---|---|
| ୦୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧.୦% | ସାଧାରଣ ଧାନ ଟ.୧୭୫୦.୦୦ |
| ୦୨ | କାଠି, କୁଟା, ଧୂଷ, ଅଗାଡ଼ି ବା ପୋକା ଇତ୍ୟାଦି ଜୈବିକ ପଦାର୍ଥ | ୧.୦% | ଗ୍ରେଡ୍ ଏ ଧାନ ଟ.୧୭୭୦.୦୦ |
| ୦୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% | |
| ୦୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% | |
| ୦୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ଧାନ ନିମନ୍ତେ) | ୬.୦% | |
| ୦୬ | ଆର୍ଦ୍ରତା ବା ଜଳୀୟଅଂଶ | ୧୭.୦% | |

**ବି.ଦ୍ରଃ** ଚାଷୀ ଭାଇ ଓ ଭଉଣୀମାନେ !

୧. ବିକ୍ରୟଯୋଗ୍ୟ ଧାନ ଆଣିବା ପୂର୍ବରୁ ଧାନ କ୍ରୟକେନ୍ଦ୍ରରୁ ୭ ଦିନ ପୂର୍ବରୁ ଟୋକନ୍ ସଂଗ୍ରହ କରନ୍ତୁ।
୨. ଧାନ କ୍ରୟ କେନ୍ଦ୍ରକୁ ବିକ୍ରି ଯୋଗ୍ୟ ଧାନ ଦିବା ୨ ଘଟିକା ମଧ୍ୟରେ ଆସିବା ଜରୁରୀ।
୩. ବିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷି ଯୋଜନା କାର୍ଡ, ଭୋଟ୍ ପରିଚୟ ପତ୍ର ଅଥବା ନାମ ପଞ୍ଜୀକରଣ ବେଳେ ଦେଇଥିବା ପରିଚୟପତ୍ର ଧାନ କ୍ରୟକେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ।
୪. ବିକ୍ରୟ ପାଇଁ ଆସିଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥମୁକ୍ତ ହୋଇଥିବା ଜରୁରୀ।
୫. ଚାଷୀ ଭାଇ ଓ ଭଉଣୀମାନେ ବିକ୍ରି କରୁଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅନ୍‌ଲାଇନ୍ ମାଧ୍ୟମରେ ୨୪ ଘଣ୍ଟା ଭିତରେ ଅଥବା ଅତିବେଶିରେ ୭୨ ଘଣ୍ଟା ଭିତରେ ପ୍ରଦାନ ବ୍ୟବସ୍ଥା କରାଯାଇଅଛି।

**ଜିଲ୍ଲା କଣ୍ଟ୍ରୋଲରୁମ୍ ଯୋଗାଯୋଗ ନମ୍ବର**

ଉପଜିଲ୍ଲାପାଳ, ପୁରୀ – ୦୬୭୫୨–୨୨୨୦୫୯
ଉପନିବନ୍ଧକ, ସମବାୟସମିତି, ପୁରୀ – ୦୬୭୫୨–୨୨୩୫୮୧
ସହକାରୀ ନିବନ୍ଧକ, ସମବାୟସମିତି, ପୁରୀ – ୦୬୭୫୨–୨୨୩୩୯୬
ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ – ୦୬୭୫୨–୨୨୨୨୨୮
ସମ୍ପାଦକ, କେନ୍ଦ୍ର ସମବାୟ ବ୍ୟାଙ୍କ, ପୁରୀ – ୦୬୭୫୨–୨୨୪୫୫୩
ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ – ୯୬୬୮୫୮୫୨୩୪, ୭୦୦୮୬୯୩୫୯୨
ନିୟନ୍ତ୍ରିତ ବଜାର କମିଟି, ନିମାପଡ଼ା – ୮୨୪୯୫୯୬୮୩୯, ୯୯୩୭୩୧୦୭୫୬
ସହକାରୀ ଯୋଗାଣ ଅଧିକାରୀ (Procurement) – ୮୯୮୪୧୫୨୫୯୭

**ବିଶେଷ ସୂଚନା:** ଅନ୍‌ଲାଇନ୍ ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଧାନ ଗ୍ରହଣ କରାଯିବ।

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ନିମାପଡ଼ା**

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ**

**ଉପଜିଲ୍ଲାପାଳ, ପୁରୀ ତଥା ଅଧ୍ୟକ୍ଷ,**
**ନିୟନ୍ତ୍ରିତ ବଜାର କମିଟି**
**ସାକ୍ଷୀଗୋପାଳ, ନିମାପଡ଼ା**

**ଚାଷୀ ହସିଲେ ଦୁନିଆ ହସିବ**



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE SENIOR GENERAL MANAGER (CONSTRUCTION),ZONAL-I, TECHNICAL BUILDING, 1ST FLOOR, BHOINAGAR, BHUBANESWAR – 751 022, TEL . 0674 –2546353 , Email:-sgm.con1.bbs@optcl.co.in
Lifeline of Odisha

### NOTIFICATION

No:Sr.GM(TP&C)\Publication\Gaz\08\(Vol.IV) 2942 Date: 17.12.2018

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount in (₹. Crs.) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1 | Construction of 132KV DC line from 132/33KV Grid Sub Station, R. Udayagiri to 132/33KV Grid Sub Station, Paralakhemundi. | **Tahasil : R.UDAYAGIRI** **R.I. Circle: Chheligarh** **Revenue Village:** Sailanga, Padmapur, Bhaliasahi, Randiba, Tangiasahi. **R.I. Circle: Ramagiri** **Revenue Village:** Sindiranga, Parisala, Larada, Ramagiri, Thatarajcolony. **R.I. Circle: Mangarajpur** **Revenue Village:** Anamundi, Siripur, Taralasingi, Balidi 'KHA', Mangarajpur, Gopalpur, Saragisahi. **Tahasil : RAYAGARH** **R.I. Circle: Mandalsahi** **Revenue Village:** Raikaguma, Badaputar, Sanaputar, Buldaguma, Mandalsahi, Dumbala, Saagaon, Pandasahi, Talamanda, Munising, Sindhising, Sindising **R.I. Circle: Rayagarh** **Revenue Village:** Raida, Sunapur, Rayagarh, Kaithapadar, Hirapur, Padmapur, Karadasing, Burujanga. **Tahasil: PARALAKHEMUNDI** **R.I. Circle: Machhamara.** **Revenue Village:** Sanadeula, Badadeula. **R.I. Circle: Kharasanda** **Revenue Village:** Buguda, Batisiripur, Singipur, Routpur, Madhusudanpur. **R.I. Circle: Upalada** **Revenue Village:** Upalada, Parikota, Rajsitapur, Katal Kaitha, Podani, Jagatsinghpur, Anarada, Tulasipadu, Parsurampur. **R.I. Circle: Bagasala** **Revenue Village:** Kududa, BadapratapPur, Ranadevi. **R.I. Circle: Badakuturu** **Revenue Village:** Naraharipur, **R.I. Circle: Paralakhemundi Revenue Village:** Relisahi. **Tahasil : GUMMA** **R.I. Circle: Jiba.** **Revenue Village:** Jami | **₹.35.03 Cr.** | D.G.M (Elec.), EHT (C) Division, Berhampur. | This will facilitate the un-interrupted power supply to the villages' covers under the Tahasils of **R. Udayagiri, Rayagarh, Gumma, Paralakhemundi** & overall development of Odisha State in general. |

(Amarnath Mohanty)
**Chief General Manager (C), Zone-I**

Please connect us: optcl.odisha optcl_odisha energyodisha

ଧରିତ୍ରୀ
DHARITRI
ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ଜମ୍ମୁ-କଶ୍ମୀରକୁ ହରାଇ ନକ୍ଆଉଟରେ ଓଡ଼ିଶା

କଟକ ଅଫିସ,୨୦।୧୨: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ନକ୍ଆଉଟରେ ପ୍ରବେଶ କରିଛି । ଆସନ୍ତା ୨୬ ତାରିଖରୁ ବେଙ୍ଗାଲୁରୁଠାରେ ନକ୍ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ବୋଷ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିବା ସହ ଏଲିଟ ଗ୍ରୁପ୍-ସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୮ଟି ମ୍ୟାଚ୍ ଖେଳିଥିବା ଓଡ଼ିଶା ୫ ବିଜୟ ଓ ୩ ପରାଜୟ ସହ ୨୦ ପଏଣ୍ଟ ହାସଲ କରିଛି । ଏହି ଗ୍ରୁପ୍‌ରେ ଥିବା ଉତ୍ତରପ୍ରଦେଶ ମଧ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ସମାନ ବିଜୟ ଓ ପରାଜୟ ବଳରେ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି । ଉତ୍ତରପ୍ରଦେଶର ରନ୍‌ରେଟ୍ ମଧ ଓଡ଼ିଶାଠାରୁ ଅଧିକା ରହିଛି । ମାତ୍ର ମହିଳା କ୍ରିକେଟ୍‌ର ନିୟମ ବଳରେ, ଚଳିତ ଟୁର୍ନାମେଣ୍ଟରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଉତ୍ତରପ୍ରଦେଶକୁ ପରାସ୍ତ କରିଥିବାରୁ ନକ୍ଆଉଟରେ ପ୍ରବେଶ କରିବାର ଯୋଗ୍ୟତା ହାସଲ କରିଛି । ବୋଷ ଗ୍ରାଉଣ୍ଡରେ ପୂର୍ବରୁ ଓଡ଼ିଶା ୬ ଉଇକେଟରେ ଉତ୍ତରପ୍ରଦେଶକୁ ହରାଇଥିଲା। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଜମ୍ମୁ-କଶ୍ମୀର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ରୁବିୟା ସୟଦ(୧୦ରନ୍)ଙ୍କୁ ବାଦ୍ ଦେଇ ଜମ୍ମୁ-କଶ୍ମୀରର ଅନ୍ୟ କୌଣସି ଖେଳାଳି ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ଦଳ ୪୫ ରନ୍‌ରେ ଅଲଆଉଟ ହୋଇଥିଲା । ଓଡ଼ିଶା ପକ୍ଷରୁ ସୁଜାତା ମଲ୍ଲିକ ୪ଟି ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଉଇକେଟ ହାସଲ କରିଛନ୍ତି। ଓଡ଼ିଶା ମଧ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୭ ରନ୍‌ରେ ୫ଟି ଉଇକେଟ ହରାଇଥିବା ବେଳେ ପ୍ରିୟଙ୍କାଙ୍କ ଅପରାଜିତ ୧୪ରନ୍ ବଳରେ ଓଡ଼ିଶା ବିଜୟୀ ହୋଇଥିଲା।

### ଟପ୍-୩ରେ ସିନ୍ଧୁ, ସମୀରଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୨୦।୧୨: ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହାସଂଘ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ଗୁରୁବାର ପ୍ରକାଶିତ ବିଶ୍ୱ ର୍ୟାଙ୍କିଙ୍ଗ୍ ତାଲିକାରେ ଦୁଇ ଭାରତୀୟ ସଟ୍‌ଲର ପି.ଭି. ସିନ୍ଧୁ ଓ ସମୀର ବର୍ମାଙ୍କ ମାନ୍ୟତାରେ ଉନ୍ନତି ପରିଲକ୍ଷିତ ହୋଇଛି। ଗତ ସପ୍ତାହରେ ଶେଷ ହୋଇଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଉଭୟ ସିନ୍ଧୁ ଓ ସମୀର ପୂର୍ବ ମାନ୍ୟତାର ଉପରକୁ ଉଠିଛନ୍ତି। ବର୍ଷର ଏହି ଅନ୍ତିମ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ପ୍ରଥମ ଭାରତୀୟ ଭାବେ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ଟାଇଟଲ ଜିତିଥିବା ସିନ୍ଧୁ ମହିଳା ସିଙ୍ଗଲ୍ସ ତାଲିକାରେ ୩ଟି ସ୍ଥାନ ଉପରକୁ ଉଠି ୩ୟ ସ୍ଥାନରେ ରହିଛନ୍ତି। ନିଜର କ୍ୟାରିୟର ଶ୍ରେଷ୍ଠ (ନମ୍ବର ୨) ର୍ୟାଙ୍କିଙ୍ଗ୍‌ଠାରୁ ସିନ୍ଧୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ଅପରପକ୍ଷରେ ସମୀର ୨ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ଚଳିତ ସିଜନରେ ବର୍ମା ଭାରତର ଶ୍ରେଷ୍ଠ ପୁରୁଷ ସିଙ୍ଗଲ୍ସ ଖେଳାଳି ରହିଥିଲେ। ସେ ୩ଟି ଟାଇଟଲ ଜିତିବା ସହିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ୩ଟି ଗ୍ରୁପ୍ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ନବବିବାହିତା ସାଇନା ନେହ୍ୱାଲ ପୂର୍ବପରି ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କିଡାମ୍ବି ଶ୍ରୀକାନ୍ତ ୮ମ ସ୍ଥାନରେ ସ୍ଥିର ରହିଥିବାବେଳେ ଏଚ୍.ଏସ୍. ପ୍ରଣୟ ଓ ବି. ସାଇ ପ୍ରଣୀଥ୍ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠିଛନ୍ତି। ପ୍ରଣୟ ୨୦ତମ ଓ ପ୍ରଣୀଥ୍ ୨୨ତମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଉଦୀୟମାନ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ୨ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୬ତମ ସ୍ଥାନରେ ରହିଛନ୍ତି।

### କାନାଡା ଟେନିସ ଖେଳାଳି ଓଜନିଆକଙ୍କ ଅବସର

ମୋଣ୍ଟ୍ରେଲ, ୨୦।୧୨: କାନାଡାର ଏକ ନମ୍ବର ମହିଳା ଟେନିସ ଖେଳାଳି ଆଲେକ୍ସଜାଣ୍ଡର ଓଜନିଆକ ଗୁରୁବାର ଅବସର ଘୋଷଣା କରିଛନ୍ତି। ୩୧ ବର୍ଷୀୟା ଓଜନିଆକ ନିଜର ହୋମ୍‌ଟାଉନରେ ଏକ ଖବରଦାତା ସମ୍ମିଳନୀରେ ଅବସର ନିଷ୍ପତ୍ତି ଜଣାଇଛନ୍ତି। ୨୦୦୯ରେ ସେ ବିଶ୍ୱ ମାନ୍ୟତାର ୨୧ତମ ସ୍ଥାନ ହାସଲ କରିଥିଲେ, ଯାହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍ ଥିଲା। ତେବେ ଆଘାତ ସମସ୍ୟା ଲାଗି ସେ ଗତ କିଛି ବର୍ଷ ହେବ କୋର୍ଟରୁ ଦୂରେଇ ରହୁଥିଲେ। ୨୦୦୯ରେ ସେ କାନାଡାର ଶ୍ରେଷ୍ଠ ମହିଳା ଆଥ୍‌ଲେଟ ପୁରସ୍କାର ଜିତିଥିଲେ। ଏଥିପୂର୍ବରୁ ୨୦୦୮ରେ ଓଜନିଆକ ଷ୍ଟାନଫୋର୍ଡ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିଲେ।

---

“ ବିରାଟ କୋହଲିଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟକୁ ହୁଏତ ଅନେକେ ନାପସନ୍ଦ କରିପାରନ୍ତି, କିନ୍ତୁ କ୍ରିକେଟ ପାଇଁ ଏଭଳି ଚରିତ୍ରର ଆବଶ୍ୟକତା ରହିଛି ।

– ଆଲାନ ବର୍ଡର, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



“ କୁଶାଳ ମେଣ୍ଡିସ ଓ ଆଞ୍ଜେଲୋ ମାଥ୍ୟୁସ ଯେପରି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ମ୍ୟାଚକୁ ଡ୍ର’ ରଖିଲେ ତାହା ଟେଷ୍ଟର ଅନ୍ୟତମ ଆକର୍ଷଣ ।

– କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



---

# ରମଣ ଭାରତୀୟ ମହିଳା କ୍ରିକେଟ ଦଳର କୋଚ୍

ମୁମ୍ବାଇ, ୨୦।୧୨ (ପି.ଟି.)

ଦକ୍ଷିଣ ଆଫ୍ରିକାର ଗ୍ୟାରୀ କର୍ଷ୍ଟେନଙ୍କୁ ପଛରେ ପକାଇ ପୂର୍ବତନ ଓପନର ଡବ୍ଲ୍ୟୁ. ଭି. ରମଣ ଭାରତୀୟ ମହିଳା କ୍ରିକେଟ ଦଳର କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ଚୟନ ପ୍ରକ୍ରିୟା ଉପରେ ପ୍ରଶାସକ କମିଟି (ସିଓଏ)ରେ ଦ୍ୱିମତ ସତ୍ତ୍ୱେ ରମଣଙ୍କୁ ମହିଳା କ୍ରିକେଟ ଦଳର କୋଚ୍ ନିଯୁକ୍ତି କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ୫୩ ବର୍ଷୀୟ ରମଣ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ଜଣେ ବ୍ୟାଟିଂ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। କର୍ଷ୍ଟେନ ବିସିସିଆଇ ଆଡହକ୍ କମିଟିର ପ୍ରଥମ ପସନ୍ଦ ଥିଲେ। କିନ୍ତୁ ଏହି ଦକ୍ଷିଣ ଆଫ୍ରିକୀୟ ଆଇପିଏଲ୍ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରରେ ତାଙ୍କ ପଦବୀ ଛାଡ଼ିବାକୁ ରାଜି ହୋଇ ନ ଥିଲେ। ପୂର୍ବତନ ଅଧିନାୟକ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ୍ ଏବଂ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ବିସିସିଆଇ ଆଡହକ୍ ସିଲେକ୍ସନ କମିଟି ଗଠନ ହୋଇଥିଲା। ପ୍ୟାନେଲ ଅଗ୍ରାଧିକାର ଭିତ୍ତିରେ ୩ଜଣ ଯଥା କର୍ଷ୍ଟେନ, ରମଣ ଓ ଭେଙ୍କଟେଶ ପ୍ରସାଦଙ୍କ ନାମ ସୁପାରିସ କରିଥିଲା। ସେମାନଙ୍କ ମଧ୍ୟରୁ ବିସିସିଆଇ ରମଣଙ୍କୁ ମନୋନୀତ କରିଥିଲା। ପ୍ରଶାସକ କମିଟି (ସିଓଏ)ରେ ମତଭେଦ ସତ୍ତ୍ୱେ ବିସିସିଆଇ ନିଯୁକ୍ତି ଦେଇଥିଲା। ଡାଏନା ଇଡୁଲ୍‌ଜୀ ଚୟନ ପ୍ରକ୍ରିୟାକୁ ନେଇ ବିନୋଦ ରୟଙ୍କ ନିକଟରେ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ରୟଙ୍କ ଅନୁମୋଦନ କ୍ରମେ ନିଯୁକ୍ତି ସମ୍ପନ୍ନ ହୋଇଥିବା ବିସିସିଆଇ କୋଷାଧ୍ୟକ୍ଷ ଅନିରୁଦ୍ଧ ଚୌଧୁରୀ ସଫେଇ ଦେଇଛନ୍ତି। ଭାରତ ତରଫରୁ ୧୧ଟି ଟେଷ୍ଟ ଓ ୨୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରମଣ ହେଉଛନ୍ତି ବର୍ତ୍ତମାନ ଦେଶର ସବୁଠାରୁ ଯୋଗ୍ୟତା ସମ୍ପନ୍ନ କୋଚ୍। ସେ ତାମିଲନାଡୁ ଓ ବେଙ୍ଗଲ ଭଳି ରଣଜୀ ଟ୍ରଫି ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ୧୯ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ମଧ ସେ କାର୍ଯ୍ୟ କରିଛନ୍ତି। ୧୯୯୨-୯୩ ଦକ୍ଷିଣ ଆଫ୍ରିକା ଟୁର୍‌ରେ ପ୍ରଥମ ଭାରତୀୟ ଭାବେ ଏକ ଶତକ ହାସଲ କରିଥିଲେ। ଏଥିପାଇଁ ସେ ସ୍ମରଣୀୟ ହୋଇ ରହିଛନ୍ତି। ମହିଳା କ୍ରିକେଟ ଦଳର କୋଚ୍ ପଦବୀ ପାଇଁ କର୍ଷ୍ଟେନ, ରମଣ ଓ ପ୍ରସାଦଙ୍କ ବ୍ୟତୀତ ୨୮ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଗୁରୁବାର ଯେଉଁମାନଙ୍କ ସାକ୍ଷାତ୍‌କାର ନିଆଯାଇଥିଲା ସେମାନେ ହେଲେ ମନୋଜ ପ୍ରଭାକର, ଟ୍ରେଣ୍ଟ ଜନ୍‌ଶନ, ଦିମିତ୍ରୀ ମାସ୍କାରେନହାସ୍, ବ୍ରାଡ୍ ହଗ୍ ଓ କଳ୍ପନା ଭେଙ୍କଟାଚାର। ଏମାନଙ୍କ ମଧ୍ୟରୁ ୩ ଜଣ ସାକ୍ଷାତ୍‌କାର ବେଳେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିଥିବା ବେଳେ ଜଣେ ଫୋନ୍‌ରେ ଏବଂ କର୍ଷ୍ଟେନଙ୍କ ସମେତ ଅନ୍ୟ ୫ଜଣ ପ୍ରାର୍ଥୀ ସ୍କାଇପେ ଜରିଆରେ ସାକ୍ଷାତ୍‌କାର ଦେଇଥିଲେ। ଭାରତୀୟ ପୁରୁଷ କ୍ରିକେଟ ଦଳକୁ ୨୦୧୧ ବିଶ୍ୱକପ୍ ସଫଳତା ଦେଇଥିବା କର୍ଷ୍ଟେନ ଚୟନକର୍ତ୍ତାଙ୍କ ପ୍ରଥମ ପସନ୍ଦ ଥିଲେ। ସୂଚନାଯୋଗ୍ୟ, ଏକ ବିବାଦୀୟ ପରିସ୍ଥିତିରେ ମହିଳା କ୍ରିକେଟ ଦଳର କାମଚଳା କୋଚ୍ ଭାବେ ରମେଶ ପାୱାରଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେ ମଧ ସାକ୍ଷାତକାର ଦେଇଥିଲେ। କୋଚ୍ ମନୋନୟନ ନେଇ ବିସିସିଆଇର ସାନି ଦରଖାସ୍ତ ଆହ୍ୱାନ ଉପରେ ସୁପ୍ରିମକୋର୍ଟଙ୍କ ନିଯୁକ୍ତ ସିଓଏରେ ଦ୍ୱିମତ ଦେଖା ଦେଇଥିଲା। ଆସନ୍ତା ମାସରେ ଭାରତୀୟ ମହିଳା କ୍ରିକେଟ ଦଳର ନ୍ୟୁଜିଲାଣ୍ଡ ଟୁର୍ ଆରମ୍ଭ ହେଉଛି। ପାୱାର ଏହି ସିରିଜ ଶେଷ ହେବା ପର୍ଯ୍ୟନ୍ତ ତାଙ୍କ ପଦବୀରେ ରୁହନ୍ତୁ ବୋଲି ଇଡୁଲ୍‌ଜୀ ଚାହିଁଥିଲେ। ରୟ କିନ୍ତୁ ସାନି ଦରଖାସ୍ତ ଆହ୍ୱାନ ପାଇଁ ବିସିସିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଦଳ ମନୋନୟନ ନେଇ ସିନିୟର ଖେଳାଳି ତଥା ଦିନିକିଆ ଅଧିନାୟିକା ମିଥାଲି ରାଜଙ୍କ ସହିତ ତିକ୍ତତା ପରେ ପାୱାରଙ୍କ ବିବାଦୀୟ କାର୍ଯ୍ୟକାଳ ନଭେମ୍ବର ୩୦ରେ ଶେଷ ହୋଇଥିଲା। ଟି୨୦ ଅଧିନାୟିକା ହରମନପ୍ରୀତ କୌର ଏବଂ ତାଙ୍କ ଡେପୁଟି ସ୍ମୃତି ମନ୍ଧାନାଙ୍କଠାରୁ ଦୃଢ ସମର୍ଥନ ପାଇବା ପରେ ପାୱାର କୋଚ ପଦବୀ ପାଇଁ ପୁନଃ ଦରଖାସ୍ତ କରିଥିଲେ।



ଡବ୍ଲ୍ୟୁ. ଭି. ରମଣ

# ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଆରମ୍ଭ



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ୬୭ତମ ସଂସ୍କରଣ କାମାକ୍ଷାନଗରଠାରେ ଆରମ୍ଭ ହୋଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, କାର୍ଯ୍ୟକାରୀ ସଭାପତି ସଞ୍ଜୟ ଦାସ ଓ ଉପସଭାପତି ଆକ୍‌ମଲ ଅଲୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ୨୪ ତାରିଖରେ ଶେଷହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୧ ମହିଳା ଓ ୩୦ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ କିଟ୍ ୨-୦ରେ ଜଗତ୍‌ସିଂହପୁର, ରେଲୱେ ୨-୦ରେ କଟକ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ୨-୦ରେ କେନ୍ଦ୍ରାପଡ଼ା, ବାଲେଶ୍ୱର ୨-୦ରେ କେନ୍ଦୁଝର ଓ ପାରାଦୀପ ପୋର୍ଟ ଟ୍ରଷ୍ଟ ୨-୧ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ସେହିପରି ପୁରୁଷ ବିଭାଗରେ ଭୁବନେଶ୍ୱର ୨-୦ରେ ଗଞ୍ଜାମ, କେନ୍ଦ୍ରାପଡ଼ା ୨-୦ରେ ବାଲେଶ୍ୱର, ପୁରୀ ୨-୦ରେ କଳାହାଣ୍ଡି, ସମ୍ବଲପୁର ୨-୦ରେ ଝାରସୁଗୁଡ଼ା ଏବଂ ବାଲେଶ୍ୱର ୨-୦ରେ ଭୁବନେଶ୍ୱରକୁ ହରାଇ ଦେଇଛି।

# ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍: ବୁମ୍‌ରା, ସାମି, ଇଶାନ୍ତଙ୍କ ଉନ୍ନତି

ଦୁବାଇ, ୨୦।୧୨(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟପ୍ରକାଶିତ ଟେଷ୍ଟ ର୍ୟାଙ୍କିଙ୍ଗ ଅନୁଯାୟୀ ଦୁଇ ଅଷ୍ଟ୍ରେଲୀୟ ବୋଲର ନାଥନ ଲିୟନ ଓ ଜୋଶ୍ ହାଜେଲଉଡ୍ ବୋଲିଂ ତାଲିକାର ଟପ୍-୧୦’ରେ ସ୍ଥାନ ପାଇଛନ୍ତି। ପର୍ଥରେ ସଦ୍ୟ ସମାପ୍ତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଉଲ୍ଲେଖନୀୟ ବୋଲିଂ କରି ଦଳକୁ ବିଜୟୀ କରାଇଥିବାରୁ ଉଭୟ ଲିୟନ ଓ ହାଜେଲଉଡଙ୍କ ର୍ୟାଙ୍କିଙ୍ଗ୍‌ରେ ଉନ୍ନତି ପରିଲକ୍ଷିତ ହୋଇଛି। ମ୍ୟାଚ୍‌ରେ ମୋଟ୍ ୮ଟି ଉଇକେଟ୍ ଅକ୍ତିଆର କରିଥିବା ଲିୟନ ୭ଟି ପାହାଚ ଉପରକୁ ଉଠି ସପ୍ତମ ସ୍ଥାନରେ ରହିଛନ୍ତି। ସେହିଭଳି ହାଜେଲଉଡ୍ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୯ମ ସ୍ଥାନ ଲାଭ କରିଛନ୍ତି। ସେହିଭଳି ୩ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି ଓ ଇଶାନ୍ତ ଶର୍ମାଙ୍କ ର୍ୟାଙ୍କିଙ୍ଗ୍‌ରେ ମଧ ଉନ୍ନତି ଘଟିଛି। ବୁମ୍‌ରା ୫ଟି ସ୍ଥାନ ଉପରକୁ ଉଠି ୨୮ତମ ସ୍ଥାନରେ ରହିଥିବାବେଳେ ସାମି ଓ ଇଶାନ୍ତ ଯଥାକ୍ରମେ ୨୧ତମ ଓ ୨୬ତମରେ ରହିଛନ୍ତି।

ଅପରପକ୍ଷରେ ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପର୍ଥ ଟେଷ୍ଟର ପ୍ରଥମ ଇନିଂସରେ ଚିତ୍ତାକର୍ଷକ ୧୨୩ ରନର ଇନିଂସ ଖେଳି କୋହଲି ନିଜ ର୍ୟାଙ୍କିଙ୍ଗ ପଏଣ୍ଟରେ ୧୪ ଯୋଡ଼ିଛନ୍ତି। ପୂର୍ବରୁ ୯୨୦ ର୍ୟାଙ୍କିଙ୍ଗ୍ ପଏଣ୍ଟରେ ରହିଥିବା କୋହଲି ଏବେ ୯୩୪ ପଏଣ୍ଟ ସହ ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି। କେନ୍ ୱିଲିୟମସନ (୯୧୫), ଷ୍ଟିଭ ସ୍ମିଥ୍ (୮୯୨), ଚେତେଶ୍ୱର ପୂଜାରା (୮୧୬) ଓ ଜୋ ରୁଟ୍ (୮୦୭) ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ଦୁଇ ଭାରତୀୟ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଜିଙ୍କ୍ୟ ରାହାନେ ମଧ ଯଥାକ୍ରମେ ୧୧ ଓ ୩ଟି ପାହାଚ ଉପରକୁ ଉଠିଛନ୍ତି। ପନ୍ତ କ୍ୟାରିୟର ଶ୍ରେଷ୍ଠ ୪୮ତମ ସ୍ଥାନରେ ରହିଥିବାବେଳେ ରାହାନେ ୧୫ତମ ସ୍ଥାନ ଲାଭ କରିଛନ୍ତି। ସେହିଭଳି ଶ୍ରୀଲଙ୍କା ବିପକ୍ଷ ୱେଲିଂଟନ ଟେଷ୍ଟରେ ରେକର୍ଡ ୨୬୪ ରନର ଅପରାଜିତ ଦ୍ୱିଶତକ ହାସଲ କରିଥିବା ନ୍ୟୁଜିଲାଣ୍ଡ ଓପନର୍ ଟମ୍ ଲଥାମଙ୍କ ର୍ୟାଙ୍କିଙ୍ଗ୍‌ରେ ମଧ ଆଖିଦୃଶିଆ ବୃଦ୍ଧି ହୋଇଛି। ସେ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୨ତମ ସ୍ଥାନରେ ରହିଛନ୍ତି। ଆଇସିସି ଟେଷ୍ଟ ଅଲ୍‌ରାଉଣ୍ଡର ତାଲିକାରେ ଭାରତର ସାମି ୫ଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ହନୁମା ବିହାରୀ ଏକାଥରରେ ୬୫ଟି ପାହାଚ ଡେଇଁ ୮୪ତମ ସ୍ଥାନ ହାସଲ କରିଛନ୍ତି।

# ଜାତୀୟ ପୋଲିସ ହକି ଦଳରେ ୪ ଓଡ଼ିଆ

କଟକ ଅଫିସ,୨୦।୧୨

ଆସନ୍ତା ଜାନୁୟାରୀ ୭ରୁ ମାଡ୍ରାସଠାରେ ୯ମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଭାରତୀୟ ପୋଲିସ ହକି ଦଳ ଅଂଶଗ୍ରହଣ କରୁଥିବା ବେଳେ ଜାତୀୟ ଦଳରେ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ରୋଶନବାହାଲା, ବିକାଶ ବାର୍ଲା ଓ ବିଜୟ ଲାକ୍ରା। ଏହାଛଡ଼ା ଜାତୀୟ ପୋଲିସ ଦଳର ସହକାରୀ ପ୍ରଶିକ୍ଷକ ଭାବେ ମଧ ଅନ୍ୟ ଜଣେ ଓଡ଼ିଆ ବୀରେନ୍ଦ୍ର ଲାକ୍ରା ସାମିଲ ହୋଇଛନ୍ତି । ସୂଚନାଥାଉ କି, ସର୍ବଭାରତୀୟ ପୋଲିସ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଗତ ଡିସେମ୍ବର ୧୪ରୁ ପଞ୍ଜାବର ଜଳନ୍ଧରଠାରେ ଦଳ ଚୟନ ଶିବିର ଜାରି ରହିଥିଲା। ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଶୁଭେଚ୍ଛା ଜଣାଇଛନ୍ତି।

## ନିରୋଜ ମେମୋରିଆଲ କ୍ରିକେଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ବିବିସିଏ ବିଜୟୀ

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ୧୦ମ ସଂସ୍କରଣ ଗୁରୁବାର ଆରମ୍ଭ ହୋଇଛି। ଓସ୍କାର ପଡ଼ିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ତଥା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ) ୯୭ ରନ୍‌ରେ ଓସ୍କାର ‘ଏ’କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିବିସିଏ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଜଗଜିତ ଦାସ ୬୦ ବଲ୍‌ରୁ ସର୍ବାଧିକ ୧୦୩ ରନ୍ କରି ଅପରାଜିତ ରହିଥିଲେ। ଓସ୍କାର ‘ଏ’ ପକ୍ଷରୁ ଆଦିତ୍ୟ ନନ୍ଦ ଗୋଟିଏ ଉଇକେଟ ନେଇଥିଲେ। ୧୭୧ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଓସ୍କାର ‘ଏ’ ମାତ୍ର ୭୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଲାରା ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ବିଧାୟକ ସରୋଜ ସାମଲ ଏବଂ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ପ୍ରଦୀପ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଓସ୍କାର ସ୍ପୋର୍ଟିଂର ସମ୍ପାଦକ ତଥା ମୁଖ୍ୟ କୋଚ୍ ମନୋଜ ମହାରଣା, ଭାଷ୍ୟକାର ନରେଶ ଭୂଷଣ ଅଧିକାରୀ, ଭିକି ପ୍ରଧାନ, ଅଭିଳାଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଲବ ବିଶ୍ୱକପ୍ ଫାଇନାଲରେ ରିୟଲ ମାଡ୍ରିଡ୍

ମାଡ୍ରିଡ୍, ୨୦।୧୨

**ବାଲେଙ୍କ ହ୍ୟାଟ୍ରିକ**

ଛ’ଟି କଣ୍ଟିନେଣ୍ଟାଲ କନଫେଡେରେଶନର ଚାମ୍ପିୟନ ଫୁଟ୍‌ବଲ କ୍ଲବକୁ ନେଇ ଫିଫା ପକ୍ଷରୁ ଚାଲିଥିବା କ୍ଲବ ବିଶ୍ୱକପ୍ ଫାଇନାଲରେ ସ୍ପେନର ରିୟଲ ମାଡ୍ରିଡ୍ ଦଳ ପ୍ରବେଶ କରିଛି। ଦ୍ୱିତୀୟ ସେମିଫାଇନାଲରେ ରିୟଲ ମାଡ୍ରିଡ୍ କ୍ଲବ ୩-୧ ଗୋଲରେ ଜାପାନର କଶିମା ଆଣ୍ଟେଲରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଷ୍ଟାର ଖେଳାଳି ଗ୍ୟାରେଥ ବାଲେ ହ୍ୟାଟ୍ରିକ ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ଫାଇନାଲରେ ପ୍ରବେଶ କରାଇବାରେ ନାୟକ ସାଜିଥିଲେ। ମ୍ୟାଚ୍‌ର ମାତ୍ର ୧୧ ମିନିଟ୍ ମଧ୍ୟରେ ବାଲେ ଏହି ୩ଟି ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧର ୪୪ତମ ମିନିଟ୍‌ରେ ବାଲେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୩ ଓ ୫୫ତମ ମିନିଟ୍‌ରେ ଆଉ ୨ଟି ଗୋଲ କରି ଦଳକୁ ୩-୦ରେ ଅଗ୍ରଣୀ ଦେଇଥିଲେ। ତେବେ ଏସିଆ ଚାମ୍ପିୟନ କଶିମା ଆଣ୍ଟେଲର ପକ୍ଷରୁ ସୋମା ଡୋଇ ୭୮ତମ ମିନିଟ୍‌ରେ ଗୋଟିଏ ଗୋଲ ଶୁଝିବାରେ ସମର୍ଥ ହୋଇଥିଲା। ରିୟଲ ମାଡ୍ରିଡ୍ ଦଳ ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ୟୁଏଇର ଅଲ୍ ଏଇନ୍ କ୍ଲବକୁ ଭେଟିବ। ଫାଇନାଲରେ ବିଜୟୀ ହୋଇ ରିୟଲ ମାଡ୍ରିଡ୍ ଲଗାତର ୩ୟ ଥର ଲାଗି ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଅଲ୍ ଏଇନ୍ ପୂର୍ବରୁ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ବାଲେ ବର୍ତ୍ତମାନ ସୁଦ୍ଧା ୫ଟି କ୍ଲବ ବିଶ୍ୱକପ୍ ମ୍ୟାଚ୍‌ରୁ ୬ଟି ଗୋଲସ୍କୋର କରିଛନ୍ତି।



ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପରେ ଗୁରୁବାର ମହିଳା ବିଭାଗରେ କଟକ ଓ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେଲ୍‌ଟିକ୍ସର ଏକତରଫା ବିଜୟ

କଟକ ଅଫିସ,୨୦।୧୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ନାଲ୍‌କୋ କପ୍ ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ବର୍ଗର ମ୍ୟାଚ୍‌ରେ ସେଲ୍‌ଟିକ୍ସ ୪୨-୮ ପଏଣ୍ଟରେ ବାଲେଶ୍ୱରକୁ ଏକତରଫା ଭାବେ ପରାସ୍ତ କରିଛି। ଅନ୍ୟ ମ୍ୟାଚ୍‌ରେ ଗଞ୍ଜାମ ୫୮-୨୩ ପଏଣ୍ଟରେ ପୁରୀକୁ, ରାୟଗଡ଼ା ୩୦-୨୮ ପଏଣ୍ଟରେ ବିବିଏକୁ ହରାଇଥିଲା। ମହିଳା ବର୍ଗର ମ୍ୟାଚ୍‌ରେ ରୋଭର୍ସ ୨୮-୧୧ ପଏଣ୍ଟରେ ଏସ୍‌ସିଏସ୍‌ସିକୁ, ବିବିଏ ୪୬-୧୨ରେ କେନ୍ଦୁଝରକୁ ହରାଇଛି।

## ସର୍ବଭାରତୀୟ ର୍ୟାଙ୍କିଙ୍ଗ୍ ଟେନିସ

# ସେମିରେ ଅଂଶୁ

ଭୁବନେଶ୍ୱର, ୨୦।୧୨(କ୍ରୀଡ଼ା ପ୍ରତିନିଧି)

ପୁରୀରେ ଚାଲିଥିବା ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଟପ୍ ସିଡ୍ ଚିନ୍ମୟ ପ୍ରଧାନଙ୍କୁ କିନ୍ତୁ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ଚିନ୍ମୟ ତେଲେଙ୍ଗାନାର ଲଙ୍କା ସୁନୀଥ ରେଡ୍ଡୀଙ୍କଠାରୁ ୪-୬, ୦-୬ ସେଟ୍‌ରେ ହାରିଯାଇଛନ୍ତି। ଅଂଶୁ ନିଜ ରାଜ୍ୟର ଅମୃତଜୟ ମହାନ୍ତିଙ୍କୁ ୬-୦, ୭-୫ ସେଟ୍‌ରେ ସେମିଫାଇନାଲରେ ପହଞ୍ଚିଛନ୍ତି। ହରିୟାଣାର ଓମିନ୍ଦର ବୈସୋୟା ଓ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀ ମଧ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସରେ ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଅଂଶୁ-ଅଭିଭୀର ସିଂ ଶେଖାୱତ(ରାଜସ୍ଥାନ) ଯୋଡ଼ି ଓଡ଼ିଶାର ଆଦିତ୍ୟ ଶତପଥୀ-ଚିନ୍ମୟ ଯୋଡ଼ିଙ୍କୁ ୧-୬, ୭-୫, ୧୪-୧୨ ସେଟ୍‌ରେ ପରାସ୍ତ କରିଛନ୍ତି। ଆନ୍ଧ୍ରପ୍ରଦେଶର ବାବ୍‌ଜି ଶିବା ଆଙ୍କୁରୁ ଓ ତେଲେଙ୍ଗାନାର ସାଜିଦ ଉର ରହମାନ ଓଡ଼ିଶା ଯୋଡ଼ି ଲଲାଟେନ୍ଦୁ ବର୍ମା ଓ ସ୍ୱସ୍ତିକ ସତ୍ୟକାମ ପ୍ରଧାନଙ୍କୁ ୬-୦, ୬-୩, ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ରୟ ଚୌଧୁରୀ-ରୋହିତ ରାମପୁରିଆ ଯୋଡ଼ି ଓଡ଼ିଶାର ଆଶୁତୋଷ ଦାସ ଓ ସତୀର୍ଥ ପଟ୍ଟନାୟକଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଆ ଯୋଡ଼ି ଅମୃତଜୟ ମହାନ୍ତି ଓ ଅଭିଷେକ ମହାପାତ୍ର କିନ୍ତୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅମୃତଜୟ-ଅଭିଷେକ ଅନ୍ତିମ କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗର ଅର୍ଘ୍ୟ ଦାସ ଓ ଉତ୍ତର ପ୍ରଦେଶର ହେମନ୍ତ କୁମାର ଯୋଡ଼ିଙ୍କୁ ୬-୭(୨), ୬-୩, ୧୦-୨ ସେଟ୍‌ରେ ପରାସ୍ତ କରିଛନ୍ତି।

## ବର୍ଡର-ଗାଭାସ୍କର ସିରିଜ

# ବକ୍ସିଂ ଡେ’ ଟେଷ୍ଟ ଖେଳିବେ ଫିଞ୍ଚ୍

ପର୍ଥ, ୨୦।୧୨

ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଚାଲିଥିବା ବର୍ଡର-ଗାଭାସ୍କର ଟେଷ୍ଟ ସିରିଜର ୩ୟ ତଥା ବକ୍ସିଂ ଡେ’ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୬ରୁ ମେଲବୋର୍ନରେ ଆରମ୍ଭ ହେବ। ଆହତ ଥିବା ଅଷ୍ଟ୍ରେଲିଆ ଓପନର ଆରୋନ୍ ଫିଞ୍ଚ୍ ଏହି ମ୍ୟାଚ୍ ଖେଳିବେ ବୋଲି ମେଡିକାଲ ପକ୍ଷରୁ ସ୍ପଷ୍ଟ ହୋଇଛି। ପର୍ଥରେ ଶେଷ ହୋଇଥିବା ୨ୟ ଟେଷ୍ଟରେ ବ୍ୟାଟିଂ କରୁଥିବାବେଳେ ମହମ୍ମଦ ସାମିଙ୍କ ଏକ ବାଉନ୍ସ ବଲ ଫିଞ୍ଚଙ୍କ ହାତରେ ବାଜିଥିଲା ଏହାପରେ ଫିଞ୍ଚ୍ ରିଟାୟାର୍ଡ ହଟ୍ ହୋଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ପରେ ହସ୍ପିଟାଲରେ ତାଙ୍କର ଏକ୍ସ-ରେ କରାଯାଇଥିଲା, ଯାହାର ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଫିଞ୍ଚଙ୍କ ଆଙ୍ଗୁଠିରେ କୌଣସି ଗୁରୁତର ଆଘାତ ଲାଗିନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ତୃତୀୟ ଟେଷ୍ଟରେ ଖେଳିବା ପାଇଁ ସେ ଫିଟ୍ ବୋଲି ଜଣାପଡ଼ିଛି। ୩୨ ବର୍ଷୀୟ ଫିଞ୍ଚଙ୍କ ସେହି ସମାନ ଆଙ୍ଗୁଠିରେ ୩ୟ ଥର ପାଇଁ ବଲ୍ ବାଜିଛି। ଏଥିପୂର୍ବରୁ ୱାକା ଗ୍ରାଉଣ୍ଡରେ ମିଚେଲ ଷ୍ଟାର୍କଙ୍କ ଏକ ବାଉନ୍ସ ବଲ୍ ସେହି ସମାନ ସ୍ଥାନରେ ବାଜିଥିଲା। ସେହିଭଳି କିଛିବର୍ଷ ତଳେ ଶ୍ରୀଲଙ୍କା ବିପକ୍ଷ ସିରିଜବେଳେ ମଧ ସେହି ଆଙ୍ଗୁଠି ବଲ୍ ବାଜି ଭାଙ୍ଗି ଯାଇଥିଲା ବୋଲି ଫିଞ୍ଚ୍ ଉଲ୍ଲେଖ କରିଛନ୍ତି।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 2

## CLASS-XII (MATHEMATICS)

**Time Allowed : 3 hours** **Maximum Marks: 100**

### GENERAL INSTRUCTIONS

***i. All questions are compulsory***

***ii. Please check that this question paper contains 29 questions.***

***iii. Questions 1-4 in Section A are very short answer type questions carrying 1 mark each.***

***iv. Questions 5–12 in Section B are short answer type questions carrying 2 marks each.***

***v. Questions 13–23 in Section C are short answer questions carrying 4 marks each.***

***vi. Questions 24–29 in Section D are long answer questions carrying 6 marks each.***

***vii. Please write down the serial number of the questions before attempt it.***

### SECTION-A

**1.** Evaluate $\int x^x(1+\log x)dx$

**2.** If the percentage error in the edge of a cube is 1, then find error in its volume.

**3.** If A is a matrix of order 2 x 3 and B is a matrix of order 3 x 5, then what is the order of matrix $(AB)'$ and $(AB)^T$ ?

**4.** Find the value of $\lambda$ such that the line $\frac{x-2}{12}=\frac{y-1}{\lambda}=\frac{z-3}{-8}$ is perpendicular to the plane 3x – y – 2z = 7.

### SECTION-B

**5.** If $y=|x-x^2|$, then find $\frac{dy}{dx}$ at x = 1

**6.** Find the slope and equation of the normal to the curve x = 1 – asinθ, y = bcos²θ at $\theta=\frac{\pi}{2}$

**7.** Evaluate $\int(x+1)e^x\log(xe^x)dx$

**8.** A farm is engaged in breeding cow. The cows are fed on various products grown on the farm. In view of the need to ensure certain nutrient constituents (call them x, y and z), it is necessary to buy two additional protucts, say, A and B. One unit of product A contains 16 units of x, 8 units of y and 12 units of z. One unit of product B contains 6 units of x, 12 units of y and 18 units of z. The minimum requirement of x, y and z is 108 units 36 units and 180 units, respectively. Product A costs ` 10 per unit and product B costs ` 60 per unit. Formulate the above as a linear programming problem to minimize the total cost.

**9.** If $A=\begin{bmatrix}2 & 3\\ -1 & 2\end{bmatrix}$, find $A^2-4A+I$.

**10.** Find the point on the parabola $y^2 = 18$ at which the ordinate increases at twice the rate of the abscissa.

**11.** Show that the three points A(1, –2, –8), B(5, 0, –2) and C(11, 3, 7) are collinear, and find the ratio in which B divides AC.

**12.** Let A and B be two events of the same sample space S of an experiment, then prove that $0\le P(A/B)\le 1, B\ne\phi$

### SECTION-C

**13.** Show that $\begin{vmatrix}a & b-c & c+b\\ a+c & b & c-a\\ a-b & b+a & c\end{vmatrix}=(a+b+c)(a^2+b^2+c^2)$

**OR**

If $f(x)=\begin{vmatrix}a & -1 & 0\\ ax & a & -1\\ ax^2 & ax & a\end{vmatrix}$, by using properties of determinants, find the value of f(2x) – f(x).

**14.** If $y=\frac{\sin^{-1}x}{\sqrt{1-x^2}}$, show that $(1-x^2)\frac{d^2y}{dx^2}-3x\frac{dy}{dx}-y=0$

**15.** A manufacturer considers that men and women workers are equally efficient, so he pays them at the same rate. He has 30 and 17 units of workers (male and female) and capital respectively, which he uses to produce two types of goods A and B. To produce 1 unit of A, 2 workers and 3 units of capital are required while 3 workers and 1 unit of capital is required to produce 1 unit of B. If A anbd B are priced at ` 100 and ` 120 per unit respectively, then how should he use his resources to maximize the total revenue ? Form the above as an LPP and solve it graphically. Also write what quality of manufacturer reflects here ?

**16.** Evaluate: $\int\frac{dx}{1-3\sin x}$

**OR**

Evaluate: $\int\sqrt{\frac{1-\sqrt{x}}{1+\sqrt{x}}}dx$

**17.** Show that: $\int_0^{\pi/2}f(\sin 2x)\sin x\,dx=\sqrt{2}\int_0^{\pi/4}f(\cos 2x)\cos x\,dx$

**18.** Solve the equation $\tan^{-1}\sqrt{x^2+x}+\sin^{-1}\sqrt{x^2+x+1}=\frac{\pi}{2}$

**19.** Solve the following differential equation $(1+x^2)\frac{dy}{dx}-2xy=(x^2+2)(x^2+1)$, when x = 1 and y = 2

**20.** Find the distance from the point (3, 4, 5) to the point,

where the line $\frac{x-3}{1}=\frac{y-4}{2}=\frac{z-5}{2}$ meets the plane x + y + z = 2

**21.** Find the probability distribution of number of doublets in three throws of a pair of dice.

**22.** Show that area of the parallelogram whose diagonals are given by $\vec{a}$ and $\vec{b}$ is $\frac{|\vec{a}\times\vec{b}|}{2}$. Also, find the area of the parallelogram whose diagonals are $2\hat{i}-\hat{j}+\hat{k}$ and $\hat{i}+3\hat{j}-\hat{k}$

**23.** A letter is known to have come from either 'TATANAGAR' or 'CALCUTTA'. On the envelope just two letters 'TA' are visible. What is the probability that the letter has come from

i. TATANAGAR ? ii. CALCUTTA ?

**OR**

If A and B are two independent events such that $P(\bar{A}\cap B)=\frac{2}{15}$ and $P(A\cap\bar{B})=\frac{1}{6}$, then find P(A) and P(B).

### SECTION-D

**24.** If $f:R\to R$ is a function defined by f(x) = 2x³ – 5, then show that the function f is a bijective function.

**OR**

Consider $f:R\to R$ given by f(x) = 4x + 3. Show that f is invertible and find the inverse of f.

**25.** The sum of three numbers is 6. If we multiply third number by 3 and add second number to it, we get 11. By adding first and third numbers, we get double of the second number. Represent it algebraically and find the numbers using matrix method.

**OR**

If $A=\begin{bmatrix}1 & 1 & 1\\ 1 & 1 & 1\\ 1 & 1 & 1\end{bmatrix}$, prove that $A^n=\begin{bmatrix}3^{n-1} & 3^{n-1} & 3^{n-1}\\ 3^{n-1} & 3^{n-1} & 3^{n-1}\\ 3^{n-1} & 3^{n-1} & 3^{n-1}\end{bmatrix}, n\in N$

**26.** Sketch the graph of y = |x + 3| and evaluate $\int_{-6}^{0}|x+3|dx$

**27.** A variable plane which remains at a constant distance 3p from the origin cut the coordinate axes at A, B and C. Show that the locus of the centroid of ΔABC is $x^{-2}+y^{-2}+z^{-2}=p^{-2}$.

**OR**

If lines $\frac{x-1}{2}=\frac{y+1}{3}=\frac{z-1}{4}$ and $\frac{x-3}{1}=\frac{y-k}{2}=\frac{z}{1}$ intersect, find the value of k and hence, find the equation of the plane containing these lines.

**28.** Find the equation of a curve passing through the point (1, 1). If the tangent drawn at any point P(x, y) on the curve meets the coordinate axes at A and B such that P is the mid-point of AB.

**29.** Find the value of p for which the curves x² = 9p(9 – y) and x² = p(y + 1) cut each other at right angle.

**For Answers visit: www.dharitri.com**

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ବିଶ୍ୱକପ୍‌ର ବର୍ଷ



ଫିଫା ବିଶ୍ୱକପ୍ ଟ୍ରଫି ସହ ଫ୍ରାନ୍ସ ଦଳ

## ପୁରସ୍କାର

**ଭା**ରତୀୟ ଅଧିନାୟକ ବିରାଟ କୋହଲି ୨୦୧୮ରେ ଏକାଧିକ ପୁରସ୍କାର ହାସଲ କରିଛନ୍ତି। ସେ ପୁଣି ଥରେ ଆନ୍ତର୍ଜାତିକ କ୍ରିକେଟ କାଉନ୍‌ସିଲ (ଆଇସିସି) କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ୧୯ ବର୍ଷରୁ କମ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଙ୍କୁ ୩୦ ଓ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବାକୁ ବୋର୍ଡ ତରଫରୁ ଘୋଷଣା କରାଯାଇଥିଲା। ସେହିପରି ବେଲଜିୟମ ହକି ଖେଳାଳି ଆର୍ଥର ଭାନ୍ ଡୋରେନ ଏଫ୍‌ଆଇଏଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କୋହଲିଙ୍କୁ ମଧ୍ୟ ପଲି ଉମ୍ରିଗର ଟ୍ରଫିରେ ବିସିସିଆଇ ପୁରସ୍କୃତ କରିଥିଲା। କୋହଲି ଓ ମହିଳା ବକ୍ସର ମୀରାବାଈ ଚାନୁଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୋଏସିଆର ତାରକା ଫୁଟବଲର ଲୁକା ମୋଡ୍ରିକ ଫିଫା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲୁକା ମୋଡ୍ରିକ ମଧ୍ୟ ବାଲନ ଡି'ଅର ପୁରସ୍କାର ହାସଲ କରିଥିଲେ।

## ରେକର୍ଡ

**ଭା**ରତୀୟ ଉଇକେଟ କିପର ଋଦ୍ଧିମାନ ଶାହା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ୧୦ ଡିସ୍‌ମିଶାଲ ରେକର୍ଡ ଅଧିକାରୀ ହୋଇଥିଲେ। ଏକ ଟି୨୦ ଆନ୍ତଃକ୍ଲବ ମ୍ୟାଚ୍‌ରେ ଋଦ୍ଧିମାନ ୨୦ ବଲରୁ ଶତକ ହାସଲ କରି ରେକର୍ଡ କରିଛନ୍ତି। ଆଇପିଏଲ-୧୧ରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ସବୁଠାରୁ ଦାମୀ ବିଦେଶୀ ଓ ଜୟଦେବ ଉନାଡକଟ ସବୁଠାରୁ ଦାମୀ ଦେଶୀ ଖେଳାଳି ବିବେଚିତ ହୋଇଛନ୍ତି। ୧୪ ବର୍ଷୀୟ ଛାତ୍ର ତାନିସ୍କ ଗଭାଟେ ଏକ ସ୍କୁଲ ଟୁର୍ନାମେଣ୍ଟରେ ୧,୦୪୫ ରନର ପାଳି ଖେଳି ରେକର୍ଡ ସୃଷ୍ଟି କରିଥିଲେ। ଭାରତର ଝୁଲଣ ଗୋସ୍ୱାମୀ ବିଶ୍ୱର ପ୍ରଥମ ମହିଳା କ୍ରିକେଟର ଭାବେ ଦିନିକିଆରେ ୨୦୦ ଉଇକେଟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଓଡ଼ିଆ ମହିଳା ହକି ଖେଳାଳି ଲିଲିମା ମିଞ୍ଜ୍ ୧୦୦ତମ ଆନ୍ତର୍ଜାତିକ ମ୍ୟାଚ ଖେଳିଛନ୍ତି। ଅନ୍ୟତମ ଓଡ଼ିଆ ମହିଳା ହକି ତାରକା ନମିତା ଟପ୍ପୋ ଖେଳିଲେ ୧୫୦ତମ ମ୍ୟାଚ୍। ବିଶ୍ୱ ବ୍ୟାଡମିଣ୍ଟନ ର୍‍ୟାଙ୍କିଙ୍ଗ୍‌ରେ ଭାରତର କିଦାମ୍ବୀ ଶ୍ରୀକାନ୍ତ ୧ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ୬୪ଟି ଆନ୍ତର୍ଜାତିକ ଗୋଲ ସ୍କୋର କରି ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ ସୁପରଷ୍ଟାର ଲିଓନେଲ ମେସିଙ୍କ ସମକକ୍ଷ ହେଲେ। ୫୩ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଏସିଆନ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଜିତିଲେ ଲକ୍ଷ୍ୟ ସେନ୍। ପ୍ରଥମ ଦେଶ ଭାବେ ଇଂଲଣ୍ଡ ଖେଳିଲା ୧୦୦୦ ଟେଷ୍ଟ। ବିଜୟ ହଜାରେ ଟ୍ରଫି ଫାଇନାଲରେ ଦିଲ୍ଲୀକୁ ୪ ଉଇକେଟରେ ହରାଇ ମୁମ୍ବାଇ ରେକର୍ଡ ତୃତୀୟଥର ପାଇଁ ଚାମ୍ପିୟନ। ପ୍ରଥମ ଭାରତୀୟ ଚାଇନାମ୍ୟାନ ଭାରତୀୟ ସ୍ପିନର ଭାବେ କୁଲଦୀପ ଯାଦବ ଗୋଟିଏ ଇନିଂସରେ ୫ ଉଇକେଟ ଅକ୍ତିଆର କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଲୁଇସ୍ ହାମିଲଟନ ପଞ୍ଚମଥର ପାଇଁ ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ। ଦୀର୍ଘ ୩୦ ବର୍ଷପରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ବିଜୟରୁ ଟେଷ୍ଟ ସିରିଜ ଆରମ୍ଭ କରିଛି। ଗୋଟିଏ ଟେଷ୍ଟରେ ୧୧ଟି କ୍ୟାଚ୍ ଧରି ଉଇକେଟକିପର ଋଷଭ ପନ୍ତ ବିଶ୍ୱରେକର୍ଡର ସମକକ୍ଷ ହୋଇଥିଲେ।

## ସଫଳତା

**ଫେ**ଭରାଇଟ ଦିଲ୍ଲୀକୁ ହରାଇ ବିଦର୍ଭ ନୂଆ ରଣଜୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ପ୍ରଥମ ଭାରତୀୟ ଭାବେ ଆଞ୍ଚଲ ଠାକୁର ଆନ୍ତର୍ଜାତିକ ସ୍କିଙ୍ଗ୍ ଇଭେଣ୍ଟରେ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ। ଅଷ୍ଟ୍ରେଲିଆ ଓପନ ଜିତି ଡେନମାର୍କର କାରୋଲିନ୍ ଓଜ୍ନିଆକି ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଲେ। ପ୍ରଥମଥର ପାଇଁ ଦିଲ୍ଲୀ ଜିତିଲା ସୟଦ ମୁସ୍ତାକ ଅଲୀ ଟ୍ରଫି। ରୋଜର ଫେଡେରର ଜିତିଲେ ଅଷ୍ଟ୍ରେଲିଆନ ଓପନ ଟାଇଟଲ। ଚେନ୍ନାଇନ୍ ଏଫସି ପ୍ରଥମଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ) ଟାଇଟଲ ହାସଲ କରିଥିଲା। ବାଂଲାଦେଶକୁ ଫାଇନାଲ ମ୍ୟାଚ୍‌ର ଶେଷ ବଲରେ ହରାଇ ଭାରତ ଜିତିଲା ନିଦାହାସ ଟ୍ରଫି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ହରାଇ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିଛି। ଦକ୍ଷିଣ ଆଫ୍ରିକା ମାଟିରେ ପ୍ରଥମ ଦିନିକିଆ ସିରିଜ ଓ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଛି। ମହିଳା ଜିମ୍ନାଷ୍ଟ ଅରୁଣା ବୁଦ୍ଧା ରେଡ୍ଡୀ ପ୍ରଥମ ଭାରତୀୟ ଭାବେ ବିଶ୍ୱକପ୍‌ରେ ପଦକ (ବ୍ରୋଞ୍ଜ୍) ଜିତି ରେକର୍ଡ ସୃଷ୍ଟି କରିଛନ୍ତି। ଭାରତକୁ ପୁଣି ମିଳିଲା ଆଇସିସି ଚାମ୍ପିୟନଶିପ୍ ଟେଷ୍ଟ ମେସ। ବେଙ୍ଗାଲୁରୁ ଏଫ୍‌ସି ଜିତିଲା ସୁପରକପ୍ ଫୁଟବଲ। ସନରାଇଜର୍ସ ହାଇଦ୍ରାବାଦକୁ ହରାଇ ଚେନ୍ନାଇ ସୁପର କିଙ୍ଗ୍ସ ଜିତିଲା ଆଇପିଏଲ୍ ଟାଇଟଲ। ସ୍ପେନର ରାଫାଲ ନାଡ଼ାଲ ଜିତିଲେ ୧୧ତମ ଫ୍ରେଞ୍ଚ ଓପନ ଟାଇଟଲ। ଘରୋଇ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଭାରତ ୨-୧ରେ ବିଜୟୀ। ଆଞ୍ଜେଲିକ କର୍ବର ୱିମ୍ବେଲଡନ ମହିଳା ସିଙ୍ଗଲ୍ସ ଚାମ୍ପିୟନ। ଫ୍ରାନ୍ସ ଜିତିଲା ଫିଫା ବିଶ୍ୱକପ୍ ଟାଇଟଲ। ଏସିଆନ ଗେମ୍ସ ହକିରେ ଭାରତୀୟ ମହିଳା ଫାଇନାଲରେ ଜାପାନଠାରୁ ୧-୨ ଗୋଲରେ ହାରି ରୌପ୍ୟରେ ସନ୍ତୁଷ୍ଟ। ଏସିଆନ ଗେମ୍ସରେ ୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ ବ୍ରୋଞ୍ଜ୍ ସହ ଭାରତ ମୋଟ ୬୯ ପଦକ ପାଇ ଅଷ୍ଟମ ସ୍ଥାନରେ ରହିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଜାପାନର ନାଓମି ଓସାକା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଚାମ୍ପିୟନ। ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ। ଫାଇନାଲରେ ବାଂଲାଦେଶକୁ ହରାଇ ଭାରତ ଏସିଆ କପ୍ କ୍ରିକେଟ ଚାମ୍ପିୟନ। ଭାରତୀୟ ରେସଲର ବଜରଙ୍ଗ ପୁନିଆ ୬୫ କେ.ଜି. ବର୍ଗ ର୍‍ୟାଙ୍କିଙ୍ଗ୍‌ରେ ନଂ୧ ସ୍ଥାନ ହାସଲ କରିଥିଲେ।



ମହିଳା ହକି ବିଶ୍ୱକପ୍ ଚାମ୍ପିୟନ ନେଦରଲାଣ୍ଡ୍ସ ଦଳ।



ଫର୍ମୁଲା-୧ ବିଶ୍ୱ ଚାମ୍ପିୟନ ଲୁଇସ୍ ହାମିଲଟନ



ୱିମ୍ବେଲଡନ ଚାମ୍ପିୟନ ନୋଭାକ ଜୋଭୋଭିଚ୍



ମହିଳା ବକ୍ସର ମୀରାବାଈ ଚାନୁ

୨୦୧୮ ଥିଲା ବିଶ୍ୱକପ୍‌ର ବର୍ଷ। ଏହି ବର୍ଷ ପୁରୁଷ ଓ ମହିଳା ହକି ବିଶ୍ୱକପ୍, ଟି୨୦ ମହିଳା ବିଶ୍ୱକପ୍ ଓ ସର୍ବୋପରି ଫିଫା ବିଶ୍ୱକପ୍ ଆୟୋଜନ ହୋଇଥିଲା। ଭାରତ ସଫଳ ହୋଇପାରି ନ ଥିଲେ ମଧ୍ୟ ଏହି ମେଗା ଇଭେଣ୍ଟଗୁଡ଼ିକୁ ନେଇ ବିଶ୍ୱବ୍ୟାପୀ ପ୍ରଶଂସକ ବେଶ୍ ଉତ୍ସାହ ପ୍ରକଟ କରିଥିଲେ। ଜାତୀୟ ତଥା ଆନ୍ତର୍ଜାତିକସ୍ତରରେ ବିଭିନ୍ନ ଦେଶ ଓ ନାମୀଦାମୀ କ୍ରୀଡ଼ାବିତ୍‌ଙ୍କ ଉତ୍ଥାନ ପତନ ଏହି ବର୍ଷରେ ଦେଖିବାକୁ ମିଳିଥିଲା। କ୍ରୀଡ଼ାବିତ୍‌ଙ୍କ ବିବାହ, ନିର୍ବନ୍ଧଠାରୁ ଆରମ୍ଭ କରି ସେମାନଙ୍କ ସଫଳତା ଓ ବିଫଳତାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପଙ୍କ ବନ୍ଧୁତ୍ୱ ବିବାହର ରୂପ ନେଇଥିଲା ଏହି ବର୍ଷ। ଅଲିମ୍ପିକ୍ସ ପଦକ ବିଜୟିନୀ ମେରୀ କମ ରେକର୍ଡ ଷଷ୍ଠଥର ପାଇଁ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଜିତିବା ଐତିହାସିକ ଥିଲା। ଫ୍ରାନ୍ସ ଫିଫା ବିଶ୍ୱକପ୍ ଚାମ୍ପିୟନ ହେବା ଓ ବେଲଜିୟମ ପ୍ରଥମଥର ହକି ବିଶ୍ୱକପ୍ ଟାଇଟଲ ଜିତିବା ସବୁ କିଛି ଅପ୍ରତ୍ୟାଶିତ ଥିଲା। ଭାରତୀୟ କ୍ରିକେଟ ଦଳ ମଧ୍ୟ ସଫଳତାର ସ୍ୱାଦ ଚାଖିବା ସହ ବିଫଳତାର ସମ୍ମୁଖୀନ ହୋଇଛି। ନିଦାହାସ ଟ୍ରଫି ଓ ଏସିଆ କପ୍ କ୍ରିକେଟରେ ଭାରତ ରୋମାଞ୍ଚକ ଢଙ୍ଗରେ ଚାମ୍ପିୟନ ହୋଇଥିଲା। ବିଦେଶ ମାଟିରେ କେତୋଟି ଟେଷ୍ଟ ସିରିଜରେ ପରାଜୟ ବରଣ କରିଥିଲେ ମଧ୍ୟ ନଂ୧ ର୍‍ୟାଙ୍କିଙ୍ଗ୍ ବଜାୟ ରଖିବା ସହ ଭାରତ ଦିନିକିଆ ଓ ଟି୨୦ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ସେହିପରି ଦକ୍ଷିଣ ଆଫ୍ରିକା କ୍ରିକେଟ ସୁପରଷ୍ଟାର ଏବି ଡିଭିଲର୍ସ, ଇଂଲଣ୍ଡ ତାରକା ଓପନର ଆଲିଷ୍ଟର କୁକ୍, ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ଜର୍ମାନ୍ ଅଭିଜ୍ଞ ଫୁଟବଲର ମେସୁଟ୍ ଓଜିଲଙ୍କ ଅବସର ଘୋଷଣା ପ୍ରଶଂସକଙ୍କୁ ନିରାଶ କରିଥିଲା।



ବିରାଟ କୋହଲି

## ବିବାହ

**ସ**ମସ୍ତଙ୍କୁ ଗୋପନ ରଖି ଦୀର୍ଘବର୍ଷ ଧରି ଡେଟିଂ କରି ଆସୁଥିବା ଦୁଇ ଭାରତୀୟ ବ୍ୟାଡମିଣ୍ଟନ ତାରକା ବିବାହ କରିଛନ୍ତି। ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ପାରୁପଲ୍ଲୀ କାଶ୍ୟପ୍ ଶେଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବିବାହ ସମସ୍ତଙ୍କୁ ଚକିତ କରିଥିଲା। ସେହିପରି ଦୁଇ ତାରକା ରେସଲର ମଧ୍ୟ ବିବାହ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ମହିଳା ରେସଲର ଭିନେଶ ଫୋଗଟ ଓ ସାଥୀ ପୁରୁଷ ରେସଲର ସୋମବୀର ଲାଠି ମଧ୍ୟ ବିବାହ କରିଛନ୍ତି। ଏହାକୁ ବାଦ ଦେଲେ ଆଉ ଏକ କ୍ରୀଡ଼ାବିତ୍ ଯୋଡ଼ିଙ୍କ ନିର୍ବନ୍ଧ ହୋଇଛି। ମହିଳା ତାରକା ତୀରନ୍ଦାଜ ଦୀପିକା କୁମାରୀ ଓ ପୁରୁଷ ତୀରନ୍ଦାଜ ଅତନୁ ଦାସଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି।



ସାଇନା ଓ ପାରୁପଲ୍ଲୀଙ୍କ ନୂଆ ଇନିଂସ

## ବିବାଦ

**ଚ**ଳିତବର୍ଷ କ୍ରୀଡ଼ା ମଧ୍ୟ ବିବାଦରୁ ବାଦ ପଡ଼ିନାହିଁ। ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ବଲ୍ ଟ୍ୟାମ୍ପରିଂ ଘଟଣା ସବୁଠାରୁ ବିବାଦ ସୃଷ୍ଟି କରିଥିଲା ଓ ଏହା ବିଶ୍ୱ କ୍ରିକେଟକୁ ଦୋହଲାଇ ଦେଇଥିଲା। କେପ୍ ଟାଉନରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟେଷ୍ଟରେ ବଲ୍ ଟ୍ୟାମ୍ପରିଂ କରିଥିବା କଥା ସ୍ୱୀକାର କରି ଅଷ୍ଟ୍ରେଲୀୟ ଅଧିନାୟକ ଷ୍ଟିଭ ସ୍ମିଥ୍, ଉପ ଅଧିନାୟକ ଡେଭିଡ ୱାର୍ନର ଓ ଓପନିଂ ବ୍ୟାଟ୍ସମ୍ୟାନ କ୍ୟାମେରନ ବ୍ୟାଙ୍କ୍ରଫ୍ଟ ଗୋଟିଏ ବର୍ଷ ବାସନ୍ଦ ହୋଇଥିଲେ। ସେହିପରି ଡୋପିଂ ମାମଲାରେ ଅଲରାଉଣ୍ଡର ୟୁସୁଫ୍ ପଠାନ ୫ ମାସ ବାସନ୍ଦ ହେବା ଘଟଣାକୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା। ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ବିରୋଧରେ ବିଭିନ୍ନ ପ୍ରକାର ଅଭିଯୋଗ ଆଣି ତାଙ୍କ ପତ୍ନୀ ହସିନ ଜାହାଁ ମଧ୍ୟ ଭାରତୀୟ କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଥିଲେ। ଭାରୋତ୍ତୋଳିକା ସଞ୍ଜିତା ଚାନୁ ମଧ୍ୟ ଡୋପ ଟେଷ୍ଟରେ ବିଫଳ ହୋଇଥିଲେ। ହିମା ଦାସଙ୍କ କୋଚ୍‌ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ଜାଭେଲିନ ଥ୍ରୋୟର ଅମିତ କୁମାର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୪୮ତମ ଆର୍ଟିଷ୍ଟିକ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଆୟୋଜିତ ସିଲେକଶନ ଟ୍ରାଏଲକୁ ବର୍ଜନ କରି ଓଡ଼ିଆ ଜିମ୍ନାଷ୍ଟ ରାକେଶ ପାତ୍ର ମଧ୍ୟ ବିବାଦ ସୃଷ୍ଟି କରିଥିଲେ।



ବିଶ୍ୱ ଚାମ୍ପିୟନ ମେରୀ କମ୍

## ଅବସର

୨୦୧୮ରେ ଏକାଧିକ ଜାତୀୟ ତଥା ଆନ୍ତର୍ଜାତିକ ତାରକା ଖେଳାଳି କ୍ରୀଡ଼ାରୁ ଅବସର ଘୋଷଣା କରି ବେଶ୍ ଚର୍ଚ୍ଚିତ ହୋଇଥିଲେ। ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ଉପଅଧିନାୟିକା ଆଲେକ୍ସ ବ୍ଲାକୱେଲ୍ ଅବସର ଘୋଷଣା କରିଥିଲେ। ସେହିପରି ପୂର୍ବତନ ୨ ନମ୍ବର ଜର୍ମାନ ଟେନିସ ଖେଳାଳି ଟମି ହାସ ମଧ୍ୟ ଅବସର ନେଇଥିଲେ। ବିଶ୍ୱ କ୍ରିକେଟର ସବୁଠାରୁ ବଡ଼ ତାରକା ବିବେଚିତ ହେଉଥିବା ଦକ୍ଷିଣ ଆଫ୍ରିକା ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ମଧ୍ୟ ଅସମୟରେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିବା ସହ ନିରାଶ କରିଥିଲେ। ସେହିପରି ଭାରତୀୟ ତାରକା ତଥା ଅଭିଜ୍ଞ ଡିସ୍‌କସ୍ ଥ୍ରୋୟର ବିକାଶ ଗୌଡା ମଧ୍ୟ ଅବସର ଘୋଷଣା କରିଥିଲେ। ଜର୍ମାନୀ ଅଭିଜ୍ଞ ଫୁଟବଲର ମେସୁଟ୍ ଓଜିଲ ମଧ୍ୟ ବିଶ୍ୱକପ୍ ବିଫଳତା ପରେ ଅବସର ନେଇଥିଲେ। ସେହିପରି ଇଂଲଣ୍ଡ ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ମଧ୍ୟ ଆନ୍ତର୍ଜାତିକ କ୍ରିକେଟକୁ ଅଲବିଦା କରିଥିଲେ। ବିଶ୍ୱକପ୍‌ର ଠିକ ପୂର୍ବରୁ ଅଭିଜ୍ଞ ହକି ତାରକା ତଥା ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ ଅବସର ଘୋଷଣା କରି ପରୋକ୍ଷରେ ଭାରତୀୟ ହକିରେ ଚାଲିଥିବା ଅଦଳବଦଳକୁ ନେଇ ଅସନ୍ତୋଷ ଜାହିର କରିଥିଲେ।

## ବିଫଳତା

ଶୀତକାଳୀନ ଅଲିମ୍ପିକ୍ସରେ ବିନା ପଦକରେ ଭାରତ ଅଭିଯାନ ଶେଷ କରିଥିଲା। ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ସଫଳ ହୋଇ ପାରି ନ ଥିବା ବେଳେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇ ଚତୁର୍ଥଥର ପାଇଁ ଟାଇଟଲ ହାସଲ କରିଥିଲ। ସେହିପରି ମହିଳା ହକି ବିଶ୍ୱକପ୍‌ରେ ସେମିରେ ପରାସ୍ତ ହୋଇଥିଲା। ନେଦରଲାଣ୍ଡ୍ସ ଏଥିରେ ଚାମ୍ପିୟନ ହୋଇଥିଲା। ଏସିଆ ଗେମ୍ସରେ ଭାରତୀୟ ପୁରୁଷ କବାଡ଼ି ଦଳ ପ୍ରଥମଥର ପାଇଁ ଫାଇନାଲକୁ ଉଠିପାରି ନ ଥିଲା। ଏସିଆନ୍ ଗେମ୍ସ ହକିରେ ଭାରତ ସେମିରେ ଆୟୋଜକ ମାଲେସିଆଠାରୁ ପରାସ୍ତ ହୋଇ ନିରାଶ କରିଥିଲା। ପୁରୁଷ ହକି ବିଶ୍ୱକପ୍‌ରେ ମଧ୍ୟ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ହାରି ବିଦାୟ ନେଇଥିଲା।

## ପରଲୋକ

**ଚ**ଳିତବର୍ଷ ଏକାଧିକ କ୍ରିକେଟର ଓ କ୍ରୀଡ଼ା ସମ୍ପର୍କିତ ବ୍ୟକ୍ତିଙ୍କର ଦେହାନ୍ତ ହୋଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଅଜିତ୍ ୱାଡେକର। ସେହିପରି ପୂର୍ବତନ ରେସଲର ତଥା ଏସିଆନ ଗେମ୍ସ ବ୍ରୋଞ୍ଜ୍ ପଦକ ବିଜେତା ସୁଖଚେନ୍ ସିଂଙ୍କ ମଧ୍ୟ ପରଲୋକ ହୋଇଥିଲା। ଜଣାଶୁଣା ଭାଷ୍ୟକାର ଯଶଦେବ ସିଂ ମଧ୍ୟ ପରଲୋକ ଗମନ କରିଥିଲେ।

## ସଂକ୍ଷେପରେ

### ଆସନ୍ତା ସପ୍ତାହରେ ଘରୋଇ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଗଭର୍ନର

**ମୁମ୍ବାଇ,୨୦-୧୨:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଭାବେ ଦାୟିତ୍ୱ ନେବା ପରେ ଶକ୍ତିକାନ୍ତ ଦାସ ଇତିମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟମାନଙ୍କୁ ଭେଟି ସାରିଛନ୍ତି। ସେ ଆସନ୍ତା ସପ୍ତାହରେ ଘରୋଇ ବ୍ୟାଙ୍କଗୁଡିକର ମୁଖ୍ୟମାନଙ୍କୁ ଭେଟିବେ ବୋଲି ଗୁରୁବାର ଜଣାଇଛନ୍ତି। ଏହି ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ୨୫ତମ ଗଭର୍ନର ହୋଇଥିବା ଶକ୍ତିକାନ୍ତ ଦାୟିତ୍ୱ ନେବା ପରଠାରୁ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେ ଟୁଇଟରରେ ଆସନ୍ତା ବୈଠକ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦/୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟଙ୍କୁ ସେ ଭେଟିବା ପରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ମୁଖ୍ୟଙ୍କୁ ଭେଟିଥିଲେ।

### ଏୟାର ଇଣ୍ଡିଆକୁ ମିଳିବ ୨୩୪୫ କୋଟି

**ନୂଆଦିଲ୍ଲୀ,୨୦-୧୨:** ଋଣଜାଲରେ ଛନ୍ଦି ହୋଇପଡିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଆର୍ଥିକ ସ୍ଥିତି ସୁଧାରିବା ଲାଗି କେନ୍ଦ୍ର ସରକାର ୨୩୪୫ କୋଟି ଟଙ୍କାର ପ୍ୟାକେଜ ଦେବେ। ଏଥିଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ପାର୍ଲାମେଣ୍ଟର ଅନୁମତି ମାଗିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ବିନିବେଶ ସଂକ୍ରାନ୍ତ କ୍ୟାବିନେଟ କମିଟି ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବା ଲାଗି ସକ୍ଷମ ନ ହେବା ପରେ ଏବେ ଏହାର ଆର୍ଥିକ ସ୍ଥିତି ସଜାଡିବା ଲାଗି ଉଦ୍ୟମ ଚଳାଇଛନ୍ତି। ବିଭିନ୍ନ କାରଣରୁ ଦୀର୍ଘଦିନ ଧରି କ୍ଷତିରେ ଚାଲିଥିବା ଏହି ରାଷ୍ଟ୍ରାୟତ୍ତ କମ୍ପାନୀକୁ ଏବେ ଟିକସଦାତାଙ୍କ ଅର୍ଥରେ ଚାଲିବାକୁ ପଡୁଛି।

### ଜାନୁୟାରୀରୁ ଟ୍ରେନ ଯାତ୍ରା ବେଳେ ଶପିଂ ସୁବିଧା

**ନୂଆଦିଲ୍ଲୀ,୨୦-୧୨:** ବିମାନରେ ଯାତ୍ରା ଭଳି ଜାନୁୟାରୀରୁ କେତେକ ବଛା ବଛା ଟ୍ରେନରେ ଯାତ୍ରା କଲା ବେଳେ ଯାତ୍ରୀଙ୍କୁ ସୌନ୍ଦର୍ଯ୍ୟ ପ୍ରସାଧାନ, ଘରକରଣା ଓ ରୋଷେଇ ସାମଗ୍ରୀ, ଫିଟ୍‌ନେସ ଉପକରଣ ଆଦି କିଣିବାର ସୁଯୋଗ ମିଳିବ। ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପଶ୍ଚିମ ରେଲୱେର ମୁମ୍ବାଇ ଖଣ୍ଡରେ ଏକ ଘରୋଇ ଫାର୍ମକୁ ୫ ବର୍ଷ ଲାଗି ୧୬ ମେଲ୍ ଓ ଏକ୍ସପ୍ରେସ ଟ୍ରେନରେ ଯାତ୍ରୀଙ୍କୁ ସାମଗ୍ରୀ ବିକ୍ରି ଲାଗି ଠିକା ଦିଆଯାଇଛି। ଏହି କମ୍ପାନୀକୁ ଘରୋଇ ସାମଗ୍ରୀ ତଥା ସୌନ୍ଦର୍ଯ୍ୟ ଉପକରଣ ବିକ୍ରି ଲାଗି ଲାଇସେନ୍ସ ଦିଆଯିବ। ତେବେ ଏହି ଫାର୍ମ ଟ୍ରେନରେ କୌଣସି ଖାଦ୍ୟ ସାମଗ୍ରୀ, ସିଗାରେଟ, ଗୁଟଖା ଅଥବା ମଦ ବିକ୍ରି କରିପାରିବେ ନାହିଁ। ସେ କହିଛନ୍ତି ଯେ, ଏହି ସାମଗ୍ରୀଗୁଡିକୁ ସକାଳ ୮ଟାରୁ ରାତି ୯ଟା ଯାଏ ବିକ୍ରି କରାଯାଇପାରିବ। ଏଥିଲାଗି କମ୍ପାନୀର ଡ୍ରେସ୍‌ରେ ଦୁଇ ଜଣ କର୍ମଚାରୀ ନିଯୁକ୍ତ ହେବେ। ଯାତ୍ରୀ ଡେବିଟ୍ ଅଥବା କ୍ରେଡିଟ କାର୍ଡରେ ସାମଗ୍ରୀ କିଣିପାରିବେ। ପ୍ରାରମ୍ଭରେ ଏହାକୁ ୨ଟି ଟ୍ରେନରେ ଆରମ୍ଭ କରାଯିବ ଓ ପରେ ଏହାକୁ ପର୍ଯ୍ୟାୟକ୍ରମେ ଅନ୍ୟ ଟ୍ରେନକୁ ବିସ୍ତାର କରାଯିବ।



ଜିଏସ୍‌ଟି ଏକକ ସ୍ଲାବ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯେଉଁ ଯୁକ୍ତି ବାଢ଼ୁଛନ୍ତି ତାହା ସମ୍ପୂର୍ଣ୍ଣ ବୋକାମିର ପରିଚୟ।
**– ଅରୁଣ ଜେଟଲୀ, ଅର୍ଥ ମନ୍ତ୍ରୀ**



ବ୍ୟାଙ୍କଗୁଡ଼ିକ ଲାଗି ଏନ୍‌ପିଏ ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ସଂସ୍ଥାଗୁଡ଼ିକ ଉପରୁ ଋଣ ଛାଡ଼ ନିଷ୍ପତ୍ତି କୌଣସି ରାଜନୈତିକ ସିଷ୍ଟମ ପାଇଁ କଷ୍ଟକର ବ୍ୟାପାର ହୋଇପଡ଼େ।
**– ଅରବିନ୍ଦ ସୁବ୍ରମଣ୍ୟନ୍, ଅର୍ଥନୀତିଜ୍ଞ**

### ଖାଉଟି ସୁରକ୍ଷା ବିଲ୍ ଲୋକ ସଭାରେ ଅନୁମୋଦିତ

# ଭ୍ରମାତ୍ମକ ବିଜ୍ଞାପନ ଲାଗି ବ୍ୟାନ୍ ହେବେ ସେଲିବ୍ରିଟି

**ନୂଆଦିଲ୍ଲୀ,୨୦-୧୨**

- ପ୍ରଥମଥର ଧରାପଡ଼ିଲେ ୧୦ ଲକ୍ଷ ଜରିମାନା, ବର୍ଷେ ବ୍ୟାନ୍
- ଦ୍ୱିତୀୟ ଥର ପାଇଁ ଜରିମାନା ୫୦ ଲକ୍ଷ, ୩ ବର୍ଷ ବ୍ୟାନ୍




ଗୁରୁବାର ଲୋକ ସଭାରେ କଞ୍ଜ୍ୟୁମର ପ୍ରୋଟେକ୍ସନ ବିଲ୍(ଖାଉଟି ସୁରକ୍ଷା ବିଲ୍) ଅନୁମୋଦନ ଲାଭ କରିଛି। ଏହାଦ୍ୱାରା ସାଧାରଣ ଖାଉଟିଙ୍କୁ ଅଧିକ ସୁରକ୍ଷା ତଥା ଅଧିକାର ମିଳିବ। ଖାଉଟି ସୁରକ୍ଷା ଆଇନ,୧୯୮୬ର ସ୍ଥାନ ନେବାକୁ ଯାଉଥିବା ଖାଉଟି ସୁରକ୍ଷା ବିଲ୍, ୨୦୧୮କୁ ଏବେ ଅନୁମୋଦନ ଲାଗି ରାଜ୍ୟ ସଭାରେ ଉପସ୍ଥାପନ କରାଯିବ। ସେଠାରେ ଏହା ମଞ୍ଜୁରୀ ଲାଭ କରିବା ପରେ ଏହା ନୂଆ ଆଇନରେ ପରିବର୍ତ୍ତିତ ହେବ। ଫଳରେ ଭ୍ରମ ସୃଷ୍ଟି କରୁଥିବା ଭଳି ବିଜ୍ଞାପନ ଦେଉଥିବା କମ୍ପାନୀଙ୍କ ଉପରେ କଟକଣା ଜାରି କରାଯାଇପାରିବ। କୌଣସି ସାମଗ୍ରୀ ଓ ସେବା କ୍ଷେତ୍ରରେ ତ୍ରୁଟିବିଚ୍ୟୁତି ପାଇଲେ ଜଣେ ଖାଉଟି ଘରେ ବସି ଅଭିଯୋଗ କରିପାରିବେ। ନୂଆ ଖାଉଟି ବିଲ୍‌ରେ ଭ୍ରମାତ୍ମକ ବିଜ୍ଞାପନ ଦର୍ଶାଉଥିବା ସେଲିବ୍ରିଟିଙ୍କୁ ବ୍ୟାନ୍ କରାଯିବ।

ବିଲ୍‌କୁ ନେଇ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି ଯେ, ପ୍ରାୟ ୩ ଦଶନ୍ଧି ଧରି ଏହି ଆଇନରେ ସଂଶୋଧନ ହୋଇ ନଥିଲା। ଖାଉଟିଙ୍କୁ ଅଧିକ ସୁରକ୍ଷା ଓ ଅଧିକାର ଦେବା ନେଇ ନୂଆ ବିଲ୍‌ରେ ବ୍ୟବସ୍ଥା କରାଯାଇଛି। ନୂଆ ବିଲ୍ ଅନୁଯାୟୀ କୌଣସି କମ୍ପାନୀ ଭ୍ରମାତ୍ମକ ବିଜ୍ଞାପନ ଦେଇଥିବା ଜଣାପଡିଲେ ପ୍ରଥମ ଭୁଲ୍ ପାଇଁ ୨ ବର୍ଷ ଜେଲ୍ ଓ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସେହିପରି ଦ୍ୱିତୀୟ ଥର ଭୁଲ୍ କଲେ ୫ ବର୍ଷ ଜେଲ୍ ଓ ୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ତେବେ ସେଲିବ୍ରିଟିଙ୍କୁ ଜେଲ୍ ଦଣ୍ଡରୁ ବାଦ୍ ଦିଆଯାଇଛି। ପ୍ରଥମ ଭୁଲ୍ କ୍ଷେତ୍ରରେ ତାଙ୍କୁ ଗୋଟିଏ ବର୍ଷ ବ୍ୟାନ୍ କରାଯିବ ଓ ତାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ। ତେବେ ଦ୍ୱିତୀୟ ଥର ଭୁଲ୍ କଲେ ସେଲିବ୍ରିଟିଙ୍କୁ ୩ ବର୍ଷ ପାଇଁ ବ୍ୟାନ୍ କରାଯିବ ଓ ସେ ୫୦ ଲକ୍ଷ ଜରିମାନା ଦେବେ। ସେଲିବ୍ରିଟିଙ୍କୁ ଦଣ୍ଡବିଧାନ ନେଇ ବିଜ୍ଞାପନ ଜଗତ, କମ୍ପାନୀ, ବଲିଉଡ ପୂର୍ବରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିସାରିଛି। କମ୍ପାନୀର ସାମଗ୍ରୀ ପାଇଁ କହିବା ଯୋଗୁ ସେଲିବ୍ରିଟିଙ୍କୁ ଶାସ୍ତି ଦେବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

## ଉଜ୍ଜ୍ୱଳାରେ ସହଜ ଏଲ୍‌ପିଜି ଯୋଗାଣ ପାଇଁ ଆଇଓସିର ଯୋଜନା

**ଭୁବନେଶ୍ୱର,୨୦-୧୨**


ଗୁର୍‌ମିତ ସିଂ

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ସୁବିଧାରେ ଏଲ୍‌ପିଜି ଯୋଗାଣ ନେଇ ଇଣ୍ଡିଆନ ଅଏଲ୍ କର୍ପୋରେଶନ(ଆଇଓସି) ପକ୍ଷରୁ ଯୋଜନା ହାତକୁ ନିଆଯାଇଛି। ଦେଶର ସମସ୍ତ ରୋଷେଇ ଘରେ ଏକ ଧୂମ୍ରମୁକ୍ତ ପରିବେଶ ଏବଂ ସହଜ ଏଲ୍‌ପିଜି ଯୋଗାଇଦେବା ଉଚିତ ବୋଲି ଆଇଓସିର ମାର୍କେଟିଂ ନିର୍ଦ୍ଦେଶକ ଗୁର୍‌ମିତ ସିଂ ସୂଚନା ଦେଇଛନ୍ତି। ସବୁ ରାଜ୍ୟର ବରିଷ୍ଠ ଇଣ୍ଡିଆନ ଅଏଲ ଅଧିକାରୀଙ୍କ ସହ ଏ ନେଇ ଏକ ଆଲୋଚନା ମଧ୍ୟ ହୋଇଛି। ଏଲ୍‌ପିଜି ସଂଯୋଗକୁ ସାର୍ବଜନିନ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ହିତାଧିକାରୀଙ୍କୁ ୫ କେଜିର ସିଲିଣ୍ଡର ଯୋଗାଣ, ଏଲ୍‌ପିଜି ବ୍ୟବହାର ନେଇ ସଚେତନତା, ସିଲିଣ୍ଡର କ୍ରୟ ନେଇ ସୁଧମୁକ୍ତ ଋଣ ଉପରେ ସେ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଆଇଓସି ୨.୭୫ କୋଟି ଏଲ୍‌ପିଜି ସଂଯୋଗ କରିବାକୁ ସକ୍ଷମ ହୋଇଛି। ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କ ସୂଚୀକୁ ବିସ୍ତାର କରିବା ନେଇ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ମଞ୍ଜୁରୀ ଦେବା ପରେ କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇଛି।

# କୃଷିଜାତ ସାମଗ୍ରୀର ପ୍ରକ୍ରିୟାକରଣକୁ ପ୍ରାଥମିକତା




**ଭୁବନେଶ୍ୱର,୨୦-୧୨**

### ଆଇସିସି ଟପ୍ ଏକ୍ସପୋ-୨୦୧୮ ଉଦ୍‌ଘାଟିତ

ରାଜ୍ୟରେ କୃଷି ବ୍ୟବସାୟର ଅଗ୍ରଗତି ନେଇ ସରକାର ଗୁରୁତ୍ୱ ଦେବେ। କୃଷି ବାଣିଜ୍ୟ କ୍ଷେତ୍ରରେ ରାଜ୍ୟକୁ ଏକ ଉନ୍ନତ ସ୍ଥାନରେ ପହଞ୍ଚାଇବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି କୃଷିଜାତ ସାମଗ୍ରୀର ପ୍ରକ୍ରିୟାକରଣକୁ ବର୍ତ୍ତମାନ ପ୍ରାଥମିକତା ଦିଆଯାଉଥିବା ବେଳେ ଏ ଦିଗରେ ରାଜ୍ୟ ଅଧିକ ମନୋନିବେଶ କରିବ ବୋଲି ରାଜ୍ୟ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ ସୂଚନା ଦେଇଛନ୍ତି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହଯୋଗରେ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଟପ୍(ଟମାଟୋ,ପଟାଟୋ, ଓନିଅନ) ଏକ୍ସପୋ ତଥା ସମ୍ମିଳନୀରେ ଧଳ କହିଛନ୍ତି ଯେ, ରାଜ୍ୟର ଚାଷୀମାନେ ନୂଆ ପ୍ରଯୁକ୍ତି ଗ୍ରହଣ କରିବାରେ ଅଗ୍ରଣୀ। ଚାଷଠାରୁ ଆଗକୁ ବଢି କୃଷି ବ୍ୟବସାୟକୁ ଆପଣାଇବାକୁ ହେବ। ଏଥି ପାଇଁ ବଜାର ସମ୍ପର୍କିତ ଜ୍ଞାନ ସହ ଆକାଉଣ୍ଟିଂ ଭଳି ବିଭିନ୍ନ ବିଷୟକୁ ଧ୍ୟାନରେ ରଖି ପ୍ରସ୍ତୁତ ହେବାକୁ ପଡ଼ିବ। ସେ କହିଛନ୍ତି ଯେ, ରାଜ୍ୟରେ ବର୍ଷକୁ ୩ ଲକ୍ଷ ଟନ୍ ଆଳୁ, ୧୩-୧୪ ଲକ୍ଷ ଟନ୍ ଟମାଟୋ, ୩ ଲକ୍ଷ ଟନ୍ ପିଆଜ ଉତ୍ପାଦନ ହେଉଛି। ଏହାର ସଂରକ୍ଷଣ ଲାଗି ରାଜ୍ୟରେ ଅଧିକ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ନିବେଶକମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି। ମହାରାଷ୍ଟ୍ର ଢାଞ୍ଚାରେ ପିଆଜ ସଂରକ୍ଷଣ ବ୍ୟବସ୍ଥା, ପ୍ରୋସେସିଂ ମାନର ଟମାଟୋ ଉତ୍ପାଦନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶାରେ ରବି ଋତୁ ବାଦ୍ ଖରିଫ ଋତୁରେ ପିଆଜ ଚାଷ ବଢାଇବା ଉପରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ମତ ଦେଇଥିଲେ। ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ଯୁଗ୍ମ ସଚିବ ରିମା ପ୍ରକାଶ ଗ୍ରୀନ୍ ମିଶନ ଉପରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଇଡ୍‌କୋ ଅଧ୍ୟକ୍ଷ ସଞ୍ଜୟ ସିଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ରହିଥିବା ସୁଯୋଗ ଏବଂ ଡ. ବି.କେ. ଉପାଧ୍ୟାୟ ଉଦ୍ୟାନ କୃଷି ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ନିବେଶକଙ୍କୁ ନେଇ ଏକ ବି୨ବି ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଏମ୍.ସି.ଥୋମାସ,ସଦସ୍ୟ ଡ. ପ୍ରଦୀପ୍ତ ମହାନ୍ତିଙ୍କ ସମେତ ବିଭିନ୍ନ ଅଂଶୀଦାର ତଥା ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ରାଜ୍ୟୱାରି ଷ୍ଟାର୍ଟଅପ୍ ର୍‌ୟାଙ୍କିଂ
## ଗୁଜରାଟ ଶ୍ରେଷ୍ଠ ପ୍ରଦର୍ଶନକାରୀ

**ନୂଆଦିଲ୍ଲୀ,୨୦-୧୨**

ଡିପାର୍ଟମେଣ୍ଟ ଅଫ୍ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ ପ୍ରମୋଶନ(ଡିଆଇପିପି) ପକ୍ଷରୁ ଗୁରୁବାର ବହୁ ପ୍ରତୀକ୍ଷିତ ରାଜ୍ୟ ଷ୍ଟାର୍ଟଅପ୍ ର୍‌ୟାଙ୍କିଂ ରିପୋର୍ଟ ଜାରି କରାଯାଇଛି। ରିପୋର୍ଟରେ ୧୦୦ ପଏଣ୍ଟ ସହିତ ଗୁଜରାଟ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଉଭା ହୋଇଥିବା ବେଳେ ୮୫ ପଏଣ୍ଟ ସ୍କୋର ସହ ଓଡ଼ିଶା, କର୍ଣ୍ଣାଟକ, ରାଜସ୍ଥାନ ଓ କେରଳ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ହୋଇଛନ୍ତି।

ଯୁବ ଉଦ୍ୟୋଗୀଙ୍କ ଭିତରେ ଷ୍ଟାର୍ଟଅପ୍ ପାରିପାର୍ଶ୍ୱିକ ବ୍ୟବସ୍ଥା ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟୱାରି ଷ୍ଟାର୍ଟଅପ୍ ର୍‌ୟାଙ୍କିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏଥିରେ ୨୭ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳ ସାମିଲ ହୋଇଥିଲେ। ୭ଟି କ୍ଷେତ୍ର ଓ ୩୮ ମାନଦଣ୍ଡ ସହିତ ନୀତି ସହାୟତା, ଉନ୍ମେଷ କେନ୍ଦ୍ର ପ୍ରତିଷ୍ଠା, ପ୍ରାରମ୍ଭିକ ମୂଳଧନ,ଉଦ୍ୟମ ଲାଗି ପାଣ୍ଠି ଯୋଗାଣ ତଥା ସରଳ ନିୟମ ପ୍ରଣୟନକୁ ଭିତ୍ତି କରି ର୍‌ୟାଙ୍କିଂ ଧାର୍ଯ୍ୟ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ରାଜ୍ୟଗୁଡିକରେ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ପରିବେଶରେ ଉନ୍ନତି ଆସିବ ତଥା ପ୍ରୋତ୍ସାହନ ମିଳିବ ବୋଲି ଡିଆଇପିପି ସଚିବ ରମେଶ ଅଭିଷେକ ଗୁରୁବାର କହିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଦେଶର ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ଚଳିତ ବର୍ଷ ଜାନୁୟାରୀରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆକ୍ସନ ପ୍ଲାନ ଆରମ୍ଭ କରିଥିଲେ।

## ସେଣ୍ଟ୍ରାଲରେ ହାପିନେସ ସେଲ୍

**ଭୁବନେଶ୍ୱର,୨୦-୧୨**




ପ୍ରମୁଖ ଫ୍ୟାଶନ ଡିପାର୍ଟମେଣ୍ଟ ଷ୍ଟୋର ସେଣ୍ଟ୍ରାଲରେ ବହୁ ପ୍ରତୀକ୍ଷିତ ହାପିନେସ ସେଲ୍ ଆରମ୍ଭ ହୋଇଛି। ଫେଷ୍ଟିଭ୍ ତଥା ନୂଆ ବର୍ଷକୁ ଧ୍ୟାନରେ ରଖି ଷ୍ଟୋର ପକ୍ଷରୁ ଏହି ଅଫର ଆରମ୍ଭ ହୋଇଛି। ଏହି ସମୟରେ ଗ୍ରାହକ ୫୦୦ରୁ ଉର୍ଦ୍ଧ୍ୱ ବ୍ରାଣ୍ଡର ଫ୍ୟାଶନ କଲେକ୍ସନ ଲାଭ କରିବାକୁ ସକ୍ଷମ ହେବେ। ସମସ୍ତ ସେଣ୍ଟ୍ରାଲ ପେ ବ୍ୟାକ୍ ଏବଂ ଫ୍ୟୁଚର ପେ ମେମ୍ବରଙ୍କ ପାଇଁ ୧୯ ଏବଂ ୨୦ ଡିସେମ୍ବରରେ ସ୍ପେଶାଲ ପ୍ରିଭ୍ୟୁ ଲଞ୍ଚ ସୁବିଧା ରହିଛି। ଗ୍ରାହକମାନେ ବେଷ୍ଟ ଫ୍ୟାଶନ ସମ୍ଭାର ୫୧% ପର୍ଯ୍ୟନ୍ତ ରିହାତିରେ ଲାଭ କରିପାରିବେ। ଅପରପକ୍ଷରେ ରିହାତି ବାଦ୍ ୩୯୯୯ ଏବଂ ୫୯୯୯ ଟଙ୍କାର କ୍ରୟ ଉପରେ ଷ୍ଟୋର ପକ୍ଷରୁ ୧୦୦୦ ଏବଂ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପ୍ରଦାନ କରାଯାଉଛି। ୫୦୦୦ ଟଙ୍କାର କ୍ରୟରେ ଆକ୍ସିସ ବ୍ୟାଙ୍କ କାର୍ଡରେ ୧୦% କ୍ୟାଶବ୍ୟାକ୍ ସୁବିଧା ରହିଛି। ୫୦୦୦ କିମ୍ବା ଏହାଠାରୁ ଅଧିକ ଦାମର କ୍ରୟ ଉପରେ ବଜାଜ ଫିନସର୍ଭରେ ୧୦୦୦ ଟଙ୍କାର କ୍ୟାଶବ୍ୟାକ, ପେଟିଏମ୍‌ରେ ୨୦% କ୍ୟାଶବ୍ୟାକ, ଆମେକ୍ସ କାର୍ଡରେ ୨୦% ଇନଷ୍ଟାଣ୍ଟ ରିହାତି,ସେଣ୍ଟ୍ରାଲ ଏବଂ ଏସ୍‌ବିଆଇ କୋବ୍ରାଣ୍ଡେଡ କାର୍ଡରେ ୨୦ଏକ୍ସ ରିୱାର୍ଡ ମିଳୁଛି ବୋଲି ସେଣ୍ଟ୍ରାଲ ପକ୍ଷରୁ ସୂଚନା ରହିଛି।

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, NAYAGARH**
**E-mail ID: eemidivisionnayagarh@gmail.com,**
**Phone No.: 06753-253277**
**No. 6584/ MIDN.,** **Dated : 18.12.18**

**Cancellation Notice for the work Imp. to Gohiramada-I Check Dam (Sl. No.36) only invited vide e-Procurement Notice No. EEMIDN 01/2018-19**

**No.988-A:-** Teender Notice No-EEMIDN 01 of 2018-19 and e-procurement Notice No-2762 Dt. 03.05.2018 for work at Sl. No-36 is hereby cancelled due to incorporation of disqualified bidders name in the comparative statement and later in the transparent lottery drawn on dated 31.05.2018. The result of lottery drawn for the above is here by declared nullified.

**Executive Engineer**
**M.I. Division, Nayagarh**
**32260/11/0009/1819**

OFFICE OF THE
MUNICIPAL COUNCIL, MALKANGIRI
**Odisha, PIN- 764045, Ph.: 06861 - 230244**
**E-mail: malkangiri@ulborissa.gov.in**
Lt. No. 3271/Mpl./2018 Dated: 20.12.2018

**CORRIGENDUM**

In the Tender Call Notice No.3175 dated 05.12.2018 the following changes may be read against the actual publication.
1. Last date for receipt of BID documents :- 26.12.2018 at 5.00 PM by Registered Post / Speed Post / Courier
2. Date of opening of tender :- 27.12.2018 at 11.00 AM in the office of the undersigned

**Sd./- Executive Officer**
**Malkangiri Municipality**

COLLECTORATE, MALKANGIRI
(ST & SC DEV. SECTION)
No. 2908/2018 (Estt.) Date: 20.12.2018

EXTENSION OF DATE FOR RECEIPT OF APPLICATION FOR S.S / CONTRACTUAL TEACHERS

The last date for receipt of application form for the post of Sikhya Sahayak / Contractual Teachers in schools under ST & SC Development Department of Malkangiri District vide advertisement No.2679 dated 28.11.2018 and 2684 dated 30.11.2018 respectively is extended upto 27.12.2018 by 05.00 PM. All the other terms and conditions in these advertisements remained unchanged.

The details are available in the district website i.e. **www.malkangiri.nic.in**.

**By order of Collector**
**Sd./- District Welfare Officer, Malkangiri**

**SOUTHCO UTILITY**
**OFFICE OF THE SUPERINTENDING ENGINEER**
**ELECTRICAL CIRCLE, BHANJANAGAR**
TEL- (06821) 240335 (O) FAX - 242400 EMail ID: circlehead.bhanjanagar@southcoodisha.com
No. 2098 (18) Date: 19.12.2018

E-Tender Notice No.15/2018-19/21.12.18 & Re-tender Notice No.16/18-19/21.12.18 / STRENGTHENING OF ELEPHANT CORRIDOR / SOUTHCO UTILITY / BHANJANAGAR CIRCLE

For and on behalf of Southco Utility, sealed tenders in duplicate on two part bidding systems are invited from bidders having valid HT Electrical License complying to the terms and conditions laid in the tender documents of the following works.

For supply & erection of materials for strengthening of lines and sub stations of Elephant Corridor of Boudh & Phulbani Electrical Division on Turnkey basis.

The interested bidders would be required to enrol themselves on the tender portal **www.tenderwizard.com / SOUTHCO**. Complete set of bidding documents will be available in **www.tenderwizard.com/SOUTHCO** portal from **Dt.21.12.2018 from 10.00 AM** onwards (as per e-tender schedule). Interested bidders may visit Southco's official website **www. southcoodisha.com or www.tenderwizard.com/SOUTHCO** for detail specification.

Any addendum / corrigendum to this e-tender notice shall be uploaded in the website only.

| | |
|---|---|
| **Issue of online tender document (bid sheet):** | **From 21.12.2018 (10.00 AM) upto 30.12.2018 (01.00 PM)** |
| **Last date for submission of online e-tender:** | **Upto dt.30.12.2018 (05.00 PM)** |
| **Submission of tender (Hard copy):** | **Upto dt.31.12.2018 (01.00 PM)** |
| **Opening of Techno-commercial Bid (Part-I):** | **On dt.31.12.2018 on or after 03.00 PM** |

Southco reserves the right to alter the tendered quantity and reject accept any or all tenders or spilt the tender among tenders without assigning any reason thereof.

**Sd./- Superintending Engineer (Elect.), Electrical Circle, Bhanjanagar**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha, CIN : U40102OR2004SGC007553

**e-TENDER NO. CPC-41/2018-19**

For and on behalf of ODISHA POWER TRANSMISSION CORPORATION LTD, Sr.G.M. (C.P.C.) invites Tenders from reputed Original Equipment Manufacturer (OEM) having installed / retrofitted & commissioned the automation system with trouble free operation for minimum three years in any of the power system utilities in India in two part bidding system towards **SUB-STATION AUTOMATION FOR GRID SUB-STATION PHULNAKHARA, CHANDPUR, KHARGPRASAD, RANSINGPUR, BANKI, JHARSUGUDA, KHAJURIAKATA & LAXMIPUR**. Complete set of bidding documents are available at **www.tenderwizard.com/OPTCL** from **21.12.2018, 11.00 Hrs. to 24.01.2019 up to 11.00 Hrs.** Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification. **N.B :** All subsequent corrigendum / addendums to the tender notice shall be floated in the OPTCL's official website **http://www.optcl.co.in** and **www.tenderwizard.com/OPTCL** only. Interested bidders are requested to visit e-tender portal for update information of tender (corrigendum / addendums etc.). The bidders can view the tender documents from website free of cost.

*CR. Advt. No.70/18-19* **Chief General Manager (C.P.C.)**
**Please connect us :** optcl.odisha optcl_odisha energyodisha

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer,**
**Ret Canal Division, Bhawanipatna-766001**
**No.979-A:-** **Phone No: 06670-233316,**
**Email: eeretcanal@gmail.com**
**e-Procurement Notice No. ee-RCD-ee-RCD-05/2018-19**

1. Type of work : Irrigation works (Civil)
2. Form of Contract : Percentage Rate
3. Period of Completion : 03 (Three) Calendar Months
4. No. of work : 01 (One)

| Procurement Officer | Bid Identification Nos. | Bid Amount Rs. in lakhs | Availability & submission of Bids online. |
|---|---|---|---|
| Executive Engineer, Ret Canal Division, Bhawanipatna | ee-RCD-01/2018-19 | Rs. 88.20 Lakhs | 16.00 hrs of 24.12.2018 to 17.00 hrs of 08.01.2019 |

Date of opening of the Technical Bid: 11.00 hrs of 09.01.2019.
Further details can be seen from the Govt. website www.tendersorissa.gov.in.

**Sd./- Executive Engineer**
**32340/11/0008/1819** **Ret Canal Division, Bhawanipatna**

**Office of the Executive Engineer, Harabhangi Irrigation Division**
**Adava, Dist: Gajapati**
**eeharabhangi@gmail.com, Phone: 06816-259628**
**e – Procurement Notice No. 09/ 2018-19**

**No.980-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in.

| | | | |
|---|---|---|---|
| 1. | Type of the work | : | Canal works, Road works & Flood protection works. |
| 2. | No. of works | : | 22 No. |
| 3. | Class of contractor | : | 'D', & 'C' class |
| 4. | Bid identification No. | : | EE-HID- No. 39 / 2018-19 to 60 /2018-19. |
| 5. | Estimated cost | : | Rs. 8.84 Lakhs to Rs. 26.58 lakhs |
| 6. | Period of completion | : | 3(Three) calendar month. |
| 7. | Date & time of availability of bid documents in the portal . | : | From 26.12.2018, 10.00 AM to 05.01.2019, 5.00 P.M. |
| 8. | Last date / time for receipt of bids in the portal. | : | From 26.12.2018, 10.00 AM to 05.01.2019, 5.00 P.M. |
| 9. | Date of opening of Bid. | : | 07.01.2019 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava,Gajapati. |
| 10. | Date of Lottery among similar lowest Bidders (If Required). | : | 16.01.2019.at 11.00 A.M. |
| 11. | Name of the officer inviting Bid. | : | Executive Engineer, Harabhangi Irrigation Division, Adava, Gajapati |
| 12. | Any addendum / corrigendum / cancellation of tender can also be seen in the said Website. | | |
| 13. | Further details can be seen from Government Website – http://tenderodisha.gov.in. | | |

**Executive Engineer**
**Harabhangi Irrigation Division,**
**32021/11/0016/1819** **Adava (Gajapati)**

**OFFICE OF THE COLLECTOR AND DISTRICT MAGISTRATE, KALAHANDI**
**BHAWANIPATNA - 766001 (ODISHA)**
(Social Welfare Section)
No.2369/SW Date. 19.12.2018

**TENDER CALL NOTICE**

Sealed tenders in prescribed format are invited from the intending printing press/firms /company having valid license /registration for printing & supply of "IEC materials on Nua Arunima and booklet on ECCE" of Kalahandi District during the Fy-year 2017-18. The tender papers can be downloaded from the official website http://www.kalahandi.nic.in & the tender can be filed with a BD of Rs.3000/- (Rupees Three thousand) only drawn in favour of District Social Welfare Office, Kalahandi towards the cost of tender papers. The tender papers shall be received by the District Social Welfare Officer, Kalahandi by Regd. Post or Speed Post till 5.00PM of 09.01.2019 and will be opened in the presence of the tenderers or their authorized representative on 10.01.2019, 3.00PM at the office, Addl. District Magistrate, Kalahandi. The tender receive beyond the date and time mentioned above shall not be taken into consideration. The cost of tender paper is not refundable.

Notwithstanding anything contain to the contrary in the tender document, the undersigned reserve the right to cancel or modify the invitation for Bids or to reject any or all of the Bids or cancel the entire tender process without assigning any reason thereof and shall bear no liability whatsoever consequent upon such a decision. The detail term and condition may be downloaded from the district website www.kalahandi.nic.in.

***Sd./- Additional District Magistrate***
***Kalahandi***



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

# ବାଲୁକା କଳା ଦେଖିଲେ ଆମେରିକା ରାଷ୍ଟ୍ରଦୂତ

## କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ

ପୁରୀ ଅଫିସ/ କୋଣାର୍କ, (ଡି.ଏନ.ଏ.)୨୦।୧୨

ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନ୍ନେଥ ଜଷ୍ଟର ଗୁରୁବାର ପୁରୀ ଗସ୍ତରେ ଆସିଥିଲେ। ସେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ଦେଖିଥିଲେ। ସକାଳ ପ୍ରାୟ ସାଢେ ୯ଟାରେ କେନ୍ନେଥ ଓ ହାଇଦ୍ରାବାଦସ୍ଥିତ ଆମେରିକା କନସୁଲେଟ ଜେନେରାଲ କାଥେରିନ୍ ହାଡା କୋଣାର୍କରେ ପହଞ୍ଚିଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ଦାଶ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ ରାଷ୍ଟ୍ରଦୂତ ଜଷ୍ଟର ଏବଂ ହାଡା ବିଶ୍ୱଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ଏହାର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିଥିଲେ। ଏଏସ୍‌ଆଇ ଭୁବନେଶ୍ୱରର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ ଉଭୟଙ୍କୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, କଳା ଓ ସଂସ୍କୃତି ସମ୍ପର୍କରେ ବୁଝାଇଥିଲେ।ସୂର୍ଯ୍ୟମନ୍ଦିର ପରିଦର୍ଶନ କରିସାରିବା ପରେ ମଧ୍ୟାହ୍ନରେ ସେମାନେ ପୁରୀରେ ପହଞ୍ଚିଥିଲେ। ହୋଟେଲ ମେଫେୟାର ପଛପାର୍ଶ୍ୱ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବାଲୁକା କଳା ଦେଖିଥିଲେ। ପ୍ରଥମେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ର ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହାପରେ ସୁଦର୍ଶନ ଉଭୟଙ୍କୁ ବାଲୁକା କଳାର ଫଟୋ ଗ୍ୟାଲେରି ବୁଲାଇ ଦେଖାଇଥିଲେ। ଏଥିସହ ସୁଦର୍ଶନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବାଲୁକା ଫଟୋଚିତ୍ର ଜଷ୍ଟରଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ହାଇଦ୍ରାବାଦରେ ଆମେରିକା କନସୁଲେଟ ଜେନେରାଲଙ୍କ ୧୦ ବର୍ଷ ପୂର୍ତ୍ତି ଉପରେ ପ୍ରସ୍ତୁତ ବାଲୁକା କଳା ଦେଖି ଜଷ୍ଟର ଏବଂ ହାଡା ବେଶ୍ ଖୁସି ହୋଇଯାଇଥିଲେ।




(ବାମରୁ) ଆମେରିକା କନସୁଲେଟ ଜେନେରାଲ କାଥେରିନ୍ ହାଡା, ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ କେନ୍ନେଥ ଜଷ୍ଟର ଗୁରୁବାର ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା ଦେଖୁଛନ୍ତି।






# କୋଷ୍ଟଗାର୍ଡ ମୁଖ୍ୟାଳୟରେ ପଶି ଯୁବକ ହଟହଟା

## ଥାନାରେ ଅଟକ, ୨୦ ପେନ୍‌ଡ୍ରାଇଭ ଜବତ

ପାରାଦୀପ,୨୦।୧୨(ସ୍ୱ.ପ୍ର.)

ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ମୁଖ୍ୟାଳୟ-୭ରେ ପଶି ଜଣେ ଯୁବକ ହଟହଟା ହୋଇଛନ୍ତି। କୋଷ୍ଟଗାର୍ଡରେ ଥିବା ଘରୋଇ ସିକ୍ୟୁରିଟି ସଂସ୍ଥାର କର୍ମଚାରୀମାନେ ସନ୍ଦେହରେ ତାଙ୍କୁ ଧରି ପାରାଦୀପ ପୋଲିସକୁ ହସ୍ତାନ୍ତର କରିଛନ୍ତି। ତାଙ୍କଠାରୁ ୨୦ଟି ପେନ୍‌ଡ୍ରାଇଭ୍, ପାନ୍ କାର୍ଡ, ଆଧାର କାର୍ଡ ସହ ବହୁ ଶୀତବସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ ଯୁବକଙ୍କ ନାମ ହେଲା ମହମ୍ମଦ ସିଆଜ। ତାଙ୍କ ଘର ଉତ୍ତରପ୍ରଦେଶ ମିରପୁର ଅଞ୍ଚଳର ଏଚ୍-୧୧୪। କେନ୍ଦ୍ରାପଡ଼ା ବଜାରରେ ସେ ନିଜ ସମ୍ପର୍କୀୟଙ୍କ ଘରେ ରୁହନ୍ତି। ବିଭିନ୍ନ ଅଞ୍ଚଳ ବୁଲି ଶୀତବସ୍ତ୍ର ଓ ପେନ୍‌ଡ୍ରାଇଭ ବିକ୍ରି କରନ୍ତି। ତାଙ୍କ ଭଳି ଆଉ ୨୦ ଜଣ ଯୁବକ ଉତ୍ତର ପ୍ରଦେଶର 'ଉମର ଗାରମେଣ୍ଟ' ନାମକ କମ୍ପାନୀର ଶୀତବସ୍ତ୍ର ଆଣି ଓଡ଼ିଶାର ବିଭିନ୍ନ ସହରରେ ବିକ୍ରି କରୁଛନ୍ତି। ବୁଧବାର ଅପରାହ୍ନ ୫ଟାରେ ସେ କୋଷ୍ଟଗାର୍ଡ ମୁଖ୍ୟାଳୟକୁ ଶୀତବସ୍ତ୍ର ଓ ପେନ୍‌ଡ୍ରାଇଭ ବିକ୍ରି କରିବାକୁ ଯାଇଥିଲେ। ଗେଟ୍ ପାଖରେ ଥିବା ସିକ୍ୟୁରିଟି ଖାତାରେ ସେ ଦସ୍ତଖତ କରି ଭିତରକୁ ପ୍ରବେଶ କରିଥିଲେ। ଏତେ ସଂଖ୍ୟକ ପେନ୍‌ଡ୍ରାଇଭ୍ ତାଙ୍କ ପାଖରେ ଦେଖି ସନ୍ଦେହ ହେବାରୁ ସୁରକ୍ଷା କର୍ମୀମାନେ ଅଟକ ରଖି ଯାଞ୍ଚ କରିଥିଲେ। ରାତି ୧୧ଟାରେ ତାଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି। ତେବେ ତାଙ୍କ ପାଖରୁ ସେଭଳି କିଛି ଆପତ୍ତିଜନକ ସାମଗ୍ରୀ ମିଳିନାହିଁ। ତଥାପି ସେ ଦର୍ଶାଇଥିବା ଠିକଣା ଓ ତଥ୍ୟ ଯାଞ୍ଚ କରାଯିବ। ସେ ପର୍ଯ୍ୟନ୍ତ ତାଙ୍କୁ ଅଟକ ରଖାଯିବ ବୋଲି ପୋଲିସ କହିଛି।

# ୨ ଟ୍ରକ ଧକ୍କା: ଜଣେ ମୃତ

ଭଣ୍ଡାରିପୋଖରୀ, ୨୦।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ମଜୁରିଗଡିଆ ଛକ ନିକଟରେ ଗୁରୁବାର ଭୋର ସମୟରେ ଦୁଇ ଟ୍ରକ ଧକ୍କାରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ରୂପ୍‌ସାସ୍ଥିତ ମିରିଗିମୁଣ୍ଡା ଗ୍ରାମର ଅଜିତ କୁମାର ବେହେରା(୩୦)। ବାଲେଶ୍ୱର ପଟୁ କଟକ ଆଡ଼କୁ ଯାଉଥିବା ଟ୍ରକ ଆଗରେ ଯାଉଥିବା ଅନ୍ୟ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକ ଅଜିତଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବେଚ୍ଛଦ କରାଇଛି। ଏ ନେଇ ଧାମନଗର ଥାନାରେ ଏକ ମାମଲା(ନଂ.୨୧୬/୧୮) ରୁଜୁ କରାଯାଇଛି।


No. II-27

ଓଡ଼ିଶା ସରକାର

## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No.LA-68/18-DKL-4664/RRCS Dtd. 26.11.2018 ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲାରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଗୁଣ୍ଡିଚାପୁର କାରନାଳୀ କେନାଲ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବଳଦିଆବନ୍ଧ, ଥାନା: ଢେଙ୍କାନାଳ ନଂ ୨୩୯, ତହସିଲ-ଢେଙ୍କାନାଳ, ଜିଲ୍ଲା- ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୨୮୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLAR & R Act. 2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ (RFCTLA R & R Act. 2013) ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ :-**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲି ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଲି କେନାଲ, ଡିଭିଜନ ନଂ-I, ଖୁଣ୍ଟୁଣୀ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିବା
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ .................. ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ- ଉପଜିଲ୍ଲାପାଳ, ଢେଙ୍କାନାଳ
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଢେଙ୍କାନାଳ | ବଳଦିଆବନ୍ଧ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୦.୨୮୦ | ୦.୨୮୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ........ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ମଣ୍ଡଳ ନଂ୩ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶ କ୍ରମେ**
**ସ୍ୱା./- ଯୁଗ୍ମ ଶାସନ ସଚିବ**

**LAND SCHEDULE**

**ମୌଜା: ବଳଦିଆବନ୍ଧ, ଥାନା: ଢେଙ୍କାନାଳ ନଂ ୨୩୯**
**ତହସିଲ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳରେ ରୟତ ଜମିର ଖତିୟାନ ନକଲ ।**

| କ୍ର.ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାଙ୍କ/ସ୍ୱାମୀଙ୍କ ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 164 | 1475/ 1738 | 0.280 | 0.280 | ଧବଳେଶ ପ୍ରସାଦ ମିଶ୍ର, ପି: ଭିକାରି ଚରଣ ମିଶ୍ର |

ମୋଟ ଏ. ୦.୨୮୦

**24034/14/0022/1819**



ଓଡ଼ିଶା ସରକାର

ODISHA ONE

ଝାରସୁଗୁଡ଼ା ଜିଲ୍ଲା ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୋଲାବିରା ଠାରେ ୧୧ କୋଟି ୮୧ ଲକ୍ଷ ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ୪୫୦ କୋଟି ଟଙ୍କାର ମୌଳିକ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

ଏଥିସହିତ ଗଣ୍ଡୱାନା ଗଣ୍ଡ ସମାଜ ଦ୍ୱାରା ଆୟୋଜିତ ସାଧାରଣସଭାରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ।

ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ନିବେଦନ ।

**୨୧ ଡ଼ିସେମ୍ବର ୨୦୧୮ ଶୁକ୍ରବାର**
**ମଧ୍ୟାହ୍ନ :୧୨.୦୦ କୃଷି କାର୍ଯ୍ୟାଳୟ ନିକଟ, କୋଲାବିରା**

DADLS-223

15001/13/0511/1819







ସୂଚନା ଓ ଲୋକସମ୍ପର୍କ ବିଭାଗ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୨୧/୨୦୧୮



“ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍ଫି କର୍ଣ୍ଣର



@ ଗୋପବନ୍ଧୁ



@ ପତିତପାବନ



@ ସମ୍ବିତ୍



@ ପ୍ରମୋଦ



@ ସାରଥୀ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ହଷ୍ଟେଲ ଖଟରୁ ପଡ଼ି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

- ତଦନ୍ତ ଦାବି କଲେ ପରିବାରବର୍ଗ
- ହଷ୍ଟେଲ ୱାର୍ଡେନ, ସ୍କୁଲ କର୍ତ୍ତୃପକ୍ଷ ସନ୍ଦେହ ଘେରରେ

ଜୁନାଗଡ,୨୦।୧୨(ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ବଲଦିଆମାଲସ୍ଥିତ ମହାରାଣୀ କସ୍ତୁରିକା ମୋଦିନୀ (ଏମକେଏମ) ଇଂରାଜୀ ସ୍କୁଲ ହଷ୍ଟେଲରେ ଗୁରୁବାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହଷ୍ଟେଲ ଦାୟିତ୍ୱରେ ଥିବା ୱାର୍ଡେନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ଛାତ୍ର ପବିତ୍ର ଚଲାନ (୧୦)ଙ୍କ ମାମୁ ବଳଭଦ୍ର ମାଝି ଗୁରୁବାର ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବଲଦିଆମାଲ ମହାରାଣୀ କସ୍ତୁରିକା ମୋଦିନି (ଏମକେଏମ) ଇଂରାଜୀ ସ୍କୁଲ ହଷ୍ଟେଲରେ କାଲୋପଲା ଗ୍ରାମର ରଘୁନାଥ ଚଲାନଙ୍କ ପୁଅ ପବିତ୍ର ରହି ପାଠ ପଢୁଥିଲେ। ବୁଧବାର ରାତିରେ ହଷ୍ଟେଲରେ ଥିବା ଛାତ୍ରମାନେ ଖାଇବା ପରେ ଶୋଇପଡିଥିଲେ। ୱାର୍ଡେନ ବିଜୟକାନ୍ତ ମେହେର ମଧ ଶୋଇବାକୁ ଯାଇଥିଲେ। ରାତିରେ ପବିତ୍ର ଖଟରୁ ହଠାତ୍ ତଳେ ପଡି କାନ୍ଦିଥିଲେ।



ପବିତ୍ର ଚଲାନଙ୍କ ଫାଇଲ୍ ଫଟୋ ।

ହେଲେ କେହି ଏହି କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଗୁରୁବାର ସକାଳ ୬ଟାରେ ପବିତ୍ର ଖଟ ତଳେ ପଡିଥିବା ଛାତ୍ରଙ୍କ ସହ ୱାଡେନ ଦେଖିବାକୁ ପାଇଥିଲେ। ୱାର୍ଡେନ ପରିଚାଳନା କମିଟିକୁ ଜଣାଇ ପବିତ୍ରଙ୍କୁ ଜୁନାଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପବିତ୍ରଙ୍କୁ ମୃତ ଘୋଷଣା କରିଥିଲେ। ଜୁନାଗଡ ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।



ବ୍ଲକ ଶିକ୍ଷାଧିକାରୀ ତଦନ୍ତ କରିବାକୁ ଘଟଣା ସ୍ଥଳକୁ ଆସିଛନ୍ତି।

ଅନ୍ୟପକ୍ଷେ ପବିତ୍ରଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନ ଜଣାଇଥିବା ଜୁନାଗଡ ଥାନାରେ ଅଭିଯୋଗ ହୋଇଛି। ହଷ୍ଟେଲ ୱାଡେନ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପବିତ୍ରଙ୍କ ମୃତ୍ୟୁ ପରେ ସତକଥା ପଦାରେ ପଡିଯିବ ଭାବି ଗୁରୁବାର ହଷ୍ଟେଲରେ ଥିବା ସମସ୍ତ ଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଛି। ଯାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ହଷ୍ଟେଲର ୱାଡେନ ସନ୍ଦେହ ଘେରକୁ ଚାଲିଆସିଛନ୍ତି। ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁବାଳା ଦେବୀ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ନେଇ ସ୍କୁଲର ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀଙ୍କୁ ପଚାରିବାରୁ ଏହା ଏକ ଆକସ୍ମିକ ଘଟଣା। ହଷ୍ଟେଲ ବାବଦରେ ପରିଚାଳନା କମିଟି ବୁଝନ୍ତି, ମୁଁ ବୁଝେନାହିଁ ବୋଲି କହିଛନ୍ତି। ପବିତ୍ରଙ୍କ ମୃତ୍ୟୁ ପରେ ହଷ୍ଟେଲରେ ଥିବା ସମସ୍ତ ଛାତ୍ରଙ୍କୁ ତାଙ୍କ ଅଭିଭାବକମାନେ ନେଇଯାଇଛନ୍ତି ବୋଲି ସେ କହିଛନ୍ତି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୦୧୮) ରୁଜୁ ହୋଇଛି । ତଦନ୍ତ ଚାଲିଥିବା ପୋଲିସ କହିଛି। ସୂଚନା ଯୋଗ୍ୟ ଯେ, ପୁଅର ମୃତ୍ୟୁ ଖବର ଶୁଣି ବାପା ରଘୁନାଥ, ମା' ସଜନୀ ଓ ୨ ଝିଅ ଆରତୀ, ସାରଥି ଦୁଃଖରେ ଭାଙ୍ଗିପଡିଛନ୍ତି। ପବିତ୍ର ତାଙ୍କ ପରିବାର ଏକମାତ୍ର ପୁଅ ଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

### ଭତା, ରାଶନ କାର୍ଡ, ପକ୍କାଘର ସାତ୍ ସପନ୍

# ବୁଢ଼ାକାଲେ ଭିଖ୍‌ମାଗି କୁଟୁମ ପୁଷୁଛନ୍ ଜୟଦେବ

**ଅତାବିରା, ୧୯।୧୨ (ଡି.ଏନ.ଏ)** କେନ୍ଦ୍ର ଆର ରାଏଜ୍ ସରକାର ଭିନେ ଭିନେ ଯୋଜ୍‌ନା ତିଆର କରି ଦେଶ୍‌ରୁ ଗରୀବି ହଟାବାରେ ଲାଗିପଡ଼ିଛନ୍। ଇଥିରଲାଗି ଫିବଛର ରାଜକୋଷରୁ କୋଟି କୋଟି ଟଁକା ଖରଚ ହେଉଛେ। ରାଏଜେ ଯେନ୍‌ତା କେହି ଭୋକ୍ ଉପାସଥି ନାଇଁ ରହେବେ ସେଥିରଲାଗି ରାଏଜ ସରକାର ରାଶନ କାର୍ଡ ଜରିଆରେ ପରିବାରର ଝନ୍ ପିଛା ୫ କେଜି ଚାଉଲ କି ଗହମ ଯୁଗେଇ ଦେଉଛନ୍। ସେନ୍‌ତା ରିହାତି ଦରରେ କିରାସିନ୍ ଯୁଗେଇ ଦେଉଛନ୍। ଇତାର ବାହାରେ ଦୁଖିଗରିବ୍, ନିଆଁସିମାନକର ଲାଗି ବିଜୁ ପକ୍କାଘର, ଇନ୍ଦିରା ଆବାସ, ମୋ କୁଡ଼ିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦିରେ ଘର ଯୁଗେଇ ଦେଉଛନ୍। ବୁଢ଼ାବୁଢ଼ୀ, ଦିବ୍ୟାଙ୍ଗ, ବିଧବାମାନକୁ ଭତା ଯୁଗେଇ ଦେଉଛନ୍। ହେଲେ କେତେ ଜାଗାରେ ସରକାରକଁର ଇ ମହତ୍ ଯୋଜ୍‌ନାର ସୁଫଲ ପାଏବାରୁ ଗରିବ ଦୁଖି ବଁଚିତ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ୍ ତଳିଟାମ୍ପରସରା ଗାଁରେ। ଯେ ତଳିଟାମ୍ପରସରା ଗାଁର ବୁରୁଧି ଖବର ନେବାରେ ଜନାଯାଇଛେ ଜୟଦେବ ସେଟ(୬୨) ଝନେ



ଦିବ୍ୟାଙ୍ଗ ଜୟଦେବ ଝନେ ମା'ରନୁ ଭିଖ୍ ଛିନୁଛନ୍।

ଦିବ୍ୟାଙ୍ଗ। ବରଗଡ଼କେ କେହେନ୍‌ସି କାମେ ଯାଇଥିଲା ବେଲେ ସଡ଼କ ଦୁରଘଟନାରେ ତାକର ଗୁଟେ ଗୋଡ୍ ଭାଂଗି ଗଲା। ସେଦିନ୍‌ଠାନୁ ସେ ଗୁଟେ ଆଶାବାଡ଼ିରେ ଚାଲବୁଲ କରବାର ସଂଗେ ଗାଁରେ ଭିଖ୍‌ମାଗି କୁଟୁମ ପୁଷୁଛନ୍। ହେଲେ ଦୁଖର କଥା ସେ ସବୁପରକାର ସରକାରୀ ସୁବିଧା ସୁଯୋଗ୍‌ରୁ ବଁଚିତ ହେଇ ରହିଛନ୍। ଆଏଜତକ୍ ତାହାକୁ ବୁଢ଼ାବୁଢ଼ୀ ଭତା କି ଦିବ୍ୟାଙ୍ଗ ଭତା ନାଇଁ ମିଳିପାରି। ସେନ୍‌ତା ରାଶନ କାର୍ଡ ଆର ଆବାସ ଯୋଜ୍‌ନାରୁ ବି ବଁଚିତ ହେଇଥିବାର ଥାନୀୟ ଧରିତ୍ରୀ ପରତିନିଧିକୁଁ ସେ କହିଥିଲେ। ପୁଓ ଝିଁ'କର ବିହାବୁରା ସରିଥିଲା ବେଲେ ଝିଁ' ଶାଶ୍ ଘରେ ଖଟୁଛନ୍। ପୁଓ ନିଜର କୁଟୁମ ଧରି ଅଲଗେ ରହୁଛନ୍। ଇଆଡେ ମାଏକିନା ଝନେ ମାନସିକ ରୁଗୀ, ଏନ୍‌ତାଥି ଜୟଦେବ ଅସାହା ହେଇ ଭିଖ୍‌ମାଗି ନିଜର କୁଟୁମ ପୁଷୁଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଷ୍ଟି ଦେଇ ଦିବ୍ୟାଙ୍ଗ ଜୟଦେବକୁଁ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବାଲିଶଙ୍କରା, ୨୦।୧୨ (ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଉଜ୍ଜଳପୁର ଫରେଷ୍ଟ ରେଞ୍ଜ ଜବଲାଡିହି ଗ୍ରାମରେ ବୁଧବାର ରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗ ପେରେ (୬୫)। ଜବଲାଡିହି ଗ୍ରାମରେ ବୁଧବାର ରାତି ୯ଟାରେ ଏକ ହାତୀ ପଶିଥିଲା। ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ହାତୀକୁ ଘଉଡାଇ ଦେଉଥିଲେ। ଗାଁ ମୁଣ୍ଡରେ ଥିବା ବୁଗ ପେରେଙ୍କ ଘର ପାଖଦେଇ ହାତୀମାନେ ଫେରିଯାଉଥିଲେ। ଏହି ସମୟରେ ବୁଗ ଘରୁ ବାହାରି ଆସିବାରୁ ହାତୀ ହାବୁଡରେ ପଡି ଯାଇଥିଲେ। ଫଳରେ ହାତୀ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ। ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ କିଞ୍ଜିରକେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କିଞ୍ଜିରକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରକାଶ ଯେ, ଦୀର୍ଘ ୧ମାସ ହେବ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ି ଚାଲିଥିବା ବେଳେ ଅଞ୍ଚଳବାସୀଙ୍କ ନିଦ ହଜିଯାଇଛି। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯିବା ସାଙ୍ଗକୁ ହାତୀ ଘଉଡାଇବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।







DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ଡିସେମ୍ବର, ୨୦୧୮



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ



## ସଂକ୍ଷେପରେ

### ସାହୁପଡାରେ ଲକ୍ଷ୍ମୀପୂଜା

**ଗାଇସିଲେଟ,୨୦।୧୨ (ଡି.ଏନ.ଏ):** ଗାଇସିଲେଟ ସାହୁପଡା ଛକରେ ଗୁରୁବାର ୫ମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜାରେ ପୁରୁଷୋତ୍ତମ ସାହୁ ଓ ତାଙ୍କ ସ୍ତ୍ରୀ କଲ୍ୟାଣୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଏବଂ ସୋନପୁର ଜିଲା ଫପସୀ ଗ୍ରାମର ଅସିତ କୁମାର ଷଡଙ୍ଗୀ ବ୍ୟାସ ଦାୟିତ୍ୱ ନିର୍ବାହ କରୁଛନ୍ତି। ବଲାଙ୍ଗୀର ଜିଲା ନଅଁଗାର ଦିଲୀପ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଭୀମଟିକ୍ରାର ସୋମନାଥ ବିଶ୍ୱା, ବନ୍ଧପଡାର ତୃତୀୟା ଭୋଇ ସହଯୋଗ କରୁଛନ୍ତି । ରାତ୍ରିରେ ବାବା ଗୋକୁଳାନନ୍ଦ ପ୍ରବଚନ ଦେଉଛନ୍ତି ।

### ଆକ୍ୟୁପ୍ରେସର ଚିକିତ୍ସା ଶିବିର

**ଭଟଲି,୨୦।୧୨(ଡି.ଏନ୍.ଏ.) :** ବରଗଡ଼ ଜିଲା ଭଟଲି ବ୍ଲକ ମୂଳବାର ଗ୍ରାମରେ ଗୁରୁବାର ମାଗଣା ଆକ୍ୟୁପ୍ରେସର ସଚେତନତା ଏବଂ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆକ୍ୟୁପ୍ରେସର ଶୋଧ, ପ୍ରଶିକ୍ଷଣ ଏବଂ ଉପଚାର ସଂସ୍ଥାନ ପ୍ରୟାଗରାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦାଶରଥି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିନା ଔଷଧରେ ଆକ୍ୟୁପ୍ରେସର ସାହାଯ୍ୟରେ କିଭଳି ବିଭିନ୍ନ ରୋଗ ଭଲ ହୋଇପାରୁଛି ସେ ବିଷୟରେ ମୁଖ୍ୟଅତିଥି ସାହୁ ମତବ୍ୟକ୍ତ କରିଥିଲେ । ସେହିପରି ନିମାଇଁ ଚରଣ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆକ୍ୟୁପ୍ରେସର ଚିକିତ୍ସାର ଉପକାରିତା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ସଂସ୍ଥାନର ଜିଲା ସଂଯୋଜକ ଟିକେଶ୍ୱର ବର୍ଗେ ଶତାଧିକ ରୋଗୀଙ୍କୁ ଆକ୍ୟୁପ୍ରେସର ପଦ୍ଧତିରେ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ସୁନୀଲ ସାହୁ, କର୍ମା ନାଗ, ପ୍ରଦୀପ ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶେଷରେ ସାମାଜିକ କର୍ମୀ ରାଇଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଜିଠୁ ଥୁଆପାଲି ଧନୁଯାତ୍ରା

**ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲିରେ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହେବ । ଏଥି ସକାଶେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଥୁଆପାଲି ନିକଟସ୍ଥ କପାବାରୀ ଠାରେ ନିର୍ମିତ ହୋଇଛି ମଥୁରାପୁର କଂସ ଦରବାର। ସେହିପରି ଥୁଆପାଲି ବସ୍ତି ପରିଣତ ହେବ ଗୋପପୁରରେ । ମଝିରେ ଯାଇଥିବା କେନାଲ ପାଲଟିଯିବ ଯମୁନା ନଦୀ । ଚଳିତବର୍ଷ ଅନ୍ତର୍ଦ୍ଦାର ପ୍ରସିଦ୍ଧ ଅଭିନେତା ଗୋପାଳ ପଣ୍ଡା କଂସ ଭୂମିକାରେ ଅଭିନୟ କରିବେ। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭେଡ଼େନ ଥାନା ଅଧିକାରୀ ତାରା ଜସ୍ମିନ ଗୁଡ଼ିଆ ଯୋଗ ଦେଇ କଂସ ଦରବାରରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବେ ବୋଲି ଧନୁଯାତ୍ରା କମିଟି ସୂତ୍ରରୁ ଜଣାପଡ଼ିଛି ।

### ଭେଡ଼େନ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ରମଣି ରଞ୍ଜନ ରାଉତ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । ଖେଳ ଶିକ୍ଷକ ଶ୍ରବଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।

### ଗୀତାଯଜ୍ଞ ସମ୍ପନ୍ନ

**ଗାଇସିଲେଟ,୨୦।୧୨ (ଡି.ଏନ.ଏ):** ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଗୀତା ଯଜ୍ଞ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଲଳିତ କୁମାର ପଣ୍ଡା, ଲମ୍ବୋଦର ପୁରୋହିତ, ନବୀନ ତ୍ରିପାଠୀ, ସଦାନନ୍ଦ ପାଢ଼ୀ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଆଦିତ୍ୟ କୁମାର ପଣ୍ଡା, ମାନଭଞ୍ଜନ ପୁରୋହିତ, ଜଗଦାନନ୍ଦ ପଣ୍ଡା ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ । ଭଗବାନ ବିଷ୍ଣୁଙ୍କ ବିରାଟ ରୂପ ଫଟୋ ଚିତ୍ର ସମ୍ମୁଖରେ ୫୬ ପ୍ରକାର ଭୋଗ ଲଗା ଯାଇଥିଲା । ଶ୍ରୀପତି ଯୋଷୀ ଓ ହରିହର ବେହେରା ସହଯୋଗ କରିଥିଲେ ।

# ଧୁଇଦେଲା ୧୬୦ ହେକ୍ଟର ଧାନ ଫସଲ

**ଅତାବିରା, ୨୦।୧୨ (ଡି.ଏନ.ଏ)**

ସାମୁଦ୍ରିକ ଝଡ଼ ପେଥେଇ ପରଭାବରେ ଲଗାତାର ବର୍ଷା ଲାଗି ବରଗଡ ଜିଲା ଅତାବିରା ଆର ଭେଡ଼େନ ବ୍ଲକ୍ ଅଂଚଲରେ ବଡ଼ଭାରି ଫସଲ କ୍ଷୟକ୍ଷତି ହେଇଛେ। ହେଲେ ଏନ୍‌ତାଥି ବି କୃଷି ଆର ରାଜସ୍ୱ ବିଭାଗର କରମଚାରୀକର ଦେଖା ନାଇଁ ମିଲ୍‌ଲା। ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲା ଉତାରୁ ଉଭଏ ବିଭାଗ୍‌ର କରମଚାରୀକର ନିଦ୍ ଭାଂଗିଥିଲା ଆର କରମଚାରୀମାନେ ଭିନେ ଭିନେ ଗାଁରେ ପୁହୁଁଚି କ୍ଷୟକ୍ଷତିର ଆକଲନ କରୁଥିବାର ଦେଖିବାକେ ମିଲିଥିଲା। ଅତାବିରା ବ୍ଲକ୍ ବୁଗବୁଗା, ପାଲିବୁଗବୁଗା, ଗମ୍ଭାଟିକ୍ରା, ଭୁତଟିକ୍ରା, ପତ୍ରାପାଲି, ଖଲିଆପାଲି, ବଡ଼ମାଲ ଆର ଭେଡ଼େନ ବ୍ଲକ୍‌ର ଦେଶଭଟିଲି ପଁଚେତ୍‌ର ଉଦେପୁର, ଦେଶପର୍ଥଲା, ଦେଶଭଟିଲି ଆଦି ଗାଁମାନକେ ବିଭାଗୀୟ କରମଚାରୀମାନେ ପୁହୁଁଚି ଚାଷୀକର ସଂଗେ କଥାବାରତା ହେବାର ସଂଗେ ଚାଷ୍ ଜମି ବୁଲି କ୍ଷୟକ୍ଷତି ଆକଲନ କରିଥିଲେ। ଉଦେପୁରର ହୃଷିକେଶ ଦନ୍ତା, ଦେଶପର୍ଥଲାର ପ୍ରଶାନ୍ତ ଦନ୍ତା, ଶେଷଦେବ ସେଟ, ନାରାୟଣ ଦାଶ, ଗାନ୍ଧୀ କୁମ୍ଭାର ଆଦି ଚାଷୀମାନେ ମହିଲା କୃଷି କରମଚାରୀ ସଂଯୁକ୍ତା ତନସନାକୁଁ ବୁଲେଇ କ୍ଷୟକ୍ଷତି ଦେଖେଇଥିଲେ। ସେନ୍‌ତା ବୁଗବୁଗା ପଁଚେତର ଭିନେ ଭିନେ ଗାଁକେ ଭିଏଡବ୍ଲୁ କିଶୋର ଦାଶ ପୁହୁଁଚି କ୍ଷୟକ୍ଷତି ଆକଲନ କରିଥିଲେ। ଇ କ୍ଷୟକ୍ଷତିର ଆକଲନ ବାବ୍‌ଦେ ବୁଗବୁଗା ଭିଏଡବ୍ଲୁ କିଶୋର ଦାଶକୁଁ ପଚରାଲାରୁ ଆପନ୍ ଇ ବିଷେରେ ବ୍ଲକ୍ କୃଷି ଅଧିକାରୀକୁଁ ପଚରଉନ ଆମେ କହେଲେ ଠିକ୍ ନାଇଁହୁଏ ବଲି କହିଥିଲେ। ଇ ବାବ୍‌ଦେ ଅତାବିରା ବ୍ଲକ୍ ସହକାରୀ କୃଷି ଅଧିକାରୀ ମାନିନୀ ଭୋଇକୁଁ ପଚରାଲାରୁ ବ୍ଲକ୍‌ରେ ପହେଲା ଖେପି ହେଇଥିବାର ଆକଲନରେ ୧୬୦ ହେକ୍ଟର ଖରିଫ ଧାନ ଫସଲ କ୍ଷତି ହେଇଥିବାର ସେ କହିଥିଲେ।



ଝନେ ଚାଷୀ ପାଏନ୍‌ରୁ ପେଟା ଛାନି ବାହାର କରୁଛନ୍ ।

# ଲକ୍ଷ୍ମୀପୂଜା ପାଇଁ ବରପାଲି ଉତ୍ସବମୁଖର



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

**ବରପାଲି, ୨୦।୧୨ (ଡି.ଏନ.ଏ)**

ବରପାଲି ଭୁଲିଆ ସମାଜ ପକ୍ଷରୁ ହେବାକୁ ଥିବା ୫ ଦିନିଆ ଲକ୍ଷ୍ମୀପୂଜା ମହୋତ୍ସବ ବୁଧବାର ଆରମ୍ଭ ହୋଇଛି । ଏହି ଅବସରରେ ସକାଳେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ବାହାରିଥିଲା । ଏହା ସହର ପରିକ୍ରମା କରିବା ପରେ ସ୍ଥାନୀୟ ପୂଜାମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ସହ ଅଧିବାସ ହୋଇଥିଲା । ଏଥର ସୁରେନ୍ଦ୍ର ମେହେର ଓ ସସ୍ତ୍ରୀକ ପୂଜାକର୍ତ୍ତା ରହିଛନ୍ତି । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନା ବଜାର ଶୁଭାରମ୍ଭ ହୋଇଛି । ଲକ୍ଷ୍ମୀପୂଜା ପାଇଁ ସହର ଉତ୍ସବମୁଖର ହୋଇପଡିଛି ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଶିଶୁ କଳାକାରଙ୍କ ରିହର୍ସଲ ଆରମ୍ଭ

**ବରଗଡ଼ ଅଫିସ୍,୨୦।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୩ସପ୍ତାହ ବାକି । ଏଥିପାଇଁ ଏବେଠାରୁ ସଜବାଜ ଆରମ୍ଭ ହୋଇଗଲାଣି । ଗୁରୁବାର ସନ୍ଧ୍ୟାରୁ ଗୋପପୁର(ଅମ୍ବାପାଲି)ର ଶିଶୁ କଳାକାରମାନେ ସ୍ଥାନୀୟ ଗଜପତି ମଣ୍ଡପଠାରେ ରିହର୍ସଲ ଆରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଥମେ ସରସ୍ୱତୀଙ୍କ ପୂଜାର୍ଚ୍ଚନା ସହିତ ଗୁରୁ ବନ୍ଦନା କରାଯାଇଥିଲା। ଏଥର ନୂତନ ଭାବେ ଅଭିନୟକୁ ଓହ୍ଲାଇଥିବା ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(ଶ୍ରୀକୃଷ୍ଣ), ଆଶୁତୋଷ କୁମାର ବିର୍ତ୍ତିଆ(ବଳରାମ), ଶ୍ରୀୟାଂଶୀ ମହାପାତ୍ର (ଶ୍ରୀରାଧା)ଙ୍କ ସମେତ ଅନ୍ୟ ଗୋପାଙ୍ଗନା, ଗୋପ ବାଳକମାନେ ରିହର୍ସଲ କରିଥିଲେ। ବରିଷ୍ଠ କଳାକାର ଅଶୋକ ବେହେରା, ରବିନ୍ଦ୍ର ରଞ୍ଜନ ପୂଜାରୀ, ସୁଶୀଲ କୁମାର ମହାପାତ୍ର, ଅଗ୍ନି ଥପା, ପଞ୍ଚାନନ ବିର୍ତ୍ତିଆ, ଶେଷ ନନ୍ଦନ ବିର୍ତ୍ତିଆ, ପ୍ରୟାସ ବିର୍ତ୍ତିଆ ପ୍ରମୁଖ ଶିଶୁ କଳାକାରଙ୍କୁ ଅଭିନୟର ବିଭିନ୍ନ ଶୈଳୀ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ଏହି ସମୟରେ ନାରାୟଣ ଭୋଇ, ସୁବ୍ରତ ବିର୍ତ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆସନ୍ତା ରବିବାରଠାରୁ ମଥୁରାନଗରୀ (ବରଗଡ଼ ସହର)ର କଲ୍ୟାଣ ମଣ୍ଡପରେ ମହାରାଜ କଂସଙ୍କ ସମେତ ଅନ୍ୟ କଳାକାରଙ୍କ ରିହର୍ସଲ ଆରମ୍ଭ ହେବ ବୋଲି ସୂଚନା ମିଳିଛି ।



ଶିଶୁ କଳାକାରଙ୍କ ପୂର୍ବାଭ୍ୟାସ ଚାଲିଛି ।

### କାଠଗଣ୍ଡି ବୋଝେଇ ଟ୍ରକ୍ ଜବତ

**ବରଗଡ଼ ଅଫିସ୍,୨୦।୧୨**

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ଏକ କାଠଗଣ୍ଡି ବୋଝେଇ ଟ୍ରକ(ନଂ.ଓଆର୧୯ସି/୦୨୩୮)କୁ ଜବତ କରିଛି । ଜବତ କାଠଗଣ୍ଡିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପୋଲସ ସମ୍ପୃକ୍ତ କାଠଗଣ୍ଡି ବୋଝଇ ଟ୍ରକକୁ ଜବତ କରିବା ପରେ ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରିଛି। ଉକ୍ତ ଟ୍ରକ୍‌ରେ ବହୁ ପରିମାଣର ଶିଶୁ ସମେତ ମୂଲ୍ୟବାନ କାଠଗଣ୍ଡି ବୋଝେଇ ହୋଇ ବରଗଡ଼ ଦେଇ ସମ୍ବଲପୁର ପଟକୁ ଯାଉଥିବା ପୋଲିସକୁ ସୂଚନା ମିଳିଥିଲା । ସ୍ଥାନୀୟ ଟାଉନ ଥାନା ପୋଲିସ ସମ୍ପୃକ୍ତ ଟ୍ରକକୁ ପିଛା କରିଥିଲା । ସମ୍ବଲପୁର ପଟୁ ବରଗଡ଼କୁ ସହରର ପ୍ରବେଶ ଦ୍ୱାର ନିକଟରେ ଉକ୍ତ ଟ୍ରକ୍‌ଟି ଛିଡ଼ା ହୋଇଥିବା ବେଳେ ସେଠାରେ ଡ୍ରାଇଭର ନ ଥିବା ଦେଖିବାକୁ ମିଳିଥିଲା । ଏହାପରେ ପୋଲିସ ସେହି ଟ୍ରକ୍‌କୁ ଥାନାକୁ ଆଣିଥିଲା ବୋଲି ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି ।

# ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

**ପାଇକମାଳ, ୨୦।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ଗୋଷ୍ଠୀ ଶିକ୍ଷାକେନ୍ଦ୍ରଠାରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଏକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଓ ଚୂଡାମଣି ବରିକ ସଭାପତିତ୍ୱ କରିଥିବା ବେଳେ ଜନକଲାଲ ମେହେର, ସୁରେନ୍ଦ୍ର କୁମାର ପୁରୋହିତ, ମହାଦେବ ବେହେର, ଡୋଲାମଣି ମାହାର, ରାଧାକୃଷ୍ଣ ସାହା, ମନୋରଞ୍ଜନ ପଟେଲ ମଞ୍ଚାସୀନ ଥିଲେ। କର୍ମଶାଳାରେ ଶିକ୍ଷାର ବିକାଶ ଉପରେ ଆଲୋଚନା କରାଯାଇଥିଲା। ସୁକାନ୍ତ ରାଉତ, ଅଶୋକ ସାହୁ, ନିମାଇଁ ସ୍ୱାଇଁ, ସଞ୍ଜୟ ସାହୁ, ଦେବେନ୍ଦ୍ର ନାଥ ସାହୁ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପାଇକମାଳ ବ୍ଲକରେ ଯମୁନା କନ୍ଧୁଣୀ ହାଇସ୍କୁଲ ଓ ନୃସିଂହନାଥ ଏସଏସଡି ହାଇସ୍କୁଲ ଶ୍ରେଷ୍ଠ ବିଦ୍ୟାଳୟ ବିବେଚିତ ହୋଇଥିବାରୁ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଓ ରମେଶ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଇଥିଲା । ଜଳଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପାଇକମାଳ, ମାଣ୍ଡିଆଡିପା, ମିଠାପାଲି, ପିପଲପାଲି ଓ କେରମେଲାବାହାଲ କେନ୍ଦ୍ର ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ଯୋଗଦାନ କରିଥିଲେ ।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ

**ଅତାବିରା, ୨୦।୧୨ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରିପାଲିର ପୁରାତନ ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ତୁମ୍ଭାଳ ସମାଜର ଇଷ୍ଟଦେବୀ ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଜିଲା, ଜିଲା ବାହାରୁ ଶହ ଶହ ଭକ୍ତଙ୍କ ସମାଗମରେ ଗମ୍ଭାରିପାଲି ଗାଁ ଲୋକାରଣ୍ୟ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ ଅଧିବାସ ଓ କଳସ ଯାତ୍ରା, ଚଣ୍ଡିପାଠ ଓ ହୋମ ହୋଇଛି। ଶୁକ୍ରବାର ଦେବତାଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ କାର୍ଯ୍ୟକ୍ରମ ରହିଛି । ବିନୋଦ ମହାକୁର, ଜ୍ୟୋତ୍ସ୍ନା ମହାକୁର, ବ୍ରଜକିଶୋର ପ୍ରଧାନ ଓ ପ୍ରତିଭା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ପ୍ରତିଷ୍ଠା ପରିଚାଳନା କମିଟିର ଦିଲୀପ ନନ୍ଦନ ମହାକୁର, ସଞ୍ଜୀବ ଖମାରୀ, ହରେକୃଷ୍ଣ ଠାଠୀ, ପ୍ରଶାନ୍ତ କମ୍ପ, ହରେରାମ କର୍ଣ୍ଣ ସହଯୋଗ କରିଥିଲେ ।

# ଉତ୍କଳ ଭାରତର ପଥପ୍ରାନ୍ତ ସଭା

**ବିଜେପୁର, ୨୦।୧୨ (ଡି.ଏନ.ଏ)**

ବିଜେପୁର ଏନଏସି ସଦର ମହକୁମାର ବସ୍‌ଷ୍ଟାଣ୍ଡରେ ଉତ୍କଳ ଭାରତର ଏକ ପଥପ୍ରାନ୍ତ ସଭା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଦଳର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହାମେଘବାହନ ଖାରବେଳ ସ୍ୱାଇଁ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ- ୨୦୧୯ର ନିର୍ବାଚନୀ ବିଗୁଲ ଫୁଙ୍କିଥିଲେ । ରାଜ୍ୟ ସରକାରଙ୍କୁ କଡୁ ସମାଲୋଚନା କରି ସେ କହିଥିଲେ ଯେ, ବିଭିନ୍ନ ଯୋଜନାର ଡିଣ୍ଡିମ ପିଟୁଥିବା ଏହି ଭ୍ରଷ୍ଟାଚାରୀ ସରକାର ଓଡିଶାକୁ ଗରିବ କରିଦେଲାଣି । ନିଜ ଦଳ କ୍ଷମତାକୁ ଆସିଲେ ଶିକ୍ଷା କ୍ଷେତ୍ରରେ ସଂସ୍କାର, ବେରୋଜଗାର ଦୂରୀକରଣ ତଥା ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରାଯିବ । ତେଣୁ ଆଗାମୀ ନିର୍ବାଚନରେ ବହୁମତ ଦେଇ ଉତ୍କଳ ଭାରତକୁ ବିଜୟୀ କରିବାକୁ ପୂର୍ବତନ ଏମ୍‌ପି ସ୍ୱାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଜଗଦୀଶ ପ୍ରଧାନ, ଭଟଲି ବ୍ଲକ ସାଧାରଣ ସମ୍ପାଦକ ହେମନ୍ତ ପ୍ରଧାନ, ଗୋପାଳ ରାଉଳ, ସୌମ୍ୟକାନ୍ତ ବେହେରା ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ । କମଳାକାନ୍ତ ଦାଶ ସଭା ସଂଯୋଜନା କରିଥିଲେ । ବ୍ଲକ ସଭାପତି ଭଗବାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁକ୍ତ, ଅବାଧ ନିର୍ବାଚନ ଉପରେ କର୍ମଶାଳା

**ବରଗଡ଼ ଅଫିସ୍,୨୦।୧୨**

ମୁକ୍ତ ଓ ଅବାଧ ନିର୍ବାଚନକୁ ନେଇ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୋ ଭୋଟ୍, ମୋ ଦେଶ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଓଡ଼ିଶା ଇଲେକ୍ସନ ୱାଚ୍ ପକ୍ଷରୁ ଏଡିଆର ଏବଂ ଆଜ୍‌କା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେହିପରି ଓଡ଼ିଶା ଇଲେକ୍ସନ ୱାଚ୍‌ର ରାଜ୍ୟ ସଂଯୋଜକ ରଞ୍ଜନ କୁମାର ମହାନ୍ତି, ଏଡ଼ିଏମଓ ଡା. ଚୂଳବତୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।




କର୍ମଶାଳାରେ ଏକ ପୋଷ୍ଟରକୁ ଉନ୍ମୋଚନ କରାଯାଉଛି ।

ଏହି କର୍ମଶାଳାରେ କଂଗ୍ରେସ ପକ୍ଷରୁ ହରଦୀପ ସିଂ, ଭାଜପାରୁ ଡା. ଅରୂପାନନ୍ଦ ସାହୁ ଏବଂ ବିଜେଡ଼ିରୁ ଦେବାନନ୍ଦ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପୋଷ୍ଟରକୁ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଛାତ୍ର, ଏସଏଚଜି ଗ୍ରୁପ୍‌ର ମହିଳା ଏବଂ ସରକାରୀ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ । ଆବାହିକା ବିନୋଦିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ନିର୍ମାଣ ଶ୍ରମିକଙ୍କ ରାସ୍ତାରୋକୋ

**ବରଗଡ଼ ଅଫିସ୍,୨୦।୧୨**

ବରଗଡ଼ ସହରରେ ଗୁରୁବାର ବିଦ୍ୟୁତ ସେବା ବ୍ୟାହତ ହୋଇ ପଡ଼ିଥିଲା । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସହରରେ ବିଦ୍ୟୁତ ସେବା ଠପ୍ ପଡ଼ି ଯାଇଥିଲା । ସରକାରୀ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାର ପ୍ରତିବାଦରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ କାର୍ଡ଼ ପଞ୍ଜୀକରଣ ଏବଂ ନବୀକରଣ ପାଇଁ ଆସିଥିବା ନିର୍ମାଣ ଶ୍ରମିକମାନେ ସ୍ଥାନୀୟ ଗାନ୍ଧୀଛକକୁ ଆସି ରାସ୍ତାରୋକୋ କରିଥିଲେ । ଫଳରେ ଅପରାହ୍ନ ପ୍ରାୟ ୨ଟାରେ ଅଧଘଣ୍ଟା ଧରି ରାସ୍ତା ଜାମ୍ ହୋଇ ଟ୍ରାଫିକ ସମସ୍ୟା ଉପୁଜିଥିଲା । ସ୍ଥାନୀୟ ଟାଉନ ଥାନା ଅଧିକାରୀ ବିଭୁତି ଭୂଷଣ ଭୋଇ ସେଠାକୁ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ରାସ୍ତାରୋକୋରୁ ଓହରିଥିଲେ । ତେବେ ବିଦ୍ୟୁତ ବିଭ୍ରାଟ ନେଇ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ଶତପଥୀଙ୍କୁ ପଚାରିବାରୁ ଟାଉନ ଗ୍ରୀଡ୍‌ର ପାୱାର ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ସେଭଳି ବିଦ୍ୟୁତ ବିଭ୍ରାଟ ପରିସ୍ଥିତି ଉପୁଜିଥିଲା ବୋଲି କହିଥିଲେ ।

# ଧୁବେନପାଲିରେ ଲକ୍ଷ୍ମୀପୂଜା

**ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧୁବେନପାଲିରେ ୩୨ତମ ଲକ୍ଷ୍ମୀପୂଜା ଉତ୍ସବ ପାଳିତ ହେଉଛି । ଏହି ପୂଜା ମହୋତ୍ସବରେ ଦୁଃଖିଶ୍ୟାମ ଦାଶ, ଆକାଶ ନନ୍ଦ, ସୁରେନ୍ଦ୍ର ଦାଶ ପୂଜକ ଏବଂ ଦିବାକର ବେହେରା ଓ କବିତା ବେହେରା କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ଏହି ପୂଜା ସକାଶେ ସୋମବାର କଳସ ସ୍ଥାପନ ହୋଇ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ନାମଯଜ୍ଞରେ ଭକ୍ତ ପ୍ରଧାନ ଏବଂ ସଂଯୁକ୍ତା ପ୍ରଧାନ କର୍ତ୍ତା ଏବଂ ଆଶିଷ ତ୍ରିପାଠୀ ଓ ଲିପନ ତ୍ରିପାଠୀ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ଲକ୍ଷ୍ମୀପୂଜା ଅବସରରେ ମଣ୍ଡପ ସମ୍ମୁଖ ରୂପେଲି ମୁକ୍ତମଞ୍ଚରେ ବୁଧବାର ସନ୍ଧ୍ୟାରେ ହୋଇଥିବା ସାଧାରଣ ସଭାରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତୁଷବନ୍ତ ବେହେରା, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା, କଳାକାର ସଂଘ ସଭାପତି ସାଗର ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ କୈଳାଶ ଦାଶ ସଭାପତିତ୍ୱ କରିଥିବା ବେଳେ ଜିତ ତାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଘୁଡ଼କା ନାଚ, ଦୁଲଦୁଲି ବାଜା ଏବଂ ବଡ଼ପିପିଲିପାଲିର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ସଙ୍କୀର୍ତ୍ତନ ପରିବେଷିତ ହେବା ସହ ରେମଣ୍ଡା ଟିଲୁ ପାର୍ଟି ପକ୍ଷରୁ କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା । ଶୁକ୍ରବାର ଏହି ପୂଜା ମହୋତ୍ସବ ଉଦ୍‌ଯାପିତ ହେବ।

# କ୍ରିକେଟ: ସେମିରେ ମେଲଛାମୁଣ୍ଡା

**ଘେଁସ,୨୦।୧୨(ଡି.ଏନ.ଏ)**

**ନବମ ଚ୍ୟାଲେଞ୍ଜର କପ୍ ଉଦ୍‌ଘାଟିତ**

ବରଗଡ ଜିଲା ମେଲଛାମୁଣ୍ଡା ଦିଲଖୁସ ଖେଳ ପଡିଆଠାରେ ଗୁରୁବାର ନବମ ଚ୍ୟାଲେଞ୍ଜର କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ମେଲଛାମୁଣ୍ଡା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡା. ସୁବ୍ରତ ନାୟକ ମୁଖ୍ୟଅତିଥି, ଡମ୍ବରୁଧର ଦେବତା, ତାରାକାନ୍ତ ସାହୁ, ପି. କେ. ମଜୁମଦାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦୀପ୍ତିପୁର ଏବଂ ତେଲମହୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୀପ୍ତିପୁର ଦଳ ଟସ୍ ଜିଣି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ୮୨ ରନ୍ କରିଥିଲା। ଜବାବରେ ତେଲମହୁଲ ଦଳ ୪ ଉଇକେଟ ହରାଇ ୧୬ ରନରେ ପରାଜିତ ହୋଇଥିଲା। ସେହିପରି ୨ୟ ଲିଗ୍ ମ୍ୟାଚ୍‌ରେ ଗୌଡପାଲି ଏବଂ ୩ୟ ଲିଗ୍ ମ୍ୟାଚ୍‌ରେ ମେଲଛାମୁଣ୍ଡା ଦଳ ବିଜୟୀ ହୋଇଥିଲା। ପରେ ମେଲଛାମୁଣ୍ଡା ଏବଂ ଗୌଡପାଲି ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ମେଲଛାମୁଣ୍ଡା ଦଳ ସେମିଫାଇନାଲକୁ ପ୍ରବେଶ କରିଥିଲା । ଜୟ କୁମାର ଭୋଇ, ପ୍ରେମଲାଲ ନାଏକ, ଶିବୁନ ଭୋଇ, ସଚିନ ମହାନନ୍ଦ ଖେଳ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରୁଛନ୍ତି ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା

## ସଂକ୍ଷେପରେ

### ପେଥାଇ ଉଜାଡି ଦେଲା କପା ଫସଲ

ବୀରମହାରାଜପୁର,୨୦।୧୨ (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କପା ଚାଷ ପାଇଁ ସୁଖ୍ୟାତି ଆଣିଦେଇଛି। ଗତ କିଛିବର୍ଷ ତଳେ ଅଞ୍ଚଳର ଅଳ୍ପ କେତେକ ଚାଷୀ ଆନ୍ଧ୍ରା ଚାଷୀଙ୍କ ସହଯୋଗ ଓ ସହାୟତାରେ ଚାଷ ଆରମ୍ଭ କରି ଲାଭବାନ୍ ହୋଇଥିବା ବେଳେ କ୍ରମଶଃ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହା ଦ୍ୱାରା ଉଜୁଡା ଜମି ଏବେ ଧଳାହୀରା କୁହାଯାଉଥିବା କପା ଫସଲରେ ହସି ଉଠୁଛି, ଏବଂ ସ୍ଥାନୀୟ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଘଟାଇବାରେ ସହାୟକ ହୋଇଛି। ଚଳିତ ବର୍ଷ ବୀରମହାରାଜପୁର କୃଷି ଜିଲାର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ପ୍ରାୟ ୧୦ ହଜାର ଏକର ଜମିରେ କପା ଚାଷ ହୋଇଥିବା ଆକଳନ କରାଯାଇଛି। ଏହି କ୍ରମରେ ବୀରମହାରାଜପୁର ବ୍ଲକର ଜଟେସିଂଘା,ବାଗବର, ସୁବଲୟା, ପିତାମହୁଲ, ମୁର୍ଷୁଣୀ, ଖଣ୍ଡହୋତା, ଲୁତୁରପଙ୍କ, ବହଲପଦର, ଦୁର୍ଜନତୈଲା ତଥା ଉଲୁଣ୍ଡା ବ୍ଲକର କଳାପଥର, ଜାଲୋଏ, ମହଦା, ଉଲୁଣ୍ଡା, ଖେମାଲୋଏ ପଞ୍ଚାୟତର ବହୁ ଜମିରେ ବର୍ଷ କପା ଚାଷ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ଅର୍ଦ୍ଧେକ ଫସଲ ଅମଳ ହୋଇଥିବା ବେଳେ ବାକିତକ ଲଘୁଚାପ ଜନିତ ବର୍ଷାରେ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ପରବର୍ତ୍ତୀ ଅମଳ ପାଇଁ ଆଶା ବାନ୍ଧି ରହିଥିବା ଅଞ୍ଚଳର ଶତାଧିକ କପା ଚାଷୀ ହତାସ ହୋଇ ପଡିଛନ୍ତି। ଅନ୍ୟପକ୍ଷେ ବଡଖମାରଠାରେ ଖୋଲା ଯାଇଥିବା କପାମଣ୍ଡିର ପରିଚାଳନା ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ମିଲର୍ସଙ୍କଠାରୁ ବିକ୍ରି ଲବ୍ଧ ପ୍ରାପ୍ୟ ଠିକ୍ ସମୟରେ ପାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

### କପାଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ବୀରମହାରାଜପୁର,୨୦।୧୨(ଡି.ଏନ୍.ଏ.): ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ କପାର ଗ୍ରେଡିଂ(ଶ୍ରେଣୀ କରଣ) ଏବଂ ମାର୍କେଟିଂ(ବିକ୍ରି) ସମ୍ପର୍କିତ ଏକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ପ୍ରସାନ୍ତ କୁମାର ଶତପଥୀ ଏହାର ଉଦ୍‌ଘାଟନ କରିବା ସହ କପା ଚାଷ ପାଇଁ ଅଞ୍ଚଳର ମାଟି ଉପଯୋଗୀ ହୋଇଥିବାରୁ ଉନ୍ନତ ପ୍ରଣାଳିରେ ଏହାର ପ୍ରସାର ଘଟାଇବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ସହକାରୀ କୃଷି ଅଧିକାରୀ ତଥା ବିଟିଟି କନ୍‌ଭେନର କାଳିନ୍ଦୀ ପରିଡା କପା ଫସଲରେ ସମନ୍ୱିତ ରୋଗପୋକ, ପରିଚାଳନା, ଜୈବ ନିୟନ୍ତ୍ରଣ ପଦ୍ଧତି, ରାସାୟନିକ ପଦ୍ଧତି, କପା ଫସଲରେ ବାସ କରୁଥିବା ଉପକାରୀ କୀଟ ଓ ଅପକାରୀ ପୋକର ନିୟନ୍ତ୍ରଣ ସମ୍ପର୍କରେ ବୁଝାଇଥିଲେ। ସେହିପରି କୃଷି(କପା) ବିଶେଷଜ୍ଞ ସୋମନାଥ ମହାପାତ୍ର କପାର ଅମଳ ଓ ପରବର୍ତ୍ତୀ ଯତ୍ନ, ପରିବହନ ଓ ବିକ୍ରି, ଏହାର ମାନ ନିର୍ଦ୍ଧାରଣ ଏବଂ ଶ୍ରେଣୀ କରଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ଶିବିର ପରିଚାଳନା କରିବା ସହ କପା ଚାଷ ପାଇଁ ମୃତ୍ତିକା ଓ ବିହନ ବିଶୋଧନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କପାମିଲ୍‌କୁ କ୍ଷେତ୍ର ପରିଦର୍ଶନରେ ଯାଇଥିବା ଅଗ୍ରଣୀ ଚାଷୀ ସେମାନଙ୍କ ଅନୁଭୂତି କହିଥିଲେ। ବିଭାଗ ପକ୍ଷରୁ କୃଷି ଅଭରସିୟର ଦଶମନ୍ତ ନାଏକ, କୃଷି କର୍ମଚାରୀ ମନୋଜ ଅମାତ, କୃଷକ ସାଥୀ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

ସୁବର୍ଣ୍ଣପୁରରେ ନିଯୁକ୍ତି ମେଳା

# ୩୪୭ଜଣଙ୍କୁ ସ୍ୱଳ୍ପକାଳୀନ ତାଲିମ, ୩୨୪ଙ୍କୁ ନିଯୁକ୍ତି

ସୋନପୁର,୨୦।୧୨(ନି.ପ୍ର.)



ନିଯୁକ୍ତି ମେଳାରେ ଜିଲାପାଳ ଓ ଅନ୍ୟ ଅତିଥି ବୃନ୍ଦ ।

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଭୀମଭୋଇ କଳା ମଣ୍ଡପ ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଆୟୋଜିତ ହୋଇଯାଇଛି । ନିଯୁକ୍ତି ମେଳାରେ ଚାକିରୀ ସନ୍ଧାନରେ ଥିବା ୩୪୭ଜଣ ଯୁବତୀଯୁବକଙ୍କୁ ସ୍ୱଳ୍ପ କାଳିନ ତାଲିମ ପରେ ନିଯୁକ୍ତି ପ୍ରଦାନ ଓ ୩୨୪ଜଣଙ୍କୁ କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ପାଇଁ କଲ ଲେଟର ପଠାଯିବ । ଏୟାରଫୋର୍ସ, ପଲିଟେକ୍‌ନିକ୍ ଓ ଆଇଟିଆଇ ଭଳି ସରକାରୀ ସଂସ୍ଥା ମେଳାରେ ସାମିଲ ହୋଇଥିଲେ । ସରକାରୀ ସଂସ୍ଥା ଗୁଡିକ ୧୬୩ଜଣଙ୍କୁ ତାଲିମ ପାଇଁ ରାଜି ହୋଇଛନ୍ତି । ରାଜ୍ୟ ଓ ରାଜ୍ୟ ବାହାରର ୧୯ଟି ନିଯୁକ୍ତି ଦାତା, ୧୨ଟି ତାଲିମ ପ୍ରଦାନକାରୀ ସଂସ୍ଥା ଓ ୫ଟି ସରକାରୀ ସଂସ୍ଥା ମେଳାରେ ଯୋଗଦେଇଥିଲେ। ମେଳାରେ ଅଂଶଗ୍ରହଣ ପାଇଁ ୧୮ରୁ ୩୫ ବର୍ଷ ମଧ୍ୟରେ ୫ମ ପାସ ଠାରୁ ସ୍ନାତକ ତଥା ଆଇଟିଆଇ ପାସ କରିଥିବା ଓ ପାଠ୍ୟକ୍ରମ ମଝିରୁ ଛାଡିଥିବା ୧୦୪୮ଯୁବତୀଯୁବକ ନିଜର ନାମ ପଞ୍ଜୀକରଣ କରାଇଥିଲେ । ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଆଗ୍ରହୀ ବେକାର ଯୁବତୀଯୁବକଙ୍କୁ ମେଳା ପାଇଁ ପ୍ରବେଶ ପତ୍ର ମିଳିଥିଲା । ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଏସ୍‌ପି ଦେବୀପ୍ରସାଦ ଦାଶ, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ସମ୍ବଲପୁର ସ୍ଥିତ କର୍ମ ନିୟୋଜନ କାର୍ଯ୍ୟାଳୟର ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ନନ୍ଦ କିଶୋର ଦାସ, ଏୟାରଫୋର୍ସର ଉଇଙ୍ଗ କମାଣ୍ଡର ରବିନ୍ଦର ସିଂ ରାୱତ, ଡିଆଇପିଆରଓ ଅଶୋକ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲାର ଯୁବତୀଯୁବକ କର୍ମ ନିଯୁକ୍ତି ପାଇଁ ଆଗ୍ରହର ସହ ନିଜର ଶିକ୍ଷାଗତ, ଜାତିଗତ ଓ ବାସିନ୍ଦା ପ୍ରମାଣପତ୍ର ସହ ମେଳାରେ ଅଂଶଗ୍ରହଣ କରିଥିଲେ ।

### ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି

ଡୁଙ୍ଗୁରିପାଲି,୨୦।୧୨(ଡି.ଏନ.ଏ.)

ଡିସେମ୍ବର ୨୫ରେ ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିପାଇଁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ କାର୍ଯ୍ୟବାହ ବଦ୍ରିନାଥ ପଣ୍ଡାଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକସ୍ତରୀୟ ସମ୍ମିଳନୀ ସମେତ ଆସନ୍ତା ୩୦ତାରିଖରେ ବଲାଙ୍ଗୀରରେ ଆୟୋଜିତ ବିଶାଳ ହିନ୍ଦୁ ସମ୍ମିଳନୀକୁ ସଫଳ କରିବା ପାଇଁ ଆଲୋଚନା ହୋଇଥିଲା । ବୈଠକରେ ବିଭାଗ ପ୍ରଚାରକ ପ୍ରଣବ ଭାଇ, ରାଧାବଲ୍ଲଭ ଷଡଙ୍ଗୀ, ଆଇନଜୀବୀ ଶଙ୍କର ପ୍ରଧାନ, ବିହାରୀ ପ୍ରଧାନ, ଭାରତୀୟ କିଷାନ ସଂଘର ଜିଲା ସଭାପତି ଦୀନବନ୍ଧୁ ଖମାରୀ, ଉପସଭାପତି ବଳିଷ୍ଠ ପଧାନ, ସମ୍ପାଦକ ମହାଦେବ ଗଡତ୍ୟା, ଇଂ ମନୋରଞ୍ଜନ ନାୟକ, ଶାଶ୍ୱତ ହୋତା, ବି ବିଷ୍ଣୁମୂର୍ତ୍ତି ଓ ପରେଶ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇପାସ ଦାବି ନେଇ ମନମୁଣ୍ଡା ବନ୍ଦ ଆଜି

ମନମୁଣ୍ଡା, ୨୦।୧୨ (ଡି.ଏନ.ଏ)

ବୌଦ୍ଧ ଜିଲାର ମନମୁଣ୍ଡା ବାଇପାସ କାମ ତ୍ୱରାନ୍ୱିତ କରାଯିବା ଦାବି ନେଇ ଶୁକ୍ରବାର ମନମୁଣ୍ଡାରେ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଏହି ଦିନ ସମସ୍ତ ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ, ବେସରକାରୀ ଅଫିସ୍ ବନ୍ଦ ରଖାଯିବ । ସମସ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରଖାଯିବାକୁ ପୋଷ୍ଟର ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ତେବେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା କିମ୍ବା ସାକ୍ଷାତ୍‌କାର ଥିଲେ ପ୍ରମାଣପତ୍ର ଦେଖାଇଲେ ଛଡାଯିବ । ଜରୁରୀକାଳୀନ ଦମକଳ, ଆମ୍ବୁଲାନ୍ସ, ରୋଗୀବାହକ ପ୍ରାଇଭେଟ ଗାଡି, ଦୁଗ୍ଧଗାଡି ତଥା ମିଡିଆ ଗାଡି ଚଳାଚଳକୁ ବନ୍ଦରୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଛି।

ସୂଚନାଯୋଗ୍ୟ, ୨୦୧୬ରେ ଏହି ବାଇପାସ ପାଇଁ ଜମି ଅଧିଗ୍ରହଣ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା । ଅଦ୍ୟାବଧି ପ୍ରାୟ ୭୫ ପ୍ରତିଶତ ଜମି ଅଧିଗ୍ରହଣ ସରିଥିବା ବେଳେ ୨୫ ପ୍ରତିଶତ ବକେୟା ରହିଛି । ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଟେଣ୍ଡର ହୋଇ ବାଇପାସ କାମ ଆରମ୍ଭ କରାଯାଇଥିଲା । ୨୦୧୭ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବାକୁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଠିକାଦାର କାମ ଅଧାପନ୍ତରିଆ କରି ଛାଡି ପଳାଇଯାଇଛି । କାରଣ ବୁଝିବାରେ ଜମି ଅଧିଗ୍ରହଣ ଅସମ୍ପୂର୍ଣ୍ଣ ବୋଲି ଜାଣିବାକୁ ମିଳିଛି । କ୍ଷତିଗ୍ରସ୍ତ ହେବାକୁ ଥିବା ପରିବାର ଜମି ଦେବାକୁ ରାଜି ଓ ପିଡବ୍ଲୁଡି କିଣିବାକୁ ପ୍ରସ୍ତୁତ ଥିବା ବେଳେ ପ୍ରଶାସନ ଆନ୍ତରିକତା ନ ଦେଖାଇବାରୁ ଏହି କମ ବିଳମ୍ବିତ ହେଉଛି । ତେବେ ୨୦ ତାରିଖ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ଓ କାମ ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଗତ ୬ତାରିଖରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହି ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନର ଧମକ ଦେଇଥିଲେ ।

### ଚାରିଶମ୍ଭୁ ମହୋତ୍ସବ ପ୍ରସ୍ତୁତି ବୈଠକ

**ଜହ୍ନାପଙ୍କ, ୨୦।୧୨ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଐତିହାସିକ ଗନ୍ଧରାଡି ପୀଠ ପ୍ରାଙ୍ଗଣରେ ପ୍ରଫେସର ହୃଷୀକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚାରିଶମ୍ଭୁ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାରିଶମ୍ଭୁ ମହୋତ୍ସବ ୨ଦିନ ହେବ ଏବଂ ଏହା ଫେବୃୟାରୀ ମାସରେ କରିବାକୁ ପ୍ରସ୍ତାବ ଗ୍ରହଣ କରାଗଲା। ବୈଠକରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ରଚରଣ ମହାନ୍ତି, ଭୋଳାଗିରି ସାହୁ, ମନୋରଞ୍ଜନ ପୁରୋହିତ, ସରପଞ୍ଚ ରାଜେନ୍ଦ୍ର ମେହେର, ସୁଶୀଲ କୁମାର ପାଣିଗ୍ରାହୀ, ହିମାଂଶୁ ଶେଖର ସାହୁ, ସ୍ୱାଧୀନ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ହୋତା, ଶମ୍ଭୁ ପ୍ରସାଦ ମେହେର, ପ୍ରଭାତ କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରମାଣପତ୍ର ନ ପାଇ ଫେରୁଛନ୍ତି ଦିବ୍ୟାଙ୍ଗ

ବୌଦ୍ଧ,୨୦।୧୨(ସ୍ୱ.ପ୍ର)


ପ୍ରମାଣ ପତ୍ର ନ ପାଇ ଫେରିଥିବା ଦିବ୍ୟାଙ୍ଗମାନେ।

ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଭିନ୍ନକ୍ଷମ ପ୍ରମାଣପତ୍ର ସଂଗ୍ରହ ପାଇଁ ଆସି ବହୁ ଦିବ୍ୟାଙ୍ଗ ହଇରାଣ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ମାସର ୨୦ ତାରିଖରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଗୁରୁବାର ଅନେକ ଦିବ୍ୟାଙ୍ଗ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ପ୍ରମାଣପତ୍ର ପାଇଁ ଭିଡ ଜମାଇଥିଲେ । କିନ୍ତୁ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ଆସି ନ ଥିବାରୁ ସେମାନଙ୍କୁ ଫେରିଯିବାକୁ କହିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସେମାନଙ୍କ ମଧ୍ୟରୁ ଅନେକ ଦିବ୍ୟାଙ୍ଗ ଶହେ କିଲୋମିଟର ଦୂରରୁ ଗାଡିଭଡା କରି ତିନିମାସ ହେଲା ୨୦ ତାରିଖରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ଆସୁଥିଲେ ମଧ୍ୟ ପ୍ରତିଥର ସେମାନଙ୍କୁ ଡାକ୍ତର ଆସି ନ ଥିବା କହି ଫେରାଇ ଦିଆଯାଉଥିବା ଅଭିଯୋଗ କରିଥିଲେ। ବୌଦ୍ଧ ବ୍ଲକ ବୁଢୀପଦର ଗ୍ରାମର ୭ ମାସର କନ୍ୟା ଗାୟତ୍ରୀ ଭରାସାଗର ଓ ହରଭଙ୍ଗା ବ୍ଲକ ଗଣ୍ଡିସର ଗ୍ରାମର ୧୦ ବର୍ଷର ଛାତ୍ର ସୁବ୍ରତ ଶେଖର ନାଏକ ମଧ୍ୟ ଦୁଇମାସ ହେଲା ଆସି ପ୍ରମାଣପତ୍ର ନ ପାଇ ଫେରିଥିବା ସେମାନଙ୍କ ଅଭିଭାବକ ପ୍ରକାଶ କରିଥିଲେ। ଏହାବ୍ୟତୀତ ହରଭଙ୍ଗା ବ୍ଲକର ନକୁଳ ମହରଣା(୪୩), କରଞ୍ଜକଟାର ଦିଲୀପ ମହାପାତ୍ର (୪୫), ଗଣ୍ଡିସର ଗ୍ରାମର ସପନ ବେହେରା(୬୫), ଅମ୍ବିକା ବେହେରା(୫୫), କଣ୍ଡିପଦର ଗ୍ରାମର ବୀରକିଶୋର ବେହରା(୪୩), କେଲାକଟା ଗ୍ରାମର ଝରିଆ ନାଏକ(୫୨) ଏବଂ ବୌଦ୍ଧ ବ୍ଲକ ଜମଟାଙ୍ଗି ଗ୍ରାମର କୁମୁଦ ଝାଙ୍କର, ପଦମପୁର ଗ୍ରାମର ଶୋଭାଗିନୀ ପ୍ରଧାନ(୪୦), ଚନ୍ଦ୍ରପୁର ଗ୍ରାମର ନବୀନ ରଣା(୪୨) ଓ ନୂଆପାଲି ଗ୍ରାମର ଚାପଧାରୀ ମାଝୀ ପ୍ରମୁଖ ପ୍ରମାଣପତ୍ର ନ ପାଇ ନିରାଶ ହୋଇ ଫେରିଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଅନ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ଦିବ୍ୟାଙ୍ଗମାନଙ୍କୁ ପ୍ରମାଣପତ୍ର ଦେବାକୁ ସେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ବେଳକୁ ଅନେକ ଦିବ୍ୟାଙ୍ଗ ନିରାଶ ହୋଇ ଘରକୁ ଫେରିଯାଇଥିବା ଜଣାପଡିଛି ।

## ଫୁଟବଲ ଟୁର୍ନାମେଣ୍ଟ, ସେମିରେ ଆଠମଲ୍ଲିକ

ସୋନପୁର,୨୦।୧୨(ନି.ପ୍ର.)


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି ଓ ରେଫରି ।

ସୋନପୁର ରୟାଲ ପଡିଆଠାରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଆଠମଲ୍ଲିକ ଗୋଲ୍ଡେନ କ୍ଲବ ବିଜୟୀ ହୋଇଛି । ପୁଲ ବି ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁର୍ଲା ସ୍ପୋର୍ଟିଂ ଓ ଆଠମଲ୍ଲିକ ଗୋଲ୍ଡେନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ଦଳ ୨-୦ଗୋଲରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନିତ ହୋଇଛି। ଆଠମଲ୍ଲିକର ପୋଇଦା ମାହାର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସଞ୍ଜିବ ମାହାର ବେଷ୍ଟ ଗୋଲକିପର, ସଂଗ୍ରାମ ଅମାତ ବେଷ୍ଟ ମିଡଫିଲ୍ଡର ଓ ବୁର୍ଲାର ନିଲୁ ବାଗଙ୍କୁ ବେଷ୍ଟ ଡିଫେଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା । ରାଜେଶ ଥନାପତି, ସଞ୍ଜୟ ସାହୁ, ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା ଓ ବାବୁଲାଲ ସାହୁ ଖେଳ ପରିଚାଳନା କରିଥିଲେ । ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରିଥିଲେ। ଡିଏଲସି ଡ. ପ୍ରଫୁଲ୍ଲ ରଥ, ଜଗନ୍ନାଥ ତ୍ରିପାଠୀ, ନିଶାନ୍ତ ମହାନ୍ତି ଓ ସୁବ୍ରତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାକେଶ ନାଗ, ପିତବାସ ଭୋଇ ଓ ଅକ୍ଷୟ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ରୟାଲ ସ୍ପୋର୍ଟିଂ କ୍ଲବର ରାଜୀବ ପଟ୍ଟନାୟକ, ଲିପୁନ ପ୍ରଧାନ, ସୁରଜ ବାଗ, ଗଣେଷ ବାରିକ, ସବ୍ୟ ମିଶ୍ର, ଶିଶିର ମହାନ୍ତି, କୋସବ ସାହୁ ଓ ସଞ୍ଜୟ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ ଆଜି

## ଆତ୍ମୋତ୍ସର୍ଗ ଦିବସ ଉଦ୍‌ଘାଟନ କରିବେ ନବୀନ

ଝାରସୁଗୁଡ଼ା ଅଫିସ/କୋଲାବିରା, (ଡି.ଏନ୍.ଏ.)୨୦।୧୨

ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ 'ଆତ୍ମୋତ୍ସର୍ଗ ଦିବସ' ରୂପେ ପାଳନ କରାଯାଉଛି। ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ୨୧ରୁ ୨୩ ତାରିଖ ଯାଏ ଏହି ସମାରୋହ ପାଳନ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ଏକ ବିମାନରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରି ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ପୁରୁଣା ଫରେଷ୍ଟ ଅଫିସ ପଛପାର୍ଶ୍ୱ ପଡ଼ିଆରେ ଅବତରଣ କରିବେ। ସେଠାରେ ୪୫୦.୦୨ କୋଟି ଟଙ୍କାର ୧୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ୧୧.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଯୋଗଦେବେ। ଅପରାହ୍ନ ୧ଟା ୪୫ରେ ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

ସୋନପୁର,୨୦।୧୨(ନି.ପ୍ର.)



କଂଗ୍ରେସ ନେତୃବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସୁବର୍ଣ୍ଣପୁର ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଓଡିଶା ପାୱାର ଟ୍ରାନ୍ସମିଶନ କୋର୍ପୋରେଶନ ଲିମିଟେଡ(ଓପିଟିସିଏଲ) ଜିଲା ସଦର ମହକୁମାରେ ସକାଳ ୬ଟାରୁ ୭ଟା ଓ ସନ୍ଧ୍ୟାରେ ୫ରୁ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରୁଛି । ଗ୍ରାମାଞ୍ଚଳରେ ଅଧିକ ସମୟ ବିଦ୍ୟୁତ୍ କାଟ୍ ହେଉଛି । ତରଭା ବ୍ଲକ ଏବଂ ସୋନପୁର ବ୍ଲକର ବଲାଡି, ନାରାୟଣପୁର ଓ ଖାରୀ ଭଳି ପଞ୍ଚାୟତରେ ଦିନେ ଦୁଇ ଦିନ ଲେଖାଏଁ ବିଦ୍ୟୁତ୍ କାଟ୍ ହେଉଥିବାରୁ ଜନସାଧାରଣ ଅତିଷ୍ଠ ହେଲେଣି। ଗୁରୁବାର ସୋନପୁର ନଗର କଂଗ୍ରେସ କମିଟି ପକ୍ଷରୁ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଛାତ୍ରୀଛାତ୍ର ପାଠ ପଢାରେ ଅସୁବିଧା ଭୋଗୁଥିବାରୁ ସୋନପୁର ସହରରେ ବିଦ୍ୟୁତ୍ କାଟ୍ ବନ୍ଦ ନ କରିବାକୁ ପରାମର୍ଶ ଦିଆଯାଇଛି । ଆସନ୍ତା ୭ଦିନ ମଧ୍ୟରେ ବିଦ୍ୟୁତ୍ କାଟ୍ ବନ୍ଦ ନ ହେଲେ ଆନ୍ଦୋଳନ କରିବାକୁ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ଅଜିତ ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ । ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ଟାଉନ କଂଗ୍ରେସ ସଭାପତି ସୁଧୀର ପଣ୍ଡା, ନରଦେବ ଭୋଇ, ଶେଷଦେବ ମେହେର, ବରୁଣ ସୁନା, ସୁମିତ ପୂଜାରୀ, ନିମାଇଁ ପାଣିଗ୍ରାହୀ ଓ ବନ୍ଧ ବିହାରୀ ନାଏକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ଦିଗଶିରା ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ

ଡୁଙ୍ଗୁରିପାଲି,୨୦।୧୨(ଡି.ଏନ୍.ଏ.)


ଦିଗଶିରା ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଉପସ୍ଥିତ କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମରେ ଜାନୁୟାରୀ ୨ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଦଶମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଗୁରୁବାର କଂସ ବରଣ ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ପରିକ୍ରମା କରି ଯାତ୍ରା ପଡିଆରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ କଂସ ଭୂମିକାରେ ବରଗଡ଼ ଜିଲା ଦେଓଗାଁ ଗ୍ରାମର ଜଗଦାନନ୍ଦ ମିଶ୍ରଙ୍କୁ ଅଭିନୟ କରିବାକୁ ଯାତ୍ରା କମିଟି ତଥା ଗ୍ରାମବାସୀଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ତଥା ଦିଗଶିରା ସରପଞ୍ଚ ଲବ ମେହେରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧନୁଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ଯାତ୍ରା କମିଟି ସମ୍ପାଦକ ସହଦେବ ପଧାନ, ଆନନ୍ଦ ସାହୁ, ଦୁଃଖୁ ବାରିକ, ଚୂଡାମଣି ପୁଟେଲ, ସୁଦାମ ସୁନା, ବ୍ରଜ ସାଗର, ନିରଞ୍ଜନ ପୁଟେଲ, ଗଣେଶ ମେହେର, ମହେଶ୍ୱର ଭୁକ୍ତାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ତେବେ ଯାତ୍ରା ପଡିଆକୁ ମଥୁରା ନଗରି ଭାବେ ରଖା ଯାଇଥିବା ବେଳେ ଗଡତିଆପଡାକୁ ଗୋପପୁର ଭାବେ ରଖାଯାଇଛି। ଶେଷରେ ଦୀନବନ୍ଧୁ ସୁନା ଧନ୍ୟବାଦ ଜ୍ଞାପନ କରିଥିଲେ।



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡ଼ିବ ନାହିଁ।

- ଏଡ୍‌ୱିନ୍ ହବେଲ ଚାପିନ୍

## ସଂକ୍ଷେପରେ

### ରୌପ୍ୟଜୟନ୍ତୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୨୦।୧୨(ଡି.ଏନ.ଏ.):** ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ସରକାରୀ ହାଇସ୍କୁଲଠାରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଶୋକ କୁମାର ରଥଙ୍କ ପରିଚାଳନା ତଥା କମିଟି ସଭାପତି ପରମେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜାନୁୟାରୀ ମାସ୧୮,୧୯ ଓ ୨୦ରେ ହେବାକୁ ଥିବା ରୌପ୍ୟ ଜୟନ୍ତୀ ପାଳନ ପାଇଁ ବିଭିନ୍ନ କମିଟି ଗଠନ କରାଯିବା ସହ କିପରି ଉତ୍ସବକୁ ଆଡମ୍ବରପୂର୍ଣ୍ଣ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି କିପରି ଶାନ୍ତିଶୃଙ୍ଖଳାରେ ଉତ୍ସବ ସମାପନ ହେବ ସେ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଆବାହକ ବିଦୁ ଭୂଷଣ ସାହୁ, କମିଟି ଉପ-ସଭାପତି ବିକ୍ରମ ସାହୁ, ସହ-ସମ୍ପାଦକ ଅର୍ଜୁନ ସାହୁ, କୋଷାଧକ୍ଷ ସିତାଂଶୁ ମିଶ୍ର ତଥା କମିଟିର ସମସ୍ତ କର୍ମକର୍ତ୍ତା ଓ ପୁରଣା ଛାତ୍ରମାନେ ଉପସ୍ଥିତଥିଲେ ।



### ମହାଲକ୍ଷ୍ମୀ ପୂଜା ଅବସରରେ ରାମାୟଣ ପାରାୟଣ

**ଦେଓଗାଁ, ୨୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମେହେରପଡାଠାରେ ବୁଧବାରଠାରୁ ମହାଲକ୍ଷ୍ମୀ ପୂଜା ମହାସମାରୋହରେ ଆରମ୍ଭ ହୋଇଛି । ଏହି ଅବସରରେ ଗୁରୁବାର ଏକ ଦିବସୀୟ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ବ୍ୟାସ ଭାବେ ପଶ୍ଚିମ ଓଡିଶାର ପ୍ରଖ୍ୟାତ ଗାୟିକା ବନ୍ଦିତା ନାୟକ ଓ ସାଥି ଯୋଗଦେଇଥିଲେ । ଏହି ଅବସରରେ ଜରାସିଂହା ସମେତ ଆଖପାଖ ଅଞ୍ଚଳର ଶହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ମେହେରପଡା ଲକ୍ଷ୍ମୀପୂଜା ପରିଚାଳନା କମିଟି ଆୟୋଜନରେ ଚାଲିଥିବା ପୂଜାରେ ମୁଖ୍ୟକର୍ତ୍ତା ଭାବେ ଅକ୍ଷୟ ମେହେର ଓ ସାବିତ୍ରୀ ମେହେର, ସହକର୍ତ୍ତା ସୁରେଶ ମେହେର ଓ ଯଶୋଦା ମେହେର, ଅନନ୍ତ ମେହେର ଓ ଗାୟତ୍ରୀ ମେହେର, କୁଶମଣି ମେହେର ଓ ରିଙ୍କି ମେହେର ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ବୁଧବାର ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇ ପୂଜା ଆରମ୍ଭ ହୋଇଥିବାବେଳେ ୨୩ରେ ମା'ଙ୍କ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ । ମହାଲକ୍ଷ୍ମୀ ପୂଜନୋତ୍ସବକୁ କମିଟି ସଭାପତି ଦେବପ୍ରସାଦ ମେହେର, ଉପସଭାପତି କରୁଣାକର ମେହେର, ସମ୍ପାଦକ ବିଶି କେଶନ ମେହେର, ଗୋବିନ୍ଦ ମେହେର, ଗୋପାଳ ମେହେର, ଲଳିତ ମେହେର, ସଛି ମେହେର ତଥା ସମସ୍ତ କମିଟି ସଦସ୍ୟ ସହଯୋଗ କରୁଛନ୍ତି ।

### ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

**ସୋନପୁର,୨୦।୧୨(ନି.ପ୍ର.):** ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ସୁବର୍ଣ୍ଣପୁର ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି । ଓଡିଶା ପାୱାର ଟ୍ରାନ୍ସମିଶନ କୋର୍ପୋରେଶନ ଲିମିଟେଡ(ଓପିଟିସିଏଲ) ଜିଲା ସଦର ମହକୁମାରେ ସକାଳ ୬ଟାରୁ ୭ଟା ଓ ସନ୍ଧ୍ୟାରେ ୫ରୁ ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରୁଛି । ଗ୍ରାମାଞ୍ଚଳରେ ଅଧିକ ସମୟ ବିଦ୍ୟୁତ୍ କାଟ୍ ହେଉଛି । ତରଭା ବ୍ଲକ ଏବଂ ସୋନପୁର ବ୍ଲକର ବଲାଡି, ନାରାୟଣପୁର ଓ ଖାରୀ ଭଳି ପଞ୍ଚାୟତରେ ଦିନେ ଦୁଇ ଦିନ ଲେଖାଏଁ ବିଦ୍ୟୁତ୍ କାଟ୍ ହେଉଥିବାରୁ ଜନସାଧାରଣ ଅତିଷ୍ଠ ହେଲେଣି । ଗୁରୁବାର ସୋନପୁର ନଗର କଂଗ୍ରେସ କମିଟି ପକ୍ଷରୁ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ର ପାଠ ପଢାରେ ଅସୁବିଧା ଭୋଗୁଥିବାରୁ ସୋନପୁର ସହରରେ ବିଦ୍ୟୁତ୍ କାଟ୍ ବନ୍ଦ ନ କରିବାକୁ ପରାମର୍ଶ ଦିଆଯାଇଛି। ଆସନ୍ତା ୭ଦିନ ମଧ୍ୟରେ ବିଦ୍ୟୁତ୍ କାଟ୍ ବନ୍ଦ ନ ହେଲେ ଆନ୍ଦୋଳନ କରିବାକୁ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ଅଜିତ ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ । ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶ, ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ଟାଉନ କଂଗ୍ରେସ ସଭାପତି ସୁଧୀର ପଣ୍ଡା, ନରଦେବ ଭୋଇ, ଶେଷଦେବ ମେହେର, ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।







ଟିଟିଲାଗଡ ସ୍ୱତନ୍ତ୍ର ଜିଲା ଗଠନ ଆନ୍ଦୋଳନ ୫୦ ଦିନରେ ପହଞ୍ଚିଛି (ବାମ)। କଣ୍ଟାବାଞ୍ଜି ଜିଲା ଗଠନ ଦାବିରେ ବିଧାୟକ ଆୟୁବ୍ ଖାନ୍ ୩୪ତମ ଦିନରେ ଧାରଣା ଦେଉଛନ୍ତି ।

ବଲାଙ୍ଗୀର ଜିଲାରେ ମାରାଥନ୍ ଆନ୍ଦୋଳନ

# ପ୍ରଶାସନ ଅଚଳ, ସରକାର ନୀରବ

**ବଲାଙ୍ଗୀର ଅଫିସ, ୨୦।୧୨**




ବଲାଙ୍ଗୀରରେ ୧୮ତମ ଦିନରେ ଆଇଟିଆଇ ଛାତ୍ରମାନେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନରେ ଯୋଗ ଦେଉଛନ୍ତି ।

**ବଲାଙ୍ଗୀର ଜିଲା**
- ୧୮ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ
- ୫୦ ଦିନରେ ଟିଟିଲାଗଡ ଜିଲା ଦାବି ଆନ୍ଦୋଳନ
- ୩୪ ଦିନରେ କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ
- ଉନ୍ନୟନ କାର୍ଯ୍ୟ ଠପ୍, ଅଡୁଆରେ ଚାଷୀ, ଚାକିରି ଆଶାୟୀ

ବଲାଙ୍ଗୀର ଜିଲାରେ ଏବେ ମାରାଥନ୍ ଆନ୍ଦୋଳନ ଚାଲିଛି । ଟିଟିଲାଗଡ ସ୍ୱତନ୍ତ୍ର ଜିଲା ଦାବିରେ ଚାଲିଥିବା ଆନ୍ଦୋଳନ ଗୁରୁବାର ୫୦ଦିନରେ ପହଞ୍ଚିଥିବାବେଳେ କଣ୍ଟାବାଞ୍ଜି ସ୍ୱତନ୍ତ୍ର ଜିଲା ଦାବି ଆନ୍ଦୋଳନ ୩୪ଦିନରେ ଓ ବଲାଙ୍ଗୀର ଜିଲା ସଦର ମହକୁମାରେ ଚାଲିଥିବା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ୧୮ ଦିନ ହେଲା ଜାରି ରହିଛି । ଏହି ମାରାଥନ୍ ଆନ୍ଦୋଳନ ଯୋଗୁ ଜିଲାରେ ପ୍ରଶାସନିକ କଳ ଏକ ପ୍ରକାର ଅଚଳ ହୋଇପଡିଛି। ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସବୁଠୁ ବେଶୀ ପ୍ରଭାବିତ ହେଉଛନ୍ତି ଜିଲାର ଶିକ୍ଷିତ ବେକାର ଯୁବତୀଯୁବକ ଓ ଚିକିତ୍ସା ସହାୟତା ପାଇବାକୁ ଥିବା ରୋଗୀ । ଏତେ ଦିନ ଧରି ଜିଲାରେ ମାରାଥନ୍ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସରକାର କୌଣସି ଆନ୍ଦୋଳନକାରୀଙ୍କ ସହ ପଦଟିଏ କଥା ନ ହେବା ଆନ୍ଦୋଳନକାରୀଙ୍କୁ ଚକିତ କରିଦେଇଛି । ସରକାରଙ୍କ ଏଭଳି ଉଦାସୀନତା ଓ ହେୟଜ୍ଞାନ ପ୍ରତିବାଦରେ ଅସନ୍ତୁଷ୍ଟ ଆନ୍ଦୋଳନକାରୀମାନେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ନିଷ୍ପତ୍ତି ନେଉଛନ୍ତି ପଛେ ହଟିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ରୋକ୍‌ଠୋକ୍ ଶୁଣାଇଲେଣି । ଚଳିତବର୍ଷ ମରୁଡି, ଚକଡା ଓ ପେଥାଇ ପ୍ରଭାବରେ ଜିଲାର ଚାଷୀଙ୍କ ଅବସ୍ଥା କହିଲେ ନ ସରେ । ଏଭଳି ପରିସ୍ଥିତିରେ ପ୍ରଶାସନିକ କଳ ଜିଲାରେ ଫସଲ କ୍ଷୟକ୍ଷତି ଆକଳନ କରିବା ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ସଂକ୍ରାନ୍ତୀୟ ରିପୋର୍ଟ ପ୍ରସ୍ତୁତ କରିବା ଏକ ବଡ ଦାୟିତ୍ୱ । ତେବେ ଏଭଳି ସମୟରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ପାଇଁ ଦୀର୍ଘ ୧୮ଦିନ ହେବ ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ, ସବ୍‌ରେଜିଷ୍ଟ୍ରି ଓ ଯୋଗାଣ ଅଫିସ ବନ୍ଦ ରହିଛି । ସେହିପରି ଟିଟିଲାଗଡରେ ସ୍ୱତନ୍ତ୍ର ଜିଲା ଦାବିରେ ଦୀର୍ଘ ୫୦ଦିନ ହେବ ସମସ୍ତ ସରକାରୀ ଅଫିସ ବନ୍ଦ ରହିଛି । ଏହା ସହିତ ଜିଲାରେ କୋର୍ଟ କଚେରୀ କାର୍ଯ୍ୟ ମଧ୍ୟ ବନ୍ଦ ରହିଛି । ଏଭଳି ମାରାଥନ୍ ବନ୍ଦ ଓ ଆନ୍ଦୋଳନ ଯୋଗୁ ଜିଲାରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡିଥିବାରୁ ଜିଲାର ଜନସାଧାରଣ ଘୋର ହଇରାଣ ହରକତ ହେଉଛନ୍ତି। ୨୦୧୭ର ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ବୀମା କମ୍ପାନୀର ଅନିୟମିତତା କରିଥିବା ଅଭିଯୋଗ ହୋଇଛି । ଏହି କାରଣରୁ ବହୁ ଚାଷୀ ଉପଯୁକ୍ତ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଜିଲାପାଳ ସମସ୍ତ କାର୍ଯ୍ୟକ୍ରମର ସୁଚାରୁ ନିରୀକ୍ଷଣ କରିପାରୁ ନ ଥିବା ଜଣାପଡିଛି । ତହସିଲ ଅଫିସ ଦୀର୍ଘ ଦିନ ବନ୍ଦ ରହିଥିବାରୁ ଜିଲାର ଚାକିରୀ ଆଶାୟୀ ଓ ବହୁ ବୃତ୍ତିଗତ ପରୀକ୍ଷା ଦେବାକୁ ଥିବା ଯୁବତୀ, ଯୁବକ ଆବଶ୍ୟକ ପ୍ରମାଣପତ୍ର ପାଇ ନ ପାରି ଘୋର ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି । ଏହା ସହ ସରକାରୀ ସହାୟତା ଆଶା ରଖିଥିବା ରୋଗୀ ଓ ଗରିବ ଲୋକମାନେ ମଧ୍ୟ ଘୋର ହଇରାଣ ହରକତ ହେଉଛନ୍ତି । ତେବେ କିଛି ଦିନ ହେବ ଜିଲା ଜରୁରୀ କାର୍ଯ୍ୟାଳୟ, ନିର୍ବାଚନ ଓ ଭିଡିଓ କନ୍‌ଫରେନ୍ସିଂକୁ କୋହଳ କରାଯାଇଥିବାରୁ ସାମାନ୍ୟ କିଛି କାମ ହେଉଥିବା ଜଣାପଡିଛି । ତେବେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠ ଚାଲୁ ନ ଥିବାରୁ ଗରିବ ଶ୍ରେଣୀର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଜଣାପଡିଛି । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଐତିହାସିକ ଭିତ୍ତିଭୂମି ଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ଘୋଷଣା କରୁ ନ ଥିବା ଦୁର୍ଭାଗ୍ୟଜନକ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି କହିଛନ୍ତି । ସ୍ୱାଧୀନତା ପର ଠାରୁ ଟିଟିଲାଗଡ ଜିଲା ଦାବି କଥା ଉଠାଯାଇଆସୁଛି । ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଏ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ଟିଟିଲାଗଡ ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି । ସେହିପରି କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ପକ୍ଷରୁ କଣ୍ଟାବାଞ୍ଜି ଜିଲା ଗଠନ ଦାବି କରାଯାଇ ଏ ଦିଗରେ କୌଣସି ସରକାରୀ ଘୋଷଣାନାମା କରାଯାଉ ନ ଥିବାରୁ ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ତେବେ ସରକାର ପ୍ରଶାସନିକ କଳକୁ ଶୀଘ୍ର ସଚଳ କରିବା ଦିଗରେ ପଦକ୍ଷେପ ନ ନେଲ ଏହି ପଛୁଆ ଜିଲାରେ ନାନା ସମସ୍ୟା ଦେଖାଦେବା ସହ ଜନ ଅସନ୍ତୋଷ ଉଗ୍ର ହେବା ସୂଚନା ମିଳିଲାଣି ।

## ମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ ଆଜି

### ଆତ୍ମୋତ୍ସର୍ଗ ଦିବସ ଉଦ୍‌ଘାଟନ କରିବେ ନବୀନ

**ଝାରସୁଗୁଡ଼ା ଅଫିସ/କୋଲାବିରା, (ଡି.ଏନ୍.ଏ.)୨୦।୧୨**

ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ 'ଆତ୍ମୋତ୍ସର୍ଗ ଦିବସ' ରୂପେ ପାଳନ କରାଯାଉଛି । ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ୨୧ରୁ ୨୩ ତାରିଖ ଯାଏ ଏହି ସମାରୋହ ପାଳନ ହେବ । ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ । ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ଏକ ବିମାନରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରି ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ପୁରୁଣା ଫରେଷ୍ଟ ଅଫିସ ପଛପାର୍ଶ୍ୱ ପଡ଼ିଆରେ ଅବତରଣ କରିବେ । ସେଠାରେ ୪୫୦.୦୨ କୋଟି ଟଙ୍କାର ୧୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ୧୧.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଯୋଗଦେବେ । ଅପରାହ୍ନ ୧ଟା ୪୫ରେ ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି ।

### ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ତୁଙ୍ଗୁରିପାଲି,୨୦।୧୨(ଡି.ଏନ.ଏ.):** ଡିସେମ୍ବର ୨୫ରେ ତୁଙ୍ଗୁରିପାଲି ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିପାଇଁ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ କାର୍ଯ୍ୟବାହ ବଦ୍ରିନାଥ ପଣ୍ଡାଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି ।

## ନିସାହା ଆଇନାତେନ୍ ପାସେ ପୁହୁଁଚିଲା ପର୍‌ଶାସନ

**ଖପ୍ରାଖୋଲ,୨୦।୧୨(ଡି.ଏନ.ଏ)**

**ଧରିତ୍ରୀ ପ୍ରଭାବ**



ଦିବ୍ୟାଙ୍ଗ ଉପାସୀଙ୍କୁ ଭେଟି ହାଲ୍‌ଚାଲ ପଚାରି ବୁଝୁଛନ୍ ଥାନୀୟ ବିଡିଓ ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଁଚେତ ଝାଙ୍କରପାଲି ଗାଁର ନିସାହା ଆଇନାତେନ ପାସେ ପରଶାସନ ପୁହୁଁଚିଛେ । ଇ ବାବ୍‌ଦେ ଧରିତ୍ରୀ ଖବର କାଗଜରେ 'ବେସାହାରା ପାଲିଚିଛନ୍ତି ନାବାଲିକାଙ୍କ ସାହାରା' ଶୀରଷକ୍‌ରେ ଖବର ବାହାରିଥିଲା । ଖବର ବାହାରଲା ଉତାରୁ ଖପ୍ରାଖୋଲ ବିଡିଓ ତରଣୀ ସୁନା, ଜିପିଇଓ ସୁଶାନ୍ତ ପାଣି, ଝାଙ୍କରପାଲି ଗାଁରେ ପୁହୁଁଚି ନିସାହା ଆଇ ବୁଢ଼ୀ ଆର ତାକର ନାବାଲିକା ନାତେନକେ ଭେଟିଥିଲେ । ଉଭଏକଁରନୁ ତାକର ଦୁଖର କଥା ଶୁନଲା ଉତାରୁ ଅନ୍ତ୍ୟୋଦୟ ଯୋଜ୍‌ନାରେ ରାଶନ କାର୍ଡ ଯୁଗେଇ ଦେବାର ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ପକ୍କାଘର ଖଁଡେ ଯୁଗେଇ ଦେବାର କଥା ଦେଇଛନ୍ ବିଡିଓ । ସୂଚ୍‌ନା ହିସାବେ, ନାବାଲିକା ନିଲିମା ଆର ତାକର ବାପା ସୁଶୀଲ ଭୋଇ(୪୨) ଗଲା ବଛର ଦାଦନ ହିସାବେ ଇଟା କାମ୍ ଲାଗି ତେଲେଙ୍ଗାନା ଯାଇଥିଲା ବେଲେ ସେଠାନେ ଦୁରଘଟନାରେ ସୁଶୀଲକଁର ମୁରତୁ ହେଇଥିଲା । ବେସାହାରା ଝି ଉନିଆମାନକର ସଂଗେ ଜୁନ ମାସ ତକ୍ କାମକରି ଫିରିଥିଲେ । ଏହେଦେ ସେ ନିଜର ଦିବ୍ୟାଙ୍ଗ ଆଇବୁଢ଼ୀ ଉପାସୀ(୭୫)କଁର ସଂଗେ ବଡ଼ା ଦୁଖେକଷ୍‌ଟେ ଚଲୁଛନ୍ । ରାଶନ କାର୍ଡରେ ଆଇବୁଢ଼ୀ ଉପାସୀ ପାଉଥିବାର ମାସିକ ୫ କେ.ଜି. ଚାଉଲ ଆର ୩ଶହ ଟଁକା ଭତା ଆଇନାତେନ ଲାଗି ସବୁ ହେଇଛେ । ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲା ଉତାରୁ ଘଟନାଟା ଥାନୀୟ ପରଶାସନର ନଜରକେ ଆସିଥିଲା । ଇ ଦିଗେ ପରଶାସନ ତତ୍‌ପର ହେଇ ଆଇନାତେନକେ ଭେଟିଥିଲା । ଇ ବାବ୍‌ଦେ ବିଡିଓ ସୁନାକୁଁ ପଚରାଲାରୁ ମୁଇଁ ତାକର ଘରକେ ଯାଇ ଅସବିଧାଟା ଦେଖିକରି ଆସିଛେଁ, ନିସାହା ପରିବାରକେ ଅନ୍ତ୍ୟୋଦୟ କାର୍ଡ ଯୁଗେଇ ଦେବାର ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜ୍‌ନାରେ ସାମିଲ କରବାର ବେବସ୍‌ତା କରାଯିବା ବଲି ସେ କହିଥିଲେ ।

## ବଲାଙ୍ଗୀର ସହର ଉପକଣ୍ଠରେ ହାତୀପଲ

**ବଲାଙ୍ଗୀର ଅଫିସ,୨୦।୧୨**

ବଲାଙ୍ଗୀର ସହର ଉପକଣ୍ଠ କଦଳୀମୁଣ୍ଡା, ବିଜାଖମନ୍ ନିକଟରେ ଗୁରୁବାର ଅପରାହ୍ନରେ ହାତୀପଲ ଦେଖାଯିବା ପରେ ସହରରେ ଭୟର ବାତାବରଣ ଦେଖାଦେଇଛି । ଏହି ହାତୀପଲ ବଲାଙ୍ଗୀର-ଟିଟିଲାଗଡ ୨୬ନମ୍ବର ଜାତୀୟ ରାଜପଥ କଡରେ ଥିବା ଲୋକେ ଦେଖି ବନବିଭାଗକୁ ଖବର ଦେଇଥିଲେ । ହାତୀପଲ ଥିବା ଖବର ପ୍ରଚାରିତ ହେବା ପରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଲୋକେ ଯିବା ଆସିବା କରିବାକୁ ଭୟ ପ୍ରକାଶ କରିଥିଲେ । ତେବେ ବନବିଭାଗକୁ ଖବର ମିଳିବା ପରେ ଏହି ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ଏସିଏଫ୍ ବାବାଜୀ ଚରଣ ରାଉଳ କହିଛନ୍ତି । ଏହି ହାତୀପଲରେ ୪ଟି ହାତୀ ଥିବା ସୂଚନା ମିଳିଛି । ଏବେ ଜିଲାରେ ପ୍ରାୟ ୫୦ଟି ହାତୀ ବିଭିନ୍ନ ଅଞ୍ଚଳରେ ବୁଲୁଥିବା ଓ ଧାନ ଫସଲ ନଷ୍ଟ କରୁଥିବା ଖବର ମିଳିଛି ।

## ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ

**ବେଲପଡା,୨୦।୧୨(ଡି.ଏନ.ଏ.)**



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି ।

ବେଲପଡା ଆସ୍ଥା ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ପ୍ରିନ୍ସପାଲ ଗୋକୁଳାନନ୍ଦ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୋଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ପଢା ସାଙ୍ଗରେ ଖେଳର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ମୁଖ୍ୟ ଅତିଥି ଦାସ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କିଡ୍ସ ଗ୍ରୁପରୁ ଶ୍ରୀୟଙ୍କା ମୟୀ ମୁର୍ମୁ ଚାମ୍ପିୟନ, ସବ ଜୁନିୟର ଗ୍ରୁପ୍‌ରୁ ପ୍ରିୟମ୍ବଦା ସିଂ, ଜୁନିୟର ଗ୍ରୁପ୍‌ରୁ ଶ୍ରୀଜନ ମୁର୍ମୁ, ସିନିୟର ଗ୍ରୁପରୁ ସ୍ୱାଗତିକା ମିର୍ଦ୍ଧା, ସାହିଲ କୁମ୍ଭାରଙ୍କୁ ପୁରସ୍କୃତ କରାଯାଇଥିଲା ।। କ୍ରୀଡା ପ୍ରତିଯୋଗିତାରେ ବାଲାନ୍ସ ରେସ, ଦୌଡ, ଖୋଖୋ, ମ୍ୟୁଜିକ ଚେୟାର, ଉଚ୍ଚଡିଆଁ, ଲମ୍ବ ଡିଆଁ, ବେଙ୍ଗ ଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା ।

## ୩୪୭ଜଣଙ୍କୁ ସ୍ୱଳ୍ପକାଳୀନ ତାଲିମ, ୩୨୪ଙ୍କୁ ନିଯୁକ୍ତି

**ସୋନପୁର,୨୦।୧୨(ନି.ପ୍ର.)**

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଭୀମଭୋଇ କଳା ମଣ୍ଡପ ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଗୁରୁବାର ଆୟୋଜିତ ହୋଇଯାଇଛି । ନିଯୁକ୍ତି ମେଳାରେ ଚାକିରୀ ସନ୍ଧାନରେ ଥିବା ୩୪୭ଜଣ ଯୁବତୀଯୁବକଙ୍କୁ ସ୍ୱଳ୍ପ କାଳିନ ତାଲିମ ପରେ ନିଯୁକ୍ତି ପ୍ରଦାନ ଓ ୩୨୪ଜଣଙ୍କୁ କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ପାଇଁ କଲ ଲେଟର ପଠାଯିବ । ଏୟାରଫୋର୍ସ, ପଲିଟେକ୍ନିକ୍ ଓ ଆଇଟିଆଇ ଭଳି ସରକାରୀ ସଂସ୍ଥା ମେଳାରେ ସାମିଲ ହୋଇଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ, ସେମିରେ ଆଠମଲ୍ଲିକ

**ସୋନପୁର,୨୦।୧୨(ନି.ପ୍ର.)**

ସୋନପୁର ରୟାଲ ପଡିଆଠାରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ସୁଜନ ନାଗ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ୍‌ରେ ଆଠମଲ୍ଲିକ ଗୋଲ୍ଡେନ କ୍ଲବ ବିଜୟୀ ହୋଇଛି । ପୁଲ ବି ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁର୍ଲା ସ୍ପୋର୍ଟିଂ ଓ ଆଠମଲ୍ଲିକ ଗୋଲ୍ଡେନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଠମଲ୍ଲିକ ଦଳ ୨-୦ଗୋଲରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନିତ ହୋଇଛି । ଆଠମଲ୍ଲିକର ପୋଇଦା ମାହାର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସଞ୍ଜିବ ମାହାର ବେଷ୍ଟ ଗୋଲକିପର, ସଂଗ୍ରାମ ଅମାତ ବେଷ୍ଟ ମିଡଫିଲ୍ଡର ଓ ବୁର୍ଲାର ନିଲୁ ବାଗଙ୍କୁ ବେଷ୍ଟ ଡିଫେଣ୍ଡର ଭାବେ ପୁରସ୍କୃତ କରାଯାଇଥିଲା । ରାଜେଶ ଥନାପତି, ସଞ୍ଜୟ ସାହୁ, ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା ଓ ବାବୁଲାଲ ସାହୁ ଖେଳ ପରିଚାଳନା କରିଥିଲେ । ଜିଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାଖା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରିଥିଲେ ।

# ଦାଦନ ଦମ୍ପତିଙ୍କୁ ହତ୍ୟା ଅଭିଯୋଗ

**ବଲାଙ୍ଗୀର ଅଫିସ,୨୦।୧୨**



ମୃତ ଦାଦନ ଶ୍ରମିକଙ୍କ ପିତାମାତା ସହ ଜିଲା ଦାଦନ ଗୋତି ଶ୍ରମିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ।

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ବାରବନ୍ଧ(ରାଣୀସିଲେଟ୍) ଗ୍ରାମର ଦୁଇ ଯୁବ ଦାଦନ ଦମ୍ପତିଙ୍କୁ ଶୋଚନୀୟ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଗତ ୨ମାସ ତଳେ ଘଟିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡକୁ ଲୁଚାଇ ଦେବାକୁ ଉଦ୍ୟମ କରାଯାଇଛି । ମୃତ ଦାଦନ ଶ୍ରମିକଙ୍କ ଅସହାୟ ମାତାପିତା ପୋଲିସର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ନ୍ୟାୟ ମିଳି ନାହିଁ । ଫଳରେ ଜିଲା ଦାଦନ ଗୋତି ଶ୍ରମିକ ସୁରକ୍ଷା ମଞ୍ଚ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ବାରବନ୍ଧ ଗାଁର ପରମାନନ୍ଦ ମାଝି(୨୨) ଓ ତାଙ୍କ ନବବିବାହିତା ସ୍ତ୍ରୀ ହେମଲତା ମାଝି(୨୦) ଗତ ଅକ୍ଟୋବର ମାସରେ ତେଲେଙ୍ଗାନାର କୁରନୁଲ ଜିଲାର ଉଲିନାକୋଣ୍ଡାଠାରେ ଥିବା ଇଟାଭାଟିକୁ କାମ କରିବା ପାଇଁ ଯାଇଥିଲେ । ବାବେଜୁରୀ ଗାଁର ସର୍ଦ୍ଦାର କରୁଣାକର ମାଝି ଏହି ନବଦମ୍ପତିଙ୍କୁ ୧୫ହଜାର ଟଙ୍କା ଅଗ୍ରିମ ଦେଇ ତେଲେଙ୍ଗାନା ନେଇଥିଲେ । ତେବେ ଇଟାଗଡ଼ି ଯିବାର ପ୍ରାୟ ୨ମାସ ପରେ ସର୍ଦ୍ଦାର କରୁଣାକର ହଠାତ୍ ଦାଦନ ଶ୍ରମିକ ପରମାନନ୍ଦଙ୍କ ପିତା କୃଷ୍ଣ ମାଝିଙ୍କୁ ତାଙ୍କ ପୁଅବୋହୂ ମିଳିତ ଭାବେ ତେଲେଙ୍ଗାନାରେ ଆତ୍ମହତ୍ୟା କରିଥିବା ସୂଚନା ଦେଇଥିଲେ । ଏହାପରେ କୃଷ୍ଣ ମାଝି ତେଲେଙ୍ଗାନା ଯାଇ ପୁଅବୋହୂଙ୍କ ମୃତଦେହ ଦେଖିଥିଲେ । ଉଭୟ ପୁଅ ଓ ବୋହୂଙ୍କ ହାତର ଆଙ୍ଗୁଠି କଟାଯାଇଥିବା ଦେଖିବାକୁ ପାଇଥିଲେ । ଏହାକୁ ନେଇ ତେଲେଙ୍ଗାନାଠାରେ ପୋଲିସକୁ ଅଭିଯୋଗ କରିବାରୁ ସେଠାକାର ପୋଲିସ ଗାଳିଗୁଲଜ କରିଥିଲେ । ଇଟାଭାଟି ମାଲିକ ଚନ୍ଦ୍ରଶେଖର ତୁରନ୍ତ ମୃତଦେହକୁ ପୋଡି ଦେବାକୁ କହିଥିଲେ । ଏହାପରେ ଅସହାୟ କୃଷ୍ଣ ପୁଅବୋହୂଙ୍କ ମୃତଦେହ ପୋଡି ଦେଇ ସେଠାରୁ ଚାଲିଆସିଥିଲେ । ଗାଁକୁ ଫେରିବା ପରେ ଘଟଣାକୁ ନେଇ ମୁରିବାହାଲ ଥାନାରେ ଜଣାଇଥିଲେ ମଧ୍ୟ କେହି କିଛି ଶୁଣି ନ ଥିଲେ । ଏଭଳି ଘଟଣା ସମ୍ପର୍କରେ ଖବରପାଇବା ପରେ ଜିଲା ଦାଦନ ଗୋତି ଶ୍ରମିକ ସୁରକ୍ଷା ମଞ୍ଚ କର୍ମକର୍ତ୍ତାମାନେ ହସ୍ତକ୍ଷେପ କରି ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏସପି ଅଫିସକୁ ଆସି ଅଭିଯୋଗ କରିଛନ୍ତି । ଦୁଇ ପୁଅବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । କୃଷ୍ଣଙ୍କ ପରିବାରକୁ ଟଙ୍କାଟିଏ ମଧ୍ୟ କ୍ଷତିପୂରଣ ମିଳି ନାହିଁ । ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଜିଲା ଦାଦନ ଗୋତି ଶ୍ରମିକ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଯୁବ ଓ ଗଣତନ୍ତ୍ର ଶୀର୍ଷକ କର୍ମଶାଳା

ଖଡିଆଳ,୨୦।୧୨ (ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଳ ସଂଯଶାସିତ କଲେଜରେ ଯୁବ ରେଡକ୍ରସ ପକ୍ଷରୁ ନେହେରୁ ଯୁବ କେନ୍ଦ୍ର ଓ ବିଇଡିୱାଇର ମିଳିତ ସହଯୋଗରେ ଗୁରୁବାର ଯୁବ ଓ ଗଣତନ୍ତ୍ର ଶୀର୍ଷକ ଏକ ଦିବସୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ ଅଧ୍ୟକ୍ଷ ହରେନ୍ଦ୍ର ପଣ୍ଡା, ଯୁବ ରେଡକ୍ରସ କାଉନସିଲର ତରୁଣ ପ୍ରଧାନଙ୍କ ସମେତ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ନରେଶ ଶର୍ମା, ବିଇଡିୱାଇର ସଂଯୋଜକ ଅନୀଲ କୁମାର ପ୍ରମୁଖ ଯୋଗଦେଇ ଯୁବ ଓ ଗଣତନ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିସହ ଗଣତନ୍ତ୍ର ବ୍ୟବସ୍ଥାରେ ବିଶେଷ କରି ଯୁବବର୍ଗର ସହଭାଗିତା ଆବଶ୍ୟକତା ରହିଥିବା ମତ ପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଯୋଗଦେଇଥିବା ୫୦ ଜଣ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସ୍ଲୋଗନ ଲେଖା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଇପସିତା ପାଢ଼ୀ ପ୍ରଥମ, ତନୁଶ୍ରୀ ରାୟ ଓ ସ୍ୱୟଂପ୍ରଭା ପତି ଦ୍ୱିତୀୟ ଓ ଜାଗୃତି ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

### ରାସ୍ତା ଅବସ୍ଥା ଖରାପ, ମରାମତି ଦାବି

ବୋଡେନ,୨୦।୧୨(ଡି.ଏନ.ଏ.)
ବୋଡେନ ବ୍ଲକ ଖଇଁରା ଛକଠାରୁ ବାଗବାହାଲ ଦେଇ ମହୁଲପଡା ଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଗତ କିଛିବର୍ଷ ତଳେ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ପିଚୁ, ମେଟାଲ, ଚିପ୍ସଗୁଡିକ ଉଠିଯାଇ ଖାଲଖମାମାନ ସୃଷ୍ଟି ହେବାକୁ ବସିଲାଣି । ଉକ୍ତ ରାସ୍ତା ଦେଇ ସ୍କୁଲ, କଲେଜ, ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଏବଂ ଜନସାଧାରଣ ଦୈନିକ ଯାତାୟାତ କରିଥାନ୍ତି । ରାସ୍ତାରେ ବଡ ବଡ ଖାଲମାନ ହୋଇଥିବାରୁ ଲୋକେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ସେହିପରି ଖଇଁରା ହାଇସ୍କୁଲଠାରୁ ଅମେରା ଗାଁକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା । ଏହି ରାସ୍ତାରେ ମଧ୍ୟ ପିଚୁ, ମେଟାଲ ସବୁ ଉଠିଯାଇଥିବାରୁ ଲୋକେ ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହେଉଛି । ଉକ୍ତ ରାସ୍ତା ଦେଇ ମଧ୍ୟ ସବୁ ଦିନ ସ୍କୁଲ, କଲେଜ ଓ ଲୋକମାନେ ଯିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି ଖଇଁରା ଛକ ଦେଇ କର୍ଲାକୋଟ ଗାଁକୁ ଯାଇଥିବା ରାସ୍ତା ମଧ୍ୟ ତଦ୍ରୂପ ରହିଛି । ଏଠାରେ ମଧ୍ୟ ଯାନବାହାନ ଚଳାଚଳ କରୁଥିବାରୁ ରାସ୍ତା ଅତି ଶୋଚନୀୟ ହୋଇପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଯୁଧକାଳୀନ ଭିତିରେ ରାସ୍ତାଗୁଡିକୁ ମରାମତି କରିବାକୁ ଅଞ୍ଚବାସୀ ଦାବି କରିଛନ୍ତି ।

### ଆତ୍ମସୁରକ୍ଷା ତାଲିମ ଶିବିର

ଜମନକିରା,୨୦।୧୨(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁର ବିଛାଲାଲ ରାମଚନ୍ଦ୍ର ଗୁପ୍ତା ମହାବିଦ୍ୟାଳରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୬୦ ଛାତ୍ରୀ ତାଲିମ ନେଇଥିଲେ। ପ୍ରୀତି ଭାଙ୍ଗରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଇ-ମାର୍କେଟିଂରେ କାର୍ଯ୍ୟାଳୟକୁ ଜିନିଷ ମିଳିବ

ନୂଆପଡା ଅଫିସ,୨୦।୧୨




ଜିଇଏମ କର୍ମଶାଳା ଏବଂ ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

- ୫୦ ଲକ୍ଷରୁ ଊର୍ଦ୍ଧ୍ୱକୁ ଟେଣ୍ଡର ହେବ
- ପ୍ରତି ସାମଗ୍ରୀରେ ୧୦ ପ୍ରତିଶତ ରିହାତି

ସରକାରୀ କାର୍ଯ୍ୟାଳୟଗୁଡିକୁ ଟେଣ୍ଡର ମାଧ୍ୟମରେ ଯେକୌଣସି ସାମଗ୍ରୀ ଯୋଗାଣ ହେଉଥିଲା । ହେଲେ ଏଥିରେ ସ୍ୱଚ୍ଛତା ଏବଂ ମାର୍କେଟିଂ ପ୍ରକ୍ରିୟାକୁ ସରଳ କରିବାକୁ ଗଭର୍ଣ୍ଣମେଣ୍ଟଇ-ମାର୍କେଟିଂ (ଜିଇଏମ) ପ୍ରକ୍ରିୟା ଲାଗୁ କରୁଛନ୍ତି । ଏଣିକି ସରକାରୀ କାର୍ଯ୍ୟାଳୟଗୁଡିକ ମାଧ୍ୟମରେ ବିଭିନ୍ନ ଯୋଜନାରେ ଯୋଗାଣ ହେଉଥିବା ସାମଗ୍ରୀଗୁଡିକୁ ଏହି ମାଧ୍ୟମରେ କ୍ରୟ କରାଯିବ। ୫୦ ହଜାରରୁ ୫୦ଲକ୍ଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ କିଣା ଯିବାକୁ ଥିବାବେଳେ ଏଥିରୁ ଊର୍ଦ୍ଧ୍ୱ ହେଲେ ଟେଣ୍ଡର ପ୍ରକ୍ରିୟା ଅବଲମ୍ବନ କରାଯିବ ବୋଲି କୁହାଯାଇଛି । ସ୍ଥାନୀୟ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲା କୋଷାଗାର ବିଭାଗ ତରଫରୁ ଆୟୋଜିତ ଏକ କର୍ମଶାଳା ତଥା ତାଲିମ କାର୍ଯ୍ୟକ୍ରମରେ ଏହି ସୂଚନା ଦିଆଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ଉପଜିଲାପାଳ ତରଣୀସେନ ନାଏକ, ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲା କୋଷାଗାର ଅଧିକାରୀ ସାମନ୍ତରାୟ ଏହି କାର୍ଯ୍ୟକ୍ରମର ରୂପରେଖ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ସେହିଭଳି କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀ କ୍ରୟ କରିବାରେ ସ୍ୱଚ୍ଛତା ଆଣିବାକୁ ଏହି ପ୍ରକ୍ରିୟା ଲାଗୁ କରୁଛନ୍ତି । ଏଥିରେ ଆମ ପ୍ରଶାସନିକ ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବାକୁ ସମସ୍ତେ ଆଗକୁ ଆସି ସହଯୋଗ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ଆହ୍ୱାନ କରିଥିଲେ । ଏହି ଅବସରରେ ରାଜ୍ୟ କୋଷାଗାର ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟ ଜିଇଏମ କାର୍ଯ୍ୟାଳୟର ଅଧିକାରୀ କିଶୋର କୁମାର ଜେନା, ଆଞ୍ଚଳିକ ପ୍ରବନ୍ଧକ ସାସ୍ୱତ ସୌରଭ ପାତ୍ର ଏହି କାର୍ଯ୍ୟକ୍ରମ ଉପରେ ସବିଶେଷ ମାର୍ଗଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୁଇଗୋଟି ସରକାରୀ କାର୍ଯ୍ୟାଳୟକୁ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗରୁ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଏ ସମ୍ପର୍କୀତ ବିଭିନ୍ନ ତଥ୍ୟ ପଚାରି ବୁଝିଥିଲେ। ଆଗାମୀ ଦିନରେ ସରକାର ଏହାକୁ ସମସ୍ତ ବିଭାଗରେ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଚାଲିଛି । ଏଥିପାଇଁ ସବୁବେଳେ ଜିଇଏମ ବିଭାଗ ସଜାଗ ହୋଇରହିଛି । ଯେ କୌଣସି ସମୟରେ ଅଧିକାରୀମାନଙ୍କ ସହଯୋଗ ନେଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜୟ କୁମାର ଶବର, ଗରିବ ଚନ୍ଦ୍ର କବୀର, କପିଳେନ୍ଦ୍ର ପ୍ରଧାନୀ, ରାକେଶ କୁମାର ବିଶି, ସୁଶାନ୍ତ କୁମାର ପ୍ରମୁଖ ସହଯୋଗ କରିଥିଲେ ।

# ସିନାପାଲି ବ୍ଲକ: ମାଲପଡ଼ାର ବିରଞ୍ଚି ନାରାୟଣ ଜଗତ ପାଇଲେ ଓଏଏସ୍

ସିନାପାଲି,୨୦।୧୨(ଡି.ଏନ.ଏ.)



ବିରଞ୍ଚି ନାରାୟଣ ଜଗତ

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗୋର୍ଲା ଗ୍ରାମପଞ୍ଚାୟତ ମାଲପଡା ଗ୍ରାମର ବିରଞ୍ଚି ନାରାୟଣ ଜଗତ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ପାଇଥିବା ଖବର ମିଳିଛି। ପ୍ରାପ୍ତ ଖବର ଅନୁଯାୟୀ ରାଜ୍ୟସ୍ତରରେ ମୋଟ ୧୦୬ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଜଗତ ୮୬ ନମ୍ବର ସ୍ଥାନରେ ଅଛନ୍ତି। ବିରଞ୍ଚି ନାରାୟଣ ଜଗତଙ୍କ ବାପା ଦୁର୍ବଳ ଜଗତ ଜଣେ ଚାଷୀ ହୋଇଥିବା ବେଳେ ମା' ତିଳେଦେଇ ଜଗତ ଜଣେ ଅଙ୍ଗନୱାଡି କର୍ମୀ । ବିରଞ୍ଚି ନିଜ ଗ୍ରାମ ମାଲପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରିଥିବା ବେଳେ ପଞ୍ଚମ ଶ୍ରେଣୀରେ ନବୋଦୟ ପରୀକ୍ଷାରେ ପାସ୍ କରି ନୂଆପଡା ଜିଲା ତରବୋଡ ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେଠାରେ ଯୁକ୍ତ ଦୁଇ ବିଜ୍ଞାନ ପାସ୍ ପରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଅଧ୍ୟୟନ କରିଥିଲେ। ୨୦୧୬ରେ ଓଏଫଡିସି (ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍)ରେ ଏସ୍‌ଡିଏମ୍ (ସବ୍‌ଡିଭିଜନାଲ୍ ମେନେଜର) ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ । ୨୦୧୭ରେ ଓଡିଶା ଫରେଷ୍ଟ ସର୍ଭିସ୍ ବିଭାଗର ଫରେଷ୍ଟ ରେଞ୍ଜର୍ ପରୀକ୍ଷାରେ ୧ ମ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଓଡିଶା ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ବର୍ତ୍ତମାନ ସେ ଅନୁଗୋଳ ଜିଲାରେ ଫରେଷ୍ଟ ରେଞ୍ଜର ଭାବେ ତାଲିମ ନେଇ କାର୍ଯ୍ୟରତ ଅଛନ୍ତି। ବିରଞ୍ଚିଙ୍କ ସଫଳତାକୁ ନେଇ ପରିବାର, ବନ୍ଧୁବର୍ଗ ତଥା ସିନାପାଲି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏ ସଂପର୍କରେ ବିରଞ୍ଚି ନାରାୟଣ ଜଗତଙ୍କୁ ଫୋନ୍ ମାଧ୍ୟମରେ ପଚାରିବାରୁ ସେ କହିଛନ୍ତି ଯେ, ଓଏଏସ୍ ପାଇ ବହୁତ ଖୁସି । ମା', ବାପା ଓ ଗୁରୁଜନଙ୍କ ପ୍ରେରଣା ପାଇ କଠିନ ପରିଶ୍ରମ ଏବଂ ସ୍ୱାଧ୍ୟାୟ ବଳରେ ଏହି ସଫଳ ପାଇଛି ବୋଲି ପ୍ରକାଶ କରିଛନ୍ତି । ଏଥି ସହ ଜଣେ ଓଏଏସ୍ ଅଫିସର ଭାବରେ ଲୋକଙ୍କ ସେବା କରିବାକୁ ସୁଯୋଗ ମିଳିଛି ବୋଲି ନୂଆପଡା ଜିଲା ତଥା ସିନାପାଲି ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ ଆଜି

**ଆତ୍ମୋତ୍ସର୍ଗ ଦିବସ ଉଦ୍‌ଘାଟନ କରିବେ ନବୀନ**

ଝାରସୁଗୁଡ଼ା ଅଫିସ/କୋଲାବିରା, (ଡି.ଏନ୍.ଏ.) ୨୦।୧୨

ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ 'ଆତ୍ମୋତ୍ସର୍ଗ ଦିବସ' ରୂପେ ପାଳନ କରାଯାଉଛି। ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ୨୧ରୁ ୨୩ ତାରିଖ ଯାଏ ଏହି ସମାରୋହ ପାଳନ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ଏକ ବିମାନରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରି ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ପୁରୁଣା ଫରେଷ୍ଟ ଅଫିସ ପଛପାର୍ଶ୍ୱ ପଡ଼ିଆରେ ଅବତରଣ କରିବେ। ସେଠାରେ ୪୫୦.୦୨ କୋଟି ଟଙ୍କାର ୧୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ୧୧.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଯୋଗଦେବେ। ଅପରାହ୍ନ ୧ଟା ୪୫ରେ ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଶ୍ରମିକଙ୍କୁ ମାଡ଼ ଅଭିଯୋଗ

ରାଉରକେଲା ଅଫିସ,୨୦।୧୨

ଅଧିକ ସମୟ କାମ କରିବାକୁ ଅରାଜି ହେବାରୁ କାରଖାନା ସୁପରଭାଇଜର ଶ୍ରମିକଙ୍କୁ ମାଡ଼ ମାରି ଆହତ କରିଥିବା ବୁଧବାର ରାତି ୧୦ଟାରେ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଆହତ ଶ୍ରମିକ ଜଣକ ଏବେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଦଫା ୩୪୧, ୨୯୪, ୩୨୮, ୫୦୬ରେ ଏକ ମାମଲା (ନଂ.୨୮୩/୨୦୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ବେଦବ୍ୟାସ ସିଂ ଟୋଲା ବାସିନ୍ଦା ରାଜେଶ ଗୌଡ଼ ଶ୍ରମିକ ବାବେ ସ୍ଥାନୀୟ ଶିଳ୍ପାଞ୍ଚଳରେ ଥିବା ଏକ ଘରୋଇ କାରଖାନାରେ କାମ କରନ୍ତି। ବୁଧବାର ରାତି ୮ଟାରେ କାମ ସାରି ସେ ଘରକୁ ବହାରିବାରୁ ସୁପରଭାଇଜର ପ୍ରଭାତ ସ୍ୱାଇଁ ତାଙ୍କୁ ଛାଡ଼ି ନ ଥିଲେ। ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ସ୍ୱାଇଁ ବାଧ କରିଥିଲେ। ସ୍ୱାଇଁଙ୍କ କଥା ମାନି ରାଜେଶ ରାତି ୯ଟା ପର୍ଯ୍ୟନ୍ତ କାମ କଲେ। ତଥାପି ତାଙ୍କୁ ଛଡ଼ାଗଲା ନାହିଁ। ରାଜେଶ ଏହାର ବିରୋଧ କାରିବାରୁ ସ୍ୱାଇଁ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏପରିକି ରାଜେଶଙ୍କୁ କାମରୁ ବାହାର କରିବାକୁ ଧମକ ଦେବା ସହ ଫେରିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଶ୍ରୀଜଗନ୍ନାଥ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ବୋଡେନ ଏକାଦଶକୁ ହରାଇ ରାଇଘର ବିଜୟୀ



ଶ୍ରୀଜଗନ୍ନାଥ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି ।

ସିନାପାଲ,୨୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ କେନ୍ଦୁମୁଣ୍ଡା ହାଇସ୍କୁଲ ପଡିଆଠାରେ ଶ୍ରୀଜଗନ୍ନାଥ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ବାର୍ଷିକୀ ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ, ଜିଲା ପରିଷଦ ସଦସ୍ୟ ଗିରିରାଜ ମାଝି, ସ୍ଥାନୀୟ ସରପଞ୍ଚ କ୍ଷିରମତୀ ମାଝି, ସ୍ଥାନୀୟ ସମିତି ସଭ୍ୟ ତଥା ଆୟୋଜକ ସଭାପତି ଖଗେଶ୍ୱର ମାଝି, ମଦନରାମ ଦଣ୍ଡସେନା, କେଦାରନାଥ ମାଝି, କୈଳାସ ଚନ୍ଦ୍ର ବାଗ, ଡିଙ୍ଗର ନାଏକ, ଦୁର୍ଗାସିଂ ମାଝି, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୁଦ୍ଧୁ ମେହେର, ବ୍ୟାଙ୍କ କର୍ମଚାରୀ ଲୋକେଶ୍ୱର ମାଝି, କମିଟି ସମ୍ପାଦକ ଜଳଧର ଘିଭେଲା, କୋଷାଧ୍ୟକ୍ଷ ଦିନେଶ କୁମାର ଜୈନ, ଧନେଶ୍ୱର ଘିଭେଲା ପ୍ରମୁଖ ମଞ୍ଚାସୀନ ଥିଲେ । ଉଦଘାଟନୀ ମ୍ୟାଚ୍ ବୋଡେନ ଏକାଦଶ ଓ ନରଙ୍ଗପୁର ରାଇଘର ରୋୟାଲ ବ୍ଲାଷ୍ଟର ଏକାଦଶ ମଧ୍ୟରେ ହୋଇଥିଲା। ପ୍ରଥମେ ରାଇଘର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭର୍‌ରେ ୬ ଉଇକେଟ୍ ବିନୟମରେ ୧୪୨ ରନ୍ ସଂଗ୍ରହ କରିଥିଲେ । ଜବାବରେ ବୋଡେନ ଏକାଦଶ ୭ ଉଇକେଟ୍ ହରାଇ ନିର୍ଦ୍ଧାରିତ ଓଭର୍‌ରେ କେବଳ ୮୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ମ୍ୟାଚ୍‌ରେ ଅମ୍ପାୟର୍ ଭାବରେ ଖଗେଶ୍ୱର ମାଝି ଓ କୁବେର ସିଂ ମାଝି ଖେଳ ପରିଚାଳନା କରିଥିବା ବେଳେ ସ୍କୋରର୍ ଭାବରେ ସୌରଭ ଜୈନ ଦାୟିତ୍ ତୁଲାଇଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ରାଇଘର ଦଳର ଶିବପ୍ରସାଦଙ୍କୁ ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟର ବିଜୟୀ ଦଳକୁ ୫୦ ହଜାର ଓ ରନର୍ସ ଅପ୍ ଦଳକୁ ୩୦ ହଜାର ଟଙ୍କାର ପୁରସ୍କର ରାଶି ପ୍ରଦାନ କରାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଦୁଇ ବାଇକ୍ ଧକ୍କା: ଜଣେ ଗୁରୁତର

ବାଲିଶଙ୍କରା, ୨୦।୧୨ (ଡି.ଏନ.ଏ)

ତଲସରା ଥାନା ବାଲିଶଙ୍କରା କରୁଆବାହାଲ ଛକ ନିକଟରେ ଦୁଇକ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଗୁରୁବାର ଅପରାହ୍ନ ସାଢ଼େ ୨ଟାରେ ବାଲିଶଙ୍କରା କରୁଆବାହାଲ ଗ୍ରାମର ଆସିସାନ୍ ଟପ୍ପୋ ତାଙ୍କ ବାଇକ ନଂ. ୧୬ ଏ- ୦୩୬୭ ଯୋଗେ ବ୍ୟାଙ୍କ କାମ ସାରି ନିଜ ଘର କରୁଆବାହାଲ ପଟକୁ ଯାଉଥିବା ବେଳେ ଠିକ୍ ବିପରୀତ ଦିଗରୁ ବାଲିଶଙ୍କରା ସରବାହାଲ ଗ୍ରାମର ରାହୁଲ ସାହୁ ବାଇକ୍ ଓଡି ୧୫ ଏଚ- ୮୭୬୨ରେ ଆସୁଥିବା ବେଳେ କରୁଆବାହାଲ ଛକ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ରାହୁଲ ସାମାନ୍ୟ ଆହତ ହୋଇଥିବା ବେଳେ ଆସିସାନ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଅଗ୍ନିଶମ ବିଭାଗ ଗାଡିରେ ଚିକିତ୍ସା ପାଇଁ ସୁନ୍ଦରଗଡକୁ ପଠାଇ ଥିଲେ। ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ବୁର୍ଲା ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ ।

# ଜଂଗଲ ଜମି ଅଧିକାର ବାଟବନା, ହିତାଧିକାରୀ ହତାଶ

ଭବାନୀପାଟଣା,୨୦।୧୨(ଡି.ଏନ.ଏ.):



ଜଂଗଲ ଜମି ଅଧିକାର ଆଇନରେ ହିତାଧିକାରୀମାନକର ଲାଗି ଭିନେ ଭିନେ ବେବସ୍ତା ରହିଛେ। ୧୦ ବଛର ଧରି ଜଂଗଲ ଜମିରେ ଚାଷବାସ କରି କୁଟୁମ ପୁଷୁଥିବାର ନିରିହ ଆଦିବାସୀମାନକର ସୁବିଧା ଲାଗି ତାହାକୁ ଇ ଆଇନ୍‌ରେ ଅନେକ ସୁବିଧା ଦିଆଯାଇଛେ। ସେମାନେ କମେଇ ଖାଉଥିବାର ଜମିର ଅଧିକାର ତାହାକୁ ଦେବାର ସଂଗେ ଅନେକ ସରକାରୀ ସାହାଯ୍ ବି ଯୁଗେଇ ଦେବାର ବେବସ୍ତା ଅଛେ। ଇ ଆଇନ୍ ବଲେ ଆଦିବାସୀମାନେ ଜଂଗଲ ଜମିର ଅଧିକାର କାଗଜକଲମରେ ପାଇଥିଲେ ବି ସରକାରୀ ସାହାଯ୍ ପାଏବାରୁ ବଁଚିତ୍ ହେଉଛନ୍। ଯେନ୍‌ଥିରଲାଗି ସେମାନେ ଅଫିସ୍‌କେ ନରଦି ନରଦି ନିହାଲ ହେଉଛନ୍।

ଅଭିଯୋଗ ଅନ୍‌ସାରେ ଜଂଗଲ ଜମି ଅଧିକାର ଆଇନରେ ହକ୍‌ଦାର ହିତାଧିକାରୀମାନେ ଜମିପଟ୍ଟା ପାଇଥିଲେ ବି ସରକାରୀ ସୁବିଧା ପାଏବାରୁ ବଁଚିତ ହେଉଛନ୍। ଇ ଆଇନ ବଲେ ହିତାଧିକାରୀ ଜମିପଟ୍ଟା ହାତେଇ ଇନ୍ଦିରା ଆବାସ ଘର ତିଆର କରିଥିଲା ବେଲେ ଆଏଜ୍‌କେ ୪ ବଛର ହେଲା ସରକାରୀ ସାହାଯ୍ ନାଇଁପାଇ ବଲି ବାହାଦୁର ସିଂ ମାଝି ଆର ନିନା ଦେଇ ଅଭିଯୋଗ କରିଛନ୍। ଥୁ.ରାମପୁର ବ୍ଲକର ବହୁତଟେ ଗାଁରେ ଏନ୍‌ତା ଅବେବସ୍ତା ହେଇଥିବାର ହିତାଧିକାରୀମାନେ ଅଭିଯୋଗ କରିଛନ୍। ସୂଚନା ହିସାବେ ଜଂଗଲ ଜମି ଅଧିକାର ଆଇନ ବଲେ ଜମିପଟ୍ଟା ପାଇଥିବାର ହକ୍‌ଦାର ହିତାଧିକାରୀମାନକୁ ଇନ୍ଦିରା ଆବାସ ଘର ତିଆରି ଲାଗି ୪୮, ୫୦୦ ଟଁକା ଲେଖେଁ ସରକାରୀ ସାହାଯ୍ ମିଳବାର କଥା। ହେଲେ ଇ ସବୁ ତିଆରି କାମ୍ ଗୁଟେ ବେସରକାରୀ ସଂସ୍ଥା ଜରିଆରେ ଚାଲିଛେ। ହେଲେ ଇ ବେସରକାରୀ ସଂସ୍ଥା ହିତାଧିକାରୀମାନକୁ ଭୁଆଁ ବୁଲେଇ ଶୁଷୁଥିବାର କଥା ବ୍ଲକ୍ ପରଶାସନ ନଜରକେ ଆସିଛେ। ଇ ବାବ୍‌ଦେ ଥୁ.ରାମପୁର ବିଡିଓ ନବୀନ ଚନ୍ଦ୍ର ନାଏକକୁଁ ପଚରାଲାରୁ ବେସରକାରୀ ସଂସ୍ଥା ବିରୋଧନେ ଥାନାରେ ଅଭିଯୋଗ କରାଯାଇଛେ ଆର ହିତାଧିକାରୀମାନେ କେନ୍‌ଥେଇ ତାକର ଟଁକା ପଏସା ପାଏବେ ସେଦିଗେ ପଦକ୍ଷେପ ନିଆଯାଉଛେ ବଲି ସେ କହିଥିଲେ।

# ଭାଜପା ଯୁବମୋର୍ଚ୍ଚାର ବିଭିନ୍ନ ଅଫିସ ଘେରାଉ

ଖଡିଆଳ,୨୦।୧୨(ଡି.ଏନ.ଏ.)

ବେରୋଜଗାର ସମସ୍ୟାର ସମାଧାନ ଓ ସରକାରୀ ଅଫିସଗୁଡିକରେ ଚାଲିଥିବା ପିସି କାରବାର ବନ୍ଦ କରିବାର ଦାବି ନେଇ ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଗୁରୁବାର ବିଭିନ୍ନ ଅଫିସ ଘେରାଉ କରାଯାଇଛି । ଜିଲା ସାଧାରଣ ସମ୍ପାଦକ ଜ୍ୟୋତି ପ୍ରକାଶ ବିଶିଙ୍କ ନେତୃତ୍ୱରେ ଖଡିଆଳରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ପୃଥକ ଭାବେ ଘେରାଉ କରାଯାଇଥିଲା । ଏଥିସହ ଅଫିସ ସମ୍ମୁଖରେ ପ୍ରତିବାଦ ସଭାର ଆୟୋଜନ କରାଯାଇଛି । ଏଥିରେ ଯୁବ ମୋର୍ଚ୍ଚ ଜିଲା ସଭାପତି ଦିଲୀ ନିର୍ମଳ କର, ଭାଜପା ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ଯଦୁମଣି ପାଣିଗ୍ରାହୀ, ସମରଜିତ ପାତ୍ର, ସୁବ୍ରତ ଠାକୁର ପ୍ରମୁଖ ଯୋଗଦେଇ ରାଜ୍ୟରେ ୧୮ ବର୍ଷ ଧରି କ୍ଷମତାରେ ଥିବା ନବୀନ ସରକାର ଅମଳରେ ବେକାରୀ ସମସ୍ୟା ଯେମିତି ବଢ଼ିବାରେ ଲାଗିଛି, ସରକାରୀ ଅଫିସଗୁଡିକରେ ପିସି କାରବାର ବି ସେହିପରି ବଢ଼ିବାରେ ଲାଗିଛି । ହେଲେ ରାଜ୍ୟ ସରକାର ଏ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏଣୁ ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ସହ ପିସି କାରବାର ବନ୍ଦ କରିବା ନେଇ ମତ ପ୍ରକାଶ ପାଇଥିଲା । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଏଥିସହ ପାତଲେଶ୍ୱର ମଣ୍ଡଳର ସାଙ୍ଗଠନିକ ସମ୍ପାଦକ କୌଶିକ ରାଉତଙ୍କ ବିୟୋଗରେ ୧ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ଘେରାଉ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ବିକାଶ ସିଙ୍ଗଲ, ଜ୍ୟୋତିରାମ ହୋତା, ଅଜିତ ଚଲାନ, ଦେବଦତ୍ତ ଯୋଶୀଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ



### ଓପିଏସ୍‌ସି ପରୀକ୍ଷାରେ ପ୍ରୟାସୀଙ୍କ କୃତିତ୍ୱ

**ଲୋଇସିଂହା,୨୦।୧୨(ଡି.ଏନ.ଏ.):** ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ୍ ସର୍ଭିସ -୨୦୧୭ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ମୂଳ ନିବାସୀ ତଥା ବର୍ତ୍ତମାନ କଟକ ବାସିନ୍ଦା ପ୍ରୟାସୀ ପଧାନ(୨୫) ରାଜ୍ୟରେ ୬୨ତମ ସ୍ଥାନରେ କୃତ କାର୍ଯ୍ୟ ହୋଇଛନ୍ତି। ସେ ପ୍ରଥମ ଥର ପରୀକ୍ଷା ଦେଇ ଏହି ସଫଳତା ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ଯୋଗୀସର୍ଡା ତଥା ଲୋଇସିଂହା ଅଞ୍ଚଳ ପାଇଁ ଗୌରବ ଆଣିଛି। ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ମୂଳନିବାସୀ ବାପା କୋଦଣ୍ଡଧର ପଧାନ, ମା' ରୀତା ପଧାନଙ୍କ ଝିଅ ପ୍ରୟାସୀ। ପ୍ରୟାଶିଙ୍କ ବାପା ବିଦ୍ୟୁତ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। କଟକରେ ପ୍ରୟାସୀ ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ କରିଛନ୍ତି। କଟକ ସରସ୍ୱତୀ ବିଦ୍ୟା ମନ୍ଦିରେ ପଢୁଥିବାବେଳେ ୨୦୦୭ରେ ମାଟ୍ରିକ ପରୀକ୍ଷାରେ ରାଜ୍ୟରେ ୬ଷ୍ଠ ସ୍ଥାନରେ କୃତ କାର୍ଯ୍ୟ ହୋଇଥିଲେ। ରେଭେନ୍ସା କଲେଜରେ ବିଜ୍ଞାନରେ ଯୁକ୍ତ ଦୁଇ ଅଧ୍ୟୟନ କରୁଥିଲେ। ୨୦୦୯ ମସିହା ଉଚ୍ଚ ମାଧମିକ ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ କୃତକାର୍ଯ୍ୟ ହୋଇଥିଲେ। ଏହାପରେ ରାଉରକେଲା ଏନ୍ଆଇଟିରେ ଶିକ୍ଷାଲାଭ ପରେ ଗତ ୩ବର୍ଷ ହେବ ହାଇଦ୍ରାବାଦଠାରେ ଟେଲିକମ ବିଭାଗରେ ସଫ୍ଟୱାର ଇଞ୍ଜିନିୟର ଭାବେ କାମ କରୁଥିଲେ।

### ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ

**ମୁରିବାହାଲ, ୨୦।୧୨(ଡି.ଏନ.ଏ.):** ମୁରିବାହାଲ ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ବୁଧବାର ସରସ୍ୱତି ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ୧୯୯୨ରେ ଅଯୋଧାନରେ ରାମ ମନ୍ଦିର ନିର୍ମାଣ କରିବା ପାଇଁ ଯାଇଥିବା ୪୨ଜଣ କାରସେବକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ହିନ୍ଦୁ ସମ୍ମିଳନୀ ଅବସରରେ ପ୍ରଥମେ ମହିମା ଆଶ୍ରମଠାରେ ଏକ ଆହୁତି ଯଜ୍ଞ କରାଯାଇଥିଲା। ଏହାପରେ ବ୍ଲକର ୨୨ଟି ଗ୍ରାମ ପଞ୍ଚାୟତ ହିନ୍ଦୁମାନଙ୍କୁ ନେଇ ଏକ ଧାର୍ମିକ ସଭାର ଆୟୋଜନ କରାଯାଇଥିଲା। ମୁରିବାହାଲ ବ୍ଲକ ସଂଯୋଜକ ରାଜିବ ମହାନ୍ତିଙ୍କ ଅଧକ୍ଷତାରେ ହିନ୍ଦୁ ସମ୍ମିଳନୀରେ ଅବଧୁତ କପିଳେନ୍ଦ୍ର ବାବା (ବକଳଧାରୀ) ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ଧର୍ମବିନା ମନୁଷ୍ୟ କୌଣସି ଗତି ନାହିଁ ଭଗବାନ ଶ୍ରୀରାମ ମଞ୍ଚର ମହତବାଣୀ, ତଥା ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ କରାଯିବା ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗ ସଂଘ ଚାଳକ ଜନ୍ମେଜୟ ପାଣିଗ୍ରାହୀ, ବଲାଙ୍ଗୀର ଜିଲା ରାମଜନ୍ମ ଭୂମି ଉଦ୍ଧାର ସଂଯୋଜକ ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ରାମଜନ୍ମ ଭୂମି ମନ୍ଦିର ନିର୍ମାଣ ତଥା ଆସନ୍ତା ୩୦ତାରିଖରେ ବଲାଙ୍ଗୀରଠାରେ ହେବାକୁ ଥିବା ଜିଲା ହିନ୍ଦୁ ସମ୍ମିଳନୀର ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଡମ୍ବରୁଧର କର୍ମୀ ଯୋଗଦେଇ ରାମମନ୍ଦିର ନିର୍ମାଣରେ ଅଧିକ ଡେରି ହୋଇଥିବା ବିଷୟ ଭାରତରେ ୧୨୫କୋଟି ହିନ୍ଦୁଥିବା ସତ୍ତ୍ୱେ ନିଜର ଆରାଧଙ୍କ ମନ୍ଦିର ନିର୍ମାଣ ବିଳମ୍ବ ବିଷୟକୁ ସମ୍ମିଳନୀରେ ଜଣାଇଥିଲେ। କାର୍ଯ୍ୟକ୍ରମକୁ ତରୁଣ ପୋଡ଼୍ ସୁମନାନନ୍ଦ ଖମାରୀ, ମଧୁସୂଦନ ନାଗ, ରମାରଞ୍ଜନ ମହାକୁର, ବିରାଜ ମହାନ୍ତି, ଗିରିଆରି କର୍ଣ୍ଣ, ଉଗ୍ରେସନ ପାତ୍ର, ପ୍ରଶାଦି କର୍ଣ୍ଣ, ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଛାତ୍ରଙ୍କୁ ମିଳୁଛି ନିମ୍ନମାନର ସାମଗ୍ରୀ

**ଗୁଡଭେଲା,୨୦।୧୨(ଡି.ଏନ.ଏ.)**

ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଧିନସ୍ଥ ନଅଗାଁ କଲୋଣି ପଡାସ୍ଥିତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଥିବାବେଳେ ୨ଟି ଶ୍ରେଣୀଗୃହ ରହିଛି। ୪୫ଜଣ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଥିବାବେଳେ ଦୁଇ ଜଣ ଶିକ୍ଷକ ଅଛନ୍ତି। ଏପରିକି ଜଣେ ଶିକ୍ଷକ ଛୁଟିରେ କିମ୍ବା ଅଫିସ କାର୍ଯ୍ୟରେ ଗଲେ ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବଦଳରେ ଜଗିବାରେ ସମୟ କଟିଯାଉଥିବା ଅଭିଭାବକମାନେ କହନ୍ତି। ପ୍ରତ୍ୟେକ ଦିନ ଭାତ ଓ ଡାଲି ନିମ୍ନମାନର ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବାବେଳେ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟ ରନ୍ଧା ଯାଉଥିବା ଅଭିଯୋଗ ହେଉଛି। ଛାତ୍ରୀଛାତ୍ରଙ୍କୁ ଚଳିତ ବର୍ଷ ଦୁଇ ଶହ ଟଙ୍କା ଦରର ଦୁଇ ହଳ ଲେଖାଁଏ ପୋଷାକ ଓ ଗୋଟିଏ ହଳ ଜୋତା ସହ ଦୁଇ ହଳ ମୋଜା ଦେବା ପାଇଁ ଶିକ୍ଷା ବିଭାଗରୁ ଛଅ ଶହ ଟଙ୍କା ଗୋଟିଏ ପିଲା ପିଛା ଦିଆଯାଉଛି। କିନ୍ତୁ ସ୍କୁଲର ପ୍ରଧାନ ଶିକ୍ଷକ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ନିମ୍ନମାନର ସାମଗ୍ରୀ ବଣ୍ଟନ କରୁଥିବା ଅଭିଯୋଗ ହେଉଛି। ଏପରିକି ସ୍କୁଲ କମିଟି ସଭାପତି, ଶିକ୍ଷକ, ସିଆରସି ଏବଂ ପୋଷାକ ଯୋଗାଣକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ପ୍ରାୟ ଗୋଟିଏ ହଳ ପୋଷାକରୁ ୧୨୦ଟଙ୍କାରୁ ଦୁଇ ଶହ ଟଙ୍କା ପର୍ଯ୍ୟନ୍ତ ଠକେଇ ହେଉଥିବା ଜଣାପଡିଛି। ଏ ନେଇ ପ୍ରଧାନ ଶିକ୍ଷକ ଚନ୍ଦ୍ରଧ୍ୱଜ ମେହେର କହନ୍ତି, ଆମ ବିଦ୍ୟାଳୟ ଭଲରେ ଚାଲିଛି ଆପଣମାନେ ଅଯଥା ମୁଣ୍ଡ ଖେଳାଉଛନ୍ତି। ଆପଣଙ୍କୁ ମୁଁ କିଛି କହି ପରିବି ନାହିଁ ତମେ ଯାହାକୁ ଅଭିଯୋଗ କରିବାର ଅଛି କରିପାର ବୋଲି କହିଥିଲେ। ଏ ନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଧର ବେହେରାଙ୍କୁ ପଚାରିବାରୁ ସେ କହନ୍ତି ଯେ, ଶିକ୍ଷକ ଯଦି କିଛି କହିବାକୁ ମନା କରୁଛନ୍ତି ମୁଁ ମଧ ଆପଣଙ୍କୁ କିଛି ସାହାଯ୍ୟ କରିପାରିବି ନାହିଁ ବୋଲି କହିଥିଲେ। ସେହିପରି ମାସେ ତଳେ ଜଣେ ଅସ୍ଥାୟୀ ବେପାରି ଏହି ବ୍ଲକ ଅର୍ନ୍ତଗତ ଘୁନା ଅପଗ୍ରେଡ଼ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକଙ୍କୁ ଭେଟି ନିଜ ସାମଗ୍ରୀ ଦେବା ପାଇଁ କହିଥିଲେ। ଉକ୍ତ ଶିକ୍ଷକଙ୍କ ସହ ପିସି ନଛିଣ୍ଡିବାରୁ ଗୁଡ଼ଭେଲା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ପିସି ନଛିଣ୍ଡିବାରୁ ମତେ ଚଳିତ ବର୍ଷ ପୋଷାକ ଓ ଜୋତା ଦେବାରୁ ମନା କରି ଦିଆଯାଇଥିବା ମୌଖିକ ଅଭିଯୋଗ କରିଛନ୍ତି। କିନ୍ତୁ ବ୍ଲକ ଶିକ୍ଷା ଅଧିକାରୀ ଏ ନେଇ ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ବୋଲି ହାଲୁକା ଭାବେ କହିବାରୁ ଉକ୍ତ ଦୋକାନୀ ଯୁକ୍ତି ତର୍କ କରିଥିବା ସାଧାରଣରେ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ଏଥିରୁ ପ୍ରମାଣ ମିଳୁଛି ଯେ, ଗୁଡ଼ଭେଲା ବ୍ଲକରେ ଶିକ୍ଷକ-ବେପାରି-ସ୍ଥାନୀୟ ଶିକ୍ଷା ବିଭାଗ ମଧ୍ୟରେ କିପରି ମଧୁଚନ୍ଦ୍ରିକା ଚାଲି ଛାତ୍ରୀଛାତ୍ରଙ୍କ ଟଙ୍କାକୁ କିପରି ଲୁଟ୍ କରିବାକୁ ଉଦ୍ୟମ କରୁଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ ତାଙ୍କର ମତାମତ ନିଆଯାଇ ପାରି ନାହିଁ।



ଛାତ୍ରୀଛାତ୍ରଙ୍କୁ ବଣ୍ଟା ଯାଇଥିବା ପୋଷାକ।

**ତୁଷୁରା ଏନ୍‌ଏସି**
- ଭୁଶୁଡି ପଡିଛି ଶିକ୍ଷାବ୍ୟବସ୍ଥା
- ପୋଷାକ, ଜୋତା ନିମ୍ନମାନର ବଣ୍ଟନ
- ମିଲିଭଗତ୍‌ରେ ଛାତ୍ରୀଛାତ୍ରଙ୍କ ଟଙ୍କା ହରିଲୁଟ୍

### ଅସହାୟ ବୃଦ୍ଧ ଉଦ୍ଧାର

**ଲାଠୋର,୨୦।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରରୁ ଏକ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ଖପ୍ରାଖୋଲ ହସ୍ପିଟାଲକୁ ପଠାଯାଇଛି। ପ୍ରକାଶ ଯେ, ଦୀର୍ଘ ଦିନ ହେବ ନୂଆପଡା ଜିଲା ଖରିଆର ନିକଟସ୍ଥ ଦୁଆଝର ଗ୍ରାମର ବୃଦ୍ଧା ହୃଦାନନ୍ଦ(୫୫) ଲାଠୋର ଅଞ୍ଚଳକୁ ଆସି ଭିକ ମାଗି ଯାହା ପାଇଲେ ଖାଇ ଲାଠୋର ମହାଦେବ ମନ୍ଦିର ବେଦି ମଣ୍ଡପରେ ଆଶ୍ରୟ ନେଇଥିଲେ। ପ୍ରାୟ ୫ଦିନ ହେବ ସେ ଅସୁସ୍ଥ ହୋଇ କୁଆଡେ ନ ଯାଇ ଶୀତ କାକରରେ ବେଦି ମଣ୍ଡପରେ ରହିଥିଲେ। ଏହାକୁ ଲକ୍ଷ୍ୟ କରି ଗ୍ରାମର ମନୁ କୈବର୍ତ୍ତ, ବିଟୁ ଅଗ୍ରୱାଲ, କାହ୍ନା ବାରିକ, କମଳ ବିଶି ଏବଂ ଅନୁଜ ଅଗ୍ରୱାଲ ତାଙ୍କୁ ଖାଦ୍ୟ ପେୟ ସହ ଶୀତରୁ ରକ୍ଷା ପାଇବା ପାଇଁ କିଛି ବସ୍ତ୍ର ଦେଇ ରଖିଥିଲେ। ହେଲେ ସେ ଅଧିକ ଅସୁସ୍ଥ ହେଉଥିବା ଅନୁଭବ କରି ସମ୍ପୃକ୍ତ ସଚେତନ ବ୍ୟକ୍ତିମାନେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କୁ ଖବର ଦେଇଥିଲେ। ସରପଞ୍ଚ ମାରୱାଡି ଯୁବା ମଞ୍ଚର ଆମ୍ବୁଲାନ୍ସ ଯୋଗେ ସମ୍ପୃକ୍ତ ଅସୁସ୍ଥ ବୃଦ୍ଧଙ୍କୁ ଉଦ୍ଧାର କରି ଖପ୍ରାଖୋଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିବା ଜଣାପଡିଛି।

## ପାଟଣାଗଡ଼ରେ ଭୂମିପୂଜନ ରାଜନୀତି ଆରମ୍ଭ

**ପାଟଣାଗଡ,୨୦।୧୨(ଡି.ଏନ.ଏ.)**

ନିର୍ବାଚନ ଧିରେ ଧିରେ ଯେତେ ପାଖେଇ ଆସୁଛି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସେହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀ ଗୁରୁତ୍ୱ ବହନ କରୁଥିବାବେଳେ ଦୁଇ ପମୁଖ ରାଜନୈତିକ ଦଳ ଭାଜପା ଏବଂ ବିଜେଡି ଭୋଟରଙ୍କୁ ଭୁଡେଇବାକୁ ପ୍ରାଣମୂର୍ଚ୍ଛା କସରତ ଆରମ୍ଭ କଲେଣି, ଯାହା ଆଜିର ବିଜୁ ସେତୁ ଭୁମି ପୂଜନକୁ ନେଇ ଜଣାପଡିଛି। ସୂଚନାଯୋଗ୍ୟ ଯେ, ପାଟଣାଗଡ ବ୍ଲକ ଅନ୍ତର୍ଗତ ଘସିଏନରୁ ଅଏଁଲାଡୁଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଛେଲଖାଇଠାରେ ହେବାକୁ ଥିବା ନୂତନ ସେତୁ। ସେହିପରି ପଣ୍ଡାମୁଣ୍ଡା ପଞ୍ଚାୟତ କୁହାବାଉଁଶ ଗ୍ରାମଠାରୁ ଖପ୍ରାଖୋଲ ବ୍ଲକ ପଡିଆବାହାଲ ଗ୍ରମ ପଞ୍ଚାୟତ ଦେଦର୍ହ ଗ୍ରାମକୁ ସଂଯୋଗ କରୁଥିବା କୁହାବାଉଁଶଠାରେ ହେବାକୁ ଥିବା ନୂତନ ସେତୁ ପାଇଁ ବିଜୁ ସେତୁ ଯୋଜନାରେ ୨ଟି ସେତୁ ନିର୍ମାଣ ହେବାକୁ ଅଛି। ତେବେ ଉକ୍ତ ସେତୁ ନିର୍ମାଣର ଭୂମି ପୂଜନକୁ ନେଇ ବର୍ତ୍ତମାନ ରାଜନୀତି ସରଗରମ ହୋଇଛି। ଏହି ସେତୁ ନିର୍ମାଣ ପାଇଁ ଗୁରୁବାର ସ୍ଥାନୀୟ ବିଧାୟକ ଭୂମି ପୂଜନ କରିବାକୁ ଥିବାବେଳେ କିଛି ସମୟ ପୂର୍ବରୁ ସ୍ଥାନୀୟ ବିଜୁ ଜନତା ଦଳର କିଛି କର୍ମୀ ତରବରିଆ ଭାବେ ଏମ୍‌ପି କଳିକେଶ ନାରାୟଣଙ୍କ ନାମ ଥିବା ଶିଳା ଲଗେଇ ଭୂମି ପୂଜନ କରିଥିଲେ। ହେଲେ ଏ ବିଷୟରେ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଉପସ୍ଥିତ ନ ଥିବା ବେଳେ ଭୂମି ପୂଜନ ବିଷୟରେ ତାଙ୍କ ନିକଟରେ କୌଣସି ଖବର ନ ଥିବା ଜଣାଇଛନ୍ତି। ପରେ ଉକ୍ତ ସ୍ଥାନରେ ସ୍ଥାନୀୟ ବିଧାୟକ କନକ ବର୍ଦ୍ଧନ ସିଂଦେଓ ଭାଜପା ସମର୍ଥକଙ୍କ ସହ ପହଞ୍ଚି ଉକ୍ତ ସେତୁର ଭୂମି ପୂଜନ କରିଛନ୍ତି। ତେବେ ଏହି ଘଟଣାକୁ ଜନସାଧାରଣ ରାଜନୈତିକ ଦଳର ନିର୍ବାଚନୀ ଫାଇଦା ପାଇଁ ବଳ କଷା କଷି ବୋଲି ଆଲୋଚନା କରୁଛନ୍ତି।



ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ୫ମ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଲୋଇସିଂହା,୨୦।୧୨(ଡି.ଏନ.ଏ.)**

ୟଙ୍ଗୟୁଥ ସଂସ୍ଥା ପକ୍ଷରୁ ୫ମ ବର୍ଷ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଲୋଇସିଂହା ଜ୍ୟୋତି ଏଣ୍ଡ ସାଥୀ ଓ କୁଶଙ୍ଗ ବିଟୁ ଏଣ୍ଡ ସାଥୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଉଦ୍‌ଘାଟନୀ ମ୍ୟାଚରେ ଲୋଇସିଂହା ଯୋଡି ବିଜୟୀ ହୋଇଥିଲେ। ୩୦-୧୮ବ୍ୟବଧାନରେ ବିଜୟୀ ହୋଇ ଲୋଇସିଂହା ଜ୍ୟୋତି ଏଣ୍ଡ ସାଥୀ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ପରେ ୨୦ଯୋଡି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଲୋଇସିଂହା ଷ୍ଟାଡିୟମଠାରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଆୟୋଜକ ଅନୁଷ୍ଠାନର ଉପଦେଷ୍ଟା ବୁଲୁ ବାଦି ସଭାପତିତ୍ୱ କରିଥିଲେ। କମିଟି ସଭାପତି ଅରବିନ୍ଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ପ୍ରଦୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ଟୁର୍ନାମେଣ୍ଟରେ ଜିଲା ତଥା ଜିଲା ବାହାରର ୪୬ଦଳ ଅଂଶ ଗ୍ରହଣ କରିଛନ୍ତି।

### ମୁରିବାହାଲ ଥାନାର ପ୍ରତିଷ୍ଠା ଦିବସ ପାଳିତ

**ମୁରିବାହାଲ,୨୦।୧୨(ଡି.ଏନ.ଏ)**

ମୁରିବାହାଲ ପୋଲିସ ଥାନାର ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ଥାନା ପରିସରରେ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଥାନାରେ ଆମପୋଲିସ ସମିତିର ସଭ୍ୟ ବିଭିନ୍ନ ଅନୁଷ୍ଠାନର ସଭ୍ୟ ତଥା ବିବେଚିତ ପ୍ରତିନିଧି ଓ ଜନସାଧାରଣମାନଙ୍କୁ ନେଇ ମୁରିବାହାଲ ଥାନା ଅଧିକାରୀ ଲୋକନାଥ ଭୋଇଙ୍କର ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କଣ୍ଟାବାଞ୍ଜି ଏସଡିପିଓ ପ୍ରଫୁଲ୍ଲ ମିଶ୍ର, ମୁରିବାହାଲ ତହସିଲଦାର ସରିତା ଗୁପ୍ତା, ଟିଟିଲାଗଡ ଏସଡିପିଓ ସରୋଜ ମହାପାତ୍ର ଯୋଗଦେଇ ପୋଲିସ ଓ ଜନସାଧାରଣ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ରାଜୀବ କୁଅଁର, ଲକ୍ଷେ ଘରିଆ ଗଣ୍ଡା ସମାଜ ପକ୍ଷରୁ ମଦନ କୁମ୍ଭାର, ବ୍ରାହ୍ମଣ ସମାଜ ପକ୍ଷରୁ ବିରଞ୍ଚି ନାରାୟଣ ଖମାରୀ, ସବ୍ୟ ସାଚି ମିଶ୍ର, ଅଗସ୍ତି ବଘାର, ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ୨ବର୍ଷ ଥାନାର ମାନ୍ୟତା ହୋଇଥିବା ସତ୍ତ୍ୱେ ଥାନା ନିର୍ମାଣ ହୋଇପାରୁ ନାହିଁ।

## ଆର୍‌ଡି ଅଫିସରେ ଭାଜପାର ଧାରଣା




ଆର୍‌ଡି ଅଫିସ ପରିସରରେ ଭାଜପା କର୍ମୀଙ୍କ ବିକ୍ଷୋଭ।

**ଲୋଇସିଂହା,୨୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଗ୍ରାମ୍ୟ ନିର୍ମାଣ ଉପବିଭାଜନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିଥିବାରୁ ଭାଜପା କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯୁବକଙ୍କୁ ରୋଜଗାର ଦାବି, ପିସି ବିରୋଧରେ ହରତାଳ ଓ ଏକ ହେବା ହକ ନେବା ବିକ୍ଷୋଭ ସଭାରେ ଯୁବମୋର୍ଚ୍ଚା ସଭାପତି ସୁଦୀପ ସା ନେତୃତ୍ୱ ନେଇଥିଲେ। ପରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ଦିନେଶ ଶର୍ମା, ଗଜେନ୍ଦ୍ର ଦଣ୍ଡସେନା, ଆନନ୍ଦ ନାଏକ, ଉତ୍ତମ କବାଟ, ବଳରାମ ସା ଗୌରାଙ୍ଗ ନାଏକ, ସରୋଜ ସାହୁ, ତୁମେଶ୍ୱର ସାହୁଙ୍କ ସମେତ ବହୁକର୍ମୀ ବକ୍ତବ୍ୟ ରଖିଥିଲେ। ଆରଡି ବିଭାଗ ଉନ୍ନୟନ କାମରେ ବ୍ୟାପକ ଅନିୟମିତତା କରାଯାଉଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ପେଥାଇ ବର୍ଷା ପ୍ରଭାବିତ ଅଞ୍ଚଳ ବୁଲିଲେ ନରସିଂହ

**ବଲାଙ୍ଗୀର ଅଫିସ, ୨୦।୧୨**



ବଲାଙ୍ଗୀର ସଦର ବ୍ଲକ୍‌ର ପେଥାଇ ପ୍ରଭାବିତ ଅଞ୍ଚଳ ପରିଦର୍ଶନବେଳେ ଚାଷୀମାନେ ବିଧାୟକ ନରସିଂହ ମିଶ୍ରଙ୍କୁ ନଷ୍ଟ ଧାନ ଦେଖାଉଛନ୍ତି।

- ଚାଷୀ ଦେଖାଇଲେ କ୍ଷତିଗ୍ରସ୍ତ ଧାନ
- 'କ୍ଷତି ଭରଣା ନ ହେଲେ ଚାଷୀ ଆନ୍ଦୋଳନ ହେବ'

ପେଥାଇ ବର୍ଷା ଜନିତ ଧାନ ଫସଲ ପ୍ରଭାବିତ ଅଞ୍ଚଳକୁ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଗୁରୁବାର ଅପରାହ୍ନରେ ବୁଲି ଦେଖିଛନ୍ତି। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଚାଣ୍ଡିମୁଣ୍ଡା, ଆଡେନଡୁଙ୍ଗୁରି, ଶିବତଳା ଅଞ୍ଚଳର କ୍ଷତିଗ୍ରସ୍ତ ଜମି ପରିଦର୍ଶନ କରିଥିଲେ। ଅନେକ ଜମିରେ କଟା ଧାନ ରହିଥିବାବେଳେ ପେଥାଇ ବର୍ଷାରେ ସମ୍ପୂର୍ଣ୍ଣ ଭିଜିଯାଇ ନଷ୍ଟ ହୋଇଥିବା ଦେଖିବାକୁ ପାଇଥିଲେ। ଅନେକ ସ୍ଥାନରେ ଧାନ ଗଜା ହୋଇଥିବା ଦେଖାଯାଇଥିଲା। ଚଳିତ ବର୍ଷ ବଲାଙ୍ଗୀର ଜିଲାର ଚାଷୀ ପ୍ରାରମ୍ଭିକ ବର୍ଷାଭାବ ଜନିତ ମରୁଡିର ଶୀକାର ହୋଇଥିଲେ। ଏହାପରେ ଚକଡା ଉପଦ୍ରବର ଶୀକାର ହୋଇଥିଲେ। ଏବେ ପେଥାଇ ପ୍ରଭାବରେ ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚଳିତ ବର୍ଷ ଚାଷୀମାନେ ଗତ ବର୍ଷର ମରୁଡିଜନିତ ବୀମା କ୍ଷତିପୂରଣ ପାଇ ନ ଥିଲେ। ଫଳରେ ବହୁ ଚାଷୀ ଧାର ଉଧାର କରି ଚଳିତବର୍ଷ ଚାଷ କରିଥିଲେ। ଚଳିତବର୍ଷ ମରୁଡି, ଚକଡା ଓ ଏବେ ପେଥାଇ ପ୍ରଭାବରେ ଜିଲାର ଚାଷୀ ଏକ ପ୍ରକାର ଦୟନୀୟ ସ୍ଥିତିରେ ପହଞ୍ଚିଛନ୍ତି ବୋଲି ଚାଷୀମାନେ ବିଧାୟକ ମିଶ୍ରଙ୍କୁ ଅବଗତ କରିଥିଲେ। କିଭଳି ଭାବେ ଚାଷୀମାନେ ପେଥାଇ କ୍ଷତିପୂରଣ ପାଇବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଧାୟକଙ୍କୁ ଦାବି ଜଣାଇଥିଲେ। ଚାଷୀମାନଙ୍କ ସହ ଆଲୋଚନା କଲା ବେଳେ ବିଧାୟକ ମିଶ୍ର ଚାଷୀଙ୍କ ସମସ୍ତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଭରଣା ଯେମିତି ସରକାର କରିବେ ସେ ନେଇ ସେ କୃଷିମନ୍ତ୍ରୀ ଓ ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଥିଲେ। ଚାଷୀଙ୍କ ଏଭଳି ଦୟନୀୟ ସ୍ଥିତି ଉପରେ ସରକାର କୌଣସି ବିହିତ ପଦକ୍ଷେପ ଗ୍ରହଣ ନ କଲେ ୨୦୧୯ ମସିହା ଭଳିଆ ବିରାଟ ଚାଷୀ ଆନ୍ଦୋଳନ ଜରିଆରେ ଚାଷୀମାନେ ସରକାରଙ୍କୁ ଜବାବ ମାଗିବେ ବୋଲି ସେ କହିଥିଲେ। ପେଥାଇ ପ୍ରଭାବିତ ଅଞ୍ଚଳ ପରିଦର୍ଶନ ବେଳେ ବିଧାୟକ ମିଶ୍ରଙ୍କ ସହ ଚାଷୀନେତା ସୁଧୀର ପରିଚ୍ଛା, ବ୍ଲକ କଂଗ୍ରେସ ସଭାପତି ରାମ ପ୍ରସାଦ ମିଶ୍ର, ଯୁବନେତା ସରୋଜ ରଥ, ରାଜନୈତିକ ସଚିବ ଟଙ୍କଧର ଗଡତ୍ୟା ଓ ବିଭିନ୍ନ ଗାଁର ଚାଷୀ ଉପସ୍ଥିତ ଥିଲେ।

## ଫଟୋରେ ଖବର






କମଲେଶ ଚନ୍ଦ୍ର କମିଟି ସୁପାରିସ ସମ୍ପୂର୍ଣ୍ଣ ଲାଗୁ କରିବା ଦାବି ନେଇ ତୃତୀୟ ଦିନରେ ବଲାଙ୍ଗୀର ପ୍ରଧାନ ଡାକଘର ସମ୍ମୁଖରେ ଡାକ କର୍ମଚାରୀଙ୍କ ଧାରଣାରେ ଶ୍ରମିକନେତା ଯୋଗଦେଇଛନ୍ତି। (ଫଟୋ-ସୁନୀଲ)।(ବାମ)। ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପୁନଃ ସ୍ଥାପନ ଦାବି ନେଇ ୧୮ତମ ଦିନରେ ଧାରଣାରେ ବସିଛନ୍ତି। (ଫଟୋ: ସୁନୀଲ)

### ଛତୁଚାଷ ତାଲିମ ଶିବିର

**ବେଲପଡା,୨୦।୧୨(ଡି.ଏନ.ଏ.):** ନାର୍ବାଡ ଏବଂ ଓ୍ୱାଇସିଡିଏ ଅନୁଷ୍ଠାନର ସହଭାଗିତାରେ ବେଲପଡା ବ୍ଲକ ଘାର୍ଗୁର୍ଲୀ, ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ୧୦ ଦିନିଆ ଛତୁଚାଷ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ତୁଳସୀ ଦାସ ପାଢୀ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ବେଲପଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଲିମ ଶିବିରରେ ଘାର୍ଗୁର୍ଲୀ ଗ୍ରାମର ୩୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଛତୁଚାଷ ତାଲିମରେ ଭାଗ ନେଇଥିଲେ। ବିଜୟ ରାମ ସେନାପତି, ତପନ ଗିରି ଏବଂ ସଦାନନ୍ଦ ବନଛୋର ତାଲିମ ପ୍ରଦାନ କରିଥିଲେ।



ଅନ୍ୟର ଯେଉଁ ଗୁଣଟି ଖରାପ ବୋଲି ବିଚାରୁଛ, ସେ ଗୁଣଟି ତୁମର ଅଛି କି ନାହିଁ ପ୍ରଥମେ ଦେଖିନେଲେ, ସେ ଲୋକଙ୍କୁ ତୁମେ ମଧ୍ୟ ସୁଧାରି ଦେଇ ପାରିବ।
– ଇମରସନ



## ସଂକ୍ଷେପରେ




### ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି

ଜୟପାଟଣା,୨୦।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୟପାଟଣା ଅଗ୍ରୱାଲ ଭବନ ସମ୍ମୁଖ ଏକ କିରାନା ସାମଗ୍ରୀ ଗୋଦାମରେ ନିଆଁ ଲାଗି ପୋଡ଼ିଯାଇଛି । ଏଥିରେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାଯାଇଛି । ଜୟପାଟଣା ଅଗ୍ରୱାଲ ଭବନ ସମ୍ମୁଖରେ ଥିବା ଏକ କିରାନା ଷ୍ଟୋର ଗୋଦାମକୁ ବୁଧବାର ରାତିରେ ଏକ ଦଶ ଚକିଆ ଟ୍ରକରେ ଆସିଥିବା ବିସ୍କୁଟ କାଟୁନ ରଖାଯାଇଥିଲା । ଗୁରୁବାର ସକାଳୁ ସ୍ଥାନୀୟ ଲୋକେ ଗୋଦାମରୁ ଧୂଆଁ ବାହାରୁ ଥିବା ଦେଖି ଗୋଦାମ ମାଲିକଙ୍କୁ ଖବର ଦେଇଥିଲେ । କବାଟ ଖୋଲିଲା ବେଳକୁ ଗୋଦାମ ସାରା ନିଆଁ ଲାଗି ଯାଇଥିଲା । ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଗୋଦାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୧୬୦୦ ବର୍ଗଫୁଟ୍ ପରିସୀମା ମଧ୍ୟରେ ଥିବା ଗୋଦାମରେ ଥିବା ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଗୋଦାମ ମାଲିକ ପ୍ରକାଶ କରିଛନ୍ତି। ବୁଧବାର ରାତିରେ ବିସ୍କୁଟ କାଟୁନ ରଖିବା ସମୟରେ ଉଚ୍ଚରେ ରଖାଯାଇଥିବା ବିସ୍କୁଟ କାଟୁନ୍ ଗୋଦାମରେ ଲାଗିଥିବା ୨ଶହ ୱାଟ୍ ବିଦ୍ୟୁତ୍ ବଲ୍‌ବ ସଂସ୍ପର୍ଶରେ ଆସି ନିଆଁ ଲାଗି ଗୋଦାମ ସାରା ଲାଗିଥିବା ଅନୁମାନ କରାଯାଉଛି ।



### ବ୍ଲକ କଂଗ୍ରେସ କମିଟି ସମ୍ପାଦକଙ୍କ ବିୟୋଗରେ ଶୋକସଭା

କୋକସରା,୨୦।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ସମ୍ପାଦକ ବ୍ରହ୍ମାନନ୍ଦ ଦାସ (ବମି)ଙ୍କ ବୁଧବାର ପରଲୋକ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ବ୍ଲକ କଂଗ୍ରେସ ଭବନଠାରେ ଏକ ଶୋକସଭା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଶୋକ ସଭାରେ ବ୍ଲକ କଂଗ୍ରେକ ମିଟ ସଭାପତି ରାଜେନ୍ଦ୍ର ନାଏକ, ତରୁଣ ମାଝି, ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, କୃପାସିନ୍ଧୁ ପ୍ରଧାନୀ, ନିମାଇଁ ଧଙ୍ଗଡାମାଝି, ତ୍ରିଭୁବନ ନାଏକ, ମହେନ୍ଦ୍ର ଧରୁଆ, ଭାରତୁ ନାଏକ, ଫୁଲତୋଳା ଖମାରୀ, ଜନ୍ମେପ୍ରସାଦ ଚୈଧୁରୀ, ରୁପଧର ପୋଢ଼, ହେମନ୍ତ ବାଗ ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

### କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ହାଇକୋର୍ଟ ବେଞ୍ଚକୁ ସମର୍ଥନ

ଭବାନୀପାଟଣା,୨୦।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଶିକ୍ଷା ବିକାଶ ପରିଷଦର ଏକ କାର୍ଯ୍ୟକାରୀଣୀ ବୈଠକ ଅଧକ୍ଷ ପ୍ରଫେସର ଡ. ଗୋପବନ୍ଧୁ ବେହେରାଙ୍କ ଅଧକ୍ଷତାରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ କନଫରେନସ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସମ୍ପାଦକ କୃଷ୍ଣାବତାର ଦେଓ ବିବରଣୀ ପାଠ ପରେ କାଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ନିଯୁକ୍ତି ଦାବିରେ କଳାହାଣ୍ଡି ଓକିଲ ସଂଘର ଆନ୍ଦୋଳନକୁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଏହି ଅନ୍ଦୋଳନରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବା ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ଭିମସାର ନିର୍ଦ୍ଦେଶକଙ୍କୁ ଛୁଟିରେ ଯିବା ନିର୍ଦ୍ଦେଶ ନିଷ୍ପତ୍ତି, କଳହାଣ୍ଡି ପ୍ରତିଷ୍ଠା ଦିବସରେ ନାମପରିବର୍ତ୍ତନ ଓ ଭବାନୀପାଟଣା ସ୍ୱୟଂ ଶାସିତ କଲେଜ ତଥା ମହିଳା କଲେଜ କର୍ମଚାରୀ, ଅଧାପକ ଅଧାପିକା ସଂଖ୍ୟା ବହୁତ କମ ଥିବାରୁ କ୍ଷୋଭ ପ୍ରକାଶ କରାଯିବା ସହ ତୁରନ୍ତ ଏହି ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଅଧାପକ ଓ ଅଧାପିକା ନିଯୁକ୍ତି ନିମନ୍ତେ ଦାବି କରାଯାଇଥିଲା । ଏହି ଦାବିକୁ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ମଧ ସମର୍ଥନ ଦିଆଯାଇଥିଲା। ପରିଷଦ ପକ୍ଷରୁ କଳାହାଣ୍ଡି ଜିଲାରେ ହୋଇକୋର୍ଟ ବେଞ୍ଚର ପୁନଃ ପ୍ରତିଷ୍ଠା ଓ କଳାହାଣ୍ଡି ପ୍ରତିଷ୍ଠା ଦିବସର ଜିଲାର ଦାବି ଅନୁଯାୟୀ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । ଏଥିରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଉପସଭାପତି ଡ. ଅକ୍ଷୟ କୁମାର ନନ୍ଦ, ଜଗନ୍ନାଥ ମୁଣ୍ଡ,ମହେଶ୍ୱର ଦାସ, ଡ. ଅଜୟ ମିଶ୍ର, ପ୍ରଫେସର ବିପିନ ବିହାରୀ ପଣ୍ଡା, ପ୍ରଫେସର ସୁରଜିତ ସିଂ ସମେତ ଦେବେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

---

ସରକାରୀ ସହାୟତା ପାଇଁ ଚାଷୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

# କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ଦାବି

ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)

**ପେଥାଇ ପ୍ରଭାବ**
- ଶହଶହ ହେକ୍ଟର ଧାନ, କପା ଓ ପନିପରିବା ଫସଲ ନଷ୍ଟ
- ଗୋଲାମୁଣ୍ଡା ବ୍ଲକରେ ମଣ୍ଡି ଖୋଲିନି

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ କଳାହାଣ୍ଡି ଜିଲା ଚାଷୀଙ୍କ ନିଦ ହଜିଯାଇଛି। ଭବାନୀପାଟଣା ବ୍ଲକର ୧୦୪ଜଣ ଚାଷୀଙ୍କ ୨୧୨ ହେକ୍ଟର, ମ.ରାମପୁର ବ୍ଲକ ଚାଷୀଙ୍କ ୮୪ ଜଣଙ୍କ ୨୧୩ ହେକ୍ଟର, କେସିଙ୍ଗା ବ୍ଲକ ୭୮ ଜଣ ଚାଷୀଙ୍କ ୨୧୪ ହେକ୍ଟର, ଗୋଲାମୁଣ୍ଡା ବ୍ଲକ ୨୧୨ ଜଣ ଚାଷୀଙ୍କ, ଧର୍ମଗଡ ବ୍ଲକ ୨୧୧ ଜଣ ଚାଷୀଙ୍କ କଷ୍ଟ ଉପାର୍ଜିତ ଚାଷ ପ୍ରଭାବିତ ହୋଇଛି। ଲଘୁଚାପଜନିତ ବର୍ଷା ଯୋଗୁ ଧାନ ଭିଜି ଯାଇଥିବାରୁ ମଣ୍ଡିକୁ ଚାଷୀଙ୍କର ଆସୁଥିବା ଧାନର ମାନ ଯଦି କୋହଳ କରା ନ ଯାଏ ତାହେଲେ ଚାଷୀ ବ୍ୟାପକ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ରହିଛି । ସରକାର ତଥା ଜିଲା ପ୍ରଶାସନ ଏହାର ଯଥାଶୀଘ୍ର ନିଷ୍ପତ୍ତି ନ ନେଲେ ଜିଲାରେ କୃଷକ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଜିଲା କଂଗ୍ରେସ କ୍ଷେତ ମଜଦୁର ସଂଘର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁର ଚେତାବନୀ ଦେଇଛନ୍ତି । ଗୋଲାମୁଣ୍ଡା ବ୍ଲକରେ ଆଜି ପର୍ଯ୍ୟନ୍ତ ମଣ୍ଡି ଖୋଲି ନ ଥିବା ବେଳେ କପା ଭିଜି ନଷ୍ଟ ହୋଇଯାଇଛି । ଅନ୍ୟପକ୍ଷେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ୧୭ ତାରିଖ ସନ୍ଧ୍ୟାରୁ ବିଦ୍ୟୁତ କାଟ ହୋଇଥିବା ଜଣାପଡ଼ିଛି । ଅପରପକ୍ଷରେ ବ୍ଲକରେ ମହାଲିଙ୍ଗ, ଲେଡେର, ବୋର୍ଡି, କୁହୁରା ପଞ୍ଚାୟତରେ ୩ଦିନ ହେଲା ବିଦ୍ୟୁତ ନ ଥିବା ଜଣାପଡିଛି । ସେହିପରି ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପୋଲ ନିର୍ମାଣ ପାଇଁ ଠିକାଦାର ବାଇପାସ କରି କାର୍ଯ୍ୟ ଆରମ୍ଭ କରିଥିଲେ । ଏଣୁ ବର୍ଷା ଜଳ ନିଷ୍କାସନ ନ ହୋଇପାରିବାରୁ ଏହି ଗାଁର ପ୍ରାୟ ୧୭ ଏକର ଜମିରେ ପାଣି ପଶି ଯିବାରୁ ବ୍ୟାପକ ଫସଲ ନଷ୍ଟ ହୋଇଛି । କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତା ପାଇବା ପାଇଁ ଧର୍ମଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହେଉଛି । ଅଦିନିଆ ବର୍ଷା ଯୋଗୁ ଗୋଲାମୁଣ୍ଡା ବ୍ଲକର ଦଶପୁର ମଣ୍ଡଳର ୮ଟି ପଞ୍ଚାୟତରେ ଧାନ ଓ ପନିପରିବା ଫସଲ ବ୍ୟାପକ ଭାବରେ କ୍ଷୟକ୍ଷତି ଘଟିଛି । ଜମିରେ ଥିବା ଧାନ ଗଜା ହେବାକୁ ବସିଲାଣି । ବର୍ଷା ଲାଗି ରହିଥିବାରୁ ପନିପରିବା ନଷ୍ଟ ହୋଇଗଲାଣି । ଏଥିଯୋଗୁଁ ରେଙ୍ଗାଲପାଲି ପଞ୍ଚାୟତର ନେକ ଚାଷୀଙ୍କ ଧାନ ଓ ମୁଗ ନଷ୍ଟ ହୋଇଯାଇଛି।

ନର୍ଲା ବ୍ଲକ ରୁପ୍ରା ଅଞ୍ଚଳରେ ଧାନ, ହରଡ, ମୁଗ, ବିରି, ଓ କପା ଚାଷର ବ୍ୟାପକ କ୍ଷୟକ୍ଷତି ହୋଇଛି । ଅନେକ ଜମିରେ ଧାନ କଟା ସରିଯାଇଥିବା ବେଳେ ବର୍ତ୍ତମାନ ପାଣି ଭିତରେ ଧାନ ପଡି ରହିଛି । ଧାନ ଗଜା ହେବା ଆଶଙ୍କା ଦେଖା ଦେଇଛି । ମଣ୍ଡିଗୁଡିକରେ ଧାନର ମାନରେ କିଛି କୋହଳ କରାଯାଇ ଚାଷୀଙ୍କୁ ସୁହାଇଲା ଭଳି କିଛି ପଦକ୍ଷେପ ନେବାକୁ ପ୍ରଶାସନ ଦୃଷ୍ଟି ଦେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ରିଲିଫ କୋଡ ଅନୁଯାୟୀ ସହାୟତା ଯୋଗାଇ ଦେବାକୁ ଭାଜପା କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ଅଜୟ ସେନାପତି ଦାବି କରିଛନ୍ତି । ଭବାନୀପାଟଣା ସଦର ବ୍ଲକ ମିଲ୍‌କୀ ଅଞ୍ଚଳରେ ପେଥାଇ ପ୍ରଭାବରେ ଲଘୁଚାପ ଜନିତ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ଧାନ ଫସଲ ଅମଳ ସମୟ ହୋଇଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମଣ୍ଡି, ଖଳା ଓ ଜମିରେ ପଡି ରହିଥିବା ଧାନ ଦୁଇଦିନ ହେଲା ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି । ବ୍ଲକର ବୋର୍ଡା, ଗୁର୍ଜୁଙ୍ଗ, ଡୁମୁରିଆ, ପଲନା, ଅର୍ତ୍ତଲ, ବୋରଭଟ୍ଟା, ସୁିକଆଁ, ମାଦିଗୁଡା, ସେଁପୁର, କେନ୍ଦୁଘାଟି କର୍ଲାପଡା, ଛେଲିଆମାଲ, ମାଲଗାଁ, ଚହଗାଁ ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗାଁରେ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ ଧାନ ବର୍ଷାରେ ଭିଜି ପଡିରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଛନକା ପଡିଯାଇଛି । ଫସଲ କ୍ଷତି ନେଇ ଜିଲା କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀଙ୍କ ସହ ଯୋଗାଯୋଗ କରିବାରୁ କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।


ଧାନକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଘୋଡ଼ାଇ ରଖାଯାଇଛି।

### ସରକାରଙ୍କଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

କୋକସରା,୨୦।୧୨(ଡି.ଏନ.ଏ.)

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କ୍ଷୟକ୍ଷତି ଯୁଦ୍ଧକାଳୀନ ଭିତ୍ତିରେ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ କୃଷକ ସଚେତନ ମଞ୍ଚ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ଧାନ, ମୁଗ, ବିରି ଓ ତୈଳ ଜାତୀୟଶସ୍ୟର ବ୍ୟାପକ କ୍ଷତି ହୋଇଛି । ଚଳିତବର୍ଷ ଅନାବୃଷ୍ଟି ଯୋଗୁ ପୂର୍ବରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବର୍ତ୍ତମାନ ଅଦିନିଆ ବର୍ଷା ଦାଉ ସାଜିଥିବାରୁ ଯାହାକିଛି ବଞ୍ଚିଥିବା ଧାନର ମଧ କ୍ଷତି ହୋଇଯାଇଛି। ଏଥିପ୍ରତି ସରକାର ନିୟମକୁ କୋହଳ କରିବା ପାଇଁ ଅଞ୍ଚଳର ଚାଷୀମାନେ ସରକାରଙ୍କଠାରେ ଅନୁରୋଧ କରିଛନ୍ତି। ଏଥିରେ ମଞ୍ଚର ସଭାପତି ଶିବପ୍ରସାଦ ପ୍ରଧାନୀ ନେତୃତ୍ୱରେ ମିନୀକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ଗରୁଡଧ୍ୱଜ ମାଝି, ଜୟଲାଲ ନାଏକ, ନିଳକଣ୍ଠ ମାଝି, ସହଦେବ ପଟ୍ଟନାୟକ, ନରାୟଣ ପଟ୍ଟନାୟକ, ଋଷିମଣି ମାଝି, ନରହରି ରାଉତ, ବଳରାମ ପୂଝାରୀ, ଧନେଶ୍ୱର ପଣ୍ଡା, ଉଗ୍ରେସନ ସାହୁ ପ୍ରମୁଖ ସାମିଲ ଥିଲେ ।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବିକଲେ ଭକ୍ତ ଦାସ

ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)

ବାତ୍ୟା 'ପେଥାଇ' ପ୍ରଭାବ ବର୍ଷାରେ ରାଜ୍ୟର ଅଧିକାଂଶ ଜିଲାରେ ଫସଲ ନଷ୍ଟ ହୋଇଛି। ଏଥିପୂର୍ବରୁ ତିତିଲ ବାତ୍ୟା ପ୍ରଭାବରେ ଚାଷୀ ଅଣ୍ଟା ସଳଖି ନାହିଁ । ସରକାରୀ ସହାୟତା ମିଳି ନ ଥିବାବେଳେ ଏହି ବାତ୍ୟା କଳାହାଣ୍ଡି ସମେତ କେତେକ ଜିଲାର ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଏହି ପରିପେକ୍ଷୀରେ ରାଜ୍ୟ ସରକାର କେବଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଚୁପ୍ ହୋଇ ବସି ରହିଛନ୍ତି ବୋଲି କଂଗ୍ରେସ ରାଜ୍ୟ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି । ଦାସ ଆହୁରି କହିଛନ୍ତି ଯେ, ଚାଷ ଏବଂ ଚାଷୀକୁଳର ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବା ସତ୍ତ୍ୱେ ରାଜ୍ୟ ସରକାର କୌଣସି ଦୃଢ ପଦକ୍ଷେପ ଗ୍ରହଣ କଲେ ନାହିଁ। ଏହି କାରଣରୁ ଚାଷୀଙ୍କ ଅମଳ ଶସ୍ୟ ବର୍ଷା ପାଣିରେ ନଷ୍ଟ ହୋଇଗଲା। ଧାର, କରଜ, ଋଣ କରି ଚାଷ କରିଥିବା ଚାଷୀକୁଳ ପୁଣି ଥରେ ଋଣ ବୋଝରେ ଚାପି ହୋଇ ରହିଗଲେ। ଅନ୍ୟପକ୍ଷରେ ମଣ୍ଡିର ଅଭାବ ଯୋଗୁ ଚାଷୀ ଠିକ ଭାବେ ଧାନ ବିକ୍ରି କରି ନ ପାରି ଖଳାରେ ଗଦା କରି ରଖିଥିଲା । ତାହା ଏବେ ପେଥାଇ ବର୍ଷାରେ ଧୋଇ ନଷ୍ଟ ହେଲା । ପେଥାଇ ପ୍ରଭାବ ଜାଣି ସୁଦ୍ଧା ରାଜ୍ୟ ସରକାର ମଣ୍ଡିରେ ପଡି ରହିଥିବା ଶସ୍ୟ ଅମଳକୁ ମଧ ରାଜ୍ୟ ସରକାର ବର୍ଷା ପାଣିର ଦାଉରୁ ବଞ୍ଚାଇବାରେ ଅକ୍ଷମ ହେଲେ। ମଣ୍ଡିରେ ପଲିଥିନ୍ ନାହିଁ, ଧାନ ଭିଜୁଛି ବର୍ଷାରେ, ଏମ୍‌ଏସପି ୧୭୫୦ ମିଳିବା ବଦଳରେ ମାତ୍ର ୧୦୦୦ ରୁ ୧୨୦୦ ଟଙ୍କା ମିଳୁଛି । ଏ ସରକାର ଚାଷୀ ବିରୋଧୀ ସରକାର ବୋଲି ଦାସ କହିଛନ୍ତି । ରାଜ୍ୟର ଚାଷୀକୁଳ ହିତରେ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାସ ଦାବି କରିଛନ୍ତି ।

## ଜିଲା ଶିଶୁ ସୁରକ୍ଷା ସମିତି, ଜିଲା ଶିଶୁ ମଙ୍ଗଳ ସମିତିର ମିଳିତ ତଦନ୍ତ ଆରମ୍ଭ

ଭବାନୀପାଟଣା,୨୦।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ସିରିମସ୍କା ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଳମ୍ବରେ ମଙ୍ଗଳବାର ଥୁ.ରାମପୁର ଥାନାରେ ରୁଜୁ ହୋଇଛି । ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଅନ୍ୟତମ ସଦସ୍ୟ ସତ୍ୟନାରାୟଣ ମହାପାତ୍ର ଉକ୍ତ ସ୍କୁଲକୁ ଯାଇ ପିଲାମାନଙ୍କ ସହିତ ଆଲୋଚନା କରିଥିଲେ । ହଷ୍ଟେଲର ବ୍ୟବସ୍ଥା ଓ ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ କରିଥିଲେ । ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପଚାରିବାରୁ ଆମେ ତଦନ୍ତ କରିବାକୁ ଯାଇଥିଲୁ ଓ ଜିଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ । ଅନ୍ୟପକ୍ଷରେ କିଭଳି ଭାବରେ ଏହି ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ପୂର୍ବରୁ ଅବଗତ କରାଗଲା ନାହିଁ କିମ୍ବା ତଦନ୍ତ ନ କରି ମାମଲା ରୁଜୁକୁ ଅପେକ୍ଷା କରାଗଲା ସେ ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ପୂର୍ବରୁ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ କୌଣସି ତଦନ୍ତ ନିଜ ଆଡୁ କରି ନ ଥିବା ବେଳେ ମଙ୍ଗଳବାର ମାମଲା ରୁଜୁ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ କରିଥିବା ଘଟଣା ନେଇ ଚର୍ଚ୍ଚା ହେଉଛି।

ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

## କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ

କଲମପୁର,୨୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ସିରିମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହୁଥିବା ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଲକୃଷ୍ଣ ମହାପାତ୍ର ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ସମ୍ପୃକ୍ତ ଶିକ୍ଷକଙ୍କୁ ସ୍ଥାନାନ୍ତର ଏବଂ ପରବର୍ତ୍ତି ସମୟରେ ଜିଲା ଶିକ୍ଷାଧିକାରୀ ନିଲମ୍ବନ କରିଥିଲେ। ଏହି ଘଟଣା ପରେ ଗୁରୁବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ ର ବରିଷ୍ଠ ନେତା ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଜିଲା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କର୍ମକର୍ତ୍ତା ଛାତ୍ରୀଙ୍କ ଗ୍ରାମକୁ ଯାଇ ପରିବାରବର୍ଗ ଏବଂ ଗ୍ରାମବାସୀଙ୍କ ସହ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଗ୍ରାମବାସୀ ଓ ପରିବାର ଲୋକେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଅନେକ ସମୟରେ ଏଠାକୁ ଆସି ସେହି ଛାତ୍ରୀଙ୍କୁ ବାଇକ୍‌ରେ ନେଇଥିବା ସ୍ୱୀକାର କରିଥିଲେ। ଏହାପରେ ସେମାନେ ସିରିମସ୍କା ଉଚ୍ଚ ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ବିଦ୍ୟାଳୟ ଶିକ୍ଷକ, ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। କେଉଁମାନେ ବିଦ୍ୟାଳୟକୁ ଆସୁଥିଲେ। ଭୋଜିଭାତ କରୁଥିଲେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଛାତ୍ରୀ ନିବାସକୁ ଯାଇ ମେଟ୍ରନଙ୍କୁ ମଧ ପ୍ରଧାନଶିକ୍ଷକ ଅନ୍ୟ ଛାତ୍ରୀଛାତ୍ରଙ୍କ ସହିତ କିଭଳି ବ୍ୟବହାର ପ୍ରଦର୍ଶନ କରୁଥିଲେ ପଚାରୁ ବୁଝିଥିଲେ। ଦାସ ଅନୁଧ୍ୟାନରୁ ଘଟଣାର ସତ୍ୟତା ରହିଛି ଏବଂ ଜିଲା ପ୍ରଶାସନ ଓ ପୋଲିସ ବର୍ତ୍ତମାନ ସୁଦ୍ଧା ଠିକ ପଦକ୍ଷେପ ନେଇଥିଲେ ମଧ୍ୟ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ । ଏହା ବ୍ୟତିତ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଆମେ ଅନ୍ୟପନ୍ଥା ଅବଲମ୍ବନ କରିବୁ ବୋଲି ଚେତାବନୀ ଦେଇଛନ୍ତି । ତାଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଦୌପଦୀ ମାଝି, ଅଶୋକ କୁମାର ସିଂ ପ୍ରମୁଖ ଯାଇଥିଲେ।


ସିରିମସ୍କା ଛାତ୍ରୀ ନିବାସ ସମ୍ମୁଖରେ କଂଗ୍ରେସ ନେତୃବୃନ୍ଦ ।

ଆର୍‌ଡି ରାସ୍ତାଠାରୁ କର୍‌କାମସ୍କା ନିମ୍ନମାନର

## ବାହାର ଶ୍ରମିକଙ୍କୁ କାମ, ସ୍ଥାନୀୟ ଲୋକଙ୍କୁ ମିଳୁନି

**ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା**

ଲାଞ୍ଜିଗଡ,୨୦।୧୨(ଡି.ଏନ.ଏ.)

ରାସ୍ତା ହେବ, ଲୋକେ ସୁବିଧା ପାଇବେ । ଏହି ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ଏବେ ଲୋକଙ୍କ ଆଶାଠାରୁ ଦୂରେଇଯାଇଛି । ଅତି ନିମ୍ନମାନର କାମ ସହିତ କମ୍ ପରିମାଣର ମଜୁରି ଓ ସ୍ଥାନୀୟ ଲୋକଙ୍କ ବଦଳରେ ବାହାର ଲୋକଙ୍କୁ ଆଣି କାମ କରାଉଥିବା ଅଭିଯୋଗ ହେଉଛନ୍ତି । ଖବର ଅନୁଯାୟୀ, ଭବାନୀପାଟଣା ଆର୍‌ଡି ଡିଭିଜନ ଅନ୍ତର୍ଗତ ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି-ଲାଞ୍ଜିଗଡ଼ ଆର୍‌ଡି ରାସ୍ତାଠାରୁ କର୍‌କାମସ୍କା ୫ କି.ମି. ଦୂରତା ଯାଏଁ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଚାଲିଛି । ସ୍ୱତନ୍ତ୍ର ଶ୍ରେଣୀର ଜଣେ ଠିକାଦାର ଏହାର ଟେଣ୍ଡର ସହିତ ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିମ୍ନମାନର ମେଟାଲ, ବାଲି ଓ ସିମେଣ୍ଟ ବ୍ୟବହାର କରାଯାଉଥିବାବେଳେ ଏଥିରେ ନିୟୋଜିତ ଶ୍ରମିକଙ୍କୁ ଦୈନିକ ୧୩୦ ଟଙ୍କା ଦିଆଯାଉଛି । ଏହାକୁ ବିରୋଧ କଲେ ଠିକାଦାର ଶ୍ରମିକମାନଙ୍କୁ ଧମକଚମକ ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି । ସେହିପରି ବନ୍ଧପାରି ପଞ୍ଚାୟତରେ କାମ ହେଉଥିବାବେଳେ ସ୍ଥାନୀୟ ଲୋକଙ୍କୁ କାମ ନ ଦେଇ ଅନ୍ୟ ବ୍ଲକରୁ ଶ୍ରମିକ ଆଣି କାମ କରାଉଥିବା ମଧ ଅଭିଯୋଗ ହେଉଛି । ଏ ନେଇ ଅଭିଯୋଗ ହେବା ପରେ ସ୍ଥାନୀୟ ସରପଞ୍ଚ ଫୁଲମେ ମାଝି ଠିକାଦାରଙ୍କୁ ଅଭିଯୋଗ କରିଥିବାବେଳେ ତମେ ଯାହା କରୁଛ କର, ମୁଁ ମଜୁରି ବଢାଇପାରିବି ନାହିଁ ବୋଲି କହିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ଓ ଉପରିସ୍ଥ ଅଧିକାରୀ ଚୁପ୍ ଥିବା ଜଣାପଡିଛି । ଏହି କାମର ଉଚ୍ଚସ୍ତରୀୟ ତଦନ୍ତ ସହ ଶ୍ରମିକଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଫେରାଦ ହେବାକୁ ଗ୍ରାମବାସୀ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି ।

ଗ୍ରାମୀଣ ଡାକ ସେବକ ସଂଘ

## ଚତୁର୍ଥ ଦିନରେ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ

ଭବାନୀପାଟଣା,୨୦।୧୨(ଡି.ଏନ.ଏ.)

ଅଖିଳ ଭାରତ ଗ୍ରାମୀଣ ଡାକ ସେବାକ ସଂଘର ୧୦ ଦଫା ଦାବି ନେଇ ଚାଲିଥିବା ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। କଳାହାଣ୍ଡି ମଣ୍ଡଳ ସଭାପତି ସହଦେବ ମଲ୍ଲିକ, କୋଷାଧକ୍ଷ ଜିତେନ୍ଦ୍ର ଠାକୁର ଓ ମଣ୍ଡଳ ସମ୍ପାଦକଙ୍କ ନେତୃତ୍ୱରେ ଧର୍ମଘଟ ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଜାରି ରହିଛି। ସେମାନଙ୍କ ଦାବିଗୁଡିକ ହେଲା ଜିଡିଏସ କମିଟିର ସମସ୍ତ ରିପୋର୍ଟ ତା୦୧।୦୧।୨୦୧୬ଠାରୁ ଲାଗୁ କରିବା, ସମସ୍ତ ଅବସରକାଳୀନ ସୁବିଧା ମଧ୍ୟ ତା.୦୧।୦୧।୨୦୧୬ଠାରୁ କରିବା ଏବଂ ଏରିଅରଗଣନା ସୂତ୍ର ପରିବର୍ତ୍ତନ କରିବା, ଗ୍ରାଚ୍ୟୁଟି ସୀମା ଦେଢ ଲକ୍ଷଟଙ୍କାକୁ ପରିବର୍ତ୍ତନ କରି ପାଞ୍ଚ ଲକ୍ଷଟଙ୍କା ବୃଦ୍ଧି କରିବା, ଗ୍ରୁପ ଇନସୁରାନ୍ସ ସୀମା ପାଞ୍ଚ ଲକ୍ଷଟଙ୍କା ଧାର୍ଯ୍ୟ କରି ପାଞ୍ଚ ଶହ ଟଙ୍କା ସବସ୍କ୍ରିପ୍‌ସନ ଧାର୍ଯ୍ୟ ହେଉ, ଚାକିରୀ ଅବସର କାଳୀନ ଯୋଜନା ନିମନ୍ତେ ଜିଡିଏସଙ୍କ ଦରମା ୧୦ ପ୍ରତିଶତ ଓ ସରକାର ଅନୁରୂପ ୧୦ ପ୍ରତିଶତ ଦେବା, ଜିଡିଏସ କମିଟି ସୁପାରିଶ ଅନୁସାରେ ଜିଡିଏସମାନଙ୍କୁ ଇଏସଆଇ, ଏବଂ ଇପିଏଫ୍ ଲାଗୁ କରିବା, ଜିଡିଏସ୍ କର୍ମଚାରୀମାନଙ୍କୁ ଆର୍ଥିକ ପଦୋନ୍ନତି ମଞ୍ଜୁର କରି ୧୨,୨୪.୩୬ ବର୍ଷ ଚାକିରୀଆଙ୍କୁ ଅତିରିକ୍ତ ମହଙ୍ଗା ଭତ୍ତା ମୂଳ ଦରମାରେ ମିଶ୍ରଣ କରାଯାଉ, ଡାକ ସେବକମାନଙ୍କୁ ବଦଳି ସୁବିଧା ଦିଆଯାଉ, ବଦଳି ସମୟରେ ଦରମା ସୁରକ୍ଷିତ ରଖାଯାଉ, ମଣ୍ଡଳସ୍ତରୀୟ ବଦଳି ସୁପରିଟେଣ୍ଡେଣ୍ଟ, କ୍ଷେତ୍ରସ୍ତରୀୟ ବଦଳି ମହାଡାକ ପାଳ, ପରିମଣ୍ଡଳସ୍ତରୀୟ ବଦଳି ମୁଖ୍ୟ ମହାଡାକ ପାଳ ଦ୍ୱାରା ମଞ୍ଜୁର କରାଯାଉ, ଜିଡିଏସ କମିଟି ସୁପାରିଶ ଅନୁସାରେ ତିନି ପ୍ରକାର ସେଚ୍ଛାକୃତ ଅବସର ପ୍ରସ୍ତାବକୁ ଲାଗୁ କରାଯାଉ, ଡାକ ସେବକମାନଙ୍କୁ ବର୍ଷକୁ ୩୦ ଦିନ ସ୍ୱବେତନ ଛୁଟି ପ୍ରଦାନ କରାଯାଉ ଏବଂ ସର୍ବଧୀକ ୧୮୦ ଦିନ ଛୁଟି ମଞ୍ଜୁର କରାଯାଉ, ଶିକ୍ଷା ଭତ୍ତା ବର୍ଷକୁ ୬୦୦୦ ଟଙ୍କା ପ୍ରତି ସନ୍ତାନକୁ ଦିଆଯାଉ, ବ୍ରାଞ୍ଚ ପୋଷ୍ଟ ମାଷ୍ଟରମାନଙ୍କୁ କମ୍ପାଜିଟ ଭତ୍ତା ୫୦୦ ଟଙ୍କାରୁ ୧୬୦୦ ଟଙ୍କା ବୃଦ୍ଧି କରାଯାଉ, ଅନ୍ୟ ସହକାରୀ ପୋଷ୍ଟ ମାଷ୍ଟରମାନଙ୍କୁ ମଧ୍ୟ ପ୍ରଦାନ କରାଯାଉ, ପ୍ରୋତ୍ସାହନ (ଇନସେଟିଭ) ପ୍ରଥା ଭାରତୀୟ ଡାକ ପେମେଣ୍ଟ ବ୍ୟାଙ୍କ କାର୍ଯ୍ୟରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି, ଶାଖା ଡାକଘର ଓ ଡାକ ସେବାକମାନଙ୍କ କାର୍ଯ୍ୟ ନିର୍ଘଣ୍ଟ ବୃଦ୍ଧି କରାଯାଉ, ଜଣକିଆ ଶାଖା ଡାକ ଘରକୁ ଡବଲ ହେଣ୍ଡେଡକୁ ଉନ୍ନତି କରିବା ଆଦି ରହିଛି ।



ଜିଲା ମୁଖ୍ୟ ଡାକଘର ସମ୍ମୁଖରେ ଗ୍ରାମୀଣ ଡାକ ସେବାକ ସଂଘର ଧର୍ମଘଟ ଜାରି ରହିଛି।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

- ଗୀତା



## ସଂକ୍ଷେପରେ



### ପ୍ରଥମ ପ୍ରୟାସରେ ଦୀପ୍ତିଙ୍କୁ ଓପିଏସ୍‌ସି ସଫଳତା

ଝାରସୁଗୁଡ଼ା ଅଫିସ,୨୦।୧୨

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ଚୂଡ଼ାନ୍ତ ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଝାରସୁଗୁଡ଼ା ପୌରାଞ୍ଚଳ ୱାର୍ଡ ନଂ-୮ ପଞ୍ଚପଡ଼ାର ଦୀପ୍ତି ଚୌଧୁରୀ ରାଜ୍ୟସ୍ତରରେ ୫୭ ର୍‍ୟାଙ୍କ ହାସଲ କରି ସଫଳତା ପାଇଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରୂପାନନ୍ଦ ଚୌଧୁରୀ ଏବଂ ପୁଷ୍ପଲତା ପଟେଲଙ୍କ ଝିଅ ହେଉଛନ୍ତି ଦୀପ୍ତି। ସେ କୌଣସି କୋଚିଂର ସହାୟତା ନ ନେଇ ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରିଥିବା ବାପା ରୂପାନନ୍ଦ ପ୍ରକାଶ କରିଛନ୍ତି। ଝିଅର ସଫଳତା ଖବର ପ୍ରଚାର ହେବା ପରେ ପରିବାରକୁ ଅଭିନନ୍ଦନ ବାର୍ତ୍ତା ଛୁଟିଛି। ମେଧାବୀ ଛାତ୍ରୀ ଦୀପ୍ତି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଫରେଷ୍ଟ୍ରିରେ ବିଏସ୍‌ସି ପାସ୍ କରିବା ପରେ ଇଣ୍ଡିଆନ୍ କାଉନସିଲ ଫର ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇସିଇଆର୍) ପରୀକ୍ଷାରେ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ସମ୍ମାନଜନକ ଜେଆର୍‌ଏଫ୍ ପାଇ କେରଳସ୍ଥିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଫରେଷ୍ଟ୍ରିରେ ଏମ୍‌ଏସ୍‌ସି ଡିଗ୍ରୀ ହାସଲ କରି ଏବେ ସେଠାରେ କାର୍ଯ୍ୟରତ ଅଛନ୍ତି।

### ଚନ୍ଦ୍ରକାନ୍ତ ମେମୋରିଆଲ ଫୁଟବଲ: ବେଲପାହାଡ଼ ବିଜୟୀ

ବ୍ରଜରାଜନଗର,୨୦।୧୨(ଡି.ଏନ୍.ଏ.)

ସ୍ଥାନୀୟ ବୁନ୍ଦିଆ କଲୋନୀ ଖେଳପଡ଼ିଆରେ ତୃତୀୟ ଚନ୍ଦ୍ରକାନ୍ତ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ବେଲପାହାଡ଼ ଓ ଲମଟିକିରା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ସହାୟତାରେ ବେଲପାହାଡ଼ ବିଜୟୀ ହୋଇଛି। ରୂପେଶ କୁମାର ସିଂହଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ପ୍ରଥମେ ଚନ୍ଦ୍ରକାନ୍ତ ସେଠଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଯଦୁମଣି ନାଏକ, ଆନନ୍ଦ ସା, ନବୀନ ଦେଓ, ସଞ୍ଜୀବ ବାରିକ ଓ ଗଣେଶରାମ ବାଗ ଖେଳ ପରିଚାଳନା କରିଥିଲେ।

### ଶ୍ରୋତାଙ୍କ ମନ ଜିଣିଲେ ଦିବ୍ୟାଙ୍ଗ କଳାକାର



ବେଲପାହାଡ଼,୨୦।୧୨(ଡି.ଏନ୍.ଏ.)

ଦିବ୍ୟାଙ୍ଗ ହୋଇ ମଧ୍ୟ ଭଲ ଭଜନ ପରିବେଷଣ କରି ଶ୍ରୋତାଙ୍କ ମନ ଜିଣିପାରୁଛନ୍ତି। କିଛି ସମୟ ପାଇଁ ଜନଗହଳି ସ୍ଥାନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରୁଛନ୍ତି। ଏମାନେ ଭଜନ ପରିବେଷଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଉଣା ଦାବି କରୁନାହାନ୍ତି। ସ୍ୱଇଚ୍ଛାରେ ଦାନବାକ୍ସରେ ଯିଏ ଯାହା ପକାଇଲା ତାହା ଗ୍ରହଣ କରୁଛନ୍ତି। ଏହିପରି ଭଜନ ଗାଇ ଦିବ୍ୟାଙ୍ଗଙ୍କ ପାଇଁ ସ୍ଥାପିତ ଏକ ଘରୋଇ ବିଦ୍ୟାଳୟ ଲାଗି ପାଣ୍ଠି ସଂଗ୍ରହ କରୁଛନ୍ତି ସମ୍ପୃକ୍ତ ବିଦ୍ୟାଳୟର ୯ ଜଣ ପୁରାତନ ଦୃଷ୍ଟିହୀନ ଛାତ୍ରୀଛାତ୍ର। ବୁଧବାର ସନ୍ଧ୍ୟାରେ ସେମାନେ ଝାରସଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ଗୁମାଡ଼େରାସ୍ଥିତ ବାଟମଙ୍ଗଳା ମନ୍ଦିର ନିକଟରେ ବିଭିନ୍ନ ବାଦ୍ୟ ବଜାଇ ଭଜନ ପରିବେଷଣ କରିଥିଲେ। ସେମାନେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଭଜନରୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ଓଡ଼ିଆ ଭଜନ ପରିବେଷଣ କରି ଶ୍ରୋତାଙ୍କ ମନ ଜିଣିଥିଲେ। କେବଳ ନିଜ ଜୀବିକା ନିର୍ବାହ ପାଇଁ ନୁହେଁ, ଦିବ୍ୟାଙ୍ଗ ବିଦ୍ୟାଳୟ ଲାଗି ସାହାଯ୍ୟ ନିମନ୍ତେ ସୁଦୂର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରୁ ଆସିଛନ୍ତି ବୋଲି ଗ୍ରୁପର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି। ଦିବ୍ୟାଙ୍ଗ ଭଜନ ଦଳର ନାମ ହେଉଛି ଶ୍ରୀଗୌରୀ ମ୍ୟୁଜିକାଲ ଗ୍ରୁପ। ଗ୍ରୁପର କାଳାକାରମାନେ ହେଲେ ଲିପୁ ଜେନା, ଅଭିଳାଷ ଚାନ୍ଦ, ସତ୍ୟନାରାୟଣ ସୌରା, ବାପୁନ ବିଶୋଇ, ଚନ୍ଦନ ସାହୁ, ରାଜେଶ ବିଶୋଇ, ହେମଲତା ସାହୁ, ସଞ୍ଜୁକ୍ତା ଦିଗଲ ଓ ବି. ରାଜା। କିଛିଦିନ ହେବ ଏମାନେ ଝାରସୁଗୁଡ଼ାସ୍ଥିତ ବିଟିଏମ୍‌ଠାରେ ରହି ବିଭିନ୍ନ ସ୍ଥାନକୁ ଭଜନ କାର୍ଯ୍ୟକ୍ରମ ପାଇଁ ଯାଉଥିବା ପ୍ରକାଶ କରିଛନ୍ତି।

## ଆଜି ଆତ୍ମୋତ୍ସର୍ଗ ଦିବସ: ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

# ସାମାଜିକ କାର୍ଯ୍ୟକ୍ରମର ରାଜନୈତିକ ଦୃଷ୍ଟିଭଙ୍ଗୀ







ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ନିୟୋଜିତ ପୋଲିସ କର୍ମଚାରୀ(ବାମ)। ବିଶାଳ ସମ୍ମିଳନୀ ପାଇଁ ଗୋଣ୍ଡୱାନା ସମାଜର ପ୍ରସ୍ତୁତି ସଭା।

ଝାରସୁଗୁଡ଼ା ଅଫିସ /କୋଲାବିରା, (ଡି.ଏନ୍.ଏ.) ୨୦।୧୨

ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ୨୧ରୁ ୨୩ ତାରିଖ ଯାଏ 'ଆତ୍ମୋତ୍ସର୍ଗ ଦିବସ' ପାଳନ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୦ରେ ଏକ ଚାର୍ଟେଡ ପ୍ଲେନ୍‌ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବେ ମୁଖ୍ୟମନ୍ତ୍ରୀ। ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ପୁରୁଣା ଫରେଷ୍ଟ ଅଫିସ ପଛପାର୍ଶ୍ୱ ପଡ଼ିଆରେ ଅବତରଣ କରିବେ। ସେଠାରେ ୧୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆତ୍ମୋତ୍ସର୍ଗ ଦିବସ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପୁନଶ୍ଚ ଦିନ ଅପରାହ୍ନ ୧ଟା ୪୫ରେ ପ୍ଲେନ୍ ଯୋଗେ ଭୁବନେଶ୍ୱର ଫେରିଯିବେ ମୁଖ୍ୟମନ୍ତ୍ରୀ। ତେବେ ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବହୁବିଧ କାର୍ଯ୍ୟସୂଚୀ ହାତକୁ ନିଆଯାଇଛି। କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆସୁ ନ ଥିଲେ ମଧ୍ୟ ଏହି ଗସ୍ତ ରାଜନୈତିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରେ ବୋଲି ସମୀକ୍ଷକଙ୍କ ମତ। ଆତ୍ମୋତ୍ସର୍ଗ ଦିବସ ସାମାଜିକ କାର୍ଯ୍ୟକ୍ରମ ହେଲେ ମଧ୍ୟ ଏଥିରେ ବିଶାଳ ଜନ ସମାବେଶ ହେବାକୁ ଥିବାରୁ ରାଜନୈତିକ ଦୃଷ୍ଟିଭଙ୍ଗୀରେ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

### ବ୍ୟାପକ ପୋଲିସ ମୁତୟନ

ଆତ୍ମୋତ୍ସର୍ଗ ଦିବସରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଥିବାବେଳେ ତାଙ୍କ ସହ ସଂସ୍କୃତି ମନ୍ତ୍ରୀ, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ, ଶ୍ରମମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ୧୧ ଜଣ ଡିଏସ୍‌ପି, ୨୦ ଜଣ ଇନ୍ସପେକ୍ଟର, ୩୭ ଜଣ ଏଏସ୍‌ଆଇ, ୨ ଓଏସ୍‌ଏପି ବାଟାଲିୟନ, ଶହେ ଏପିଆର୍ ସମେତ ବାହାର ଜିଲାରୁ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି। ଗୁରୁବାର ଅପରାହ୍ନରେ କାରକେଡ୍ ରିହରସାଲ ଓ ରାତିରୁ ଫୋର୍ସ ମୁତୟନ କରାଯାଇଛି।

### ୪୬୧ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ





ଆତ୍ମୋତ୍ସର୍ଗ ଦିବସ ଉତ୍ସବ ପାଇଁ ପ୍ରସ୍ତୁତ ସଭାସ୍ଥଳ।

ଆତ୍ମୋତ୍ସର୍ଗ ଦିବସରେ ଯୋଗଦେବାକୁ କୋଲାବିରା ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋଟ ୪୬୧ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ପୂର୍ତ୍ତବିଭାଗ, ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଏବଂ ଜିଲା ଖଣିଜ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ୪୫୦.୦୨ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଯେଉଁଥିରେ ଗାମ୍ୟ ପାଇପ୍ ୱାଟର ସପ୍ଲାଇ, ରୋଡ, ବ୍ରିଜ୍, ଉଠାଜଳସେଚନ ପ୍ରକଳ୍ପ, ଦୁଇଟି ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ହେବ। ସେହିପରି ୧୧.୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହେବ ବୋଲି ପୂର୍ତ୍ତ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ଆତ୍ମୋତ୍ସର୍ଗ ଉତ୍ସବରେ ଯୋଗଦେବେ।

### ବିଶାଳ ଗୋଣ୍ଡୱାନା ସମ୍ମିଳନୀ ପାଇଁ ପ୍ରସ୍ତୁତି

ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ 'ଆତ୍ମୋତ୍ସର୍ଗ ଦିବସ' ରୂପେ ପାଳନ କରାଯାଉଛି। ଏଥର ଏହି ଉତ୍ସବକୁ ବଡ଼ ଆକାରରେ ପାଳନ କରାଯାଉଥିବାରୁ ରାଜ୍ୟର ୨୦ଟି ଗୋଣ୍ଡୱାନା ବହୁଳ ଜିଲାରୁ ପ୍ରତିନିଧି ଯୋଗଦେବେ। ପ୍ରାୟ ୩୦ ହଜାରରୁ ଅଧିକ ଗୋଣ୍ଡ ସମାଜର ପ୍ରତିନିଧି ଏବଂ ନେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ଓଡ଼ିଶା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ କହିଛନ୍ତି। ସେହିପରି ପ୍ରାୟ ଦେଢ଼ଲକ୍ଷ ଲୋକଙ୍କ ପାଇଁ ଆୟୋଜନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସେ ସୂଚନା ଦେଇଛନ୍ତି।

## ବୀରଙ୍କୁ ମିଳିପାରେ ଶହୀଦ ମାନ୍ୟତା



ବୀର କୁରୁଣାକର ସିଂହ ନାଏକ।

ଝାରସୁଗୁଡ଼ା ଅଫିସ/କୋଲାବିରା, (ଡି.ଏନ୍.ଏ.)୨୦।୧୨

ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ କୋଲାବିରା ଗଡ଼। ଇତିହାସର ଅନେକ ସ୍ମୃତି ଏହି ଗଡ଼ରେ ରହିଛି। ଓଡ଼ିଶାର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ଏହି କୋଲାବିରା ଗଡ଼ର ଦୁର୍ଦ୍ଧର୍ଷ ଯୋଦ୍ଧା ହେଲେ ବୀର କରୁଣାକର ସିଂହ ନାଏକ। ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବୀର କରୁଣାକର ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୬୧ ଡିସେମ୍ବର ୨୨ରେ ବୀର କରୁଣାକର ସିଂହ ନାଏକ, ତାଙ୍କ ଭାଇ ଖଗ ନାଏକ ଏବଂ ପୁତୁରା କହ୍ନେଇ ନାଏକ ଫାଶୀଖୁଣ୍ଟରେ ଝୁଲିଥିଲେ। ତାଙ୍କ ବୀରତ୍ୱର ଗାଥା ଓ କୋଲାବିରା ଗଡ଼ର ଚମତ୍କାରିତା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଅଥଚ ଫାଶୀଖୁଣ୍ଟରେ ଝୁଲିଥିବା ଏହି ବୀରଙ୍କୁ ଶହୀଦ ମାନ୍ୟତା ମିଳିନାହିଁ କି କୋଲାବିରା ଗଡ଼ର ପୁନରୁଦ୍ଧାର ହୋଇପାରିନାହିଁ। ଇତିହାସର ସ୍ମୃତି ଏବଂ କ୍ରାନ୍ତିକାରୀଙ୍କ ଦାୟାଦଙ୍କ ପ୍ରତି ନିଷ୍ଠୁର ହୋଇ ଯାଇଛନ୍ତି ସରକାର। ସରକାର କେତେ ଅବହେଳା କରିଛନ୍ତି ତାହା କୋଲାବିରା ଗଡର ଭଗ୍ନାବଶେଷ ଏବଂ ତାଙ୍କ ବଂଶଧରଙ୍କ ଜୀବନଶୈଳୀରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ଏହି ଦୁର୍ଦ୍ଧର୍ଷ ଯୋଦ୍ଧାଙ୍କ ଶହୀଦ ମାନ୍ୟତା ଦାବି ଆଜି ବି ଜାରି ରହିଛି। ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୧, ୨୨ ଓ ୨୩ ତାରିଖ ତିନିଦିନ ଧରି କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ କୋଲାବିରା ଗଡ଼ରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ପାଳନ ହେବ 'ଆତ୍ମୋତ୍ସର୍ଗ ଦିବସ'। ଏହି ଉତ୍ସବକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ବୀରଙ୍କ ସ୍ମୃତିଚାରଣ ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ହେଉଥିବାରୁ କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କୁ ଶହୀଦ ମାନ୍ୟତା ମିଳିବା ନେଇ ଆୟୋଜକ ଆଶାବାଦୀ ଅଛନ୍ତି। ଏହାସହ କୋଲାବିରା ଗଡ଼ର ପୁନରୁଦ୍ଧାର ଲାଗି ସଂସ୍କୃତି ବିଭାଗ ଶୁକ୍ରବାର ଘୋଷଣା କରିବା ପାଇଁ ମଧ ଦାବି କରାଯାଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଏବଂ ଉଦ୍‌ବୋଧନ ଉପରେ ଲୋକଙ୍କ ନଜର ରହିବା ସହ ଶହୀଦ ଘୋଷଣା ଆଶାରେ ଉତ୍ସୁକତା ବଢ଼ିଯାଇଛି।



କୋଲାବିରା ଗଡ଼।

## ଜୟପୁର ଇଷ୍ଟେଟ (କୋଲାବିରା) ଗଡ଼ର ଜମିଦାରଙ୍କ ବଂଶାବଳୀ

ଝାରସୁଗୁଡ଼ା ଅଫିସ/କୋଲାବିରା,(ଡି.ଏନ୍.ଏ.)୨୦।୧୨

୧– ସଂସାଧର ସିଂହ– ପ୍ରଥମ ଜମିଦାର ଏବଂ ଜୟପୁର ଇଷ୍ଟେଟର ସ୍ଥାପକ (ରେଙ୍ଗାଲପାଲି ଏବଂ କୋଲାବିରା ଜମିଦାର)

ପ୍ରଥମ ପତ୍ନୀଙ୍କ ୩ ସନ୍ତାନ

କ) ବନମାଳୀ ନାଏକ (କୋଲାବିରା)

ଖ) ନରସିଂହ ନାଏକ (ଜୁଆରମାଲ)

ଗ) ଜୟନ୍ତ ନାଏକ (ବିଡ଼ମାଲ)

ଦ୍ୱିତୀୟ ପତ୍ନୀଙ୍କ ଦୁଇ ସନ୍ତାନ

କ) ନୀଳାମ୍ବର ନାଏକ (ପରମାଣପୁର)

ଖ) ଦିଗମ୍ବର ନାଏକ (ଝିର୍ଲ୍ଲାପାଲି)

୨–ବନମାଳୀ ନାଏକ (ଗଡ଼ତିଆ) ଦ୍ୱିତୀୟ ଜମିଦାର

୫ ସନ୍ତାନ

କ) କରୁଣା ନାଏକ (କରୁଣାକର ନାଏକ) (କୋଲାବିରା)

ଖ) ଖଗ ନାଏକ (ଝାରମାଲ)

ଗ) ପଦ୍ମନାଭ ନାଏକ (ତରେଇକେଲା)

ଘ) ପର୍ଶୁରାମ ନାଏକ (ଅର୍ଡା, ତିଲେଇମାଲ)

ଙ) ଅନ୍ତରାମ ନାଏକ (କୁଲେମୁରା) ସନ୍ତାନବିହୀନ

୩–କରୁଣାକର ସିଂହ ନାଏକ (ଗଡ଼ତିଆ) ତୃତୀୟ ଜମିଦାର, ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଧୀନତା ସଂଗ୍ରାମରେ ସୁରେନ୍ଦ୍ର ସାଏଙ୍କ ପ୍ରମୁଖ ସହଯୋଗୀ।

୬ ସନ୍ତାନ

କ) କୃଷ୍ଣଚନ୍ଦ୍ର ନାଏକ (କୋଲାବିରା)

ଖ) ଦୟାନିଧି ନାଏକ (ଲଇକେରା)

ଗ) ତ୍ରିଲୋଚନ ନାଏକ

ଘ) ଭୁତଲୁ ନାଏକ (ସନ୍ତାନବିହୀନ)

ଙ) ବିଦ୍ୟାଧର ନାଏକ (ଲୁଡୁଙ୍ଗ)

ଚ) କୃପାସିନ୍ଧୁ ନାଏକ (କାଦୋବାହାଲ)

୪–କୃଷ୍ଣଚନ୍ଦ୍ର ନାଏକ (ଗଡ଼ତିଆ) ଚତୁର୍ଥ ଜମିଦାର

୫–ଘନଶ୍ୟାମ ସିଂହ (ଗଡ଼ତିଆ) ପଞ୍ଚମ ଜମିଦାର

ଜଣେ ସନ୍ତାନ

କ) ଚିନ୍ତାମଣି ସିଂହ (କୋଲାବିରା)

୬–ଚିନ୍ତାମଣି ସିଂହ (ଗଡ଼ତିଆ) ଷଷ୍ଠ ଜମିଦାର

ଜଣେ ସନ୍ତାନ

କ) ନୃପଲାଲ ସିଂହ (କୋଲାବିରା)

୭–ନୃପଲାଲ ସିଂହ (ଗଡ଼ତିଆ) ସପ୍ତମ ଜମିଦାର, ବିଧାୟକ, ୟୁନାଇଟେଡ ପାର୍ଟି, ପ୍ରି ଇଣ୍ଡିପେଣ୍ଡେଣ୍ଟ ଆସେମ୍ବ୍ଲି, ସମ୍ବଲପୁର ସଦର (୧୮୮୪–୧୮୮୬)

୩ ସନ୍ତାନ

କ) ଲାଲ ବୀର ମହେନ୍ଦ୍ର ସିଂହ (କୋଲାବିରା)

ଖ) ବୀର ବିକ୍ରମ ସିଂହ (ମୟୂରଗଡ଼)

ଗ) ଜଗଦାନନ୍ଦ ସିଂହ (ନକ୍ସାପାଲି)

୮–ବୀର ମହେନ୍ଦ୍ର ସିଂହ (ଗଡ଼ତିଆ) ଅଷ୍ଟମ ଜମିଦାର

୩ ସନ୍ତାନ

କ) ଲାଲ ରାଜେନ୍ଦ୍ର ସିଂହ (କୋଲାବିରା)

ଖ) ଜଗମୋହନ ସିଂହ (ଦିୱାନ)

ଗ) ଡାଲିମ ସିଂହ (ଦିୱାନ)

୯–ଲାଲ ରାଜେନ୍ଦ୍ର ସିଂହ (ଗଡ଼ତିଆ) ନବମ ଜମିଦାର, ବିଧାୟକ, ସ୍ୱତନ୍ତ୍ର ଦଳ (୧୯୬୭ ମାର୍ଚ୍ଚ ୧ରୁ ୧୯୭୧ ଜାନୁୟାରୀ ୨୩)

୫ ସନ୍ତାନ

କ) ବୀର ଅମରେନ୍ଦ୍ର ପ୍ରତାପ ସିଂହ (କୋଲାବିରା)

ଖ) ମାନଭଞ୍ଜନ ସିଂହ

ଗ) ରୁଦ୍ରପ୍ରତାପ ସିଂହ

ଘ) ମନ୍ମଥ ନାରାୟଣ ସିଂହ

ଙ) ଧରମରାଜ ସିଂହ

୧୦–ବୀର ଅମରେନ୍ଦ୍ର ପ୍ରତାପ ସିଂହ (ଦଶମ ଜମିଦାର)

ଏକମାତ୍ର ପୁତ୍ର ସନ୍ତାନ

ଭେଙ୍କଟେଶ ପ୍ରତାପ ସିଂହ (କୋଲାବିରାର ଏକାଦଶ ଜମିଦାର)

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ସୁଲାହି ଚାମ୍ପିୟନ



ଅତିଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

କିର୍ମିରା,୨୦।୧୨(ଡି.ଏନ୍.ଏ.)

କିର୍ମିରା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ବୈଜାପାଲି ଗ୍ରାମରେ ମାର୍ଗଶିର ଶେଷ ଗୁରୁବାର ଅବସରରେ ମହାଲକ୍ଷ୍ମୀ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯାତ୍ରା କମିଟି ପକ୍ଷରୁ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସୁଲାହି ଓ କୁଲିହାମାଲ ମଧ୍ୟରେ ଖେଳାଯାଇଥିଲା। ସୁଲାହି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଝାରମୁଣ୍ଡା ସରପଞ୍ଚ ନଟବର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସୁନ୍ଦରମଣି ଦଣ୍ଡାପାଟ, ୱାର୍ଡ ସଭ୍ୟ ମହେନ୍ଦ୍ର ପିଙ୍ଗ, ପୂର୍ବତନ ଫୁଟବଲ ଖେଳାଳି ଜୟା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଫୁଟବଲ କ୍ଲବ ସଭାପତି ରମଣୀ ନାଏକ, ସମ୍ପାଦକ ଲଲୀନ୍ଦ୍ର ମାଝିଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ସତ୍ୟାନନ୍ଦ ଜୟପୁରିଆ ସଭା ପରିଚାଳନା କରିଥିଲେ।

## ଓପିଜିସି ଡିଏଭି ସ୍କୁଲ ପଛପଟେ ଡମ୍ପିଂ ୟାର୍ଡ

ଲଖନପୁର,୨୦।୧୨(ଡି.ଏନ୍.ଏ.)

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପଜିସି)ର ବନହରପାଲିସ୍ଥିତ ଇବ୍ ଥର୍ମାଲ କଲୋନୀ ପରିସରରେ ଥିବା ଡିଏଭି ପବ୍ଲିକ ସ୍କୁଲରୁ ମାତ୍ର ୫୦ମିଟର ଦୂରରେ ଡମ୍ପିଂ ହେଉଛି କୁଢ଼କୁଢ଼ ଆବର୍ଜନା। ଏହି ଡମ୍ପିଂ ୟାର୍ଡରେ ଗୁରୁବାର ପୂର୍ବାହ୍ନରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ଏକ ବୁଲା କୁକୁରର ମୃତ୍ୟୁ ହୋଇଛି। ଏତିକିବେଳେ ଡମ୍ପିଂ ୟାର୍ଡରୁ କେତେଜଣ ଶ୍ରମିକ ପଲିଥିନ ସଂଗ୍ରହ କରୁଥିଲେ। ତେବେ ସେମାନେ ବର୍ତ୍ତିଯାଇଛନ୍ତି। ଖବର ପାଇ କମ୍ପାନୀର କେତେଜଣ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣ ସମ୍ପର୍କରେ ଅନୁଧ୍ୟାନ କରି ଫେରିଛନ୍ତି। କମ୍ପାନୀ ପରିସର ପୁଣି କଲୋନୀ ଓ ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ବିସ୍ଫୋରଣକୁ ନେଇ କଲୋନୀବାସୀ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏହି ଘଟିବା ପରେ ସାମ୍ନାକୁ ଆସିଛି ଡମ୍ପିଂ ୟାର୍ଡ। ଏହି ଡମ୍ପିଂ ୟାର୍ଡ ଡିଏଭି ପବ୍ଲିକ ସ୍କୁଲ ପଛପଟେ ରହିଛି। କଲୋନୀ, ମନ୍ଦିର ଓ ସ୍କୁଲରୁ ମାତ୍ର ୫୦ମିଟର ଦୂରରେ ଏହା ରହିଛି। ଫଳରେ ଦୁର୍ଗନ୍ଧରେ ନାକ ଫାଟୁଛି। କଲୋନୀ ଓ ସ୍କୁଲ ପରିବେଶ ପ୍ରଦୂଷିତ ହେଉଛି। ଏହି ଅସ୍ୱାସ୍ଥ୍ୟକର ପରିବେଶରେ କମ୍ପାନୀ ଅଧିକାରୀ ଓ କର୍ମଚାରୀ ବାସ କରୁଛନ୍ତି। ଡମ୍ପିଂ ପାଇଁ କମ୍ପାନୀ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାର ନିଯୁକ୍ତ କରାଯାଇଛି। ଠିକାଦର ମାଧ୍ୟମରେ ଏହି କାର୍ଯ୍ୟ ଚାଲିଛି। ଡମ୍ପିଂ ୟାର୍ଡରେ ଗଦା ହେଉଥିବା ବର୍ଜ୍ୟବସ୍ତୁରୁ ଠିକା ଶ୍ରମିକମାନେ ପଲିଥିନ ଓ ଅନ୍ୟାନ୍ୟ ସାମଗ୍ରୀ ବାଛି ପୃଥକ କରିଥାନ୍ତି। ଶ୍ରମିକମାନେ ସେଠାରେ କାର୍ଯ୍ୟରତ ଥିଲେ ମଧ୍ୟ ବିସ୍ଫୋରଣରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏ ସମ୍ପର୍କରେ କଲୋନୀ ମେଣ୍ଟେନାନ୍ସ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ପବିତ୍ର ମୋହନ ପୃଷ୍ଟିଙ୍କୁ ପଚରା ଯାଇଥିଲେ ମଧ୍ୟ ସେ ମୁହଁ ଖୋଲିନାହାନ୍ତି। କମ୍ପାନୀର ଜନସମ୍ପର୍କ ଅଧିକାରୀ ଦିଲୀପ କୁମାର ପଣ୍ଡା କହିଛନ୍ତି ଗୁରୁବାର ୟାର୍ଡରେ ବିସ୍ଫୋରଣ ହୋଇଛି। କମ୍ପାନୀ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ବିସ୍ଫୋରଣର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

- ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ରୀଛାତ୍ର
- ବିସ୍ଫୋରଣରେ କୁକୁର ମୃତ, ବର୍ତ୍ତିଲେ ଶ୍ରମିକ
- କଲୋନୀବାସୀ ଆତଙ୍କିତ



ଡମ୍ପିଂ ୟାର୍ଡରେ ଗଦା ହୋଇଥିବା ବର୍ଜ୍ୟବସ୍ତୁ।



“ ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



**ସଂକ୍ଷେପରେ**

## ଦୁଇ ବାଇକ୍ ଧକ୍କା: ଜଣେ ଗୁରୁତର

**ବାଲିଶଙ୍କରା, ୨୦।୧୨ (ଡି.ଏନ.ଏ)**-ତଲସରା ଥାନା ବାଲିଶଙ୍କରା କରୁଆବାହାଲ ଛକ ନିକଟରେ ଦୁଇକ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଗୁରୁବାର ଅପରାହ୍ନ ସାଢ଼େ ୨ଟାରେ ବାଲିଶଙ୍କରା କରୁଆବାହାଲ ଗ୍ରାମର ଆସିସାନ୍ ଟପ୍ପୋ ତାଙ୍କ ବାଇକ ନଂ. ୧୬ ଏ- ୦୩୬୭ ଯୋଗେ ବ୍ୟାଙ୍କ କାମ ସାରି ନିଜ ଘର କରୁଆବାହାଲ ପଟକୁ ଯାଉଥିବା ବେଳେ ଠିକ୍ ବିପରୀତ ଦିଗରୁ ବାଲିଶଙ୍କରା ସରବାହାଲ ଗ୍ରାମର ରାହୁଲ ସାହୁ ବାଇକ୍ ଓଡି ୧୫ ଏଚ- ୮୭୬୨ରେ ଆସୁଥିବା ବେଳେ କରୁଆବାହାଲ ଛକ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ରାହୁଲ ସାମାନ୍ୟ ଆହତ ହୋଇଥିବା ବେଳେ ଆସିସାନ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ଉଦ୍ଧାର କରି ଅଗ୍ନିଶମ ବିଭାଗ ଗାଡିରେ ଚିକିତ୍ସା ପାଇଁ ସୁନ୍ଦରଗଡକୁ ପଠାଇ ଥିଲେ। ସେଠାରେ ତାଙ୍କର ଅବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତର ବୁର୍ଲା ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ ।






ଖୁଣ୍ଟଗାଁରେ ବଣେଇ କୃଷି ଜିଲା ପକ୍ଷରୁ ଅନୁଷ୍ଠିତ କୃଷକ ସଶକ୍ତୀକରଣ ସମ୍ପର୍କ ମେଳାରେ ଉପସ୍ଥିତ ଅତିଥି, ଅଧିକାରୀ ମଞ୍ଚାସୀନ। (ବାମ )। ସମ୍ପର୍କ ମେଳାରେ ଉପସ୍ଥିତ ମହିଳା ଚାଷୀ।

# ଚାଷୀ ସଚେତନ ହେଲେ ଆର୍ଥିକ ଉନ୍ନତି ହେବ

**ଲହୁଣୀପଡା, ୨୦।୧୨ (ଡି.ଏନ.ଏ)**

- ଖୁଣ୍ଟଗାଁ ପଞ୍ଚାୟତରେ କୃଷି ଓ କୃଷକ ସମ୍ପର୍କ ମେଳା
- ବହୁ ସଂଖ୍ୟାରେ ମହିଳା, ପୁରୁଷ ଚାଷୀ ଉପସ୍ଥିତ
- କୃଷକମାନେ ଉନ୍ନତ ପ୍ରଣାଳୀର ଚାଷ କରିବା ଆବଶ୍ୟକ
- ଉପଯୁକ୍ତ ସମୟରେ ସାର, କୀଟନାଶକ ଦେଲେ ଲାଭବାନ ହେବେ

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ପରିସରରେ ଗୁରୁବାର ବଣେଇ କୃଷି ଜିଲା ପକ୍ଷରୁ କୃଷକ ସଶକ୍ତିକରଣ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନମାଳୀ ଧୁପାଳ, ଖୁଣ୍ଟଗାଁ ସରପଞ୍ଚ ଅଜୟ କୁମାର ନାଏକ, ପ୍ରାଣୀ ଚିକିତ୍ସକ ଡା. ଅବିନାଶ ପ୍ରଧାନ, ଲ୍ୟାମ୍ପ ଏମ୍.ଡି ବସନ୍ତ କୁମାର ପଲେଇ, ଆତ୍ମା ଅଧକ୍ଷ ଦେବାନନ୍ଦ ମାହାନ୍ତ, ଭୁବନେଶ୍ବର ସ୍ବାଇଁ ଯୋଗଦେଇଥିଲେ। ବଣେଇ କୃଷି ଜିଲା ଅଧିକାରୀ ପିଟର ହେରମନ୍ କେର୍କେଟା ଅଧକ୍ଷତା କରିଥିଲେ। କୃଷି ଅଧିଦର୍ଶକ ଶୁଶିଲ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଖୁଣ୍ଟଗାଁ ଉଚ୍ଚ ବିଦ୍ୟାଳୟ ଛକଠାରୁ ଅତିଥିମାନଙ୍କୁ ବାଦ୍ୟ ନୃତ୍ୟର ତାଳେତାଳେ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ପୁଷ୍ପଗୁଚ୍ଛ ଦେଇ ସ୍ବାଗତ କରିଥିବାବେଳେ ପ୍ରଦୀପ ପ୍ରଜ୍ଜ୍ବଳନ କରି ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ରାଜ୍ୟ ସରକାର କୃଷି ଓ କୃଷକ ମାନଙ୍କର ଆର୍ଥିକ ବିକାଶ ପାଇଁ ବିଭିନ୍ନ ବିଭାଗରେ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। ସେ ସବୁ ଯୋଜନା ଗୁଡିକର ସୁବିଧା ସୁଯୋଗ କେମିତି ଜଣେ ଚାଷୀ ନେଇପାରିବ, ସେ ସମ୍ପର୍କରେ ବିଭିନ୍ନ ଅଧିକାରୀମାନେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ କୃଷକମାନେ ଉନ୍ନତ ପ୍ରଣାଳୀର ଚାଷ କରିବା ସହିତ ଉପଯୁକ୍ତ ସମୟରେ ସାର, ଔଷଧ ଦେବା ଦ୍ୱାରା ଅଧିକ ଲାଭବାନ ହୋଇପାରିବେ। ଚାଷୀ ସଚେତନ ହୋଇପାରିଲେ ଆର୍ଥିକ ସନ୍ତୁଳତା ଲାଭ କରିପାରିବ ବୋଲି ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ସଭା ଶେଷରେ ସହକାରୀ କୃଷି ଅଧିକାରୀ ଗୟାଧର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ମାନସରଞ୍ଜନ ବିଶ୍ୱାଳ, ଅର୍ଚ୍ଚନା ସିଂ ଦଣ୍ଡପାଟ, ଜ୍ଞାନେନ୍ଦ୍ର କୁମାର ଦେହୁରୀ, ଭୁବନେଶ୍ୱର ମହାପାତ୍ର, ଡମ୍ବରୁଧର ମାଝି, ବୀରେନ୍ଦ୍ର ସିଂ ଦଣ୍ଡପାଟ, ରଜନୀ ନାଏକ, ରମେଶ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କୃଷି ଓ କୃଷକ ସମ୍ପର୍କ ମେଳା ଲହୁଣୀପଡା କୃଷି ବିଭାଗ ଓ ବଣେଇ କୃଷି ଜିଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟରେ ମହିଳା ଚାଷୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ସରକାରଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

**କୋକସରା,୨୦।୧୨(ଡି.ଏନ.ଏ.)**

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କ୍ଷୟକ୍ଷତି ଯୁଦ୍ଧକାଳୀନ ଭିତ୍ତିରେ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁଦାନ ପ୍ରଦାନ କରିବା ପାଇଁ କୃଷକ ସଚେତନ ମଞ୍ଚ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ କୋକସରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନ ଧାନ, ମୁଗ, ବିରି ଓ ତୈଳ ଜାତୀୟଶସ୍ୟର ବ୍ୟାପକ କ୍ଷତି ହୋଇଛି । ଚଳିତବର୍ଷ ଅନାବୃଷ୍ଟି ଯୋଗୁ ପୂର୍ବରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବର୍ତ୍ତମାନ ଅଦିନିଆ ବର୍ଷା ଦାଉ ସାଜିଥିବାରୁ ଯାହାକିଛି ବଞ୍ଚିଥିବା ଧାନର ମଧ କ୍ଷତି ହୋଇଯାଇଛି। ଏଥିପ୍ରତି ସରକାର ନିୟମକୁ କୋହଳ କରିବା ପାଇଁ ଅଞ୍ଚଳର ଚାଷୀମାନେ ସରକାରଙ୍କଠାରେ ଅନୁରୋଧ କରିଛନ୍ତି। ଏଥିରେ ମଞ୍ଚର ସଭାପତି ଶିବପ୍ରସାଦ ପ୍ରଧାନୀ ନେତୃତ୍ୱରେ ମିନୀକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ଗରୁଡଧ୍ୱଜ ମାଝି, ଜୟଲାଲ ନାଏକ, ନିଳକଣ୍ଠ ମାଝି, ସହଦେବ ପଟ୍ଟନାୟକ, ନରାୟଣ ପଟ୍ଟନାୟକ, ରକ୍ଷିମଣି ମାଝି, ନରହରି ରାଉତ, ବଳରାମ ପୂଝାରୀ, ଧନେଶ୍ୱର ପଣ୍ଡା, ଉଗ୍ରେସନ ସାହୁ ପ୍ରମୁଖ ସାମିଲ ଥିଲେ ।

### ଗର୍ଜନଯୋର ପଞ୍ଚାୟତରେ ଏସ୍ଏଚ୍ଜି ମେଳା

## ୫୦ରୁ ଉର୍ଦ୍ଧ୍ୱ ପ୍ରକାର ପ୍ରସ୍ତୁତ ମିଠା ମେଳାରେ ପ୍ରଦର୍ଶିତ

**ହେମଗିର, ୨୦।୧୨ (ଡି.ଏନ.ଏ)**

ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଶକ୍ତ କରିବା ପାଇଁ ଗର୍ଜନଯୋର ପଞ୍ଚାୟତରେ ଏସ୍ଏଚଜି ମେଳା-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ନୋଡାଲ ଅଫିସର ଲଳିତ କୁମାର ଖିଲେଇ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଅନ୍ନପୂର୍ଣ୍ଣା ମଲ୍ଲିକ, ଜିପିଟିଏ ଅଶିତ କୁମାର ପଟେଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗର୍ଜନଯୋର ସରପଞ୍ଚ ତୀର୍ଥରାଜ ବିଶ୍ୱାଳ ଆୟୋଜନ କରିଥିଲେ। ଏଥିରେ ପଞ୍ଚାୟତ ସ୍ତରରୁ ୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରକାରର ପ୍ରସ୍ତୁତ ମିଠା ମେଳାରେ ପ୍ରଦର୍ଶିତ ହୋଇଥିଲା। ଏହାକୁ ଲୋକେ ଅତି ଆଦରର ସହ କିଣି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଗୋଷ୍ଠୀମାନେ ଆଉ ଅନେକ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରି ବଜାରିକରଣ କଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ସଶକ୍ତ ହେବା ସଙ୍ଗେ ସଙ୍ଗେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ନୋଡାଲ ଅଫିସର କହିଥିଲେ। ଏଥି ସଙ୍ଗେ ପଞ୍ଚାୟତ ପକ୍ଷରୁ ମଧ ସହଯୋଗ କରିବା ପାଇଁ ସରପଞ୍ଚ କହିଥିଲେ। କାର୍ଯ୍ୟକ୍ରମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ତନ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ସମିତି ସଭ୍ୟ ଭାଗବତିଆ ମାଝି, ନାଏବ ସରପଞ୍ଚ ବୁଦ୍ଧିମତୀ ଧୂଆ, ସ୍ୱେଚ୍ଛାଗ୍ରାହୀ କବିତା ସା, କ୍ଷୀରଧର ସା ପ୍ରମୁଖ ଉପସ୍ଥିତ ଥିଲେ। ଆଖପାଖ ଅଞ୍ଚଳରୁ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।



ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମେଳାରେ ମିଠା ପ୍ରଦର୍ଶନ କରୁଛନ୍ତି।

## ଲହଣ୍ଡାବୁଡ଼ ଉଚ୍ଚ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୦।୧୨ (ଡି.ଏନ୍.ଏ.)**

ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାର, ଗୁରୁବାର ଦୁଇଦିନ ଧରି ବାଳିକା ମାନଙ୍କ ପାଇଁ କ୍ୟାରିୟର କାଉନସେଲିଂ (ବୃତ୍ତି ନିର୍ଣ୍ଣୟ ପରାମର୍ଶ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ତତ୍ତ୍ୱାବଧାନରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀମାନଙ୍କୁ ପାଠପଢା, କ୍ୟାରିୟର ଓ ପାଠପଢା ସରିବା ପରେ ନିଜ ନିଜର ବୃତ୍ତିଗତ ଲକ୍ଷ୍ୟ ହାସଲ ପାଇଁ ମାର୍ଗନିର୍ଣ୍ଣୟ ଓ ସୁଚିନ୍ତିତ ପରାମର୍ଶ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ଡାଃ ଅନନ୍ତ କୁମାର ଆଚାର୍ଯ୍ୟ, ଡାଃ ପଦ୍ମଲୋଚନ ପ୍ରଧାନ, ଅଧ୍ୟାପିକା ଦମୟନ୍ତୀ ଷଣ୍ଢ, ଅଧ୍ୟାପକ କରୁଣାକର ପ୍ରଧାନ, ଗୌରାଙ୍ଗ ପୃଷେଠ, ପଦ୍ମିନୀ ଗର୍ଡିଆ, ରଞ୍ଜିତା ପୁରୋହିତ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡାକ୍ତର ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ, ଶିକ୍ଷକ, ଅଧ୍ୟାପକ, ସେବିକା (ନର୍ସ) ଘରୋଇ ବ୍ୟବସାୟ, କମ୍ପାନୀ ଚାକିରୀ, କୃଷି ଫାର୍ମ, ଆଇନ୍‌ଜୀବୀ, ପ୍ରାଣୀ ଚିକିତ୍ସକ, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ହେବା ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବାକୁ ହେବ ସେ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରୁ ଗୌରୀଶଙ୍କର ସା, ନରେନ୍ଦ୍ର ନାଏକ, ଉତ୍ତମ କୁମାର ନାଏକ, ଉଷାବତୀ ଭୋଇ ଓ ଅମ୍ବିକା ପଟେଲଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରବୀନ୍ଦ୍ର କୁମାର ଜେନା ସଭା ସଞ୍ଚାଳନ କରିଥିଲେ। ତୁଷାରକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।




କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

## ବଡ଼ଗାଁ ହାଇସ୍କୁଲରେ ମାର୍ଶଲ ଆର୍ଟ ତାଲିମ ଉଦ୍‌ଯାପିତ

**ବଡ଼ଗାଁ, ୨୦।୧୨ (ଡି.ଏନ.ଏ)**

ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୯ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା କୌଶଳ (ମାର୍ଶଲ ଆର୍ଟ) ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବଡଗାଁ ହାଇସ୍କୁଲର ପିଇଟି ପ୍ରଭାତ କୁମାର ଦ୍ୱାରୀ ଓ ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ଆମନ୍ତ୍ରିତ ପ୍ରଶିକ୍ଷକ ଭାବେ ତାଲିମ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କ ମଧ୍ୟରୁ ରୁମକି ପଣ୍ଡା ଓ କଳ୍ପନା ସାହୁ ଉଚ୍ଚ କୋଟିର ଶିକ୍ଷଣ ଅଭିଜ୍ଞତା ପ୍ରଦର୍ଶିତ କରିଥିଲେ । ଏହା ଆତ୍ମ ସୁରକ୍ଷା ଦିଗରେ ଦୃଢ଼ ମନୋବଳ ଯୋଗାଇବ । ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଟେଲ ଆମନ୍ତ୍ରିତ ପ୍ରଶିକ୍ଷକ ଷଡଙ୍ଗୀଙ୍କୁ ଧନ୍ୟବାଦ ଦେବାସହ ଛାତ୍ରୀମାନଙ୍କୁ ତାଲିମ ନେଇଥିବା କୌଶଳ ଅଭ୍ୟାମ କରିବାକୁ ପରାମର୍ଶ ଦେଇଥିଲେ।



ଜଣେ ଛାତ୍ରୀ କୌଶଳ ପ୍ରଦର୍ଶିତ କରୁଛନ୍ତି ।

## ଆସ୍ଥାଗୃହ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବିତରଣ

**ସୁନ୍ଦରଗଡ଼, ୨୦।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ ଟାଉନ ରୋଟାରୀ କ୍ଲବ ପକ୍ଷରୁ ଗୁରୁବାର ସରକାରୀ କଲେଜ ରୋଡସ୍ଥିତ ଆସ୍ଥାଗୃହ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ଦୁଷ୍ମନ୍ତ କୁମାର ନାଏକ ଓ ସମ୍ପାଦକ ରୋଟାରିଆନ୍ ବାଲଗୋପାଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ରୋଟାରିଆନ୍ ଯୋଗଦେଇ ଆସ୍ଥା ଗୃହରେ ଥିବା ୬୦ ଜଣ ଅନ୍ତେବାସୀଙ୍କୁ ଏହି ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ଗୃହର ସଞ୍ଚାଳିକା ଆଡଭୋକେଟ ସ୍ନେହଲତା ପଟେଲ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଆସ୍ଥାଗୃହ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

### ମସ୍ଣିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଲପଙ୍ଗା କ୍ଲବ ୫-୪ ଗୋଲରେ ବିଜୟୀ

**ସୁନ୍ଦରଗଡ଼, ୨୦।୧୨ (ଡି.ଏନ୍.ଏ)**

ସଦର ବ୍ଲକ ଅନ୍ତର୍ଗତ ମସ୍ଣିକାନୀ ଯୁବଜ୍ୟୋତି ୟୁଥ କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ ୫ମ ମସ୍ଣିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା ମୁଖ୍ୟ ଅତିଥି ଓ ବରିଷ୍ଠ ଭାଜପା ନେତା ଭେଷଜ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ଯଦୁମଣି ପୂଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ପାଦକ ସୁରେଶ ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସୁମନ୍ତ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼, ଝାରସୁଗୁଡା ସମ୍ବଲପୁର ଜିଲାର ମୋଟ ୩୨ଟି ଦଳ ଭାଗ ନେଇଛନ୍ତି। ଏହା ୫ଦିନ ଧରି ଚାଲିବ। ଗୁରୁବାର ଉଦଘାଟନୀ ଦିବସରେ ବେହେରାଡିହି, ମହୀପାନି, କେପେସ୍, ସୁନ୍ଦରଗଡ ଏକାଦଶ, ଝାରସୁଗୁଡା ବନ୍ଧପାଲି, ତାରିଣୀକ୍ଲବ ବାମଣ୍ଡିଆଡିହି, ଘଣ୍ଟିବୁଡ ଓ ସମ୍ବଲପୁର ଲପଙ୍ଗା କ୍ଲବ ମଧ୍ୟରେ ଖେଳ ହୋଇଥିଲା। ୧ମ କ୍ୱାଟର ଫାଇନାଲ ମ୍ୟାଚ୍ ସମ୍ବଲପୁର ଲପଙ୍ଗା କ୍ଲବ ଓ କେପସେ ମଧ୍ୟରେ ଗୋଲ ଶୂନ୍ୟ ଡ୍ର ହେବାରୁ ପେନଲିଟୀ ମାଧ୍ୟମରେ ଲପଙ୍ଗାକ୍ଲବ ୫-୪ ଗୋଲରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ରେଫରୀ କୁନୁ ନାଏକ, ସନ୍ୟାସୀ ମୁଣ୍ଡା, ଚିତ୍ତରଞ୍ଜନ ସେଠ ଓ ସଞ୍ଜୀବ କିଷାନ୍ ପରିଚାଳନା କରିଥିଲେ। ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ଓ କ୍ଲବର କର୍ମକର୍ତ୍ତା ବୀରେନ୍ଦ୍ର ଚୌଧୁରୀ, ଚନ୍ଦ୍ର ଶେଖର ନାଏକ, ପୀତବାସ ଜୟପୁରିଆ ଓ ରାଜୀବ ସେଠଙ୍କ ସମେତ ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ।
- ବିନୋଦ କାନୁନ୍‌ଗୋ

## ସଂକ୍ଷେପରେ

### ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ଅପରାହ୍ନ ୪.୩୦ରେ ସଚିବାଳୟଠାରେ ଅନୁଷ୍ଠିତ ହେବ। କ୍ୟାବିନେଟ୍‌ରେ ୫ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଜଣାପଡିଛି। ଚାଷୀମାନଙ୍କ ସମସ୍ୟା ମୁଖ୍ୟତଃ ରାଜ୍ୟ ସରକାରଙ୍କ ପାଇଁ ଅସୁବିଧା ସୃଷ୍ଟି କରିଛି। ସେଥିପାଇଁ ଚାଷୀମାନଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏକ ବଡ ଧରଣର ନିଷ୍ପତ୍ତି ନିଆଯାଇଛି। ଏହା କ୍ୟାବିନେଟରେ ମଞ୍ଜୁରି ମିଳିବ ବୋଲି ସୂତ୍ରରୁ ଜଣାପଡିଛି।

### ୭ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ): ଓଡିଶା କ୍ୟାଡରର ୭ ଆଇପିଏସ୍ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି। ୨ ଜଣଙ୍କୁ ଆଇଜି ର୍ୟାଙ୍କ୍‌କୁ ଯାଉଥିବାବେଳେ ୫ ଜଣଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି ମିଳିଛି। ଗୁରୁବାର ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ୨ଟି ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୧ ବ୍ୟାଚ୍‌ର ଆଇପିଏସ ଅଫିସର ଏସ. ସାଇନି ଏବଂ ଡ. ସୂର୍ଯ୍ୟ ଥାଙ୍କପାନଙ୍କୁ ଡିଆଇଜି ପଦବୀରୁ ଆଇଜି ର୍ୟାଙ୍କ୍‌କୁ ପଦୋନ୍ନତି ଦିଆଯାଇଛି। ସେହିପରି ୧୩ ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ୫ ଆଇପିଏସ ଅଧିକାରୀଙ୍କୁ ସିଲେକ୍ସନ ଗ୍ରେଡ୍‌କୁ ପଦୋନ୍ନତି କରାଯାଇଛି। ସେମାନେ ହେଲେ ଆଇପିଏସ୍ ଅଧିକାରୀ ଅନୁପ ସାହୁ, ଅନିରୁଦ୍ଧ ସିଂ, ସୁଦ୍ଧା ସିଂ ଏବଂ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଅମ୍ରିତା ଦାସ ଏବଂ ଅନୁପ କ୍ରିଷ୍ଣା।

### ଆକ୍ୟୁପ୍ରେସର ଚିକିତ୍ସା ଶିବିର

ଭଟଲି,୨୦।୧୨(ଡି.ଏନ୍.ଏ.) : ବରଗଡ଼ ଜିଲା ଭଟଲି ବ୍ଲକ ମୂଳବାର ଗ୍ରାମରେ ଗୁରୁବାର ମାଗଣା ଆକ୍ୟୁପ୍ରେସର ସଚେତନତା ଏବଂ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆକ୍ୟୁପ୍ରେସର ଶୋଧ, ପ୍ରଶିକ୍ଷଣ ଏବଂ ଉପଚାର ସଂସ୍ଥାନ ପ୍ରୟାଗରାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦାଶରଥି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିନା ଔଷଧରେ ଆକ୍ୟୁପ୍ରେସର ସାହାଯ୍ୟରେ କିଭଳି ବିଭିନ୍ନ ରୋଗ ଭଲ ହୋଇପାରୁଛି ସେ ବିଷୟରେ ମୁଖ୍ୟଅତିଥି ସାହୁ ମତବ୍ୟକ୍ତ କରିଥିଲେ । ସେହିପରି ନିମାଇଁ ଚରଣ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆକ୍ୟୁପ୍ରେସର ଚିକିତ୍ସାର ଉପକାରିତା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ସଂସ୍ଥାନର ଜିଲା ସଂଯୋଜକ ଟିକେଶ୍ୱର ବର୍ଗେ ଶତାଧିକ ରୋଗୀଙ୍କୁ ଆକ୍ୟୁପ୍ରେସର ପଦ୍ଧତିରେ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ସୁନୀଲ ସାହୁ, କର୍ମା ନାଗ, ପ୍ରଦୀପ ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶେଷରେ ସାମାଜିକ କର୍ମୀ ରାଇଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଜିଠୁ ଥୁଆପାଲି ଧନୁଯାତ୍ରା

ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲିରେ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଠାରୁ ଆରମ୍ଭ ହେବ । ଏଥି ସକାଶେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଥୁଆପାଲି ନିକଟସ୍ଥ କପାବାରୀ ଠାରେ ନିର୍ମିତ ହୋଇଛି ମଥୁରାପୁର କଂସ ଦରବାର। ସେହିପରି ଥୁଆପାଲି ବସ୍ତି ପରିଣତ ହେବ ଗୋପପୁରରେ । ମଝିରେ ଯାଇଥିବା କେନାଲ ପାଲଟିଯିବ ଯମୁନା ନଦୀ । ଚଳିତବର୍ଷ ଅନ୍ତର୍ଦ୍ଧାର ପ୍ରସିଦ୍ଧ ଅଭିନେତା ଗୋପାଳ ପଣ୍ଡା କଂସ ଭୂମିକାରେ ଅଭିନୟ କରିବେ। ଶୁକ୍ରବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭେଡ଼େନ ଥାନା ଅଧିକାରୀ ତାରା ଜସ୍ମିନ ଗୁଡ଼ିଆ ଯୋଗ ଦେଇ କଂସ ଦରବାରରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବେ ବୋଲି ଧନୁଯାତ୍ରା କମିଟି ସୂତ୍ରରୁ ଜଣାପଡ଼ିଛି ।

### ଭେଡ଼େନ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ): ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ରମଣି ରଞ୍ଜନ ରାଉତ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ । ଖେଳ ଶିକ୍ଷକ ଶ୍ରବଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି ।

# ଧୁଇଦେଲା ୧୬୦ ହେକ୍ଟର ଧାନ ଫସଲ

ଅତାବିରା, ୨୦।୧୨ (ଡି.ଏନ.ଏ)

ସାମୁଦ୍ରିକ ଝଡ଼ ପେଥେଇ ପରଭାବରେ ଲଗାତାର ବର୍ଷା ଲାଗି ବରଗଡ ଜିଲା ଅତାବିରା ଆର ଭେଡ଼େନ ବ୍ଲକ୍ ଅଂଚଲରେ ବଡ଼ଭାରି ଫସଲ କ୍ଷୟକ୍ଷତି ହେଇଛେ । ହେଲେ ଏନ୍‌ତାଥି ବି କୃଷି ଆର ରାଜସ୍ୱ ବିଭାଗର କରମଚାରୀକର ଦେଖା ନାଇଁ ମିଲ୍‌ଲା । ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲା ଉତାରୁ ଉଭଏ ବିଭାଗ୍‌ର କରମଚାରୀକର ନିଦ୍ ଭାଂଗିଥିଲା ଆର କରମଚାରୀମାନେ ଭିନେ ଭିନେ ଗାଁରେ ପୁହୁଁଚି କ୍ଷୟକ୍ଷତିର ଆକଲନ କରୁଥିବାର ଦେଖିବାକେ ମିଲିଥିଲା । ଅତାବିରା ବ୍ଲକ୍ ବୁଗବୁଗା, ପାଲିବୁଗବୁଗା, ଗମ୍ଭାଟିକ୍ରା, ଭୁତଟିକ୍ରା, ପତ୍ରାପାଲି, ଖଲିଆପାଲି, ବଡ଼ମାଲ ଆର ଭେଡ଼େନ ବ୍ଲକ୍‌ର ଦେଶଭଟିଲି ପଁଚେତ୍‌ର ଉଦେପୁର, ଦେଶପର୍ଥଲା, ଦେଶଭଟିଲି ଆଦି ଗାଁମାନକେ ବିଭାଗୀୟ କରମଚାରୀମାନେ ପୁହୁଁଚି ଚାଷୀକର ସଂଗେ କଥାବାରତା ହେବାର ସଂଗେ ଚାଷ୍ ଜମି ବୁଲି କ୍ଷୟକ୍ଷତି ଆକଲନ କରିଥିଲେ । ଉଦେପୁରର ହୃଷିକେଶ ଦନ୍ତା, ଦେଶପର୍ଥଲାର ପ୍ରଶାନ୍ତ ଦନ୍ତା, ଶେଷଦେବ ସେଟ, ନାରାୟଣ ଦାଶ, ଗାନ୍ଧୀ କୁମ୍ଭାର ଆଦି ଚାଷୀମାନେ ମହିଲା କୃଷି କରମଚାରୀ ସଂଯୁକ୍ତା ଡନସନାକୁଁ ବୁଲେଇ କ୍ଷୟକ୍ଷତି ଦେଖେଇଥିଲେ । ସେନ୍‌ତା ବୁଗବୁଗା ପଁଚେତର ଭିନେ ଭିନେ ଗାଁକେ ଭିଏଡବ୍ଲୁ କିଶୋର ଦାଶ ପୁହୁଁଚି କ୍ଷୟକ୍ଷତି ଆକଲନ କରିଥିଲେ । ଇ କ୍ଷୟକ୍ଷତିର ଆକଲନ ବାବ୍‌ଦେ ବୁଗବୁଗା ଭିଏଡବ୍ଲୁ କିଶୋର ଦାଶକୁଁ ପଚରାଲାରୁ ଆପନ୍ ଇ ବିଷେରେ ବ୍ଲକ୍ କୃଷି ଅଧିକାରୀକୁଁ ପଚରଉନ ଆମେ କହେଲେ ଠିକ୍ ନାଇଁହୁଏ ବଲି କହିଥିଲେ । ଇ ବାବ୍‌ଦେ ଅତାବିରା ବ୍ଲକ୍ ସହକାରୀ କୃଷି ଅଧିକାରୀ ମାନିନୀ ଭୋଇକୁଁ ପଚରାଲାରୁ ବ୍ଲକ୍‌ରେ ପହେଲା ଖେପି ହେଇଥିବାର ଆକଲନରେ ୧୬୦ ହେକ୍ଟର ଖରିଫ ଧାନ ଫସଲ କ୍ଷତି ହେଇଥିବାର ସେ କହିଥିଲେ ।



ଝନେ ଚାଷୀ ପାଏନ୍‌ରୁ ପେଟା ଛାନି ବାହାର କରୁଛନ୍ ।

# ଲକ୍ଷ୍ମୀପୂଜା ପାଇଁ ବରପାଲି ଉତ୍ସବମୁଖର



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି ।

ବରପାଲି, ୨୦।୧୨ (ଡି.ଏନ.ଏ)

ବରପାଲି ଭୁଲିଆ ସମାଜ ପକ୍ଷରୁ ହେବାକୁ ଥିବା ୫ ଦିନିଆ ଲକ୍ଷ୍ମୀପୂଜା ମହୋତ୍ସବ ବୁଧବାର ଆରମ୍ଭ ହୋଇଛି । ଏହି ଅବସରରେ ସକାଳେ ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ବାହାରିଥିଲା । ଏହା ସହର ପରିକ୍ରମା କରିବା ପରେ ସ୍ଥାନୀୟ ପୂଜାମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ସହ ଅଧିବାସ ହୋଇଥିଲା । ଏଥର ସୁରେନ୍ଦ୍ର ମେହେର ଓ ସସ୍ତ୍ରୀକ ପୂଜାକର୍ତ୍ତା ରହିଛନ୍ତି । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନା ବଜାର ଶୁଭାରମ୍ଭ ହୋଇଛି । ଲକ୍ଷ୍ମୀପୂଜା ପାଇଁ ସହର ଉତ୍ସବମୁଖର ହୋଇପଡିଛି ।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଶିଶୁ କଳାକାରଙ୍କ ରିହର୍ସଲ ଆରମ୍ଭ

ବରଗଡ଼ ଅଫିସ୍,୨୦।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉମାତ୍ର ୩ସପ୍ତାହ ବାକି । ଏଥିପାଇଁ ଏବେଠାରୁ ସଜବାଜ ଆରମ୍ଭ ହୋଇଗଲାଣି । ଗୁରୁବାର ସନ୍ଧ୍ୟାରୁ ଗୋପପୁର(ଅମ୍ବାପାଲି)ର ଶିଶୁ କଳାକାରମାନେ ସ୍ଥାନୀୟ ଗଜପତି ମଣ୍ଡପଠାରେ ରିହର୍ସଲ ଆରମ୍ଭ କରିଛନ୍ତି । ଏହି ଅବସରରେ ପ୍ରଥମେ ସରସ୍ୱତୀଙ୍କ ପୂଜାର୍ଚ୍ଚନା ସହିତ ଗୁରୁ ବନ୍ଦନା କରାଯାଇଥିଲା। ଏଥର ନୂତନ ଭାବେ ଅଭିନୟକୁ ଓହ୍ଲାଇଥିବା ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(ଶ୍ରୀକୃଷ୍ଣ), ଆଶୁତୋଷ କୁମାର ବିର୍ତ୍ତିଆ(ବଳରାମ), ଶ୍ରୀୟାଂଶୀ ମହାପାତ୍ର (ଶ୍ରୀରାଧା)ଙ୍କ ସମେତ ଅନ୍ୟ ଗୋପାଙ୍ଗନା, ଗୋପ ବାଳକମାନେ ରିହର୍ସଲ କରିଥିଲେ। ବରିଷ୍ଠ କଳାକାର ଅଶୋକ ବେହେରା, ରବିନ୍ଦ୍ର ରଞ୍ଜନ ପୂଜାରୀ, ସୁଶୀଲ କୁମାର ମହାପାତ୍ର, ଅଗ୍ନି ଥପା, ପଞ୍ଚାନନ ବିର୍ତ୍ତିଆ, ଶେଷ ନନ୍ଦନ ବିର୍ତ୍ତିଆ, ପ୍ରୟାସ ବିର୍ତ୍ତିଆ ପ୍ରମୁଖ ଶିଶୁ କଳାକାରଙ୍କୁ ଅଭିନୟର ବିଭିନ୍ନ ଶୈଳୀ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ଏହି ସମୟରେ ନାରାୟଣ ଭୋଇ, ସୁବ୍ରତ ବିର୍ତ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆସନ୍ତା ରବିବାରଠାରୁ ମଥୁରାନଗରୀ (ବରଗଡ଼ ସହର)ର କଲ୍ୟାଣ ମଣ୍ଡପରେ ମହାରାଜ କଂସଙ୍କ ସମେତ ଅନ୍ୟ କଳାକାରଙ୍କ ରିହର୍ସଲ ଆରମ୍ଭ ହେବ ବୋଲି ସୂଚନା ମିଳିଛି ।



ଶିଶୁ କଳାକାରଙ୍କ ପୂର୍ବାଭ୍ୟାସ ଚାଲିଛି ।

### କାଠଗଣ୍ଡି ବୋଝେଇ ଟ୍ରକ୍ ଜବତ

ବରଗଡ଼ ଅଫିସ୍,୨୦।୧୨

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ଏକ କାଠଗଣ୍ଡି ବୋଝେଇ ଟ୍ରକ(ନଂ.ଓଆର୧୯ସି/୦୨୩୮)କୁ ଜବତ କରିଛି । ଜବତ କାଠଗଣ୍ଡିର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପୋଲସ ସମ୍ପୃକ୍ତ କାଠଗଣ୍ଡି ବୋଝେଇ ଟ୍ରକକୁ ଜବତ କରିବା ପରେ ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରିଛି। ଉକ୍ତ ଟ୍ରକ୍‌ରେ ବହୁ ପରିମାଣର ଶିଶୁ ସମେତ ମୂଲ୍ୟବାନ କାଠଗଣ୍ଡି ବୋଝେଇ ହୋଇ ବରଗଡ଼ ଦେଇ ସମ୍ବଲପୁର ପଟକୁ ଯାଉଥିବା ପୋଲିସକୁ ସୂଚନା ମିଳିଥିଲା । ସ୍ଥାନୀୟ ଟାଉନ ଥାନା ପୋଲିସ ସମ୍ପୃକ୍ତ ଟ୍ରକକୁ ପିଛା କରିଥିଲା । ସମ୍ବଲପୁର ପଟୁ ବରଗଡ଼କୁ ସହରର ପ୍ରବେଶ ଦ୍ୱାର ନିକଟରେ ଉକ୍ତ ଟ୍ରକ୍‌ଟି ଛିଡ଼ା ହୋଇଥିବା ବେଳେ ସେଠାରେ ଡ୍ରାଇଭର ନ ଥିବା ଦେଖିବାକୁ ମିଳିଥିଲା । ଏହାପରେ ପୋଲିସ ସେହି ଟ୍ରକ୍‌କୁ ଥାନାକୁ ଆଣିଥିଲା ବୋଲି ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି ।

# ଲଇକେରାରେ ଗୀତା ଜୟନ୍ତୀ




ଗୀତା ଜୟନ୍ତୀରେ ଗୀତାପାଠ କରାଯାଉଛି।

ଲଇକେରା,୨୦।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୁରୁବାର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଛି। ପଣ୍ଡିତ ବିଜୟ କୁମାର ମିଶ୍ର ଦେବ ପାଠ କରିଥିଲେ। ବନମାଳୀ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଶାନ୍ତ ମିଶ୍ର ଏବଂ ତ୍ରୈଲୋକ୍ୟନାଥ ମହାପାତ୍ର ପଣ୍ଡିତଙ୍କୁ ସହଯୋଗ କରିଥିଲେ। ହୋମାଗ୍ନିରେ ଘୃତାହୁତି ଦେଇ ଗାଁ ମୁଖିଆଙ୍କ ଭାଇ ଡିଲେଶ୍ୱର ନାଏକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଗୀତାପାଠ କରାଯାଇଥିଲା। ହରିବୋଲ, ହୁଳହୁଳି, ଘଣ୍ଟ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ଗ୍ରାମର ଦଶରଥ ସାହୁ, ହିମାଦ୍ରୀ ସରାଫ, ଜନ୍ମେଜୟ ମାଝି, ପ୍ରସନ୍ନ ସରାଫ, ସତ୍ୟନାରାୟଣ ନାଏକ, ଅହିଗଞ୍ଜନ ସାହୁ, ଅଶ୍ୱିନୀ ସରାଫ, ଅର୍ଜୁନ କୁମାର ମେହେର, ସୁରେନ୍ଦ୍ର କୁମାର ପଟେଲ, ରମେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ

ଅତାବିରା, ୨୦।୧୨ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ଗମ୍ଭାରିପାଲିର ପୁରାତନ ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଡୁମ୍ବାଲ ସମାଜର ଇଷ୍ଟଦେବୀ ଉମା ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଜିଲା, ଜିଲା ବାହାରୁ ଶହ ଶହ ଭକ୍ତଙ୍କ ସମାଗମରେ ଗମ୍ଭାରିପାଲି ଗାଁ ଲୋକାରଣ୍ୟ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ ଅଧିବାସ ଓ କଳସ ଯାତ୍ରା, ଚଣ୍ଡିପାଠ ଓ ହୋମ ହୋଇଛି। ଶୁକ୍ରବାର ଦେବତାଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ କାର୍ଯ୍ୟକ୍ରମ ରହିଛି । ବିନୋଦ ମହାକୁର, ଜ୍ୟୋସ୍ନା ମହାକୁର, ବ୍ରଜକିଶୋର ପ୍ରଧାନ ଓ ପ୍ରତିଭା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ପ୍ରତିଷ୍ଠା ପରିଚାଳନା କମିଟିର ଦିଲୀପ ନନ୍ଦନ ମହାକୁର, ସଞ୍ଜୀବ ଖମାରୀ, ହରେକୃଷ୍ଣ ଠାଠୀ, ପ୍ରଶାନ୍ତ କମ୍ପ, ହରେରାମ କର୍ଣ୍ଣ ସହଯୋଗ କରିଥିଲେ ।

# ୩୨ ଏକର ଗଞ୍ଜେଇ ଚାଷ ପୋଡ଼ାଗଲା

ଲମତାପୁଟ/କୋରାପୁଟ, ୨୦।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

କୋରାପୁଟ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର କୋରାପୁଟ ଅବକାରୀ ବିଭାଗ ଓ ଡିଭିଏଫ୍, ବନ ବିଭାଗ ମିଳିତ ଭାବେ ଗଞ୍ଜେଇ ଚାଷ ହୋଇଥିବା ଅଞ୍ଚଳରେ ଚଢ଼ାଉ କରିଛି। ଆନ୍ଧ୍ର ସୀମାନ୍ତରେ କରାଯାଇଥିବା ୩୨ ଏକର ଜମିରେ ଗଞ୍ଜେଇ ନଷ୍ଟ କରାଯାଇଥିଲା, ଯାହାର ମୂଲ୍ୟ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ହେବ।

# ଉତ୍କଳ ଭାରତର ପଥପ୍ରାନ୍ତ ସଭା

ବିଜେପୁର, ୨୦।୧୨ (ଡି.ଏନ.ଏ)

ବିଜେପୁର ଏନଏସି ସଦର ମହକୁମାର ବସ୍‌ଷ୍ଟାଣ୍ଡରେ ଉତ୍କଳ ଭାରତର ଏକ ପଥପ୍ରାନ୍ତ ସଭା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଦଳର ପ୍ରତିଷ୍ଠାତା ପୂର୍ବତନ ଏମ୍‌ପି ମହାମେଘବାହନ ଖାରବେଳ ସ୍ୱାଇଁ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ- ୨୦୧୯ର ନିର୍ବାଚନୀ ବିଗୁଲ ଫୁଙ୍କିଥିଲେ । ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରି ସେ କହିଥିଲେ ଯେ, ବିଭିନ୍ନ ଯୋଜନାର ଡିଣ୍ଡିମ ପିଟୁଥିବା ଏହି ଭ୍ରଷ୍ଟାଚାରୀ ସରକାର ଓଡିଶାକୁ ଗରିବ କରିଦେଲାଣି । ନିଜ ଦଳ କ୍ଷମତାକୁ ଆସିଲେ ଶିକ୍ଷା କ୍ଷେତ୍ରରେ ସଂସ୍କାର, ବେରୋଜଗାର ଦୂରୀକରଣ ତଥା ଓଡିଶାର ଭାଗ୍ୟ ପରିବର୍ତ୍ତନ କରାଯିବ । ତେଣୁ ଆଗାମୀ ନିର୍ବାଚନରେ ବହୁମତ ଦେଇ ଉତ୍କଳ ଭାରତକୁ ବିଜୟୀ କରିବାକୁ ପୂର୍ବତନ ଏମ୍‌ପି ସ୍ୱାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଜଗଦୀଶ ପ୍ରଧାନ, ଭଟଲି ବ୍ଲକ ସାଧାରଣ ସମ୍ପାଦକ ହେମନ୍ତ ପ୍ରଧାନ, ଗୋପାଳ ରାଉଳ, ସୌମ୍ୟକାନ୍ତ ବେହେରା ପ୍ରମୁଖ ନେତା ଓ କର୍ମୀ ଉପସ୍ଥିତ ଥିଲେ । କମଳାକାନ୍ତ ଦାଶ ସଭା ସଂଯୋଜନା କରିଥିଲେ । ବ୍ଲକ ସଭାପତି ଭଗବାନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରବଳ ଥଣ୍ଡାରେ ୫୭ ଗୋରୁ ମୃତ

ଆସିକା,୨୦।୧୨(ଡି.ଏନ୍.ଏ.)

ପେଥାଇ ପ୍ରଭାବ



ପଡ଼ିଆରେ ପଡ଼ିଥିବା ଗୋରୁଙ୍କ ମୃତଦେହ।

ଗଞ୍ଜାମ ଜିଲା ଆସିକା ବ୍ଲକ ବାଲିସିରା ପଞ୍ଚାୟତ ଲଣ୍ଡାଜୁଆଳି ଗ୍ରାମରେ ଏକ କୁଆଁରିରେ ଥିବା ୫୭ ଗୋରୁଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ୫୩ଟି ବାଛୁରୀ ଓ ୪ଟି ଗାଈ ଅଛନ୍ତି। ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଟାଙ୍ଗିରିଆ ପାହାଡ ତଳେ ଏକ ଖୋଲା ପଡିଆରେ ପଡିଥିବା ଗାଈ କୁଆଁରିରେ ଏହି ଗାଈ ବାଛୁରୀ ଥିଲେ। ବର୍ତ୍ତମାନ ମଧ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଗାଈ ଏହି କୁଆଁରିରେ ଅଛନ୍ତି। ବହୁ ଗାଈବାଛୁରି ମଧ ଗୁରୁତର ଅସୁସ୍ଥ ଅଛନ୍ତି। ଖବର ପାଇ ଆସିକା ପ୍ରାଣୀଧନ ଚିକିତ୍ସାଳୟର ଡାକ୍ତର ପ୍ରଭାତ କୁମାର ପରିଡା, ଡା. କୃପାସିନ୍ଧୁ ସ୍ୱାଇଁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ଜାରି ରଖିଛନ୍ତି। ପେଥାଇଜନିତ ବର୍ଷା ଓ ପ୍ରବଳ ଥଣ୍ଡାପବନରେ ଖୋଲା ଆକାଶତଳେ ୨ଦିନ ଧରି ପଡିରହିବା ପରେ ଏଭଳି ପରିସ୍ଥିତି ଦେଖାଦେଇଛି। ଅତ୍ୟଧିକ ଥଣ୍ଡାଯୋଗୁ ନିମୋନିଆରେ ଆକ୍ରାନ୍ତ ହୋଇ ଗାଈବାଛୁରୀଙ୍କ ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସକ ଡ. ପରିଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ମଙ୍ଗଳବାର ଆସିକା ବ୍ଲକର ଗୁଣ୍ଡପଡା ପଞ୍ଚାୟତ ଖଣ୍ଡବନ୍ଧ ଗ୍ରାମରେ ମଧ ଏକ ଗାଈ କୁଆଁରିରେ ପ୍ରବଳ ଥଣ୍ଡା ଯୋଗୁ ୬ଟି ବାଛୁରୀଙ୍କ ମୃତ୍ୟୁ ଘଟିଥିଲା। ମୃତ ଗାଈବାଛୁରୀଙ୍କ ଘଟଣାସ୍ଥଳରେ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ବିଡିଓ ଗାୟତ୍ରୀଦତ୍ତ ନାୟକ ସୂଚନା ଦେଇଛନ୍ତି। ଘଟଣାସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ପ୍ରକାଶ କରିଛନ୍ତି।

# ଧୁବେନପାଲିରେ ଲକ୍ଷ୍ମୀପୂଜା

ଭେଡ଼େନ, ୨୦।୧୨ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧୁବେନପାଲିରେ ୩୨ତମ ଲକ୍ଷ୍ମୀପୂଜା ଉତ୍ସବ ପାଳିତ ହେଉଛି । ଏହି ପୂଜା ମହୋତ୍ସବରେ ଦୁଃଖିଶ୍ୟାମ ଦାଶ, ଆକାଶ ନନ୍ଦ, ସୁରେନ୍ଦ୍ର ଦାଶ ପୂଜକ ଏବଂ ଦିବାକର ବେହେରା ଓ କବିତା ବେହେରା କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ଏହି ପୂଜା ସକାଶେ ସୋମବାର କଳସ ସ୍ଥାପନ ହୋଇ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ନାମଯଜ୍ଞରେ ଭକ୍ତ ପ୍ରଧାନ ଏବଂ ସଂଯୁକ୍ତା ପ୍ରଧାନ କର୍ତ୍ତା ଏବଂ ଆଶିଷ ତ୍ରିପାଠୀ ଓ ଲିପନ ତ୍ରିପାଠୀ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ଲକ୍ଷ୍ମୀପୂଜା ଅବସରରେ ମଣ୍ଡପ ସମ୍ମୁଖ ରୂପେଲି ମୁକ୍ତମଞ୍ଚରେ ବୁଧବାର ସନ୍ଧ୍ୟାରେ ହୋଇଥିବା ସାଧାରଣ ସଭାରେ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତୁଷବନ୍ତ ବେହେରା, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା, କଳାକାର ସଂଘ ସଭାପତି ସାଗର ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ କୈଳାଶ ଦାଶ ସଭାପତିତ୍ୱ କରିଥିବା ବେଳେ ଜିତ ତାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଘୁଡ଼କା ନାଚ, ଦୁଲଦୁଲି ବାଜା ଏବଂ ବଡ଼ପିପିଲିପାଲିର କୃଷ୍ଣଗୁରୁ ପରିବେଷିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ସଙ୍କୀର୍ତ୍ତନ ପରିବେଷିତ ହେବା ସହ ରେମଣ୍ଡା ଟିଲୁ ପାର୍ଟି ପକ୍ଷରୁ କୃଷ୍ଣଗୁରୁ ପରିବେଷଣ କରାଯାଇଥିଲା । ଶୁକ୍ରବାର ଏହି ପୂଜା ମହୋତ୍ସବ ଉଦ୍‌ଯାପିତ ହେବ।

# କ୍ରିକେଟ: ସେମିରେ ମେଲଛାମୁଣ୍ଡା

ଘେଁସ,୨୦।୧୨(ଡି.ଏନ.ଏ)

ନବମ ଚ୍ୟାଲେଞ୍ଜର କପ୍ ଉଦ୍‌ଘାଟିତ

ବରଗଡ ଜିଲା ମେଲଛାମୁଣ୍ଡା ଦିଲଖୁସ ଖେଳ ପଡିଆଠାରେ ଗୁରୁବାର ନବମ ଚ୍ୟାଲେଞ୍ଜର କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ମେଲଛାମୁଣ୍ଡା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଡା. ସୁବ୍ରତ ନାୟକ ମୁଖ୍ୟଅତିଥି, ଡମ୍ବରୁଧର ଦେବତା, ତାରାକାନ୍ତ ସାହୁ, ପି. କେ. ମଜୁମଦାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦୀପ୍ତିପୁର ଏବଂ ତେଲମହୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୀପ୍ତିପୁର ଦଳ ଟସ୍ ଜିଣି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ୮୨ ରନ୍ କରିଥିଲା। ଜବାବରେ ତେଲମହୁଲ ଦଳ ୪ ଉଇକେଟ ହରାଇ ୧୬ ରନରେ ପରାଜିତ ହୋଇଥିଲା। ସେହିପରି ୨ୟ ଲିଗ୍ ମ୍ୟାଚ୍‌ରେ ଗୌଡପାଲି ଏବଂ ୩ୟ ଲିଗ୍ ମ୍ୟାଚ୍‌ରେ ମେଲଛାମୁଣ୍ଡା ଦଳ ବିଜୟୀ ହୋଇଥିଲା। ପରେ ମେଲଛାମୁଣ୍ଡା ଏବଂ ଗୌଡପାଲି ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ମେଲଛାମୁଣ୍ଡା ଦଳ ସେମିଫାଇନାଲକୁ ପ୍ରବେଶ କରିଥିଲା । ଜୟ କୁମାର ଭୋଇ, ପ୍ରେମଲାଲ ନାଏକ, ଶିବୁନ ଭୋଇ, ସଚିନ ମହାନନ୍ଦ ଖେଳ ପରିଚାଳନା କରିଥିଲେ।



ମୁଖ୍ୟଅତିଥି ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରୁଛନ୍ତି ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ନିଯୁକ୍ତି ମେଳା ପ୍ରହସନ

**ରାଉରକେଲା ଅଫିସ,୨୦।୧୨-** ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ନିଯୁକ୍ତି ମେଳାରେ ବେରୋଜଗାର ଯୁବତୀ ଯୁବକଙ୍କ ଭିଡ଼ ଜମିଥିଲା। ତେବେ ଏଥିରେ ଯୋଗଦେଇଥିବା ନିଯୁକ୍ତିଦାତା ସଂସ୍ଥାକୁ ନେଇ ଉପସ୍ଥିତ ଯୁବ ବର୍ଗ ଖୁସି ହୋଇପାରି ନ ଥିବା ଅଭିଯୋଗ ହୋଇଛି। ମେଳାରେ ସୁନ୍ଦରଗଡ଼ ଜିଲାର ପ୍ରତିଷ୍ଠିତ କଳକାରଖାନା କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିବାବେଳେ ନାମକୁ ମାତ୍ର କିଛି ସଂସ୍ଥା ନିଯୁକ୍ତି ଆଶାୟୀଙ୍କ ସହ ଆଲୋଚନା କରିବା ଘଟଣାକୁ ଜିଲା ଭାଜପା ନିନ୍ଦା କରିଛି। ଏନେଇ ରାଜ୍ୟ ସମ୍ପାଦକ ଧିରେନ ସେନାପତି କହିଛନ୍ତି, ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି କେବଳ ପ୍ରହସନ କରୁଛି। ଭାଜପା ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମେଳା ବୁଲି ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରିଥିବା ସେନାପତି ଏକ ବିବୃତିରେ ଦାବି କରିଛନ୍ତି। ସେ କହିଛନ୍ତି, ଜିଲାର ନାମକରା ବୃହତ ଶିଳ୍ପ ସଂସ୍ଥା ଏଥିରେ ଯୋଗ ନ ଦେବା ନିଯୁକ୍ତି ଆଶାୟୀଙ୍କୁ ନିରାଶ କରିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ମେଳା ଆୟୋଜନ କରାଯାଇଥିବା ସେନାପତି ଅଭିଯୋଗ କରିଛନ୍ତି। ଯେଉଁଥିରୁ ବେରୋଜଗାର ଯୁବଗୋଷ୍ଠୀ କାଣିଚାଏ ସୁବିଧା ପାଇବେ ନାହିଁ କହି ସେନାପତି ନିରାଶା ବ୍ୟକ୍ତ କରିଛନ୍ତି।

### ସୁରେନ୍ଦ୍ର ସମାରୋହ ସ୍ଥଗିତ

**ରାଉରକେଲା ଅଫିସ,୨୦।୧୨-** ଶୁକ୍ରବାର ପାଳନ ହେବାକୁ ଥିବା କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ୨୮ତମ ପୁଣ୍ୟତିଥି କାର୍ଯ୍ୟକ୍ରମକୁ ଗୁରୁବାର ସନ୍ଧ୍ୟାରେ ସ୍ଥଗିତ ରଖାଯାଇଛି। କୋଏଲନଗର ଅଞ୍ଚଳରେ ରହୁଥିବା ସୁରେନ୍ଦ୍ର ମହାନ୍ତିଙ୍କ ଜାମାତା ଡା. ଦାମୋଦର ମହାନ୍ତି (୭୮)ଙ୍କର ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ହୃଦ୍‌ଘାତରେ ଦେହାନ୍ତ ହୋଇଛି। ଆଇଜିଏଚ୍‌ର ପ୍ରାକ୍ତନ ଉପନିର୍ଦ୍ଦେଶକ ତଥା ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ମହାନ୍ତି ବିଭିନ୍ନ ମହଲରେ ପରିଚିତ ଥିଲେ। କଥାକାର ସୁରେନ୍ଦ୍ରଙ୍କ ଝିଅ ତଥା ଡା. ମହାନ୍ତି ସ୍ତ୍ରୀ ଲୋପାମୁଦ୍ରା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ସେକ୍ଟର-୭ ପ୍ରଗତି ଉତ୍କଳ ସଂଘଠାରେ ସୁରେନ୍ଦ୍ର ସମାରୋହ ଆୟୋଜନ କରାଯିବାକୁ ସ୍ଥିର କରାଯାଇଥିଲା। ସ୍ୱାମୀଙ୍କ ଦେହାନ୍ତ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏନେଇ ଷ୍ଟିଲ ସିଟିର ବିଭିନ୍ନ ସଂଘ, ସଂଗଠନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ପୂର୍ବତନ ଓକିଲ ସଂଘ ସଭାପତି ରମେଶ ବଳ, ଶ୍ରମିକ ନେତା ହରି ରାଉତରାୟ, ଅକ୍ଷୟ ପରିଡ଼ା, ରସିଦ ଆସଲମ, ନିରାକାର ଲେଙ୍କା, ନିଲୁ ମହାନ୍ତି, ବୁଲୁ ମହାନ୍ତି, ଅବଦୁଲ ରବ, ଅଭି ମହାନ୍ତି, କରୁଣା ମାଝି, ମନୋଜ ପ୍ରଧାନ, ଅଶୋକ ରଥ, ରଞ୍ଜିତ ନାୟକ, ମାନସ ମହାପାତ୍ର ଓ ଦୁର୍ଯ୍ୟ ସେଠୀ ପ୍ରମୁଖ ଡା. ମହାନ୍ତିଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

କୋଏଲନଗର ୱେଲଫେୟାର ଆସୋସିଏଶନ-ଆର୍‌ଏମ୍‌ସି ଆଲୋଚନା

# ହୋଲ୍ଡିଂ ପରିବର୍ତ୍ତେ ପ୍ରପର୍ଟି ଟାକ୍ସ ଲାଗୁ କର

**ରାଉରକେଲା ଅଫିସ,୨୦।୧୨**

କୋଏଲନଗର ୱେଲଫେୟାର ଆସୋସିଏଶନ ଓ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଲ୍ଡିଂ ଟାକ୍ସ ନେଇ ଏକ ଆଲୋଚନା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଆର୍‌ଏମ୍‌ସି ଉପାୟୁକ୍ତ ସୁଷମା ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଲୋଚନାରେ ବର୍ଦ୍ଧିତ ହୋଲ୍ଡିଂ ଟାକ୍ସ, ଷ୍ଟ୍ରିଟ ଲାଇଟ ଓ ଡ୍ରେନେଜ ଟାକ୍ସକୁ ତୀବ୍ର ବିରୋଧ କରାଯାଇଥିଲା। ପୂର୍ବରୁ ଥିବା ୧୧ପ୍ରତିଶତ ହୋଲ୍ଡିଂ ଟାକ୍ସକୁ ବୃଦ୍ଧି କରାଯାଇ ୧୫ପ୍ରତିଶତ କରାଯାଇଥିବାରୁ ଏହାକୁ ବିରୋଧ କରିଥିଲେ ଆସୋସିଏଶନ କର୍ମକର୍ତ୍ତା। ତେବେ ପୂର୍ବ ନିର୍ଦ୍ଧାରିତ ୧୧ପ୍ରତିଶତ ହୋଲ୍ଡିଂ ଟାକ୍ସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ ବୋଲି ଉପାୟୁକ୍ତ ବିଲୁଙ୍ଗ କହିଥିଲେ। ଆସୋସିଏଶନ କର୍ମକର୍ତ୍ତା ଏହାର ପ୍ରତିବାଦ କରି ଆବଶ୍ୟକ ପ୍ରମାଣ

### ବେଆଇନ ଆଦାୟ ଅର୍ଥ ଫେରସ୍ତ କର

ଉପସ୍ଥାପନ କରିଥିଲେ। କୋଏଲନଗର କଲୋନୀକୁ ଏକ ଉନ୍ନତ ମାନର କଲୋନୀ ରୂପେ ପ୍ରତିଷ୍ଠିତ କରିବାକୁ ସମସ୍ତ ଦେୟ ଅଞ୍ଚଳବାସୀ ବହନ କରି ଆସିଛନ୍ତି ବୋଲି କୁହାଯାଇଥିଲା। ଅପରପକ୍ଷେ ମହାନଗର ନିଗମର ଭୂମିକା ଏଥିରେ ଗୌଣ ବୋଲି କହିଥିଲେ ଆସୋସିଏଶନ କର୍ମକର୍ତ୍ତା। ଏଣୁ ହୋଲ୍ଡିଂ ଟାକ୍ସ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ଆର୍‌ଏମ୍‌ସି ଅନ୍ତର୍ଗତ ୩୩ ୱାର୍ଡ ମଧ୍ୟରୁ ୯ଟିକୁ ସମ୍ପୂର୍ଣ୍ଣ ହୋଲ୍ଡିଂ ଟାକ୍ସ ମୁକ୍ତ କରାଯାଇଥିବାରୁ କୋଏଲନଗରକୁ ଏଥିରେ ସାମିଲ କରିବାକୁ ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ। ଆର୍‌ଏମ୍‌ସି ଦ୍ୱାରା ପୂର୍ବରୁ କୋଏଲନଗରକୁ ସେକେଣ୍ଡ ଅର୍ଡର ଲୋକାଲିଟି ଭାବେ ବିବେଚନା କରାଯାଉଥିବା ବେଳେ ବର୍ତ୍ତମାନ ଏହାକୁ ଫାଷ୍ଟ ଅର୍ଡର ଲୋକାଲିଟି ଭାବେ ଗ୍ରହଣ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶାନୁସାରେ କୋଏଲନଗର ଥାର୍ଡ ଅର୍ଡର ଲୋକାଲିଟିର ମାନ୍ୟତା ପାଇବା ଉଚିତ ବୋଲି ଯୁକ୍ତି ଦର୍ଶାଇଥିଲେ ସଙ୍ଗଠନ କର୍ମକର୍ତ୍ତା। ସେହିଭଳି ପୂର୍ବ ପ୍ରଚଳିତ ୫+୫+୧=୧୧ ପ୍ରତିଶତ ହୋଲ୍ଡିଂ ଟାକ୍ସକୁ ଅପରିବର୍ତ୍ତିତ ରଖାଯିବା ସହ ୧୫ପ୍ରତିଶତ ହୋଲ୍ଡିଂ ଟାକ୍ସକୁ ସ୍ଥଗିତ ରଖିବାକୁ ଏଥିରେ ଦାବି କରାଯାଇଥିଲା। କୋଏଲନଗର ବାସିନ୍ଦାଙ୍କ ହୋଲ୍ଡିଂ ଟାକ୍ସରୁ ୫ ପ୍ରତିଶତ ଷ୍ଟ୍ରିଟ ଲାଇଟ ବାବଦ ଆଦାୟ କରାଯାଉଥିବାରୁ ଏହା କମିଶନରଙ୍କ କ୍ଷମତା ବହିର୍ଭୂତ ଓ ମ୍ୟୁନିସିପାଲ ଆକ୍ଟର ବିରୁଦ୍ଧାଚରଣ କରୁଛି ବୋଲି ଯୁକ୍ତି ଦର୍ଶାଯାଇଥିଲା। କଟକ, ଭୁବନେଶ୍ୱର ଭଳି ମହାନଗର ନିଗମରେ ଡ୍ରେନେଜ ଟାକ୍ସ ଆଦାୟ କରାଯାଉନାହିଁ। ଏଠାରେ ଏହା ବେନିୟମ ଭାବେ ଆଦାୟ କରାଯାଉଛି। ପୂର୍ବରୁ ହୋଲ୍ଡିଂ ଟାକ୍ସ ବାବଦ ବାର୍ଷିକ ୨୦ ପ୍ରତିଶତ ରିହାତି ମିଳୁଥିଲା। ଏଣୁ ଏହାର ପୁନଃ ପ୍ରଚଳନ ଦାବି କରାଯାଇଥିଲା। ଏ ନେଇ ପୂର୍ବରୁ ଆଦାୟ କରାଯାଇଥିବା ୨ କୋଟି ୫୦ ଲକ୍ଷ ଟଙ୍କା ତୁରନ୍ତ ଫେରସ୍ତ କରାଯାଉ ବୋଲି ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ ସଦସ୍ୟ। କୋଏଲନଗର ହୁଡ୍‌କୋ ସ୍ୱୀକୃତିପ୍ରାପ୍ତ ଏକ କଲୋନୀ। ଆର୍‌ଏମ୍‌ସି ଏଠାରୁ ଅନ୍ୟାୟ ଭାବେ ବ୍ୟବସାୟୀକରଣ ମନୋବୃତ୍ତି ନେଇ ବିପୁଳ ଅର୍ଥ ଆଦାୟ କରୁଛି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ହୋଲ୍ଡିଂ ଟାକ୍ସ ପରିବର୍ତ୍ତେ ପ୍ରପର୍ଟି ଟ୍ୟାକ୍ସ ଲାଗୁ କରିବାକୁ ଦାବି କରାଯାଇଥିଲା। ତେବେ ଏ ଦିଗରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଉପାୟୁକ୍ତ ବିଲୁଙ୍ଗ ପ୍ରତିଶ୍ରୁତି ଦେଇଥିବା ଆସୋସିଏଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପ୍ରତିନିଧି ଦଳରେ ଆସୋସିଏଶନ ସଭାପତି ସୁବାସ ଗୁପ୍ତା, କାର୍ଯ୍ୟକାରୀ ସଭାପତି ରମେଶ ମହାନ୍ତି, ସୁବ୍ରତ ମଲ୍ଲିକ, ବଳରାମ ମହାପାତ୍ର, ବି.ସି. ପତି, ଜେ.ଏନ୍. କୁମାର ଓ ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।



ପଞ୍ଚଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଗୀତା ଜୟନ୍ତୀ ଅବସରରେ ଆୟୋଜିତ ପୂଜା।

# ପଞ୍ଚଦେବ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଗୀତା ଜୟନ୍ତୀ

**ରାଉରକେଲା ଅଫିସ,୨୦।୧୨**

ଉଦିତନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସର ଶ୍ରୀପଞ୍ଚଦେବ ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ବୁଧବାର ଦୁଇଦିନିଆ ୪ର୍ଥ ବାର୍ଷିକ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଛି। ଏହାକୁ ପଣ୍ଡିତ ଦୀନବନ୍ଧୁ ଦାସ, ଅଭିଷେକ ଦାସ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶଶିକାନ୍ତ ଦାସ, ବ୍ରହ୍ମାନନ୍ଦ ମହାପାତ୍ର, ସୁରଥ ମିଶ୍ର ଓ ରାହୁଲ ଦାସ, ରାଜେନ୍ଦ୍ର ମଲ୍ଲ, ସୂର୍ଯ୍ୟମଣି ବେହେରା, ବିନୟ ପ୍ରଧାନ, ଭୁବନାନନ୍ଦ ଦାସ, ମହେଶ୍ୱର ସ୍ୱାଇଁ, ଦିଲୀପ କର, ଶତ୍ରୁଘ୍ନ ପରିଡ଼ା, ପ୍ରଭାତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ବ୍ରାହ୍ମଣୀ ନଦୀରୁ କଳସରେ ପବିତ୍ର ଜଳ ଅଣାଯାଇ ସ୍ଥାପନ କରାଯାଇଥିଲା। ପରେ ସୂର୍ଯ୍ୟପୂଜା, ମଣ୍ଡଳ ପୂଜା ଆଦି ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ଣ ସାଢ଼େ ୧୨ଟା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ସନ୍ଧ୍ୟା ସାଢ଼େ ୭ଟାରେ ପୂର୍ଣ୍ଣାହୁତତି ପ୍ରଦାନ କରାଯାଇଥିଲା। ଏଥିରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା।

## ଫଟୋରେ ଖବର







ସୁନ୍ଦରଗଡ଼ ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା କବାଡ଼ି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଗୁରୁବାର ଅତିଥିମାନେ ମଞ୍ଚାସୀନ (ଉପର)। ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ସହ କ୍ଲବର କର୍ମକର୍ତ୍ତା।

ମୁଖ୍ୟମନ୍ତ୍ରୀଙ୍କ କୋଲାବିରା ଗସ୍ତ ଆଜି

# ଆତ୍ମୋତ୍ସର୍ଗ ଦିବସ ଉଦ୍‌ଘାଟନ କରିବେ ନବୀନ

**ଝାରସୁଗୁଡ଼ା ଅଫିସ, ୨୦।୧୨**

ବୀର କରୁଣାକର ସିଂହ ନାଏକ, ଖଗ ନାଏକ ଏବଂ କହ୍ନେଇ ନାଏକଙ୍କ ଫାଶୀ ଦିବସକୁ 'ଆତ୍ମୋତ୍ସର୍ଗ ଦିବସ' ରୂପେ ପାଳନ କରାଯାଉଛି। ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଶହୀଦ କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓ ସମ୍ମିଳିତ ଆଦିବାସୀ ସମାଜ ମିଳିତ ଆନୁକୂଲ୍ୟରେ ୨୧ରୁ ୨୩ ତାରିଖ ଯାଏ ଏହି ସମାରୋହ ପାଳନ ହେବ। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଶୁକ୍ରବାର ପୂର୍ବାହ୍ଣ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ଏକ ବିମାନରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରି ସେଠାରୁ ହେଲିକପ୍ଟର ଯୋଗେ କୋଲାବିରା ଯାଇ ପୁରୁଣା ଫରେଷ୍ଟ ଅଫିସ ପଛପାର୍ଶ୍ୱ ପଡ଼ିଆରେ ଅବତରଣ କରିବେ। ସେଠାରେ ୪୫୦.୦୨ କୋଟି ଟଙ୍କାର ୧୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ୧୧.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ପରେ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ଯୋଗଦେବେ। ଅପରାହ୍ଣ ୧ଟା ୪୫ରେ ବିମାନ ଯୋଗେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ଶ୍ରମିକଙ୍କୁ ମାଡ଼ ଅଭିଯୋଗ

**ରାଉରକେଲା ଅଫିସ,୨୦।୧୨**



ରାଜେଶ ଗୌଡ଼।

ଅଧିକ ସମୟ କାମ କରିବାକୁ ଅରାଜି ହେବାରୁ କାରଖାନା ସୁପରଭାଇଜର ଶ୍ରମିକଙ୍କୁ ମାଡ଼ ମାରି ଆହତ କରିଥିବା ବୁଧବାର ରାତି ୧୦ଟାରେ ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଆହତ ଶ୍ରମିକ ଜଣକ ଏବେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଦଫା ୩୪୧, ୨୯୪, ୩୨୮, ୫୦୬ରେ ଏକ ମାମଲା (ନଂ.୨୮୩/୨୦୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ବେଦବ୍ୟାସ ସିଂ ଟୋଲା ବାସିନ୍ଦା ରାଜେଶ ଗୌଡ଼ ଶ୍ରମିକ ବାବେ ସ୍ଥାନୀୟ ଶିଳ୍ପାଞ୍ଚଳରେ ଥିବା ଏକ ଘରୋଇ କାରଖାନାରେ କାମ କରନ୍ତି। ବୁଧବାର ରାତି ୮ଟାରେ କାମ ସାରି ସେ ଘରକୁ ବହାରିବାରୁ ସୁପରଭାଇଜର ପ୍ରଭାତ ସ୍ୱାଇଁ ତାଙ୍କୁ ଛାଡ଼ି ନ ଥିଲେ। ରାତି ୯ଟା ପର୍ଯ୍ୟନ୍ତ କାମ କରିବାକୁ ସ୍ୱାଇଁ ବାଧ୍ୟ କରିଥିଲେ। ସ୍ୱାଇଁଙ୍କ କଥା ମାନି ରାଜେଶ ରାତି ୯ଟା ପର୍ଯ୍ୟନ୍ତ କାମ କଲେ। ତଥାପି ତାଙ୍କୁ ଛଡ଼ାଗଲା ନାହିଁ। ରାଜେଶ ଏହାର ବିରୋଧ କାରିବାରୁ ସ୍ୱାଇଁ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏପରିକି ରାଜେଶଙ୍କୁ କାମରୁ ବାହାର କରିବାକୁ ଧମକ ଦେବା ସହ ଫେରିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପୋଲିସ ତଦନ୍ତ ଆରମ୍ଭ କରିଛି।

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି

**ଜୟପାଟଣା,୨୦।୧୨(ଡି.ଏନ.ଏ.)**

କଳାହାଣ୍ଡିଜିଲା ଜୟପାଟଣା ଅଗ୍ରୱାଲ ଭବନ ସମ୍ମୁଖ ଏକ କିରାନା ସାମଗ୍ରୀ ଗୋଦାମରେ ନିଆଁ ଲାଗି ପୋଡ଼ିଯାଇଛି। ଏଥିରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାଯାଇଛି । ଜୟପାଟଣା ଅଗ୍ରୱାଲ ଭବନ ସମ୍ମୁଖରେ ଥିବା ଏକ କିରାନା ଷ୍ଟୋର ଗୋଦାମକୁ ବୁଧବାର ରାତିରେ ଏକ ଦଶ ଚକିଆ ଟ୍ରକରେ ଆସିଥିବା ବିସ୍କୁଟ କାର୍ଟୁନ ରଖାଯାଇଥିଲା। ଗୁରୁବାର ସକାଳୁ ସ୍ଥାନୀୟ ଲୋକେ ଗୋଦାମରୁ ଧୂଆଁ ବାହାରୁ ଥିବା ଦେଖି ଗୋଦାମ ମାଲିକଙ୍କୁ ଖବର ଦେଇଥିଲେ । କବାଟ ଖୋଲିଲା ବେଳକୁ ଗୋଦାମ ସାରା ନିଆଁ ଲାଗି ଯାଇଥିଲା । ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଗୋଦାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୧୬୦୦ ବର୍ଗଫୁଟ୍ ପରିସୀମା ମଧ୍ୟରେ ଥିବା ଗୋଦାମରେ ଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କିରାନା ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଗୋଦାମ ମାଲିକ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ 'କଲ୍ଲୋଳ'

**ରାଉରକେଲା ଅଫିସ,୨୦।୧୨**

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଭୁବନେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ ଆଇନା ଆନୁକୂଲ୍ୟରେ ଜିଲାସ୍ତରୀର ଶିଶୁ ମହୋତ୍ସବ 'କଲ୍ଲୋଳ' ଗୁରୁବାର ଉଦିତନଗରସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲାପାଳ ସୁରେନ୍ଦ୍ର ମୀନା ଯୋଗଦେଇ ଶିଶୁ ଅଧିକାର, ସୁରକ୍ଷା, ରହଣି, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ଓ ସେମାନଙ୍କ ଭବିଷ୍ୟତ ନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିଥିଲେ। ସଂକ୍ଷିପ୍ତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀଙ୍କୁ ମୀନା ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ଡିଏସ୍‌ପି ମୋହନପାଣି କାରୁଆ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବସନ୍ତ ମଲ୍ଲିକ, ସଦସ୍ୟ ରାମଚନ୍ଦ୍ର ବେହେରା, ଶିଶୁ ନ୍ୟାୟ ବୋର୍ଡ ସଦସ୍ୟା ଶୁଭଶ୍ରୀ ରାୟ, ଦୀକ୍ଷାଦୀପନ ଅନୁଷ୍ଠାନର ଚିତ୍ତରଞ୍ଜନ ବ୍ରହ୍ମା ଓ ଲାୟନ ସରୋଜ ପାତ୍ର ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଇନା କାର୍ଯ୍ୟକ୍ରମ ପରିଚାଳିକା ସ୍ମୃତି ମହାନ୍ତି ବକ୍ତବ୍ୟ ରଖି କଲ୍ଲୋଳର ମହତ୍ତ୍ୱ ଏବଂ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଡୋ ଇଂଲିଶ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ଏସ୍‌ଓଏସ୍ ଭିଲେଜ, ବେଦବ୍ୟାସ ଗୁରୁକୁଳ ଆଶ୍ରମର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିଶୁ ଅନୁଷ୍ଠାନ ସୁରକ୍ଷା ଅଧିକାରୀ ଅନନ୍ତ ପରୁଆ, କାଉନସେଲର ମଞ୍ଜୁ ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ଆଶାଦୀପର ପ୍ରଧାନ ଶିକ୍ଷକ ପ୍ରକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଉଦିତନଗର ଆଇଟିଡିଏ ହଲଠାରେ ଆୟୋଜିତ ଶିଶୁ ମହୋତ୍ସବ କଲ୍ଲୋଳ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସରକାରୀ ଆଇଟିଆଇର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୦।୧୨**

ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ରାଉରକେଲାର ୬୦ତମ ବାର୍ଷିକ କ୍ରୀଡ଼ୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରଶିକ୍ଷକ ପାର୍ଥସାରଥି ମିଶ୍ରଙ୍କ ସଂଯୋଜନା ଓ ଇଂ ସୁଭାଶିଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଜାତୀୟ ବୈଷୟିକ ପ୍ରତିଷ୍ଠାନ (ଏନ୍‌ଆଇଟି) ରେଜିଷ୍ଟ୍ରାର ଇଂ ସନ୍ତୋଷ ଉପାଧ୍ୟାୟ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନ୍ତର୍ଜାତୀୟ ଭାରୋତ୍ତଳନକାରୀ ସୁନୀତା ବାରିକ ଉପସ୍ଥିତ ଥିଲେ। ସଭାପତି ଶୁଭାଶିଷ ଦାସଙ୍କ ସ୍ୱାଗତ ଅଭିଭାଷଣ ପରେ ମୁଖ୍ୟଅତିଥି ବକ୍ତବ୍ୟ ରଖି ବିଦ୍ୟାର୍ଥୀମାନେ ସାମଗ୍ରିକ ଭାବେ ଦକ୍ଷତା ଅର୍ଜନ ପ୍ରତି ଆଗ୍ରହୀ ହେବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଭବିଷ୍ୟତ ଲକ୍ଷ୍ୟ ଓ ଏହାକୁ ସାକାର କରିବା ପାଇଁ ସମାୟନୁବର୍ତ୍ତୀ ହେବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବାରିକ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଥିଲେ, ସାଧନା ଓ ଶ୍ରମ ବିନା କେବେ ଫଳ ଆଶା କରାଯାଏ ନାହିଁ। ଏଥିପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଛୋଟ ହେଉ ବା ବଡ଼, କୌଣସି କାମକୁ ହେୟ ମନେ ନ କରି ସଫଳତା ପଛରେ ଅଗ୍ରସର ହେବା ଛାତ୍ର ଜୀବନର ମୂଳମନ୍ତ୍ର ବୋଲି ବାରିକ କହିଥିଲେ। କ୍ରୀଡ଼ା ସଂସଦ ଉପଦେଷ୍ଟା ଉତ୍ତମ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ଉଭୟ ବାଳିକା ଓ ବାଳକ ବର୍ଗଙ୍କୁ ନେଇ ୧୦୦, ୨୦୦, ୪୦୦ ମିଟର ଦୌଡ଼ ପ୍ରତିଯୋଗିତା ସହ ସର୍ଟପୁଟ, ଜାଭଲିନ ଥ୍ରୋ, ଲଙ୍ଗ ଜମ୍ପ, ହାଇ ଜମ୍ପ ଓ ସ୍ଲୋ ସାଇକେଲ ରେସ୍ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରମୋଦ ପାଲ, ରବୀନ୍ଦ୍ର ବାରିକ ଅବନୀନ୍ଦ୍ର ଓଝା, ପ୍ରଦୀପ ବିଶ୍ୱାଳ, ଯୋଗେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଉଦ୍‌ଯାପନୀ ସାମାରୋହ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



ସରକାରୀ ଆଇଟିଆଇର ୬୦ତମ କ୍ରୀଡ଼ାରେ ଭାଗ ନେଇଥିବା ପ୍ରତିଯୋଗୀ।